# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୧/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 21/2024 Page 18 ₹ 7.00

୫୦ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 298 ମୂଲ୍ୟ ₹୭/-




**ବୁମ୍‌ରାଙ୍କୁ ୪ଉଇକେଟ ସଫଳତା**

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୪ ଉଇକେଟ ସଫଳତା ପାଇଛନ୍ତି ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା।

୧୭

୦୨

**ଧ୍ରୁବୀ ପଟେଲ ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍**

ଆମେରିକାର କମ୍ପ୍ୟୁଟର ଇନ୍‌ଫର୍ମେଶନ ସିଷ୍ଟମ୍ ଛାତ୍ରୀ ଧ୍ରୁବୀ ପଟେଲ ଚଳିତ ବର୍ଷର ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ହୋଇଛନ୍ତି।



**ଆଜିର ସମ୍ପାଦକୀୟ**

**ଉଚିତ ପଦକ୍ଷେପ**

**ଆଜିର ମନ୍ତବ୍ୟ**

"ଆମିଷ ମିଶାଇ ତିରୁପତି ଲଡୁ ତିଆରି କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହି ଅଭିଯୋଗ ଉପରେ ଏଫ୍‌ଏସ୍‌ଏସ୍‌ଏଆଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ।
-ଜେ.ପି. ନଡ୍ଡା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ







# କେନ୍ଦ୍ରକୁ ହାଇକୋର୍ଟ ଝଟକା

**ମୁମ୍ବାଇ,୨୦।୯**

ସୂଚନା ଓ ପ୍ରଯୁକ୍ତି (ଆଇଟି) ଆଇନ ଅଧୀନରେ ଫ୍ୟାକ୍ଟ ଚେକିଂ ୟୁନିଟ୍ (ଏଫ୍‌ସିୟୁ) ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଉଦ୍ୟମକୁ ଝଟ୍‌କା ଲାଗିଛି। ଷ୍ଟାଣ୍ଡଅପ କମେଡିଆନ୍ କୁନାଲ କାମରାଙ୍କ ଆବେଦନର ଶୁଣାଣି କରି ଶୁକ୍ରବାର ବମ୍ବେ ହାଇକୋର୍ଟ ଏହାକୁ ସମ୍ବିଧାନ ବିରୋଧୀ କହି ଖାରଜ କରିଦେଇଛନ୍ତି। ଫେକ୍ ନ୍ୟୁଜ କ'ଣ ତାହା କେନ୍ଦ୍ର ନିର୍ଦ୍ଧାରଣ କରିପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକର କୁନାଲଙ୍କ ପିଟିଶନର ଶୁଣାଣି କରି କହିଛନ୍ତି, ଅନ୍‌ଲାଇନ୍‌ରେ ଫେକ୍ ନ୍ୟୁଜ୍‌କୁ ଚିହ୍ନଟ କରିବା ପାଇଁ କେନ୍ଦ୍ରକୁ ଫ୍ୟାକ୍ଟ-ଚେକ୍ ୟୁନିଟ୍ ପ୍ରତିଷ୍ଠା ସକାଶେ କ୍ଷମତା ପ୍ରଦାନକାରୀ ଆଇଟି ସଂଶୋଧନ ନିୟମ, ୨୦୨୩ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୧୯ର ପରିପନ୍ଥୀ। ଏହି ବିଷୟରେ ବିସ୍ତୃତ ଭାବେ ବିଚାର କରିବା ପରେ ସରକାରଙ୍କ ସଂଶୋଧିତ ନିୟମ ଅନୁଚ୍ଛେଦ ୧୪ (ସମାନତା ଅଧିକାର), ୧୯ (ବାକ୍ ଓ ଅଭିବ୍ୟକ୍ତି ଅଧିକାର) ଏବଂ ୧୯(୧)(ଜି) (ବୃତ୍ତିଗତ ସ୍ୱାଧୀନତା ଓ ଅଧିକାର) ବିରୋଧରେ ଯାଉଥିବା ଜଣାପଡ଼ିଛି। ତେଣୁ ଆଇଟି ନିୟମରେ ପ୍ରସ୍ତାବିତ ସଂଶୋଧନକୁ ଖାରଜ କରାଯାଉଛି। ଆଇଟି ରୁଲ୍ସରେ ରହିଥିବା 'ଜାଲ୍, ମିଥ୍ୟା ଓ ବିଭ୍ରାନ୍ତିକର' ସଂଜ୍ଞାରେ କୌଣସି ସ୍ପଷ୍ଟତା ନ ଥିବାରୁ ଏହା ଏକ

## ଆଇଟି ନିୟମରେ ସଂଶୋଧନ ସମ୍ବିଧାନ ବିରୋଧୀ

## ସରକାର ଫେକ୍ ନ୍ୟୁଜ୍‌ର ସଂଜ୍ଞା ନିରୂପଣ କରିପାରିବେ ନାହିଁ

ଭୁଲ୍ ପଦକ୍ଷେପ ବୋଲି ଜଷ୍ଟିସ୍ ଚନ୍ଦୁରକର କହିଛନ୍ତି।

ଗତ ଜାନୁଆରୀରେ ବମ୍ବେ ହାଇକୋର୍ଟର ଏକ ଖଣ୍ଡପୀଠ ଏହି ପ୍ରସଙ୍ଗରେ ବିଭାଜିତ ରାୟ ଦେବା ପରେ ଉକ୍ତ ମାମଲା ଜଣେ ତୃତୀୟ ବିଚାରପତିଙ୍କ ନିକଟକୁ ଶୁଣାଣି ପାଇଁ ପଠାଯାଇଥିଲା। ଜାନୁଆରୀରେ ଜଷ୍ଟିସ୍ ଗୌତମ ପଟେଲ ଏବଂ ନୀଳା ଗୋଖଲେଙ୍କ ଖଣ୍ଡପୀଠ ଏହା ଉପରେ ପୃଥକ୍ ପୃଥକ୍ ରାୟ ଦେଇଥିଲେ। ଜଷ୍ଟିସ୍ ପଟେଲ ରୁଲ୍ସକୁ ଖାରଜ କରିଦେଇଥିବାବେଳେ ଜଷ୍ଟିସ୍ ଗୋଖଲେ ଏହାକୁ ବଳବତ୍ତର ରଖିଥିଲେ। ଜଷ୍ଟିସ୍ ପଟେଲ କହିଥିଲେ, ଏହି ନିୟମ ସେନ୍‌ସରଶିପ୍ ସହ ସମାନ। କିନ୍ତୁ ଜଷ୍ଟିସ୍ ଗୋଖଲେ ମୁକ୍ତ ଅଭିବ୍ୟକ୍ତିକୁ ଏହା ବିଶେଷ ପ୍ରଭାବିତ କରୁ ନ ଥିବା ଦର୍ଶାଇଥିଲେ। ଫ୍ୟାକ୍ଟ-ଚେକ୍ ୟୁନିଟ୍ ଗଠନ ନେଇ କେନ୍ଦ୍ର ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ଉପରେ ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ। ସର୍ବୋଚ୍ଚ ଅଦାଲତ କହିଥିଲେ, ବମ୍ବେ ହାଇକୋର୍ଟ ଏହି ନିୟମର ସାମ୍ବିଧାନିକ ବୈଧତା ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସରକାର ଏହାକୁ କାର୍ଯ୍ୟକାରୀ ☞ପୃଷ୍ଠା-୪

# କମିଶନର କହିଥିଲେ କ୍ୟାମେରା ଲାଗିଛି, କ୍ରାଇମବ୍ରାଞ୍ଚର ନା

**ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)**

ମେଜର ଗୁରୁଭଂଶ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭୁବନେଶ୍ୱର ଭରତପୁର ଥାନାରେ ଦିଆଯାଇଥିବା ଅକଥନୀୟ ନିର୍ଯ୍ୟାତନା ଏବେ ଜାତୀୟ ସ୍ତରର ପ୍ରସଙ୍ଗ ପାଲଟିଛି। ଦେଶର ବିଭିନ୍ନ ମହଲରୁ ଓଡ଼ିଶା ପୋଲିସକୁ ନିନ୍ଦା କରାଯାଉଥିବା ଦେଖିବାକୁ ମିଳୁଛି। ଏହି ଘଟଣାରେ ପ୍ରତ୍ୟେକ ଦିନ ପୋଲିସ ବିରୋଧରେ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏପରି କି ଭରତପୁର ଥାନାରେ ସିସିଟିଭି

**ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଘୋର ଅନ୍ୟାୟ**



କ୍ୟାମେରା ନ ଥିବା ବିଷୟ ପୋଲିସର ବଡ଼ ତ୍ରୁଟି ବୋଲି ଧରାଯାଉଛି। କମିଶନରେଟ ପୋଲିସ ଅଧୀନରେ ଥିବା ଭରତପୁର ମଡେଲ ଥାନାରେ କାହିଁକି ସିସିଟିଭି କ୍ୟାମେରା ଲଗାଯାଇ ନ ଥିଲା ବୋଲି ପ୍ରଶ୍ନ ଉଠୁଥିବାବେଳେ କମିଶନର ସଞ୍ଜୀବ ପଣ୍ଡାଙ୍କ ଏକ ଭିଡିଓ ଏହି କଥାରେ ଆହୁରି ଦ୍ୱନ୍ଦ୍ୱ ବଢ଼ାଇଦେଇଛି। ନିଜେ ପୋଲିସ କମିଶନର ପଣ୍ଡା ଥାନା ☞ପୃଷ୍ଠା-୪

**ଜାତୀୟସ୍ତରରେ ଆଲୋଡ଼ନ**

- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ସେନା ଅଧିକାରୀ
- ରାସ୍ତାରେ ଧକ୍କା ମାରିଥିବା ୭ ଜଣଙ୍କୁ ଅଟକ ରଖାଯାଇଛି
- ରାଜ୍ୟ ମହିଳା କମିଶନ ଅଧକ୍ଷା ଗଲେ ଭରତପୁର ଥାନା
- ଏମ୍‌ସରୁ ଡିସ୍‌ଚାର୍ଜ ହେଲେ ଅଙ୍କିତା, ଆଜି ଦେବେ ଏତଲା

## ଭରତପୁର ଘଟଣାକୁ ରାହୁଲ, ପ୍ରିୟଙ୍କାଙ୍କ ନିନ୍ଦା

**ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)**

ଭରତପୁର ଥାନାରେ ଆର୍ମି ଅଫିସର ଗୁରୁଭଂଶ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ପ୍ରତି ନିର୍ଯ୍ୟାତନା ଘଟଣା ଏବେ ଜାତୀୟସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣାରେ ଚାରିଆଡୁ ଓଡ଼ିଶା ପୋଲିସ ସମାଲୋଚନାର ଶିକାର ହେଉଛି। ଜାତୀୟସ୍ତର ନେତାମାନେ ମଧ୍ୟ ଏହାକୁ ନିନ୍ଦା କରୁଛନ୍ତି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶାରେ ଘଟିଥିବା ଭୟଙ୍କର ଘଟଣାରୁ ☞ପୃଷ୍ଠା-୪

## ଦୋଷୀଙ୍କ ବିରୋଧରେ ହେବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)**

ମେଜର ଗୁରୁଭଂଶ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଥାନା ଅଧିକାରୀ ଓ କର୍ମଚାରୀଙ୍କ ଅତ୍ୟାଚାର ଘଟଣାରେ ଶେଷରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁ ଖୋଲିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତପୁର ଥାନାରେ ☞ପୃଷ୍ଠା-୪







## ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ ହ୍ୟାକ୍

ନୂଆଦିଲ୍ଲୀ,୨୦।୯(ପି.ଟି.)

ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଶୁକ୍ରବାର ହ୍ୟାକ୍ ହୋଇଛି। ଆମେରିକୀୟ କମ୍ପାନୀ ରିପଲ୍ ଲାବ୍ସ ଦ୍ୱାରା ବିକଶିତ କ୍ରିପ୍ଟୋକରେନ୍ସିର ପ୍ରଚାରପ୍ରସାର କରାଉଥିବା ଭିଡିଓ ଏଥିରେ ପ୍ରଦର୍ଶିତ ହେଉଛି। ହ୍ୟାକ୍ ହୋଇଥିବା ଚ୍ୟାନେଲରେ ପ୍ରଦର୍ଶିତ ବ୍ଲାଙ୍କ୍ ଭିଡିଓରେ 'ବ୍ରାଡ୍ ଗାର୍ଲିଂହାଉସ: ରିପଲ ରେସ୍ପଣ୍ଡସ୍ ଟୁ ଦି ଏସ୍ଇସିସ୍ ୨ ବିଲୟନ ଡଲାର ଫାଇନ! ଏକ୍ସଆର୍‌ପି ପ୍ରାଇସ୍ ପ୍ରେଡିକ୍ସନ' ଶୀର୍ଷକ ଲେଖା ରହିଛି। ସୁପ୍ରିମକୋର୍ଟ ଉକ୍ତ ୟୁଟ୍ୟୁବ୍ ଚ୍ୟାନେଲକୁ ବନ୍ଦ କରିଦିଆଯାଇଛି ଓ ଖୁବ୍‌ଶୀଘ୍ର ଏହା କାର୍ଯ୍ୟ କରିବ ବୋଲି ଏହାର ୱେବ୍‌ସାଇଟ୍‌ରେ ଏକ ନୋଟିସ ପୋଷ୍ଟ କରାଯାଇ ଜଣାଇଦିଆଯାଇଛି। ସାମ୍ବିଧାନିକ ପୀଠରେ ତାଲିକାଭୁକ୍ତ ମାମଲା ଏବଂ ଜନସ୍ୱାର୍ଥ ମାମଲାଗୁଡ଼ିକର ଶୁଣାଣିର ସିଧାପ୍ରସାରଣ ପାଇଁ ସୁପ୍ରିମକୋର୍ଟ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟବହାର କରିଥାନ୍ତି।

## ମାଓବାଦୀଙ୍କୁ ଅସ୍ତ୍ରତ୍ୟାଗ ପାଇଁ ଶାହାଙ୍କ ଆହ୍ୱାନ

ନୂଆଦିଲ୍ଲୀ,୨୦।୯(ପି.ଟି.)

ମାଓବାଦୀମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ତ୍ୟାଗକରି ଆତ୍ମସମର୍ପଣ କରିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଅପିଲ୍ କରିଛନ୍ତି। ସେମାନେ ଯଦି ହିଂସାତ୍ମକ ପନ୍ଥା ପରିତ୍ୟାଗ ନ କରନ୍ତି, ତେବେ ଲାଲ୍ ଆତଙ୍କର ମୂଳୋତ୍ପାଟନ କରିବାକୁ ଅଭିଯାନ ଆରମ୍ଭ ହେବ ବୋଲି ଶାହା ଚେତାବନୀ ଦେଇଛନ୍ତି। ଶାହା ନିଜ ବାସଭବନରେ ଛତିଶଗଡ଼ ମାଓବାଦୀ ହିଂସାକାଣ୍ଡ ଘଟଣା ଉପରେ ଉଦ୍‌ବୋଧନ ଦେଇ କହିଥିଲେ, ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ସେମାନଙ୍କର ଶେଷ ନିଃଶ୍ୱାସ ନେବେ। ସେମାନଙ୍କୁ ସମୂଳେ ବିନାଶ କରାଯିବ। ମାଓବାଦ ଉଭୟ ମାନବ ଜାତି ଏବଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ବିପଦ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

# ଲୋକଙ୍କ ଆସ୍ଥା ସହ ଖେଳ

## ସୁପ୍ରିମକୋର୍ଟ ଗଲା ତିରୁପତି ଲଡୁ ବିବାଦ: ରିପୋର୍ଟ ମାଗିଲା କେନ୍ଦ୍ର



**ବିଶ୍ୱର ସବୁଠୁ ଧନୀ ଠାକୁର ତିରୁପତି ବାଲାଜୀ। ମନ୍ଦିର ଲଡୁର ଇତିହାସ ୩୦୦ ବର୍ଷ ପୁରୁଣା। ୧୭୧୫ ଅଗଷ୍ଟ ୨ରେ ପ୍ରଥମ ଥର ପାଇଁ ଏହି ପ୍ରସାଦ ଠାକୁରଙ୍କ ନିକଟରେ ଅର୍ପଣ କରାଯାଇଥିଲା। ସେବେଠୁ ବାଲାଜୀଙ୍କ ଲଡୁର ଶୁଦ୍ଧତା ବଜାୟ ରଖିବା ପାଇଁ ଏହାର ପ୍ରସ୍ତୁତି ପ୍ରଣାଳୀକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଆସିଛି। ଏହାସତ୍ତ୍ୱେ ଆମିଷ ବ୍ୟବହାର କରି ଲଡୁ ତିଆରି କରାଯିବା ଅନେକ କୋଟି ଭକ୍ତଙ୍କ ଆସ୍ଥା ସହ ଖେଳ ବୋଲି ବିଶ୍ୱବ୍ୟାପୀ ଶ୍ରଦ୍ଧାଳୁମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଶୁକ୍ରବାର ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ କେନ୍ଦ୍ର ସରକାର ଏହା ଉପରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜନୈତିକ ଲାଭ ପାଇଁ ଭଗବାନଙ୍କୁ ବ୍ୟବହାର କରୁଥିବା କହି ୱାଇଏସ୍ଆର୍‌ସିପି ମୁଖ୍ୟ ଜଗନ୍‌ମୋହନ୍ ରେଡ୍ଡୀ ତାଙ୍କ ପୂର୍ବ ସରକାର ବିରୋଧରେ ଆଗତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।**

ନୂଆଦିଲ୍ଲୀ,୨୦।୯

ତିରୁପତି ଲଡୁରେ ବ୍ୟବହୃତ ଘିଅରେ ଗୋରୁ ଚର୍ବି ଏବଂ ମାଛ ତେଲ ରହିଥିବା ଅଭିଯୋଗ ଉପରେ କେନ୍ଦ୍ର ସରକାର ଶୁକ୍ରବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ସବିଶେଷ ରିପୋର୍ଟ ମାଗିଛନ୍ତି। ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରର ପ୍ରଥମ ୧୦୦ ଦିନ ଉପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଖାଦ୍ୟ ନିରାପତ୍ତା ମାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତିରୁପତି ଲଡୁରେ ପ୍ରାଣୀ ଚର୍ବି ଓ ମାଛ ତେଲ ରହିଥିବା ଖବର ପ୍ରକାଶ ପାଇବା ପରେ ନଡ୍ଡା ଚନ୍ଦ୍ରବାବୁଙ୍କ ସହ କଥା ହୋଇଥିଲେ। ସେ ସବିଶେଷ ରିପୋର୍ଟ ପଠାଇବା ପରେ ତାହାକୁ ଅନୁଧ୍ୟାନ କରାଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯିବ।

ତିରୁପତିର ପ୍ରସିଦ୍ଧ ଭେଙ୍କଟେଶ୍ୱର ମନ୍ଦିରରେ ଲଡୁଗୁଡ଼ିକୁ ପ୍ରସାଦ ଭାବେ ଅର୍ପଣ କରାଯାଉଥିଲା। ପ୍ରତିଦିନ ସେଠାକୁ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହି ଲଡୁ ବଣ୍ଟାଯାଉଥିଲା। ତେବେ ଏଥିରେ ପ୍ରାଣୀ ଚର୍ବି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିଲା ବୋଲି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିବା ପରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ଗମ୍ଭୀର ଚିନ୍ତାଜନକ। ସବିଶେଷ ତଦନ୍ତ ସହ ଅପରାଧୀଙ୍କୁ ଦଣ୍ଡ ମିଳିବା ଆବଶ୍ୟକ ବୋଲି ଜୋଷୀ କହିଛନ୍ତି।

ୱାଇଏସ୍ଆର୍ କଂଗ୍ରେସ ପାର୍ଟି ସରକାର ସମୟରେ ତିରୁପତି ଲଡୁରେ ବ୍ୟବହୃତ ଘିଅକୁ ଗୁଜରାଟର ଏକ ସରକାରୀ ଲାବରେଟୋରିରେ ପରୀକ୍ଷା କରାଯିବା ପରେ ସେଥିରେ ଗୋରୁ ଚର୍ବି, ଘୁଷୁରି ଚର୍ବି, ମାଛ ତେଲ ରହିଥିବା ଗତ ଜୁଲାଇରେ ରିପୋର୍ଟ ଆସିଥିଲା। ଚନ୍ଦ୍ରବାବୁ ଉକ୍ତ ରିପୋର୍ଟକୁ ଲୋକଲୋଚନକୁ ଆଣିବା ପରେ ଭକ୍ତ ମହଲରେ ହଇଚଇ ସୃଷ୍ଟି ହୋଇଛି। ଶ୍ରଦ୍ଧାଳୁମାନଙ୍କ ଆସ୍ଥା ଓ ଭାବାବେଗ ସହ ଖେଳ କରାଯାଇଥିବା ଅଭିଯୋଗ ହୋଇଛି। ଲଡୁ ପାଇଁ ବ୍ୟବହୃତ ଘିଅରେ ଗୋରୁ ଚର୍ବି ଥିବା ଚନ୍ଦ୍ରବାବୁଙ୍କ ଅଭିଯୋଗକୁ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ସମର୍ଥନ ଜଣାଇଛି। ମନ୍ଦିରରେ ଅପମିଶ୍ରଣ ପରୀକ୍ଷା ସୁବିଧା ନ ଥିବାରୁ ଘିଅ ଯୋଗାଣକାରୀ ଏହାର ଫାଇଦା ଉଠାଉଥିଲେ ବୋଲି ଟିଟିଡି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମଲ ରାଓ କହିଛନ୍ତି। ଲାବ୍ ରିପୋର୍ଟ ଆସିବା ପରେ ତୁରନ୍ତ ଘିଅ ଯୋଗାଣ ବନ୍ଦ କରାଯିବା ସହ ଉକ୍ତ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରାଯାଇଥିଲା। ଏବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ରାଓ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କ ତାଙ୍କ ଅଭିଯୋଗ ପାଇଁ ସମାଲୋଚନା କରିଛନ୍ତି। ରାଜନୈତିକ ଫାଇଦା ପାଇଁ ଏଭଳି ବ୍ୟକ୍ତି ଭଗବାନଙ୍କୁ ବ୍ୟବହାର କରିପାରନ୍ତି ବୋଲି ଜଗନ କହିଛନ୍ତି। ତିରୁମାଲା ମନ୍ଦିରରେ ପ୍ରସାଦ ଭାବେ ବ୍ୟବହୃତ ଲଡୁ ସହ ବହୁ କୋଟି ଶ୍ରଦ୍ଧାଳୁଙ୍କର ଗଭୀର ଧର୍ମୀୟ ଭାବନା ଜଡ଼ିତ। ୱାଇଏସ୍ଆର୍‌ସିପି ସରକାର ସମୟରେ ଅପମିଶ୍ରିତ ଘିଅ ମନ୍ଦିରକୁ ଲଡୁ ତିଆରି ପାଇଁ ଆସୁଥିଲା ବୋଲି ଟିଡିପି ମୁଖପାତ୍ର ଆନମ ଭେଙ୍କଟରମଣ ରେଡ୍ଡୀ ଖବରଦାତା ସମ୍ମିଳନୀରେ ଜୁଲାଇ ୧୬ର ଲାବ୍ ରିପୋର୍ଟ ଉପସ୍ଥାପନ କରି ଅଭିଯୋଗ କରିଥିଲେ। ତେବେ ରାଜନୈତିକ ପ୍ରେରଣାରେ ଏଭଳି ଭିତ୍ତିହୀନ ଅଭିଯୋଗ ଅଣାଯାଇଥିବା କହି ଟିଟିଡିର ପୂର୍ବତନ ଅଧ୍ୟକ୍ଷ ତଥା ୱାଇଏସ୍ଆର୍‌ସିପିର ବରିଷ୍ଠ ନେତା ୱାଇ.ଭି. ସୁବା ରେଡ୍ଡୀ ଏହାକୁ ଖଣ୍ଡନ କରିଥିଲେ।

### ରାଜନୈତିକ ଫାଇଦା ପାଇଁ ମୁଖ୍ୟମନ୍ତ୍ରୀ ଭଗବାନଙ୍କୁ ବ୍ୟବହାର କରୁଛନ୍ତି: ଜଗନ



ଜଗନ୍‌ମୋହନ୍ ରେଡ୍ଡୀ



### ସିବିଆଇ ତଦନ୍ତ ଦାବିକଲେ ଶର୍ମିଳା



ତିରୁପତି ଲଡୁ ବିବାଦ ଶୁକ୍ରବାର ସୁପ୍ରିମକୋର୍ଟରେ ପହଞ୍ଚିଛି। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ପାଇଁ ଜଣେ ଆଇନଜୀବୀ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। ସେ ଆବେଦନରେ ଦର୍ଶାଇଛନ୍ତି, ଯେ ଲଡୁରେ ବ୍ୟବହୃତ ଘିଅରେ ଗୋରୁ ଚର୍ବି ଓ ମାଛ ତେଲ ରହିଥିବା ଜଣାପଡ଼ିବା ପରେ ଏହା ଅଗଣିତ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ଏହା ହିନ୍ଦୁ ଧର୍ମର ମୌଳିକ ପ୍ରଥାର ଉଲ୍ଲଂଘନ ବୋଲି ସେ କହିଛନ୍ତି। ହିନ୍ଦୁଧର୍ମର ପବିତ୍ର ପ୍ରଥାଗୁଡ଼ିକର ସୁରକ୍ଷା ପାଇଁ ଆବେଦନକାରୀ ନିବେଦନ କରିଛନ୍ତି। ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ୱାଇ.ଏସ୍. ଶର୍ମିଳା ଦାବି କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେପଟେ ମାଡ୍ରାସ ହାଇକୋର୍ଟର ଆଇନଜୀବୀ ବି. ଜଗନ୍ନାଥ ତିରୁପତିଙ୍କ ଲଡୁ ତିଆରେ ବ୍ୟବହୃତ ଘିଅରେ ପଶୁ ଚର୍ବି ମିଶ୍ରଣ ଘଟଣାରେ ଜଗନମୋହନ ରେଡ୍ଡୀଙ୍କ ବିରୋଧରେ ତାମିଲନାଡୁ ପୋଲିସରେ ଏତଲା ଦାଏର କରିଛନ୍ତି। ସେ ଅଭିଯୋଗର ନକଲ ପୋଲିସ ଡିଜି ଏବଂ ଗ୍ରେଟର ଚେନ୍ନାଇ ପୋଲିସ କମିଶନରଙ୍କ ନିକଟକୁ ପଠାଇଛନ୍ତି।



ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ଶୁକ୍ରବାର ଅନୁଷ୍ଠିତ 'ପିଏମ୍ ବିଶ୍ୱକର୍ମା' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଜଣେ କାରିଗରଙ୍କଠାରୁ ପ୍ରଭୁ ଜଗନ୍ନାଥଙ୍କ କଳାକୃତି କିଣୁଛନ୍ତି।

## ଝାଡ଼ଖଣ୍ଡ ସହ ସୀମା ସିଲ୍ କଲା ପଶ୍ଚିମବଙ୍ଗ

### ରାସ୍ତାରେ ଅନେକ ହଜାର ଟ୍ରକ୍

ରାଞ୍ଚି,୨୦।୯

ପଶ୍ଚିମବଙ୍ଗ ସରକାର ଗୁରୁବାର ସନ୍ଧ୍ୟାରେ ଦିବ୍ରୁଗଡ଼ ଚେକ୍‌ପୋଷ୍ଟ ସିଲ୍ କରିଦେଇଥିବାରୁ ଝାଡ଼ଖଣ୍ଡରୁ ଯାଉଥିବା ହଜାର ହଜାର ଭାରିଯାନ ୧୯ ନମ୍ବର ଜାତୀୟ ରାଜପଥରେ ଅଟକି ରହିଛି। ଆନ୍ତଃରାଜ୍ୟ ସୀମାକୁ ୩ ଦିନ ପାଇଁ ସିଲ୍ କରିବା ନିମନ୍ତେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଝାଡ଼ଖଣ୍ଡକୁ ସୁରକ୍ଷିତ ରଖିବା ପାଇଁ ଦାମୋଦର ଭ୍ୟାଲି କର୍ପୋରେଶନ (ଡିଭିସି) ଡ୍ୟାମ୍‌ରୁ ଜଳ ଛାଡ଼ିଦେବାରୁ ପଶ୍ଚିମବଙ୍ଗରେ ବନ୍ୟା ହୋଇଥିବା ଦର୍ଶାଇ ମମତା ଝାଡ଼ଖଣ୍ଡ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ଝାଡ଼ଖଣ୍ଡ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ପଶ୍ଚିମବଙ୍ଗରେ ମାନବକୃତ ବନ୍ୟା ପାଇଁ ମମତା ଡିଭିସିକୁ ଦାୟୀ କରିଛନ୍ତି। ଏହି ନିଗମ ସହ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ସେ ଧମକ ଦେଇଛନ୍ତି। ଅଗଷ୍ଟ ୪ରେ ମମତା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଟେନୁଘାଟରୁ ହଠାତ୍ ପ୍ରଚୁର ଜଳ ଛାଡ଼ିଦିଆଯିବାରୁ ପଶ୍ଚିମବଙ୍ଗରେ ବନ୍ୟା ସୃଷ୍ଟି ହୋଇଥିବା ମମତା ହେମନ୍ତଙ୍କୁ କହିବା ସହ ଏଥିପ୍ରତି ସତର୍କ ରହିବାକୁ ନିବେଦନ କରିଥିଲେ।

## ହେଜ୍‌ବୋଲ୍ଲା କମାଣ୍ଡର ନିହତ

### ଇସ୍ରାଏଲ୍‌ର ଘନ ଘନ ଏୟାରଷ୍ଟ୍ରାଇକ୍

ବେରୁଟ୍,୨୦।୯

ଲେବାନନ୍‌ର ବେରୁଟ୍‌ରେ ଶୁକ୍ରବାର ଇସ୍ରାଏଲ୍ ପକ୍ଷରୁ ଘାତକ ଆକ୍ରମଣ କରାଯାଇଛି। ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲାର ବରିଷ୍ଠ କମାଣ୍ଡର ଇବ୍ରାହିମ୍ ଅକିଲ ନିହତ ହୋଇଛନ୍ତି। ଏଥିସହ ଅନ୍ୟ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୯ ଜଣ ଆହତ ହୋଇଥିବା ଲେବାନନ୍ ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି।

ପ୍ରାୟ ବର୍ଷେ ହେଲା ଇସ୍ରାଏଲ୍-ଗାଜା ଯୁଦ୍ଧରେ ହମାସ୍‌କୁ ହେଜ୍‌ବୋଲ୍ଲା ସହଯୋଗ କରିଆସୁଛି। ଏହା ପୂର୍ବରୁ ହେଜ୍‌ବୋଲ୍ଲାକୁ ଉଚିତ ଶିକ୍ଷା ଦେବା ପାଇଁ ଇସ୍ରାଏଲୀ ସ୍ପାଏ ଏଜେନ୍ସି ମୋସାଦ ରଣନୀତି ସ୍ଥିର କରିଥିଲା। ତଦନୁସାରେ ଗତ ମଙ୍ଗଳବାର ଓ ବୁଧବାର ଲଗାତର ଭାବେ ପେଜର, ୱାକିଟକି, ଇଣ୍ଟରକମ୍, କାର୍ ରେଡିଓ ଏବଂ ହାମ୍ ସୋଲାର ସିଷ୍ଟମ୍ ଭଳି ଉପକରଣଗୁଡ଼ିକରେ ବିସ୍ଫୋରଣ ଘଟିବାରେ ଲାଗିଲା।



ଇବ୍ରାହିମ୍ ଅକିଲ

ଏହି ଅତର୍କିତ ଆକ୍ରମଣରେ ଅନେକ ମୃତାହତ ହୋଇଥିଲେ। ଗୁରୁବାର ଇସ୍ରାଏଲ୍ ପକ୍ଷରୁ ଦକ୍ଷିଣ ଲେବାନନ୍‌ର କେତେକ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସରଲ୍ଲା ଏହାର କଡ଼ା ଜବାବ ଦିଆଯିବ ବୋଲି ଇସ୍ରାଏଲ୍‌କୁ ଚେତାବନୀ ଦେଇଥିଲେ। ତାଙ୍କ ସଶସ୍ତ୍ର ସଦସ୍ୟମାନେ ଇସ୍ରାଏଲ୍‌କୁ ୧୪୦ ରକେଟ୍ ଛାଡ଼ିଥିଲେ। ଏହାର ଦିନକ ପରେ ଇସ୍ରାଏଲୀ ସେନା ବେରୁଟ୍ ନିକଟ ଦାହିୟେ ସହରସ୍ଥିତ ଆତଙ୍କବାଦୀ ସଙ୍ଗଠନର କେତେକ ଆଡ୍ଡାକୁ ଟାର୍ଗେଟ କରିଛି, ଯହିଁରେ ଇବ୍ରାହିମ୍ ଅକିଲ ନିହତ ହୋଇଛନ୍ତି। ଅକିଲ ଏହା ପୂର୍ବରୁ ହେଜ୍‌ବୋଲ୍ଲାର ରଦୱାନ୍ ଫୋର୍ସ ଏବଂ ସର୍ବୋଚ୍ଚ ସାମରିକ ସଂସ୍ଥା ଜିହାଦ କାଉନ୍‌ସିଲ ମୁଖ୍ୟ ଭାବେ କାର୍ଯ୍ୟ କରିସାରିଛନ୍ତି। ୧୯୮୩ରେ ବେରୁଟ୍‌ସ୍ଥିତ ଆମେରିକୀୟ ଦୂତାବାସ ବିସ୍ଫୋରଣରେ ଅକିଲଙ୍କ ସମ୍ପୃକ୍ତିକୁ ନେଇ ପରରାଷ୍ଟ୍ର ବିଭାଗ ତାଙ୍କ ଉପରେ କଟକଣା ଜାରି କରିଥିଲା। ଗୋଲାନ୍ ହାଇଟ୍ସ, ସଫେଦ ଓ ଅପର ଗଲି ଭଳି କେତେକ ସ୍ଥାନରେ ଶତାଧିକ ମିଶାଇଲ ମାଡ଼ କରାଯାଇଛି। ଗାଜାରେ ଇସ୍ରାଏଲ୍‌ର ଆକ୍ରମଣରେ ଶୁକ୍ରବାର ୩୪ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଶିଶୁ ଥିବା ଜଣାପଡ଼ିଛି।

### ଗାଜାରେ ୩୪ ପାଲେଷ୍ଟିନୀୟ ମୃତ

## ପାକ୍ ମନ୍ତବ୍ୟ: ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା

ନୂଆଦିଲ୍ଲୀ,୨୦।୯

କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ବେଦବ୍ୟାସଚାର ଶ୍ରୀଶାନନ୍ଦ ନିକଟରେ ଏକ ମାମଲାର ଶୁଣାଣି ବେଳେ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ସୁପ୍ରିମକୋର୍ଟ ରାଜ୍ୟର ମୁଖ୍ୟ ବିଚାରପତିଙ୍କଠାରୁ ରିପୋର୍ଟ ମାଗିଛନ୍ତି। ବିଚାରପତି ଶୁଣାଣି ବେଳେ ବେଙ୍ଗାଲୁରୁର ଏକ ମୁସଲମାନ ବହୁଳ ଅଞ୍ଚଳକୁ 'ପାକିସ୍ତାନ' କହିବା ସହ ମହିଳା ଆଇନଜୀବୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଶୁଣାଣି ସମୟର ଏକ ଭିଡିଓକୁ ସର୍ବୋଚ୍ଚ ଅଦାଲତ ବିଚାର ପାଇଁ ଗ୍ରହଣ କରିଥିଲେ। ନ୍ୟାୟିକ ବ୍ୟବସ୍ଥାର ମର୍ଯ୍ୟାଦା ରକ୍ଷାକରିବା ଜରୁରୀ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି। ଅଦାଲତରେ ବିଚାର ଚାଲିଥିବାବେଳେ ଜଣେ ବିଚାରପତିଙ୍କର ଏଭଳି ମନ୍ତବ୍ୟକୁ ନେଇ ଖଣ୍ଡପୀଠ ଚିନ୍ତାବ୍ୟକ୍ତ କରିବା ସହ ସାମ୍ବିଧାନିକ କୋର୍ଟର ବିଚାରପତିମାନଙ୍କ ପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ସ ପ୍ରସ୍ତୁତ କରିବା ଜରୁରୀ ବୋଲି ମତ ଦେଇଛନ୍ତି। ସୋସିଆଲ ମିଡିଆଗୁଡ଼ିକ ସକ୍ରିୟ ଥିବାରୁ ବିଚାରପତି ମନ୍ତବ୍ୟ ଦେବାବେଳେ ସତର୍କ ରହିବା ଜରୁରୀ।



ଜଷ୍ଟିସ୍ ବେଦବ୍ୟାସଚାର ଶ୍ରୀଶାନନ୍ଦ

## ଆମେରିକାରେ ଭାରତୀୟ ଦୂତାବାସ ଅଧିକାରୀଙ୍କ ରହସ୍ୟଜନକ ମୃତ୍ୟୁ

**ନୂଆଦିଲ୍ଲୀ,୨୦।୯:** ଆମେରିକାର ୱାଶିଂଟନ ଡିସିସ୍ଥିତ କାର୍ଯ୍ୟାଳୟରେ ବୁଧବାର ଜଣେ ଭାରତୀୟ ଦୂତାବାସ ଅଧିକାରୀଙ୍କର ରହସ୍ୟଜନକ ସ୍ଥିତିରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ସିକ୍ରେଟ୍ ସର୍ଭିସ ମୃତ୍ୟୁ ଘଟଣାର ତଦନ୍ତ କରୁଛି। ସେ ଆତ୍ମହତ୍ୟା କରିଛନ୍ତି କିମ୍ବା କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ତାଙ୍କ ମୃତଦେହକୁ ଭାରତ ପଠାଇବା ପାଇଁ ପରିବାର ସଦସ୍ୟ ଓ ଅଧିକାରୀମାନଙ୍କ ସହ ଭାରତୀୟ ଦୂତାବାସ ଯୋଗାଯୋଗରେ ରହିଛି। ପରିବାରର ପ୍ରିଭେସୀ ପାଇଁ ମୃତ ଅଫିସରଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯାଇ ନାହିଁ।

## ଅସୁରକ୍ଷିତ ଖାଦ୍ୟ: ବର୍ଷକୁ ୪.୨ ଲକ୍ଷ ମୃତ୍ୟୁ

ନୂଆଦିଲ୍ଲୀ,୨୦।୯(ପି.ଟି.)

ବିଶ୍ୱରେ ଅସୁକ୍ଷିତ ଖାଦ୍ୟ ଖାଇ ପ୍ରତିବର୍ଷ ୬୦୦ ନିୟୁତ ଲୋକ ରୋଗଗ୍ରସ୍ତ ହେଉଥିବାବେଳେ ୪ ଲକ୍ଷ ୨୦ ହଜାର ପ୍ରାଣ ହରାଉଛନ୍ତି। ଅସୁରକ୍ଷିତ ଖାଦ୍ୟ ଉପରେ ଖାଦ୍ୟ ନିୟନ୍ତ୍ରକମାନଙ୍କ ଲଗାମ ରହୁନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଅଧନୋମ୍ ଘେବ୍ରେୟେସସ୍ ଶୁକ୍ରବାର ଏହି ଉଦ୍‌ବେଗଜନକ ବିଷୟ ପ୍ରକାଶ କରିଛନ୍ତି।

ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଗ୍ଲୋବାଲ ଫୁଡ୍ ରେଗୁଲେଟର୍ସ ସମିଟ୍‌କୁ ଏକ ଭିଡିଓ ମେସେଜ୍‌ରେ ସମ୍ବୋଧିତ କରି ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଘେବ୍ରେୟେସସ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ନୂତନ କାରିଗରି, ବୈଶ୍ୱିକୀକରଣ ଓ ଶିଳ୍ପାୟନ ଯୋଗୁ ଆମ ଖାଦ୍ୟ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଅସୁରକ୍ଷିତ ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଥିବା ଲୋକଙ୍କ ମଧ୍ୟରୁ ୭୦% ୫ ବର୍ଷରୁ କମ୍ ବୟସର ଶିଶୁ। ଏହାର ମୁକାବିଲା କ୍ଷେତ୍ରରେ ଖାଦ୍ୟ ନିୟନ୍ତ୍ରକ ସମୁଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱର ୩ ନିୟୁତ ଲୋକ ପୁଷ୍ଟିକର ଖାଦ୍ୟ ଖାଇବାକୁ ପାଉ ନ ଥିବାରୁ ଏହାର ସମାଧାନ ଦିଗରେ ସମନ୍ୱିତ ଉଦ୍ୟମର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟକର ଓ ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଭଳି ଖାଦ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ସମନ୍ୱୟର ଆବଶ୍ୟକ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମେରିକାର ଧ୍ରୁବୀ ପଟେଲ ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍

ୱାଶିଂଟନ,୨୦।୯(ପି.ଟି.)

ଆମେରିକାର କମ୍ପ୍ୟୁଟର ଇନ୍‌ଫର୍ମେଶନ ସିଷ୍ଟମ୍ ଛାତ୍ରୀ ଧ୍ରୁବୀ ପଟେଲଙ୍କୁ ଚଳିତ ବର୍ଷର ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ଘୋଷଣା କରାଯାଇଛି। ଧ୍ରୁବୀ ବଲିଉଡ୍ ଅଭିନେତ୍ରୀ ହେବା ସହ ୟୁନିସେଫ୍ ଆମ୍ବାସାଡର ହେବାକୁ ଲକ୍ଷ୍ୟ ରଖିଛନ୍ତି। ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ଜିତିବା ଏକ ଅବିଶ୍ୱସନୀୟ ସମ୍ମାନ। ଏହା ମୁକୁଟଠାରୁ ମଧ୍ୟ ବହୁ ଅଧିକ। ଏହା ମୋର ଐତିହ୍ୟ, ମୂଲ୍ୟବୋଧର ପ୍ରତିନିଧିତ୍ୱ କରିବା ସହ ବିଶ୍ୱସ୍ତରରେ ଅନ୍ୟମାନଙ୍କୁ ପ୍ରେରଣା ଦେବାର ସୁଯୋଗ ବୋଲି ଧ୍ରୁବୀ ନ୍ୟୁଜର୍ସିର ଏଡିସନ୍‌ଠାରେ ମୁକୁଟ ଜିତିବା ପରେ ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରତିଯୋଗିତାରେ ସୁରିନାମ୍‌ର ଲିସା ଆବ୍‌ଡୋଲହକ୍ ପ୍ରଥମ ରନର-ଅପ୍ ହୋଇଥିବାବେଳେ ନେଦରଲାଣ୍ଡସ୍‌ର ମାଳବିକା ଶର୍ମା ଦ୍ୱିତୀୟ ରନର୍-ଅପ୍ ହୋଇଛନ୍ତି। ମିସେସ୍ ବର୍ଗରେ ତ୍ରିନିଦାଦ ଏବଂ ଟବାଗୋର ସୁ ଆନ୍ ମୌଚ୍ଛେଟ୍ ବିଜେତା ହୋଇଥିବାବେଳ ସ୍ନେହ ନାମ୍ବିଆର ପ୍ରଥମ ଏବଂ ପୱନଦୀପ୍ କୌର ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ନାବାଳିକା ବର୍ଗରେ ଗୁଆଡେଲୁପ୍‌ର ସିଏରା ସୁରେଟ୍ ମିସ୍ ଟିନ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ମୁକୁଟ ପିନ୍ଧିଥିବାବେଳେ ନେଦରଲାଣ୍ଡସ୍‌ର ଶ୍ରେୟା ସିଂ ଏବଂ ସୁରିନାମ୍‌ର ଶ୍ରଦ୍ଧା ଟେଡ୍‌ଜୋ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ନ୍ୟୁୟର୍କର ଇଣ୍ଡିଆ ଫେଷ୍ଟିଭାଲ କମିଟି ଏହି ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରିଥାଏ। ଭାରତୀୟ ଆମେରିକୀୟ ନୀଲମ ଏବଂ ଧର୍ମାତ୍ମା ଶରନ କମିଟିର ମୁଖ୍ୟ ରହିଛନ୍ତି।



ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ଧ୍ରୁବୀ ପଟେଲ (ମଝି)ଙ୍କ ସହ ମିସ୍ ଟିନ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ସିଏରା ସୁରେଟ୍ ଏବଂ ମିସେସ୍ ଇଣ୍ଡିଆ ବିଜେତା ସୁ ଆନ୍ ମୌଚ୍ଛେଟ।




# ସ୍ୱାଭାବିକ ବର୍ଷା ସତ୍ତ୍ୱେ ୮ ଜିଲା ନିଅଣ୍ଟିଆ

ଭୁବନେଶ୍ୱର,୨୦।୯(ଅନିଲ ଦାସ)

ଚଳିତବର୍ଷ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି। ଏ ପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱ ଲଘୁଚାପ ସୃଷ୍ଟି ହୋଇଛି। ଲଘୁଚାପଜନିତ ବର୍ଷା ଯୋଗୁ କେତେକ ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆଉ କେତେକ ଜିଲାରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟରେ ଏ ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହୋଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୨୦ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୦୯୧.୧ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୦୦୩.୧ ମିଲିମିଟର। ଏହାସତ୍ତ୍ୱେ ବର୍ଷା ଅଭାବରୁ ୮ଟି ଜିଲା ଏବେ ନିଅଣ୍ଟିଆ ପରିସ୍ଥିତିର ସମ୍ମୁଖୀନ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲାରେ ସ୍ୱାଭାବିକଠାରୁ ୫୭ ପ୍ରତିଶତ କମ୍ ବର୍ଷା ହୋଇଛି। ଏଠାରେ ୧୯୦୫.୧ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୨୧୨ ମିଲିମିଟର। ସେହିପରି ଭଦ୍ରକ ଜିଲାରେ ସ୍ୱାଭାବିକଠାରୁ ୩୭ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ପୁରୀ ୨୭, କେନ୍ଦୁଝର ୨୪, କେନ୍ଦ୍ରାପଡା ୨୭, ଯାଜପୁର ୨୩, ଦେବଗଡ ୨୪, ବାଲେଶ୍ୱର ୨୬ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସବୁ ଜିଲାରେ କମ୍ ବର୍ଷା ଯୋଗୁ ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା କରାଯାଉଛି।

### ୨୨ରେ ଆଉ ଏକ ଲଘୁଚାପ

ଅନ୍ୟପକ୍ଷରେ ଉତ୍ତର ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶନିବାର ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ରବିବାର ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ୨୨ତାରିଖ ରାତିରୁ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୩ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ସତର୍କ ରହିବାକୁ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# 'ବିଜେଡି ପ୍ରତିଶ୍ରୁତି ଅନୁଯାୟୀ ଷ୍ଟିଲ୍ ପ୍ଲାଣ୍ଟ କୁଆଡ଼େ ଗଲା'

## ୩ ଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ

- ଲାଇଭ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେଲେ
- ଗାଁରେ ଫୁଟ୍‌ବଲ ଖେଳ ଦେଖିଲେ, ଲୋକଙ୍କ ସହ କଥା ହେଲେ

କେନ୍ଦୁଝର,୨୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)


କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ଲାଇଭ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖୁଛନ୍ତି।

କେନ୍ଦୁଝର ଜିଲାକୁ ଶୁକ୍ରବାରଠାରୁ ୩ ଦିନିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ନିଜ ଜିଲାକୁ ଏହା ଦ୍ୱିତୀୟ ଗସ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲାଇଭ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ଯୋଗଦେଇ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଜେଡି ଶାସନ ସମୟରେ କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ପ୍ରତିଶ୍ରୁତି ଦେବା ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଷ୍ଟିଲ୍ ପ୍ଲାଣ୍ଟ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ଜିଲାର ବିକାଶ ପାଇଁ ସମସ୍ତେ ମିଶି କାର୍ଯ୍ୟ କରିବାକୁ କହିବା ସହ ଲାଇଭ୍ ସେଭର୍ସ ଗ୍ରୁପ୍‌ର ସଦସ୍ୟଙ୍କ ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ପୂର୍ବାହ୍ନ ୧୧ଟା୫ରେ ରାଇସୁଆଁସ୍ଥିତ ଏୟାରଷ୍ଟ୍ରିପ୍‌ରେ ଅବତରଣ କରିଥିଲେ। ସେଠାରୁ ବାଇକ୍ ଶୋଭାଯାତ୍ରାରେ ସହରସ୍ଥିତ ଅଡିଟୋରିୟମଠାରେ ଆୟୋଜିତ ଲାଇଭ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ପ୍ରଫେସର ଅଭିମନ୍ୟୁ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଜୟ କେନ୍ଦୁଝର, ଜୟ ଜଗନ୍ନାଥ କହିବା ସହ ଜିଲାର ଆରାଧ୍ୟ ଦେବୀ ମା' ତାରିଣୀ ଓ ବଳଦେବଜୀଉଙ୍କୁ ସ୍ମରଣକରି ଅଭିଭାଷଣ ଆରମ୍ଭ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ନୁହନ୍ତି, ଆପଣଙ୍କ ସେହି ମୋହନ ଭାଇ ହୋଇ ରହିବାକୁ ଚାହାନ୍ତି ବୋଲି କହିଥିଲେ। ରତ୍ନଗର୍ଭା କେନ୍ଦୁଝରବାସୀ ଖୁସି ହେବା କଥା, କିନ୍ତୁ ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟ ଦେଖିବାକୁ ମିଳିଛି। ଆଜି ଯେଉଁମାନେ ନେତା ହୋଇଛନ୍ତି, ଏଠୁ ନେଇ ନେତା ହୋଇଛନ୍ତି ବୋଲି କହିଥିଲେ। ଆମ ଭିତରେ ସଚେତନତାର ଅଭାବ ହେଉ ବା ପ୍ରଶାସନରେ ଅବହେଳା ପାଇଁ ଆମେ ଏ ସବୁଥିରୁ ବଞ୍ଚିତ ଅଛନ୍ତି। କେନ୍ଦୁଝର ଜିଲାକୁ ପ୍ରଧାନମନ୍ତ୍ରୀ ଡିଏମ୍ଏଫ୍ ପାଣ୍ଠିରେ ଅନେକ ହଜାର କୋଟି ଟଙ୍କା ଦେଇଛନ୍ତି। ଜିଲାର ଓମ୍ବାଡସିର ଅନେକ କୋଟି ଟଙ୍କା ପୂର୍ବ ସରକାର ନେଇଗଲେ। ସେ ଏବେ ରିଭ୍ୟୁ ଆରମ୍ଭ କରିଛନ୍ତି। ଶିଳ୍ପପତିଙ୍କୁ ଜିଲାରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ପରାମର୍ଶ ଦିଆଯାଉଛି। ପୂର୍ବରୁ ବିଜୁ ପଟ୍ଟନାୟକ ମଧ୍ୟ କହୁଥିଲେ ଓଡ଼ିଶାରେ ଦ୍ୱିତୀୟ ଷ୍ଟିଲ୍ ପ୍ଲାଣ୍ଟ ଯଦି ହେବ କେନ୍ଦୁଝରରେ ହେବ। ବିଜେଡି ଶାସନ ସମୟରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା ତା' ପାଇଁ ଧନ୍ୟବାଦ ସଭା ମଧ୍ୟ ହେଲା। ଆଜି ପର୍ଯ୍ୟନ୍ତ କାହିଁକି ସେ ଷ୍ଟିଲ୍ ପ୍ଲାଣ୍ଟ ହେଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତାହା ଚାଲିଲା। ଏଥିସହ ବଡ଼ବିଲରୁ ଚଣ୍ଡିଖୋଲ ୮ ଥାକିଆ ରାସ୍ତା ହେବ। ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ହେବାକୁ ଯାଉଛି। ଏହାଦ୍ୱାରା ଜିଲାର ଅନେକ ଉନ୍ନୀତ ହେବ। କେନ୍ଦୁଝରିଆ ଏକାଠି ହୋଇ ଜିଲାର ବିକାଶ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିମଧ୍ୟରେ ବିଭିନ୍ନ ଜିଲାରୁ ଆସିଥିବା ସାମାଜିକ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଲାଇଫ୍ ସେଭର୍ସ ଗ୍ରୁପ୍ ସଦସ୍ୟଙ୍କୁ ରକ୍ତଦାନ କରିବା ସହ ଗଛ ମଧ୍ୟ ଲଗାଇବାକୁ ପରାମର୍ଶ ଦେଇଥିଲେ। ଆଜି ପର୍ଯ୍ୟନ୍ତ ୧୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରକ୍ତଦାନ କରି ଜୀବନ ରକ୍ଷା କରିଥିବା, ୭୦୦ରୁ ଊର୍ଦ୍ଧ୍ୱ ଶବ ସଂସ୍କାର ଓ ଶୁଦ୍ଧିକ୍ରିୟା କରିଥିବାରୁ ଏହି ଗ୍ରୁପ୍‌କୁ ସାଧୁବାଦ ଜଣାଇଥିଲେ। ଗ୍ରୁପ୍‌ରେ ମୋତେ ସାମିଲ କରିବେ କି ବୋଲି ପଚାରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନଭୋଜନ କରି ନିଜ ଗ୍ରାମ ରାଇକଳାକୁ ଯାଇ ସେଠାରେ ଫୁଟ୍‌ବଲ ଖେଳ କାର୍ଯ୍ୟକ୍ରମରେ ଅତିଥିଭାବେ ଭାଗନେଇ ଖେଳ ଦେଖିଥିଲେ। ସେଠାରେ ଗ୍ରାମର ଲୋକଙ୍କ ସହ ମିଶିଥିଲେ।

# ସରୋଜିନୀ ସାହୁ ପାଇବେ 'ଶାରଳା ପୁରସ୍କାର'

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତବର୍ଷ ବିଶିଷ୍ଟ ଲେଖିକା ସରୋଜିନୀ ସାହୁ ପାଇବେ ୪୫ତମ 'ଶାରଳା ପୁରସ୍କାର'। ୨୦୧୯ରେ ସୃଜନ ଇଣ୍ଡିଆ ଦ୍ୱାରା ପ୍ରକାଶିତ ତାଙ୍କ ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୬ରେ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଲେଖିକାଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ୫ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖିକାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ନିଶ୍ଚିତ ଭାବେ ନୂଆ ପିଢ଼ିର ଲେଖକମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ଲେଖିକା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଝଙ୍କାର ପୁରସ୍କାର (କ୍ଷୁଦ୍ରଗଳ୍ପ), ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର, ଅଖିଳ କଥା ସମ୍ମାନ, ପ୍ରଜାତନ୍ତ୍ର ପୁରସ୍କାର, ଲାଡ୍‌ଲି ମିଡିଆ ଆୱାର୍ଡ ସହିତ ଆହୁରି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେହିପରି କଳାକ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ଭାସ୍କର୍ଯ୍ୟଶିଳ୍ପୀ ସୁଦର୍ଶନ ସାହୁ ଏବଂ କଣ୍ଠଶିଳ୍ପୀ ତାନସେନ ସିଂଙ୍କୁ 'ଇଲା ବଂଶୀଧର ପଣ୍ଡା କଳା ସମ୍ମାନ ୨୦୨୪' ମିଳିବ। ପୁରସ୍କାର ବାବଦରେ ଉଭୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।

'ଶାରଳା ପୁରସ୍କାର' ଚୟନ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ଡ. ଭଗବାନ ଜୟସିଂହ, ପ୍ରଫେସର କାଳୀଦାସ ମିଶ୍ର, ଡ. ଗୌରହରି ଦାସ, ସଦାନନ୍ଦ ତ୍ରିପାଠୀ, ବୈଜୟନ୍ତୀ ମିଶ୍ର, ସଂଯୁକ୍ତା ମହାନ୍ତି ଏବଂ ତାପସ କୁମାର ସାମନ୍ତରାୟ ବିଚାରକ ଥିଲେ। ସେହିପରି 'ଇଲା ବଂଶୀଧର ପଣ୍ଡା କଳା ସମ୍ମାନ' ପାଇଁ ସଙ୍ଗୀତ ବିଭାଗରେ ସୁସ୍ମିତା ଦାସ, ରତିକାନ୍ତ ଶତପଥୀ, ଶରତ ନାୟକ ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକୀଲ, ସତ୍ୟଭୂଷଣ ହୋତା ଓ ବୀରେନ୍ଦ୍ର ପାଣି ବିଚାରକ ଥିଲେ ବୋଲି ଶୁକ୍ରବାର ଇମ୍ପାକ୍ଟ ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ


ସରୋଜିନୀ ସାହୁ

### ସୁଦର୍ଶନ ଓ ତାନସେନ୍‌ଙ୍କୁ 'ଇଲା ବଂଶୀଧର ପଣ୍ଡା କଳା ସମ୍ମାନ'


ସୁଦର୍ଶନ ସାହୁ


ତାନସେନ ସିଂ

# ଝାଡ଼ାବାନ୍ତିରେ ୩ ମୃତ, ୩୦ ଆକ୍ରାନ୍ତ

ବାରିପଦା,୨୦।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଡାକ୍ତରଖାନାରେ ଚିକିତ୍ସିତ ଆକ୍ରାନ୍ତମାନେ।

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଗୁଡ଼ିଆଲବନ୍ଧ ପଞ୍ଚାୟତ ଆଲବନ୍ଧ ଗ୍ରାମ ବାଥୁଡ଼ିସାହିରେ ଝାଡ଼ାବାନ୍ତିଜନିତ ରୋଗରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏହାବ୍ୟତୀତ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ଆଲବନ୍ଧ ଗ୍ରାମର ରାଜକିଶୋର ନାଏକ(୬୨), କରଞ୍ଜିଆ ଅଞ୍ଚଳର ନିଦ୍ରାବତୀ ନାଏକ(୫୦) ଓ ଅନ୍ୟ ଜଣେ ଚାଉଳିଆଶୋଳ ଗ୍ରାମର ନାବାଳକ। ଆକ୍ରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ପହଞ୍ଚି ଚିକିତ୍ସାସେବା ଯୋଗାଇଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ଶୁଦ୍ଧିକ୍ରିୟା ଭୋଜି ଖାଇବା ପାଇଁ ୧୭ ତାରିଖରେ ଗ୍ରାମର ଶତାଧିକ ଲୋକ ପହଞ୍ଚିଥିଲେ। ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ନିମନ୍ତେ ସେଠାରେ ପ୍ରସ୍ତୁତ ହୋଇଥିବା ମାଛ, ଭାତ, ଡାଲମା, ଖଟା ଆଦି ସମସ୍ତେ ଖାଇଥିଲେ। ଭୋଜି ଖାଇବାର ପରଦିନ ହଠାତ୍ କେତେଜଣଙ୍କର ପେଟଯନ୍ତ୍ରଣା ହେବା ସହ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହା ବ୍ୟାପିବାରୁ ଗ୍ରାମର ୪୦ରୁ ୫୦ଜଣ ଆକ୍ରାନ୍ତ ହୋଇଥିଲେ ବୋଲି ଚିକିତ୍ସିତ ହେଉଥିବା ଗ୍ରାମର ଧରଣୀଧର ନାଏକ, ସୁଜିତ କୁମାର ନାଏକ ଓ ହେମନ୍ତ ଶେଖର ନାଏକ କହିଛନ୍ତି। ଗୁରୁତରମାନଙ୍କୁ ପିଆର୍‌ଏମ୍ ମେଡିକାଲର ଝାଡ଼ାବାନ୍ତି ୱାର୍ଡରେ ଭର୍ତ୍ତିକରି ଚିକିତ୍ସା କରାଯାଉଛି। ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳା, ଜଣେ ବୃଦ୍ଧ ଓ ଜଣେ ୭ବର୍ଷର ଶିଶୁଙ୍କୁ ମିଶାଇ ମୋଟ ୩ଜଣଙ୍କର ମୃତ୍ୟୁ ଘଟିଛି। ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ମେଡିକାଲ ଟିମ୍ ପହଞ୍ଚି ଖାଦ୍ୟ ଓ ପାଣିର ନମୁନା ସଂଗ୍ରହକରି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମିଶ୍ରଙ୍କୁ ପଚାରିବାରୁ ଗ୍ରାମରେ ଥିବା ଖୋଲା କୂଅରୁ ପାଣି ନେଇ ଭୋଜି ପ୍ରସ୍ତୁତ ହୋଇଥିଲା। ଖାଦ୍ୟ ଯାଞ୍ଚ ଅଧିକାରୀ, ବଡ଼ସାହି ଡାକ୍ତରଖାନାର ଚିକିତ୍ସାଧିକାରୀଙ୍କ ସମେତ ତିନୋଟି ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ଯାଞ୍ଚ ଜାରି ରଖିଛନ୍ତି। ଜଳଉତ୍ସଗୁଡ଼ିକରୁ ଜଳ ନମୁନା ସଂଗ୍ରହକରି ଯାଞ୍ଚ ନିମନ୍ତେ ପଠାଯାଇଛି। ତେବେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଛି ଓ ନାବାଳକଙ୍କ ମୃତ୍ୟୁକୁ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ।

## ସୁଭଦ୍ରା ଟଙ୍କା ଉଠାଇବାକୁ ଆସୁଥିବା ମହିଳାଙ୍କ ମୃତ୍ୟୁ

ଅନୁଗୋଳ,୨୦।୯(ଜ୍ୟୋତିରଞ୍ଜନ ସାହୁ)

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଆସୁଥିବା ଅନୁଗୋଳ ଜିଲା ତାଳଚେର ଅଞ୍ଚଳର ଜଣେ ମହିଳାଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ତାଳଚେର ଗୋପାଳପ୍ରସାଦ ଥାନା କଳମଛୁଇଁ ଗ୍ରାମର ପ୍ରମୋଦ ବେହେରାଙ୍କ ସ୍ତ୍ରୀ ବୁଧେଇ ବେହେରା ପୂର୍ବାହ୍ନ ୧୧ଟାରେ ପୁଅଙ୍କ ସହିତ ମୋଟରସାଇକେଲରେ କଳମଛୁଇଁ ଗ୍ରାମ୍ୟ ବ୍ୟାଙ୍କକୁ ଆସୁଥିଲେ। ହେଲେ ବିପରିତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମୋଟରସାଇକେଲକୁ ଦେଖି ଦୁର୍ଘଟଣା ଭୟରେ ବୁଧେଇ ଗାଡ଼ିରୁ ଡେଇଁ ପଡ଼ିଥିଲେ। ରାସ୍ତା ଉପରେ କଚାଡ଼ି ହୋଇ ପଡିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିଲେ ୱାର୍ଡ ସଭ୍ୟ

ପାଲଲହଡ଼ା,୨୦।୯(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ରୋହିଲା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୱାର୍ଡ ସଭ୍ୟାସଭ୍ୟ। ସରପଞ୍ଚ ଦିବ୍ୟଲୋଚନ ନାଏକ ପଞ୍ଚାୟତରେ ବିଭିନ୍ନ ବେଆଇନ କାର୍ଯ୍ୟ କରୁଥିବା ଏବଂ ସରକାରୀ ଅର୍ଥ ତୋସାରପାତ କରୁଥିବା ଅଭିଯୋଗ କରି ପଞ୍ଚାୟତର ୧୫ ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ୧୦ ଜଣ ପାଲଲହଡ଼ା ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲାପାଳ ସୁଶାନ୍ତ କୁମାର ପତି ଅନାସ୍ଥା ପତ୍ର ଗ୍ରହଣ କରିଥିବାବେଳେ ଏହାକୁ ତର୍ଜମା କରାଯିବ ଏବଂ ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯାଇ ଆସ୍ଥା ଭୋଟ ତାରିଖ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ମାଈ ହାତୀ ମୃତ୍ୟୁ ଘଟଣା, ପୁଣି ଜଣେ ଗିରଫ

ମୋରଡ଼ା,(ସ୍ମାରକ ମାଜୀ)/
ବୈଶିଙ୍ଗା(ରତନ ଦାଶ)୨୦।୯

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଜାମଶୁଳି ଗ୍ରାମରେ ଗତ ୧୨ ତାରିଖରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଧାନ କ୍ଷେତର ସୁରକ୍ଷା ପାଇଁ ବିଦ୍ୟୁତ୍ ତାର ବିଛା ଯାଇଥିବା କାରଣରୁ ଉକ୍ତ ହାତୀର ମୃତ୍ୟୁ ଘଟିଥିବା ବେତନଟୀ ରେଞ୍ଜର ମନୱାର ଖାଁ ଏବଂ ଫରେଷ୍ଟର ଦୀପକ କୁମାର ପାତ୍ର ତଦନ୍ତ ପରେ ଜାଣିବାକୁ ପାଇଥିଲେ। ଏହି ଘଟଣାରେ ବନ ବିଭାଗ ପୂର୍ବରୁ ଉକ୍ତ ଗ୍ରାମର ସୁରେନ୍ଦ୍ର ହେମ୍ବ୍ରମ, ଦୁଖିଆ ମୁର୍ମୁ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ଭାଗିରଥି ହେମ୍ବ୍ରମଙ୍କୁ କୋର୍ଟ ଚାଲାଣ କରିଛି।

# ବିଭାଗୀୟ ଅଧିକାରୀ ପିସି ମାଗୁଥିବା ସ୍ତ୍ରୀ ପ୍ରିୟଙ୍କାଙ୍କ ଅଭିଯୋଗ

### ଫରେଷ୍ଟର ଆତ୍ମହତ୍ୟା ମାମଲା

## ସଞ୍ଜୟଙ୍କ ପରିବାରକୁ ଭେଟି ତଦନ୍ତ ପ୍ରତିଶ୍ରୁତି ଦେଲେ ଜଙ୍ଗଲ ପରିବେଶ ମନ୍ତ୍ରୀ

ରାୟଗଡ଼ା,୨୦।୯(ଆଶିଷ ରଞ୍ଜନ ପଣ୍ଡା)


ସଞ୍ଜୟଙ୍କ ପରିବାର ଲୋକଙ୍କଠାରୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ଦୀର୍ଘ ୧୨ ବର୍ଷ ବନ ବିଭାଗ ସିଲ୍‌ଭିକଲଚର ଡିଭିଜନରେ କାର୍ଯ୍ୟରତ ଥିଲେ ରାୟଗଡ଼ା ସହର ଗୁଣ୍ଡିସାହିର ଲବଣୀ ନାୟକଙ୍କ ସାନ ପୁଅ ସଞ୍ଜୟ ନାୟକ। ବିଭାଗୀୟ ଅଧିକାରୀଙ୍କୁ ୫୦ ପ୍ରତିଶତ ପିସି ଦେଇ ନ ପାରି ମାନସିକ ଭାରସାମ୍ୟ ହରାଇ ଗତ ୧୮ ତାରିଖରେ କଳାହାଣ୍ଡି ଜିଲା ଭବାନୀପାଟଣାରେ କାର୍ଯ୍ୟରତ ଥିବା ବେଳେ ସରକାରୀ ବାସଭବନରେ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ପ୍ରିୟଙ୍କା ସୁବୁଦ୍ଧି ଶୁକ୍ରବାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାୟଗଡ଼ା ଗସ୍ତରେ ଯାଇଥିବା ବେଳେ ଶୁକ୍ରବାର ସଞ୍ଜୟଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରିୟଙ୍କା ତାଙ୍କର ଥଇଥାନ ଓ ସ୍ୱାମୀଙ୍କ କାମର ବକେୟା ଟଙ୍କା, ଅନ୍ୟ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ମଧ୍ୟ ସଞ୍ଜୟଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଘଟଣାର ନିରପେକ୍ଷ ତଦନ୍ତକରି ନ୍ୟାୟ ପାଇଁ ଦାବି କରିଛନ୍ତି।

ସଞ୍ଜୟ ୨୦୧୨ରେ ବନ ବିଭାଗ ସିଲ୍‌ଭିକଲ୍‌ଚରରେ ଚାକିରି ପାଇଥିଲେ। ପ୍ରଥମେ ରାୟଗଡ଼ା, ପରେ କୋରାପୁଟ ଏବଂ ୨୦୨୦ରୁ ଭବାନୀପାଟଣାରେ ନିୟୋଜିତ ଥିଲେ। ହେଲେ ରାୟଗଡ଼ା ସିଲ୍‌ଭିକଲ୍‌ଚର ଡିଭିଜନ ମୁଖ୍ୟ ଦେବେନ୍ଦ୍ର ବେହେରାଙ୍କୁ ପିସି ବା କମିଶନ ଦେଇ ନ ପାରିବାରୁ ମାନସିକ ଚାପରେ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା ପୂର୍ବରୁ ଏକ ସୁଇସାଇଡ୍ ନୋଟ୍ ଛାଡ଼ିଯାଇଛନ୍ତି, ଯେଉଁଥିରେ ବିଭାଗୀୟ ଅଧିକାରୀ ଦେବେନ୍ଦ୍ରଙ୍କୁ ପିସି ଦେଇ ନ ପାରିବାରୁ ଆତ୍ମହତ୍ୟା କରିଥିବା ସେ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ପ୍ରିୟଙ୍କାଙ୍କ ସହ ଆଲୋଚନା କରିବା ସମୟରେ ତାଙ୍କୁ ସଞ୍ଜୟ ବିଭିନ୍ନ ସମୟରେ ଅଧିକାରୀ ଦେବେନ୍ଦ୍ର ଗତ ୩ବର୍ଷ ମଧ୍ୟରେ ମାନସିକ ନିର୍ଯାତନା ଦେଉଥିବା, ୫୦ ପ୍ରତିଶତ ପିସି ମାଗିବା, ପିସି ନ ଦେଲେ ବିଲ୍ ବନ୍ଦ ଆଦି ବିଷୟରେ ସୂଚନା ଦେଇଥିଲେ। ପ୍ରିୟଙ୍କାଙ୍କ କହିବାନୁସାରେ, ନର୍ସରିରେ ଚାରା ଉତ୍ପନ୍ନ ପାଇଁ ମାଟି ଅଙ୍କୁରଣ, ବେଡ୍ ପ୍ରସ୍ତୁତି, ବିଭିନ୍ନ କିସମର ମଞ୍ଜି ବୁଣିବା, ପଲିଥିନ୍ ପ୍ୟାକିଂ, କାର୍ଯ୍ୟାଳୟ ପକ୍ଷରୁ ଚାରା ବଣ୍ଟନ ଓ ସାର ଆଦି ସଞ୍ଜୟ ବାହାରୁ କିଣିଥାନ୍ତି। ଏଥିପାଇଁ ଆବଶ୍ୟକ ମଜୁରିଆଙ୍କୁ ମଧ୍ୟ ଯୋଗାଡ଼କରି କାମରେ ଲଗାଇଥାନ୍ତି। ଏସବୁ ସରିବା ପରେ ତା'ର ମଷ୍ଟରରୋଲ ଓ ବିଲ୍ ପ୍ରସ୍ତୁତି କରି ଦେବେନ୍ଦ୍ରଙ୍କୁ ହସ୍ତାନ୍ତର କରିଥାନ୍ତି। ଅଧିକାରୀ ଉକ୍ତ ବିଲ୍ ଅନୁମୋଦନ ପରେ ବିଭାଗରୁ ଟଙ୍କା ମିଳିଲେ ତା'ର ହିସାବ କରିଥାନ୍ତି ସଞ୍ଜୟ। ତେବେ ଏହି ବିଲ୍ ଅନୁମୋଦନ ବେଳେ ଏହାର ୫୦ ପ୍ରତିଶତ ପିସି ବାବଦରେ ଦେବେନ୍ଦ୍ର ମାଗୁଥିବା ସଞ୍ଜୟ ପ୍ରିୟଙ୍କାଙ୍କୁ କହିଥିଲେ।

ପ୍ରକାଶ ଯେ, ଗତ ୧୮ରେ କଳାହାଣ୍ଡି ଜିଲାର ଭବାନୀପାଟଣାରୁ ସଞ୍ଜୟଙ୍କ ପରିବାରକୁ ସୂଚନା ଆସିଥିଲା ସେ ଆତ୍ମହତ୍ୟା କରିଛନ୍ତି। ଏହି ଖବର ପାଇ ଭବାନୀପାଟଣା ଯାଇଥିଲେ ବଡ଼ଭାଇ ରବି। ସେଠାରେ ପୋଲିସକୁ ଘଟଣା ବିଷୟରେ ପଚାରିଥିଲେ। କଳାହାଣ୍ଡି ଏସ୍‌ପିଙ୍କ ସମ୍ମୁଖରେ ରବି ସାନଭାଇ ଲେଖିଯାଇଥିବା ସୁଇସାଇଡ୍ ନୋଟ୍ ପଢ଼ିଥିଲେ। ଉକ୍ତ ନୋଟ୍‌ରେ ରାୟଗଡ଼ା ସିଲ୍‌ଭିକଲ୍‌ଚର ଡିଭିଜନର ସିଲ୍‌ଭିକଲ୍‌ଚରିଷ୍ଟ ତଥା ବନଖଣ୍ଡ ଅଧିକାରୀ ଦେବେନ୍ଦ୍ର ନର୍ସରି କାର୍ଯ୍ୟ ଖର୍ଚ୍ଚ ବିଲ୍ ଅନୁମୋଦନ ପାଇଁ ୫୦ ପ୍ରତିଶତ ପିସି ମାଗୁଥିଲେ। ଗତ ଦିନରେ ୭ ଲକ୍ଷ, ଏସି, ଫ୍ୟାନ୍, ମନ୍ଦିର ପାଇଁ ଚାନ୍ଦା, ବୋର୍‌ୱେଲ ଖନନ ଆଦି ପିସି ବାବଦରେ ଦେବାକୁ ଦେବେନ୍ଦ୍ର ବାରମ୍ବାର ସଞ୍ଜୟଙ୍କୁ କହୁଥିଲେ। ତାହା ନ ଦେଲେ ପଦୋନ୍ନତି ବନ୍ଦ ସହ ମାନସିକ ନିର୍ଯାତନା ଦେଉଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ରହିଥିବା ରବି ସୂଚନା ଦେଇଥିଲେ। ସେହି ସମାନ ଅଭିଯୋଗ ରଖିଛନ୍ତି ପ୍ରିୟଙ୍କା।

## ଭାଇ ମୃତ୍ୟୁର ନ୍ୟାୟ ମାଗୁଛି

ଭବାନୀପାଟଣା,୨୦।୯
(ଉତ୍ତମ କୁମାର ଦାଶ)


ରବି ନାରାୟଣ ନାୟକ

ମୃତ ଫରେଷ୍ଟର ସଞ୍ଜୟ ନାୟକଙ୍କ ଭାଇ ରବି ନାରାୟଣ ନାୟକ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, ଭାଇ ମୃତ୍ୟୁର କାରଣ ଆତ୍ମହତ୍ୟା ନୁହେଁ, ବରଂ ଏକ ଯୋଜନାବଦ୍ଧ ହତ୍ୟା। ରାୟଗଡା ଡିଏଫ୍‌ଓ ଦେବେନ୍ଦ୍ର କୁମାର ବେହେରା ତାଙ୍କୁ ନିର୍ଯାତନା ଦେଇଛନ୍ତି। ଗତ ୧୦ ମାସ ହେବ ଡିଏଫ୍‌ଓ ବେହେରା ନିର୍ଯାତନା ଦେଇଆସୁଥିବା ଭାଇ ପକେଟରୁ ମିଳିଥିବା ସୁଇସାଇଡ୍ ନୋଟରେ ଉଲ୍ଲେଖ ରହିଛି। ସମାଜରେ ତାଙ୍କର ନିର୍ମଳ ଭାବମୂର୍ତ୍ତି ହେତୁ ସେ ଏ କଥାକୁ କାହାସହ ବାଣ୍ଟି ନ ଥିଲେ। ଶେଷରେ ସେ ମୃତ୍ୟୁ ପଥ ବାଛିଥିଲେ। ତାଙ୍କ ମୃତ୍ୟୁର ନ୍ୟାୟ ମାଗୁଛି ବୋଲି ରବି ନାରାୟଣ ଭିଡିଓ ପୋଷ୍ଟ କରିଛନ୍ତି।

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଲିଟେରାରି ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭରତପୁର ଥାନାରେ ସେନା ଅଧିକାରୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ରାଜ୍ୟ ନାଗରିକ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପତ୍ରକାର ସଂଘର ପଞ୍ଚଦଶତମ ପ୍ରତିଷ୍ଠା ଦିବସ ଓ ରାଜ୍ୟ କାର୍ଯ୍ୟକାରିଣୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଷ୍ଟ୍ରୀୟ ପୋଷଣ ମାସ, ସ୍ଥାନ: ମଧୁର ମୟୀ ଆଦର୍ଶ ଶିକ୍ଷାନିକେତନ, ଲକ୍ଷ୍ମୀସାଗର, ସମୟ: ଅପରାହ୍ନ ୧ଟା।
- ‘କନ୍ୟା ଅନମୋଲ ହେଁ’ ର ପ୍ରତିଷ୍ଠା ଦିବସ ଓ ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ହୋଟେଲ କେଶରୀ, ରେଲୱେ ଷ୍ଟେଶନ ପାଖ, ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୩ଟା।
- ଏମ୍‌ସ ଭୁବନେଶ୍ୱରର ୧୨ତମ ବାର୍ଷିକ ଉତ୍ସବ, ସ୍ଥାନ: ଏମ୍‌ସ ପରିସର, ସମୟ: ଅପରାହ୍ନ ୩ଟା।
- ସ୍ମୃତି ସାନ୍ତ୍ୱନାର ୧୪ତମ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୧୫।
- ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ୧୨ତମ ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୦ତମ ସଙ୍ଗମ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଭିଯୋଗ ଶୁଣାଣି, ସ୍ଥାନ- କଟକ ସର୍କିଟ ହାଉସ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳା ଓ ସମାବେଶ, ସ୍ଥାନ: କଟକ ବିଜୁ ପଟ୍ଟନାୟକ ଛକ ନିକଟ ଖ୍ରୀଷ୍ଟିଆନ୍ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୨ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସ୍ୱଚ୍ଛ ସାଗର ଅଭିଯାନ ଅବସରରେ ବେଳାଭୂମି ସଫେଇ, ସ୍ଥାନ: ପୁରୀ ହୋଟେଲ ସମ୍ମୁଖ ବେଳାଭୂମି, ସମୟ: ସକାଳ ୭ଟା।
- ସ୍ପନ୍ଦନ ପକ୍ଷରୁ ବେଳାଭୂମି ସଫେଇ, ସ୍ଥାନ: ପେଣ୍ଟକଟା ବେଳାଭୂମି, ସମୟ: ସକାଳ ୭ଟା ୩୦।
- ସ୍ପନ୍ଦନ ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ଅବସରରେ ଚାରାରୋପଣ, ସ୍ଥାନ: ଖଡ଼ିପଦା ଶାନ୍ତି ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଶାନ୍ତି ଉପଲକ୍ଷେ ମାନବ ଶୃଙ୍ଖଳ ଓ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ଭଗବତୀ ବିଦ୍ୟା ନିକେତନ, ଅଠରନଳା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀ ବ୍ଲକ ମହିଳା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ‘ବେଟି ବଚାଓ ବେଟି ପଢ଼ାଓ’ କାର୍ଯ୍ୟକ୍ରମ, ସ୍ଥାନ: ବୀରଗୋବିନ୍ଦପୁର ଅଙ୍ଗନୱାଡ଼ି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସକାରାତ୍ମକ ଶାନ୍ତି ସମ୍ମିଳନୀ, ସ୍ଥାନ: ହୋଟେଲ ହଲିଡେ ରିସୋର୍ଟ,ପୁରୀ,ସମୟ: ପୂର୍ବାହ୍ନ ୧୧ଟା।

- ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦ ବୈଠକ, ସ୍ଥାନ: ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ଆନ୍ତଃଜିଲା ସିନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଖୋର୍ଦ୍ଧା ଜିଲା ଦଳ ଚୟନ ଶିବିର, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳା, ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁ ପକ୍ଷରୁ ଆନ୍ତର୍ଜାତିକ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ସକାଳ ୬ଟା ୩୦ରୁ ୮ଟା ୩୦।

## ଭଦ୍ରକ

- ପିସି କାରବାର ବିରୋଧରେ ଗଣଧାରଣା, ସ୍ଥାନ: ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନସମାବେଶ ଓ ବିକାଶ ମେଳା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶ୍ରୀ ହନୁମାନଙ୍କ ପୂଜା, ଯଜ୍ଞ, ଭଜନ କୀର୍ତ୍ତନ, ସ୍ଥାନ: ଡଅଁର, ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୭ ଟା।
- ଶନି ମନ୍ଦିରରେ ମାନସିକ ମେଳା, ପୂଜା, ହୋମ, ନାମ ସଂକୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ହାଟଡିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବ୍ଲକସ୍ତରୀୟ ଖେଳକୁଦ ଓ କ୍ରିକେଟ ପ୍ରତିଯୋଗିତା,ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର ଲୋଗୋ ଉନ୍ମୋଚନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତୋଷ ବିଶେଷର ଲୋକାର୍ପଣ, ସ୍ଥାନ: ମାର୍କେଟସାହି, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ସିପିଏମ୍ ପକ୍ଷରୁ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର ଆର୍‌ଏମସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, ଛତ୍ରପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ:ବୁଗୁଡ଼ା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ସଚେତନତା ବୈଠକ , ସ୍ଥାନ: ଛତ୍ରପୁର ବ୍ଲକ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୩ଟା ୩୦।

## କନ୍ଧମାଳ

- ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟିର ତାଲିମ ଶିବିର, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆନ୍ତର୍ଜାତିକ ତଟ ସଫେଇ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ନୂଆବଜାର ପାରାଦୀପ, ସମୟ: ସକାଳ ୭ଟା।
- କୋଷ୍ଟଗାର୍ଡ ପକ୍ଷରୁ ଆନ୍ତର୍ଜାତିକ ତଟ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସମୁଦ୍ର ବେଳାଭୂମି, ପାରାଦୀପ, ସମୟ: ସକାଳ ୮ଟା।
- ଜବହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଡମ୍ଫର ସଂଘ ପକ୍ଷରୁ ବିଶ୍ୱକର୍ମା ମଣ୍ଡପ ପାଖରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା

- ମା’ ପାଇଁ ଗଛଟିଏ, ସ୍ଥାନ: କାକଟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଳିମି, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳର ୮ମ ଆରପିଡିଏସି ବୈଠକ, ସ୍ଥାନ : ଯାଜପୁର ରୋଡ ସେଲିବ୍ରେସନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗଡ଼ମଧୁପୁର କାଇଞ୍ଜ କୁଞ୍ଜରେ କାରିଗରମାନଙ୍କ ସାଧାରଣ ସୁବିଧାକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଗଡ଼ମଧୁପୁର କାଇଞ୍ଜ କୁଞ୍ଜ, ସମୟ: ସନ୍ଧ୍ୟା: ୬ଟା।

## ନୟାଗଡ଼

- ଜିଲା ପରିଷଦର ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାର ୨ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- କମ୍ରେଡ଼ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନୟାଗଡ଼ କେସି କ୍ଲବ, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା

- ଜିଲାସ୍ତରୀୟ ବିକାଶ ମେଳାର ୨ୟ ଦିନ, ସ୍ଥାନ: ରେଲୱେ ଖେଳ ପଡିଆ, ରାୟଗଡା,ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ

- ରାଜ୍ୟସରକାରଙ୍କ ୧୦୦ ଦିନ ପୂର୍ତ୍ତି ନେଇ ୩ ଦିନିଆ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ପୋଲିସ ପଡିଆ, କୋରାପୁଟ,ସମୟ : ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ନାଗରିକ ପରିଷଦ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୭ଟା।
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୭ଟା।
- ମହାନଗର ନିଗମ ପକ୍ଷରୁ ୨୬ ନମ୍ବର ୱାର୍ଡର ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଫାଟକସ୍ଥିତ ବ୍ରିଜ ଧାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ବିକାଶ ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମନ୍ଦଲିଆ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଲୋଇସିଂହା ବିଦ୍ୟୁତ୍ ସମସ୍ୟା ସମାଧାନସମ୍ବନ୍ଧୀୟ ଜିଆରଏଫ କ୍ୟାମ୍ପ, ସ୍ଥାନ:ଲୋଇସିଂହା ବିଦ୍ୟୁତ୍ ଏସଡ଼ିଓଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ଷ୍ଟେଟ୍ ଲେଭେଲ ଆଡଲ୍ଟ ବିସିଜି ଭେକ୍‌ସିନେଶନ୍ କେମ୍ପେନ୍, ସ୍ଥାନ: ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କନ୍ଧପାଲିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୨୦ ।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ଓମଫେଡ୍ ଡାଏରୀର ଉଦ୍‌ଘାଟନ ଉତ୍ସବ, ସ୍ଥାନ: କଳାପଥର ସ୍ଥିତ ଓମଫେଡ୍ ପ୍ଲାଣ୍ଟ ପରିସର, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଡାକ୍ତର ନିଯୁକ୍ତି ଦାବିରେ ଅନଶନ, ସ୍ଥାନ: ସରକାରୀ ଡାକ୍ତରଖାନା ସମ୍ମୁଖ, ଝାରବନ୍ଧ, ସମୟ: ସକାଳ ୯ଟା।
- ଜାରିଂ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ପୂର୍ଣ୍ଣା, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଲୁମିନି ଆସୋସିଏଶନର ସାଧାରଣ ସଭା, ସ୍ଥାନ: ଅତାବିରା କଲେଜ, ଅତାବିରା, ସମୟ: ଅପରାହ୍ନ ୨ଟା।
- ଜାତୀୟ ସେମିନାର, ସ୍ଥାନ: ସମ୍ମିଳନୀ କକ୍ଷ, ଅଞ୍ଚଳ କଲେଜ, ପଦ୍ମପୁର, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନିମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବୀମା କର୍ମଚାରୀଙ୍କ ଖୋଲା ଅଧିବେଶନ, ସ୍ଥାନ: ସହରସ୍ଥିତ ମେଗଦୁତ ହୋଟେଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ପାଇଁ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଶିବଶକ୍ତି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ଏକତା କ୍ଲବ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତ ଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଡାକ୍ତରଖାନା, ସମୟ: ସକାଳ ୯ଟା୩୦।

## ରାଉରକେଲା

- ମୋଦୀଙ୍କ ଜନ୍ମଦିବସ ଉପଲକ୍ଷେ ମାରାଥନ, ସ୍ଥାନ: ଆମ୍ବାଗନ ଛକ, ସମୟ: ସକାଳ ୭ଟା ୩୦।
- ଫାଇନାନ୍ସ ଇନ୍‌ଫ୍ଲୁଏନ୍ସର ନେହା ନାଗରଙ୍କ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ବିବିଏ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଆରଆରଆରସି ପକ୍ଷରୁ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବିତରଣ, ସ୍ଥାନ: କଳିଙ୍ଗ ବିହାର ସାଂସ୍କୃତିକ ଭବନ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଲାଲ୍ ବିଲ୍‌ଡିଂ ଏରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡେଙ୍ଗୁ ସମସ୍ୟା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ ଗିରିଜାଟୋଲି ବସ୍ତିବାସୀ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ପାନପୋଷ ଭାଜପା ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆର୍‌ଜିଏଚ୍, ସମୟ: ପୂର୍ବାହ୍ନ ୧୧ଟା।
- ଚ୍ୟାମ୍ବର ଅଫ୍ କମର୍ସର ସ୍ଥାପନା ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବୀର ବାଜି ରାଉତ ଫୁଟବଲ କ୍ଲବ ଗୋଇଲୋ ଆନୁକୂଲ୍ୟରେ ୨ଦିନିଆ ବୀର ବାଜି ରାଉତ ଫୁଟବଲ କପ ଟୁର୍ନାମେଣ୍ଟ, ସ୍ଥାନ: ତିଳେଇବଣି ବ୍ଲକ ଗୋଇଲ ଖେଳ ପଡିଆ, ସମୟ: ସକାଳ ୯ଟା।
- ଭାଜପା ସଦସ୍ୟତା ଅଭିଯାନ, ସ୍ଥାନ: ଭାଜପା ପାର୍ଟି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ହିଁ ସେବା ଅନ୍ତର୍ଗତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦନାର୍ଦନପାଲି ଗ୍ରାମପଞ୍ଚାୟତ ଛେପଲିପାଲି, ତିଳେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ‘ନିପୁନ ଓଡିଶା’ ମିଶନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଦେବଗଡ଼ ଜିଲା ସୂଚନା ଶିକ୍ଷା ସଞ୍ଚାର କାର୍ଯ୍ୟକ୍ରମ ଓ ବିକାଶ ମେଳା-୨୦୨୪ର ଦ୍ୱିତୀୟ ଦିବସ, ସ୍ଥାନ: ପ୍ରଧାନପାଟ, ବଡବଗିଚା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା-୨୦୨୪ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ, ବଡବଗିଚା, ସମୟ: ସନ୍ଧ୍ୟା ୬ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କେସିଙ୍ଗା ଏନ୍‌ଏସି ପକ୍ଷରୁ ବୃକ୍ଷ ରୋପଣ, ସ୍ଥାନ: ତେଲନଦୀ ପମ୍ପହାଉସ ପରିସର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ନର୍ଲା ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ମନର ସ୍ଥିତିକୁ ଦୋଦୁଲ୍ୟମାନ ଅବସ୍ଥାରେ ରଖିପାରେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ ମାତ୍ର କାମ ମଧ୍ୟ ଅଟକିବ ନାହିଁ। ସାହିତ୍ୟ ଚର୍ଚ୍ଚା, ଅଧ୍ୟାପନା, ପ୍ରକାଶନ, ପ୍ରଶାସନିକ ସେବା, କ୍ରୀଡା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଶନିଙ୍କ ଶୁଭସଂସ୍ଥାନ ଆପଣଙ୍କୁ ପ୍ରତ୍ୟେକ କାମରେ ନିୟନ୍ତ୍ରଣ ମଧ୍ୟରେ ରଖିବ। ବୁଧାଦିତ୍ୟ ଯୋଗ ପ୍ରଭାବରେ କାର୍ଯ୍ୟ ହାସଲ ସହ ଅର୍ଥଲାଭ ପାଇଁ ବାଧକ ନ ହୋଇପାରେ। କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ର ସମସ୍ୟାବହୁଳ ହେବ। ସ୍ୱାସ୍ଥ୍ୟ ପ୍ରତି ସଚେତନ ନ ହେଲେ ପଶ୍ଚାତେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ମିଥୁନ** ରାଶ୍ୟାଧିପ ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଆପଣଙ୍କ ଦ୍ୱାରା ଉପକୃତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟ ସାଧିତ ହେବ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନିରର୍ଥକ ହେବନାହିଁ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧହେବେ।

**କର୍କଟ** କର୍ମଭାବସ୍ଥ ଚନ୍ଦ୍ର ହେତୁ ଆନୁଷ୍ଠାନିକ କାମରେ ନିଜର ଦକ୍ଷତା ପ୍ରମାଣିତ କରି ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ। ସମସ୍ୟା ମଧ୍ୟରେ ବ୍ୟବସାୟରେ ସଫଳତା ହାସଲ କରିବାର ଆଶା ରହିଛି। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣି ପାରନ୍ତି।

**ସିଂହ** କର୍ମସ୍ଥାନରେ ବୃହସ୍ପତିଙ୍କ ଅବସ୍ଥାନ ପାରିବାରିକ ଜୀବନକୁ ଋଦ୍ଧିମନ୍ତ କରିବ। ଆଜି ଯାହା ଆଶା କରୁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। ସକାଳୁ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ତଥାପି ସାମୟିକ ଭାବରେ ସନ୍ଦେହକୁ କେନ୍ଦ୍ରକରି ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି।

**କନ୍ୟା** ବ୍ୟୟାଧିପତିଙ୍କ ପ୍ରଭାବରୁ ଖର୍ଚ୍ଚ ବୃଦ୍ଧିଜନିତ ସାମୟିକ ମାନସିକ ଅସ୍ଥିରତା ଦେଖାଦେବ। ଆଜି ଜଣେ ବନ୍ଧୁ ଆପଣଙ୍କ ଉପରେ ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଅଭିଳାଷ ପୂରଣ ଦିଗରେ ଚେଷ୍ଟିତ ହେବେ। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଅଶାନ୍ତ ରହିବାକୁ ପଡ଼ିପାରେ।

**ତୁଳା** ସମୟର ପ୍ରତିକୂଳତାଜନିତ ଆପଣଙ୍କ କାର୍ଯ୍ୟହାନି ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତା ବୃଦ୍ଧି କରିବ। ଦିନ ମଧ୍ୟରେ ଯେତେ ସାବଧାନତା ଅବଲମ୍ବନ କଲେ ମଧ୍ୟ କାମ ଶୃଙ୍ଖଳିତ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ଦୂରେଇଯିବ ଏବଂ ଲାଭାନ୍ୱିତ ହେବେ। କର୍ମକ୍ଷେତ୍ରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା** ଗୁରୁଙ୍କ କୃପା ଦୃଷ୍ଟିରୁ ଆପଣଙ୍କ କୃତି ଓ କୃତିତ୍ୱଜନିତ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। କୌଣସି ମତ ଓ ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଜମିଜମାର ସମସ୍ୟା ବଢ଼ିଯାଇପାରେ। ଶିଳ୍ପ, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂରହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** ଅତୀତ ଘଟଣାକୁ ସ୍ମରଣ କରି ଆଜି ଜମା ଶାନ୍ତିରେ ଶୋଇପାରିବେନି। ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପ୍ରିୟଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରନ୍ତି।

**ମକର** ସପ୍ତମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ଅନୁରାଗ, ବ୍ୟବସାୟରେ ସଫଳତା, ଯାତ୍ରାରେ ଆଶା ପୂରଣ ହେତୁ ଖୁସି ରହିବେ। ସାମାଜିକ ସ୍ତରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ସମସ୍ୟା ବିଜଡିତ ରହିଲେ ମଧ୍ୟ ପ୍ରତ୍ୟେକ କାମକୁ ଯଥାବିଧି ସମ୍ପନ୍ନ କରିବାରେ ପଶ୍ଚାଦ୍‌ପଦ୍ ହେବେ ନାହିଁ। ସ୍ୱଗୃହୀ ରାଶ୍ୟାଧିପତିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କାମକରିବା ଜନିତ ଆଜି ଦିନଟି ଅର୍ଥବ୍ୟୟର ସମୟ ଅଟେ।

**ମୀନ** ଆଜିର ଯାତ୍ରା ସମୟରେ ଜଣେ ବାଲ୍ୟବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହି ଯାଇପାରେ। ତୃତୀୟସ୍ଥ ବୃହସ୍ପତି ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବା ହେତୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନେବା ଭଲହେବ।

ଆଜି ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ଆଶ୍ୱିନ କୃଷ୍ଣ ଚତୁର୍ଥୀ, ଶନିବାର, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଥୀର ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ୦୭।୧୫ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୮।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## କମିଶନର କହିଥିଲେ ...

ଉଦ୍‌ଘାଟନ ଦିନ ସେଠାରେ ଅତ୍ୟାଧୁନିକ କ୍ୟାମେରା ଲଗାଯାଇଥିବା କଥା ଗଣମାଧ୍ୟମ ଆଗରେ କହିଥିଲେ। ହେଲେ ଏବେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା ତଦନ୍ତ କରିବା ସମୟରେ ଥାନାରେ କ୍ୟାମେରା ନାହିଁ ବୋଲି କହିଛନ୍ତି। ଏପରି କି ଡିସିପି ପ୍ରତୀକ ସିଂଙ୍କୁ ଥାନାରେ କ୍ୟାମେରା ଥିଲା କି ନାହିଁ ବୋଲି ଧରିତ୍ରୀ ପକ୍ଷରୁ ଗତ ୧୭ ତାରିଖରେ ପଚରାଯାଇଥିଲାବେଳେ ସେ ମଧ୍ୟ ଏକଥାରେ ଭୁଲ୍ ତଥ୍ୟ ଦେଇଥିବା ଜଣାପଡ଼ିଛି। ଥାନାରେ କ୍ୟାମେରା ଲାଗି ନ ଥିବାରୁ ଚିଠି ଲେଖାଯାଇଥିଲା ବୋଲି ଡିସିପି କହିଥିଲେ। ତେବେ କ୍ୟାମେରାକୁ ନେଇ ଏତେ ପ୍ରକାର କଥା ଉଚ୍ଚସ୍ତରୀୟ ପୋଲିସ ଅଧିକାରୀମାନଙ୍କ ମୁହଁରୁ ଆସିବା ବିଷୟ ସମସ୍ତଙ୍କ ଚିନ୍ତା ବଢ଼ାଇବା ସ୍ୱାଭାବିକ।

ସେପ୍ଟେମ୍ବର ୧୪ ବିଳମ୍ବିତ ରାତିରେ ଭରତପୁର ଥାନାରେ ଘଟିଥିବା ଏହି ଘଟଣାରେ ପୋଲିସର ଭୁଲ୍ ଲୁଚାଇବା ଲାଗି ନାନା ଉଦ୍ୟମ କରାଯାଉଛି। ଗୁରୁଭକ୍ତ ଏବଂ ତାଙ୍କ ବାନ୍ଧବୀଙ୍କୁ ରାସ୍ତାରେ ଅଟକାଇ ଧକ୍କା ମାରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୭ ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଟିମ୍ ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୨ ଥର ଭରତପୁର ଥାନାକୁ ଆସି ତଦନ୍ତ କରିଛନ୍ତି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଏବଂ ଅନ୍ୟ ୪ କର୍ମଚାରୀଙ୍କ ବିରୋଧରେ ଦୁଇଟି ଆପରାଧିକ ମାମଲା ରୁଜୁ କରାଯାଇଛି। ହେଲେ କେଉଁସବୁ ମାମଲା ରୁଜୁ ହୋଇଛି, ସେନେଇ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ପଚରାଯିବା ସମୟରେ, ସେ ବିସ୍ତୃତ ତଥ୍ୟ ଦେଇନାହାନ୍ତି। କିଛି ସମୟ ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଲିଖିତ ପ୍ରେସ୍ ବିଜ୍ଞପ୍ତି ଦିଆଯିବ ବୋଲି ପ୍ରଥମେ କହିଥିବାବେଳେ ପରବର୍ତ୍ତୀ ସମୟରେ ତାହା ଶନିବାର ମିଳିବ ବୋଲି କହିଛନ୍ତି। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଯାହା କରୁଛି, ସେକଥାକୁ ସ୍ପଷ୍ଟ ଭାବେ ଆଗକୁ ଆଣୁ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି।

ଅନ୍ୟପକ୍ଷରେ ରାଜ୍ୟ ମହିଳା କମିଶନ ଏହି ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ମାମଲାକୁ ନିଜ ଆଡୁ ଗ୍ରହଣ କରି ତଦନ୍ତ କରୁଛୁ। ଭରତପୁର ଥାନାରେ ଯାହାସବୁ ଡକ୍ୟୁମେଣ୍ଟ ରହିଛି ତାହାକୁ ଗ୍ରହଣ କରିଛୁ। ଯେହେତୁ କ୍ରାଇମବ୍ରାଞ୍ଚ ଅନେକ ଡକ୍ୟୁମେଣ୍ଟ ସାଙ୍ଗରେ ନେଇଯାଇଛି, ସେଥିଲାଗି ପୀଡ଼ିତାଙ୍କ ଘରକୁ ଯାଇ ସେମାନଙ୍କ ସହିତ ଆଲୋଚନା କରାଯିବ। ଏହାପରେ କ୍ରାଇମବ୍ରାଞ୍ଚ ଅଫିସ ଯାଇ ସେଠାରେ ମଧ୍ୟ ଆଲୋଚନା କରାଯିବ। ଏହାପରେ କମିଶନ ପକ୍ଷରୁ ଏକ କମିଟି ଗଠନ କରି ଅଧିକ ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ତାହା ସରକାରଙ୍କୁ ଦେବା ସହ ଡିଜିପିଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ ବୋଲି ବେହେରା କହିଛନ୍ତି। ସେହିପରି ସେନା ପକ୍ଷରୁ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ସେନାର ବରିଷ୍ଠ ଅଧିକାରୀ ତଥା ସେଣ୍ଟ୍ରାଲ ଇଣ୍ଡିଆର କମାଣ୍ଡିଂ ଜେନେରାଲ ଅଫିସର ଲ୍ୟୁଟ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କୁ ଚିଠି ଲେଖି ମାମଲାରେ ନିଜ ଆଡୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଥାନାରେ ସିସିଟିଭି ଲାଗି ନ ଥିବା ଓ ଜଣେ ସେନା ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କ ଉପରେ ଅମାନବୀୟ ଅତ୍ୟାଚାର କରାଯିବା ଘଟଣାରେ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ସମସ୍ତ ଘଟଣାକ୍ରମ ଉପରେ ନଜର ପକାଇଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଓଡ଼ିଶା ପୋଲିସର ଏକ ଖରାପ ଚିତ୍ର ଏବେ ଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚି ସାରିଥିବା ବେଳେ ଅମାନବୀୟ କାର୍ଯ୍ୟ ଘଟାଇଥିବା ଆଇଆଇସି ଏବଂ ଅନ୍ୟ ୪ କର୍ମଚାରୀଙ୍କୁ ଗିରଫଦାରିରୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଛି। ରାସ୍ତାରେ କମେଣ୍ଟ ମାରିଥିବା ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗୋଟିଏ ଦିନରେ ଖୋଜି ଆଣିଛି। ଅଟକ ରଖିଥିବା ୭ ଜଣଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ର। ସେମାନଙ୍କ ଘର ପଟିଆ ଓ ଚନ୍ଦକା ଅଞ୍ଚଳରେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ଚନ୍ଦକା ଥାନାରେ ଅଟକ ରଖାଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରି ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ତେବେ ପୋଲିସ ଗୁରୁଭକ୍ତ ଏବଂ ଅଙ୍କିତାଙ୍କ ପ୍ରତି କାହିଁକି ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିଥିଲା ସେକଥା ଉପରେ କ୍ରାଇମବ୍ରାଞ୍ଚ କେତେ ଗୁରୁତ୍ୱ ଦେଉଛି ତାହା ସ୍ପଷ୍ଟ ଜଣାପଡୁନାହିଁ। ଅନ୍ୟପକ୍ଷରେ ଡିସିପି ପ୍ରତୀକ ସିଂ ଏକ ଜାତୀୟ ଗଣମାଧ୍ୟମକୁ ୨ଦିନ ତଳେ ଦେଇଥିବା ପ୍ରତିକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ଉକ୍ତ ଘଟଣାରେ ଡିସିପି ପୋଲିସଠାରୁ ଅଧିକ ଗୁରୁଭକ୍ତ ଏବଂ ତାଙ୍କ ବାନ୍ଧବୀଙ୍କୁ ଭୁଲ୍ ବୋଲି ଦର୍ଶାଇଥିଲେ। ଏହାକୁ ନେଇ ଏବେ ଚାରିଆଡୁ ପ୍ରଶ୍ନ ଉଠୁଛି। ତାଙ୍କର ଏଭଳି ପ୍ରତିକ୍ରିୟା ପରେ ପୋଲିସ ଭିତରେ ଭିତରେ ନିଜ ଭୁଲ୍ ଲୁଚାଇବାକୁ ସବୁ ପ୍ରକାର ବଳ ଲଗାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଅଙ୍କିତା ପ୍ରଧାନ ଶୁକ୍ରବାର ସନ୍ଧ୍ୟାରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବାବେଳେ ସେ ଶନିବାର ଥାନାରେ ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଏତଲା ଦେବେ ବୋଲି ଗୁରୁଭକ୍ତ ସୂଚନା ଦେଇଛନ୍ତି।

## ଭରତପୁର ଘଟଣାକୁ ...

ଦେଶର ଆଇନଶୃଙ୍ଖଳା ପରିସ୍ଥିତି ଗମ୍ଭୀର ହୋଇପଡ଼ିଥିବା ସ୍ପଷ୍ଟ ହୋଇଛି। ଭାଜପା ସରକାର ସମୟରେ ମହିଳାଙ୍କ ବିରୋଧରେ ହିଂସା ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାହୁଲ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ‘ଏକ୍ସ’ ଆକାଉଣ୍ଟରେ ପୋଷ୍ଟକରି କହିଛନ୍ତି, ଓଡ଼ିଶା ପୋଲିସକୁ ସହାୟତା ମାଗିବାକୁ ଯାଇଥିବା ସେନା ଅଫିସରଙ୍କ ବାନ୍ଧବୀଙ୍କ ପ୍ରତି ପୋଲିସ ଯେଉଁଭଳି ବର୍ବର ବ୍ୟବହାର ଏବଂ ଯୌନ ହିଂସା କରିଛି ତାକୁ ନେଇ ସାରା ଦେଶ ସ୍ତବ୍ଧ। ସାରା ଦେଶରେ ଭାଜପା ସରକାର ପୋଲିସକୁ ରକ୍ଷକରୁ ଭକ୍ଷକରେ ପରିଣତ କରିବାକୁ ନେଇ କାର୍ଯ୍ୟ କରିଚାଲିଛନ୍ତି। ଭାଜପା ସରକାରଙ୍କ ମହିଳା ବିରୋଧୀ ନୀତି ଓ ପୋଲିସର ଆପରାଧିକ ଆଭିମୁଖ୍ୟରୁ କ୍ଷମତାସୀନ ବ୍ୟକ୍ତି ସୁରକ୍ଷା ପାଉଛନ୍ତି। ଏଭଳି ସ୍ଥିତିରେ ଦେଶର ମହିଳାମାନେ ନ୍ୟାୟ ପାଇଁ କ’ଣ କରିବେ, କେଉଁଠିକୁ ଯିବେ ବୋଲି ପ୍ରିୟଙ୍କା ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି। ଅନୁରୂପଭାବେ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ମଧ୍ୟ ଓଡ଼ିଶାର ଡବଲ ଇଞ୍ଜିନ ସରକାରଙ୍କୁ ଟାର୍ଗେଟ୍ କରିବାକୁ ପଛାଇ ନାହାନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଥିବାବେଳେ ପୋଲିସ ବର୍ବରତା ପ୍ରସଙ୍ଗରେ କିଛି ନ କହିବା ଦୁର୍ଭାଗ୍ୟଜନକ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ସେନା ମୁଖ୍ୟ ଜେନେରାଲ ଭି.କେ.ସିଂହ ମଧ୍ୟ ଭରତପୁର ଥାନା ପୋଲିସର ବର୍ବରତାକୁ ନିନ୍ଦା କରିବା ସହ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କହିଛନ୍ତି।

## ଦୋଷୀଙ୍କ ବିରୋଧରେ...

ସେନା ଅଧିକାରୀ ଓ ତାଙ୍କ ସହିତ ଥିବା ଜଣେ ମହିଳାଙ୍କୁ ଅସଦାଚରଣ ତଥା ଆକ୍ରମଣ ଅଭିଯୋଗକୁ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ଘଟଣାର ଯାଞ୍ଚ କରି ତୁରନ୍ତ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପ୍ରାପ୍ତ ହେବା ମାତ୍ରେ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ମହିଳା ହିଂସା ବିରୋଧରେ ସରକାର ‘ଶୂନ୍ୟ ସହନଶୀଳତା’ ନୀତି ଅବଲମ୍ବନ କରୁଛନ୍ତି ଏବଂ ମହିଳା ନିର୍ଯାତନାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି। ସେହିପରି ଏହି ଘଟଣାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏମ୍‌ସ ଯାଇ ପୀଡ଼ିତା ଅଙ୍କିତା ପ୍ରଧାନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଏହାସହ ସେ ଡିସିପି ପ୍ରତୀକ ସିଂଙ୍କ ସହ ଆଲୋଚନା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଶୂନ୍ୟ ସହନଶୀଳତା ହେଉଛି ସରକାରଙ୍କ ପ୍ରତିବଦ୍ଧତା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରୁଛି। ଖୁବ୍ କମ୍ ଦିନରେ ରିପୋର୍ଟ ଆସିବ, ଏହା ଉପରେ ସରକାର ନଜର ରଖିଛନ୍ତି। ଯିଏ ବି ଏହି ଘଟଣାରେ ଦୋଷୀ ସାବ୍ୟସ୍ତ ହୁଅନ୍ତୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କେନ୍ଦ୍ରକୁ ହାଇକୋର୍ଟ ...

କରିପାରିବେ ନାହିଁ। କୁନାଲ କାମରା ଓ ଅନ୍ୟ ଆବେଦନକାରୀମାନେ ନିଜ ପିଟିଶନରେ ଦର୍ଶାଇଥିଲେ, କେନ୍ଦ୍ରର ସଂଶୋଧନ ବାକ୍ ଓ ଅଭିବ୍ୟକ୍ତି ପରିପ୍ରକାଶ ଉପରେ ଏକ କଟକଣା। ଆବେଦନକାରୀମାନେ ଏହାକୁ କେନ୍ଦ୍ର ସରକାରଙ୍କ ଅନ୍‌ଲାଇନ ସେନ୍‌ସରଶିପ୍ ବୋଲି ଅଭିଯୋଗ ଆଣିଥିଲେ। ଏହାଦ୍ୱାରା ଅନାବଶ୍ୟକ ଭାବେ ଜଣେ ବ୍ୟକ୍ତିଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଦର୍ଶାଇଥିଲେ।

# ଆମେରିକାରେ ଅଚ୍ୟୁତ ସାମନ୍ତଙ୍କ ନାମରେ ଖୋଲିବ ଗବେଷଣା କେନ୍ଦ୍ର



ଭୁବନେଶ୍ୱର,୨୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଆମେରିକାର ସରକାରୀ ବିଶ୍ୱବିଦ୍ୟାଳୟ ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କ(କ୍ୟୁନି)ରେ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନାମରେ ଗବେଷଣା କେନ୍ଦ୍ର ଖୋଲିବ। ଆସନ୍ତା ମାସରେ 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ ଅଫ୍ ଦି କ୍ୟୁନି କ୍ରେଷ୍ଟ ଇନ୍ଷ୍ଟିଚ୍ୟୁଟ୍ (ଏଏସ୍ଆଇଆଇସିସିଆଇ) ନାମରେ ଏହି ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଏନେଇ ଶୁକ୍ରବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ୟୁନି ବିଶ୍ୱବିଦ୍ୟାଳୟ ସଭାପତି ଡ. ମିଲ୍ଟନ ସାଣ୍ଟିଆଗୋ ଘୋଷଣା କରିଛନ୍ତି। ଏହି ଗବେଷଣା କେନ୍ଦ୍ରରେ ସେହି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଉପରେ ଗବେଷଣା, ଶିକ୍ଷା ବିନିମୟ ସହ ଅଚ୍ୟୁତଙ୍କ କାର୍ଯ୍ୟକଳାପ ଉପରେ ଗବେଷଣା ଓ ଅଧ୍ୟୟନ କରିବେ। କ୍ୟୁନି ସଭାପତି ଡ. ସାଣ୍ଟିଆଗୋ ମୁମ୍ବାଇ ଏବଂ ହାଇଦ୍ରାବାଦସ୍ଥିତ ଆମେରିକା ଦୂତାବାସର କନ୍ସଲ ଜେନେରାଲଙ୍କୁ ନେଇ ଏକ ୧୫ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲା। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତ ଓଡ଼ିଶାର କଳା ସଂସ୍କୃତି ଉପରେ ଆମେରିକାର ଏକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିନିମୟ ଓ ଗବେଷଣା କରାଯିବା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ହାଇଦ୍ରାବାଦରେ ଅବସ୍ଥାପିତ ଆମେରିକା କନ୍ସଲ ଜେନେରାଲ ଆଲେକଜାଣ୍ଡର ମାକ୍ ଲରେନ, ମୁମ୍ବାଇରେ ଅବସ୍ଥାପିତ ଆମେରିକା କନ୍ସଲ ଜେନେରାଲ ସୀତା ରାଇଟର, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କୁଳସଚିବ ଡ. ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, ମହାନିର୍ଦ୍ଦେଶକ ଡ. କାହ୍ନୁ ଚରଣ ମାହାଲି, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ୍‌କିପିଂରେ ଟେଣ୍ଡର ଫିକ୍ସିଂ

■ ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ
■ ପୂର୍ବତନ ମନ୍ତ୍ରୀଙ୍କ ହାତବାରିସି ସାଜିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

ଢେଙ୍କାନାଳ,୨୦।୯(ରତନ ନାୟାର)

ଢେଙ୍କାନାଳ ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ୍‌କିପିଂ ସର୍ଭିସ ପାଇଁ ଟେଣ୍ଡର ଫିକ୍ସିଂ ହେବା ସହିତ ଏଥିରେ ବହୁ ଅନିୟମିତତା ହୋଇଥିବା ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ଗତ ୧୩.୯.୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପଠାଯାଇଛି। ଗତ ସରକାରରେ ଥିବା ଜଣେ ପୂର୍ବତନ ମନ୍ତ୍ରୀଙ୍କ ହାତବାରିସି ସାଜି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଏହି ଟେଣ୍ଡର ଫିକ୍ସିଂ କରାଉଥିବା ରାଜ୍ୟ ବାର କାଉନସିଲ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିର୍ମଳ ଯୋଜନାରେ ମେକାନାଇଜ୍ ଲଣ୍ଡ୍ରି, ହାଉସ୍‌କିପିଂ ଓ ସିକ୍ୟୁରିଟି ସର୍ଭିସ ପାଇଁ ଗତ ଜାନୁଆରୀ ୨ରେ ଢେଙ୍କାନାଳ ଜିଲା ୱେବସାଇଟ୍‌ରେ ଟେଣ୍ଡର ପ୍ରକାଶିତ ହୋଇଥିଲା ଓ ଟେଣ୍ଡରଧାରୀମାନେ ଟେଣ୍ଡରରେ ଅଂଶଗ୍ରହଣ କରିଥିଲେ। ଟେଣ୍ଡର ପରେ ଏହାର ଯାଞ୍ଚ କରାଯାଇଥିଲା। ଏହାପରେ କୌଣସି କାରଣ ନ ଥାଇ ହଠାତ୍ ସିକ୍ୟୁରିଟି ସର୍ଭିସ ଓ ଲଣ୍ଡ୍ରି ସର୍ଭିସର ଟେଣ୍ଡରକୁ ବାତିଲ କରାଯାଇ କେବଳ ହାଉସକିପିଂ ସର୍ଭିସକୁ ଅନୁମତି ପ୍ରଦାନ କରାଯାଇଥିଲା। ଟେଣ୍ଡର ଦ୍ୱାରା ନିଲାମଧାରୀଙ୍କୁ ଚୟନ କରିବା ଏବଂ ବାତିଲ କରିବା ଦୁଇଜଣ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଏକଚାଟିଆ ନିଷ୍ପତ୍ତି ଥିବା ବାର କାଉନସିଲ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ବିଜ୍ଞାପନ ପ୍ରକାଶିତ ସତ୍ତ୍ୱେ ଟେଣ୍ଡରରେ କିପରି ଅନିୟମିତତା ହେଲା ତାହା ତଦନ୍ତ ସାପେକ୍ଷ। ବିଧାନସଭାରେ ଉଦଳା ବିଧାୟକ ଭାସ୍କର ମାଢେଇଙ୍କ ପ୍ରଶ୍ନ ଅନୁଯାୟୀ ସିଡିଏମ୍‌ଓ ଏବଂ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳକମାନେ ଟେଣ୍ଡର ବାତିଲ କରିବା ଓ ଡାକିବାର ଏକଚାଟିଆ କାର୍ଯ୍ୟ କରୁଥିବା ବେଳେ ମନଇଚ୍ଛା ଟେଣ୍ଡରକୁ ବାତିଲ କରି ବିଜେଡି ଦ୍ୱାରା ଚୟନ ହୋଇଥିବା ନିଲାମଧାରୀଙ୍କୁ ସୁଯୋଗ ଦେଉଛନ୍ତି। ଏହିସବୁ ପଦବୀରେ ଯେଉଁମାନେ ୬ବର୍ଷରୁ ଅଧିକ ରହିଲେଣି, ସେମାନଙ୍କୁ ତୁରନ୍ତ ବଦଳି କରିବାକୁ ବିଧାୟକ ବିଧାନସଭାରେ କହିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେହିପରି ହାଉସ୍‌କିପିଂ ଟେଣ୍ଡରରେ ୨୦ଲକ୍ଷ ଟଙ୍କା ଫିକ୍ସିଂ ହୋଇଥିବା ଅଭିଯୋଗ କରିଛନ୍ତି। ଲଣ୍ଡ୍ରି ଏବଂ ସିକ୍ୟୁରିଟି ସର୍ଭିସ ପାଇଁ ୧୫ଲକ୍ଷ ଟଙ୍କା ସ୍ଥିର ହେବାରୁ କୌଣସି ନିଲାମଧାରୀ ରାଜି ନ ହେବାରୁ ଏହାକୁ ବାତିଲ କରିଦିଆଯାଇଥିଲା। ଏହାକୁ ନେଇ ରାଜ୍ୟ ବାର କାଉନସିଲ ପକ୍ଷରୁ ଟେଣ୍ଡରର ପୁନଃ ମୂଲ୍ୟାୟନ କରିବାକୁ ଦାବି କରିବା ସହିତ ସିସିଟିଭି ଏବଂ ସିଡିଏମ୍‌ଓ ଏବଂ ଡିପିଏମ୍‌ଙ୍କ ମୋବାଇଲକୁ ଯାଞ୍ଚ କରିବାକୁ ଦାବି ହୋଇଛି। ଏଭଳି ଘଟଣାରେ ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସରକାରୀ ନୀତି ନିୟମ ପାଳନ କରିବାକୁ ଦାବି ହୋଇଛି। ଜଣେ ନିରପେକ୍ଷ ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରି ଟେଣ୍ଡରର ପୁନଃ ମୂଲ୍ୟାୟନ କିମ୍ବା ଟେଣ୍ଡରକୁ ବାତିଲ କରିବା ପାଇଁ ଓଡ଼ିଶା ବାର କାଉନସିଲ ସମ୍ପାଦକ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ଅଭିଯୋଗର ନକଲ ଢେଙ୍କାନାଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କହିଛନ୍ତି, ସମସ୍ତେ ମୋତେ ଜାଣିଛନ୍ତି। ମୁଁ ପୂର୍ବରୁ ଯେଉଁ ଜାଗାରେ ଥିଲି ଆପଣମାନେ ଖବର ନେଇପାରନ୍ତି। ମୋ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜଗନ୍ନାଥ ରହିଛନ୍ତି। ମୁଁ ଏଭଳି କାର୍ଯ୍ୟ କେବେ କରିଥିବି ବୋଲି ଆପଣ ଭାବୁଛନ୍ତି କି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। କୌଣସି ଜଣେ ଏଜେନ୍ସି ଟେଣ୍ଡରରୁ ବଞ୍ଚିତ ହୋଇଥିବାରୁ ଏଭଳି ଅଭିଯୋଗ କରିଥାଇପାରନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ।

# ଘସିପୁରା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ



ଘସିପୁରା,୨୦।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟରେ ଶୁକ୍ରବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ପ୍ରାତଃ ଭ୍ରମଣକାରୀ ଦେଖି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଏପରିକି ଖବର ପାଇ ବ୍ୟାଙ୍କ ଶାଖା ପରିଚାଳକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ ୨ ଗୋଟି ଗାଡ଼ି ବ୍ୟବହାରକରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀର ୨ ନିଆଁ ଲିଭା ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ କୌଣସି ବଡ଼ ଧରଣର କ୍ଷତି ହୋଇ ନ ଥିବା ଏବଂ ବ୍ୟାଙ୍କର ଫିଲ୍ଡ ଅଫିସରଙ୍କ ପ୍ରକୋଷ୍ଠର କାଗଜପତ୍ର ଓ ଗୋଟିଏ କମ୍ପ୍ୟୁଟର ନଷ୍ଟ ହୋଇଯାଇଥିବା ଶାଖା ପରିଚାଳକ ହରେକୃଷ୍ଣ ସୂତାରଙ୍କଠାରୁ ସୂଚନା ମିଳିଛି। ତେବେ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ମହାରାଜ ସବୁ ପ୍ରକାର ନିରାମିଷ ବ୍ୟଞ୍ଜନ ରାନ୍ଧିପାରୁଥିବା (ବୟସ ୩୦ ପର୍ଯ୍ୟନ୍ତ) ଏବଂ ସବୁ ଘରଚାକର ଘରର ସବୁ କାମ କରିବାବାଲା ତୁରନ୍ତ ଆବଶ୍ୟକ। ଦରମା ମୋବାଇଲରେ ସ୍ଥିର କରାଯିବ।
ଯୋଗାଯୋଗ: ୭୦୪୫୫୭୭୫୩୩

WE ARE HIRING
B K INDUSTRIES
FOR PROFESSIONAL ROLES :
❖ Human Resources (HR) ❖ Automobile Job
❖ Digital Marketing Specialist ❖ Administrative
❖ Graphic Designer ❖ Accountant
❖ Business Development Manager ❖ Web & Application Developer
❖ Business Development Executive
FRESHERS AND INTERN CAN APPLY
MANCHESWAR BHUBANESWAR 7655091106

WE ARE HIRING !!! at VLCC Bhubaneswar
Applications invited from experienced Dermatology Doctors (full time). Salary negotiable as per experience.
Please apply within 7 days to :
khirodsamal1986@gmail.com
Contact : 9776681678

GOVERNMENT OF ODISHA
OFFICE OF THE DIVISIONAL FOREST OFFICER
SAMBALPUR FOREST DIVISION
Near Jail Chowk, e-mail id: dfo.sambalpur@odisha.gov.in
WALK-IN-INTERVIEW
No. MM-164: Divisional Forest Officer, Sambalpur Forest Division, invites Application from Interested Candidate for engagement of One Veterinary Officer & One Livestock Assistant for Mobile Veterinary Unit (MVU) of Sambalpur Forest Division. The Walk-in-Interview is scheduled on 15.10.2024 at 11.00 A.M. The application form along with detail terms and conditions shall be available on the website www.sambalpur.nic.in/www.odishaforest.in from 20.09.2024.
Sd./- Divisional Forest Officer
Sambalpur Forest Division
OIPR-08104/11/0003/2425

# ପୋଷ୍ଟର ମାରି ଧମକ ଦେଲେ ମାଓବାଦୀ

ଟେନ୍ସା,୨୦।୯(ସମୀର କୁମାର ପାଢ଼ୀ)

ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ କୋଇଡା ବ୍ଲକ କେ. ବଲାଙ୍ଗ ଥାନା ଅନ୍ତର୍ଗତ ରେଞ୍ଜାରା ରେଲୱେ ସାଇଡିଂରେ ମାଓବାଦୀ ପୁଣି ସକ୍ରିୟ ହୋଇଛନ୍ତି। ଗୁରୁବାର ରାତିରେ ରେଞ୍ଜାରା ରେଲୱେ ସାଇଡିଂ ଷ୍ଟେଶନ ମାଷ୍ଟରଙ୍କୁ ଧମକ ଦେବା ସହ ପୋଷ୍ଟର ମାରି ନିଜର ପତିଆରା ଜାହିର କରିଛନ୍ତି। ରାତିରେ ଜଙ୍ଗଲ ଅଞ୍ଚଳରେ ବଡ଼ ବିସ୍ଫୋରଣ ହେବାର ଶବ୍ଦ ଶୁଣାଯାଉଥିବା ଷ୍ଟେଶନ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସେହିପରି ଷ୍ଟେଶନ ନିକଟ ବାଙ୍କ ଗ୍ରାମରେ ମଧ୍ୟ ପୋଷ୍ଟର ଲାଗିଛି। ସୁରକ୍ଷା ବାହିନୀ ଓ ପୋଲିସ୍‌ର ମିଳିତ ଉଦ୍ୟମରେ ଜୋରଦାର କୋମ୍ବିଂ ଚାଲିଛି। ନିର୍ବାଚନ ପୂର୍ବରୁ ବି ଏହି ଅଞ୍ଚଳରେ ମାଓବାଦୀମାନେ ପୋଷ୍ଟର ମାରିବା ସହ ଧମକ ମଧ୍ୟ ଦେଇଥିଲେ।



ରେଞ୍ଜାରା ରେଲୱେ ସାଇଡିଂରେ ଲାଗିଥିବା ମାଓବାଦୀ ପୋଷ୍ଟର।

# ବିଦ୍ୟୁତ୍ ସଂସ୍ପର୍ଶରେ ମାଈ ହାତୀର ମୃତ୍ୟୁ

ବାରିପଦା,୨୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ୮ ଦିନ ତଳେ ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଏକ ମାଈ ହାତୀର ପ୍ରାଣ ଯାଇଥିବା ବେଳେ ଶୁକ୍ରବାର ପୁଣି ଏକ ହାତୀର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ବାରିପଦା ରେଞ୍ଜ ବାଲିଆଡ଼ିପା ଅଞ୍ଚଳରେ ବନଖଣ୍ଡ ଅଧୀନ ବାଙ୍ଗିରିପୋଷି ୭ ଟିକିଆ ହାତୀପଲ ପ୍ରବେଶ କରିଥିଲେ। ଧାନ କ୍ଷେତରେ ପଶି ବ୍ୟାପକ ନଷ୍ଟ କରିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର ବନ କର୍ମଚାରୀ କିମ୍ବା ହାତୀ ସୁରକ୍ଷା ବଳ ପକ୍ଷରୁ କୌଣସି କର୍ମଚାରୀ ହାତୀ ପଲର ଗତିବିଧି ଉପରେ ନଜର ରଖିବାକୁ ଯାଇ ନ ଥିଲେ। ଲୋକେ ଅସନ୍ତୋଷ ପ୍ରକାଶ କରି ହାତୀଙ୍କୁ ମାରିବା ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଉକ୍ତ ମାଈ ହାତୀର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ ହାତୀର ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶନିବାର ଡାକ୍ତରୀ ଦଳ, ବନ ଅଧିକାରୀ,ଏସିଏଫ୍, ରେଞ୍ଜର, ସାଇଣ୍ଟିଫିକ୍ ଟିମ୍‌ଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବ ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

# ଦନ୍ତା ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଯୋଡ଼ା,୨୦।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ଫରେଷ୍ଟ ସେକ୍ସନ ବଡ଼ କାଳିମାଟିଠାରେ ଶୁକ୍ରବାର ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବସନ୍ତପୁରର ରାଜେଶ ମୁଣ୍ଡା (୨୯)। ସେ ବଡ଼ କାଳିମାଟିଠାରେ ମାମୁ ତଥା ପୂର୍ବତନ କାଳିମାଟି ସରପଞ୍ଚ ପଦ୍ମଚରଣ ମୁଣ୍ଡାଙ୍କ ଘରେ ରହି କାମ କରୁଥିଲେ। ସୂଚନା ଅନୁଯାୟୀ, ରାଜେଶ ପଦ୍ମଚରଣଙ୍କ ସମ୍ପର୍କୀୟ ଭଣଜା। ସେ ତାଙ୍କ ଘରେ ରହି ଘର କାମ କରୁଥିଲେ। ଗୁରୁବାର ରାତି ପ୍ରାୟ ୧୧ଟାରେ ଘରୁ ବାହାରିବା ସମୟରେ ଘର ଆଗରେ ଠିଆ ହୋଇଥିବା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ଆକ୍ରମଣ କରିବା ସହ ଘୋଷାରି ନେଇ ମାରି ଦେଇଥିବା ଦେଖଣାହାରୀ ପ୍ରକାଶ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ବାମେବାରୀ ପୋଲିସ ଓ ବନ ବିଭାଗ ଅଧିକାରୀ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ, ହାତୀ ଗୁରୁବାର ସନ୍ଧ୍ୟାରେ କାଳିମାଟି ଓଜନ କଣ୍ଟା ନିକଟରେ ବାଇକ୍ ଆରୋହୀଙ୍କୁ ଘଉଡ଼ାଇବା ସହ ପେଟ୍ରୋଲ ଟାଙ୍କି ନିକଟରେ ୨ ବାଇକ୍‌କୁ ଦଳି ଭଙ୍ଗାରୁଜା କରିଥିଲା। ନିକଟ ଅତୀତରେ ଉକ୍ତ ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଦୟ ବେଳେ ଅସ୍ତ ନାହିଁ**
**କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହିହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉପରେ ଉପରେ ଲାଗିଛି କଳି**
**ଭିତରେ ଭିତରେ କବାଟ କିଳି।**

ଲୋକେ ଜାଣିବାକୁ ଦୁହିଁଙ୍କ ଭିତରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ବୁଝାମଣା ଏକଦମ ଠିକ। ସ୍ୱାମୀ ସ୍ତ୍ରୀଙ୍କ ପରି ଘନିଷ୍ଠ ସମ୍ବନ୍ଧ। କପଟି ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅବସରରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଳିଙ୍ଗନଗର ଟାଟା ଷ୍ଟିଲ୍‌ରେ ସର୍ବବୃହତ୍ ବ୍ଲାଷ୍ଟ ଫର୍ନେସ୍ କାର୍ଯ୍ୟକ୍ଷମ



■ ୨୭ ହଜାର କୋଟି ଟଙ୍କା ବିନିଯୋଗ
■ ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍‌କୁ ବୃଦ୍ଧିପାଇବ

ଯାଜପୁର (ହର୍ଷବର୍ଦ୍ଧନ ବେହେରା)/ କଳିଙ୍ଗନଗର (ଶୁଭାଶିଷ ରାଉତ),୨୦।୯

କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନାରେ ଭାରତର ସର୍ବବୃହତ ବ୍ଲାଷ୍ଟ ଫର୍ନେସ ଶୁକ୍ରବାର ସଫଳତାର ସହ କାର୍ଯ୍ୟକ୍ଷମ ହୋଇଯାଇଛି। ସମୁଦାୟ ୨୭ ହଜାର କୋଟି ଟଙ୍କା ବିନିଯୋଗରେ କଳିଙ୍ଗନଗରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଦ୍ୱାରା ଏହି କାରଖାନାର ବାର୍ଷିକ ଇସ୍ପାତ ଉତ୍ପାଦନ କ୍ଷମତା ୩ ନିୟୁତ ଟନରୁ ୮ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ନୂତନ ବ୍ଲାଷ୍ଟ ଫର୍ନେସକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ନୂତନ ବ୍ଲାଷ୍ଟ ଫର୍ନେସ କାରଖାନାର ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ। ଏହାଦ୍ୱାରା ଟାଟା ଷ୍ଟିଲ ଯାନବାହନ ନିର୍ମାଣ, ଭିତ୍ତିଭୂମି ବିକାଶ, ଶକ୍ତି କ୍ଷେତ୍ର, ଜାହାଜ ନିର୍ମାଣ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ ଶିଳ୍ପରେ ବଢୁଥିବା ଇସ୍ପାତ ଚାହିଦାକୁ ପୂରଣ କରିପାରିବ। ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଗୁ ଟାଟା ଷ୍ଟିଲ ଏକକ ବୃହତ୍ତମ ପୁଞ୍ଜିନିବେଶ ସ୍ଥଳ ଭାବେ ଉଭା ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଟାଟା ଷ୍ଟିଲ୍ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରିଛି। ଏହି ସମ୍ପ୍ରସାରଣ ଟାଟା ଷ୍ଟିଲର ଉଚ୍ଚସ୍ତରୀୟ, ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ସ୍ଥିତିକୁ ସୁଦୃଢ଼ କରିବା ସହିତ ଆମର ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା ମଧ୍ୟ ପ୍ରଦର୍ଶନ କରୁଛି ବୋଲି ନରେନ୍ଦ୍ରନ କହିଛନ୍ତି। ଟାଟା ଷ୍ଟିଲ୍ ତରଫରୁ ସରକାରଙ୍କୁ ଅତୁଟ ସହଯୋଗ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ନୂତନ ବ୍ଲାଷ୍ଟ ଫର୍ନେସର କ୍ଷମତା ୫,୮୭୦ ମେଟ୍ରିକ ଟନ। ଏଥିରେ ୪ଟି ଶୀର୍ଷ ଦହନ ଚୁଲା ବ୍ୟବହାର କରାଯିବ, ଯାହା କି ଭାରତରେ ପ୍ରଥମ। ଟାଟା ଷ୍ଟିଲରେ ପ୍ରଥମ ଥର ପାଇଁ ବାୟୋ ପ୍ରଡକ୍ଟ ଗ୍ୟାସରୁ ଶକ୍ତି ପୁନରୁଦ୍ଧାର ପାଇଁ ଏକ ଡ୍ରାଏ ଗ୍ୟାସ ସଫେଇ କାରଖାନା ସ୍ଥାପନ କରାଯାଇଛି। ୩୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ବିଶ୍ୱର ସର୍ବବୃହତ ଟପ୍-ଗ୍ୟାସ୍ ରିକଭରି ଟର୍ବାଇନ (ଟିଆରଟି) ଅତିରିକ୍ତ ୧୦% ଶକ୍ତି ପୁନରୁଦ୍ଧାରରେ ସାହାଯ୍ୟ କରିବ। ଭାରତର କୌଣସି ବ୍ଲାଷ୍ଟ ଫର୍ନେସରେ ପ୍ରଥମ ଥର ପାଇଁ ବାଷ୍ପୀୟ କୁଲିଂ ସିଷ୍ଟମର ପ୍ରୟୋଗ କରାଯାଇଛି। କଳିଙ୍ଗନଗରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ଏକ ପେଲେଟ ପ୍ଲାଣ୍ଟ, କୋକ ପ୍ଲାଣ୍ଟ ଏବଂ କୋଲ୍ଡ ରୋଲିଂ ମିଲ୍ ମଧ୍ୟ ରହିଛି। ଟାଟା ଷ୍ଟିଲ୍ କଳିଙ୍ଗନଗର ହେଉଛି ପ୍ରଥମ ଭାରତୀୟ କାରଖାନା, ଯାହାକୁ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ) ଦ୍ୱାରା ଗ୍ଲୋବାଲ ଲାଇଟ୍ ହାଉସ୍ ନାମରେ ନାମିତ କରାଯାଇଛି।

DSPL-114
ବ୍ରହ୍ମପୁର ଆଙ୍କୁଲି ଶିଳ୍ପାଞ୍ଚଳରେ
ବୟନିକାର
ଶୁଭ ଉଦ୍‌ଘାଟନ
୨୧ ସେପ୍ଟେମ୍ବର ସନ୍ଧ୍ୟା ୭ ଘଟିକା ସମୟରେ
ଉଦ୍‌ଘାଟକ
ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା
ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି, ଓଡିଶା
ଭବ୍ୟ ଉପସ୍ଥିତି
ଡ. ପ୍ରଦୀପ କୁମାର ପାଣିଗ୍ରାହୀ
ମାନ୍ୟବର ସାଂସଦ, ବ୍ରହ୍ମପୁର
ଶ୍ରୀମତୀ ସଙ୍ଘମିତ୍ରା ଦଳେଇ
ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀଯୁକ୍ତ ଦିବ୍ୟଜ୍ୟୋତି ପରିଡ଼ା, ଭା.ପ୍ର.ସେ.
ଜିଲ୍ଲାପାଳ, ଗଞ୍ଜାମ
ଶ୍ରୀଯୁକ୍ତ ସାର୍ଥକ ଷଡ଼ଙ୍ଗୀ, ଭା.ପୋ.ସେ.
ଆରକ୍ଷୀ ଅଧୀକ୍ଷକ, ବ୍ରହ୍ମପୁର
ଶ୍ରୀମତୀ ସାବିତ୍ରୀ ନାୟକ
କର୍ପୋରେଟର, ୱାର୍ଡ ନଂ-୩୯, ବ୍ରହ୍ମପୁର ମହାନଗର ନିଗମ
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ।
ଉଦ୍‌ଘାଟନ ସମାରୋହ ଉପଲକ୍ଷେ ବିଶେଷ ରିହାତି
୨୦%+୧୦%
କେବଳ ୮ ଦିନ ପାଇଁ
କେବଳ ଏହି ବିକ୍ରୟ କେନ୍ଦ୍ରରେ
୨୮.୦୯.୨୪ ପର୍ଯ୍ୟନ୍ତ
OIPR-31004/13/0038/2425

ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ଼ ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। – ଶ୍ରୀଅରବିନ୍ଦ

# ଉଚିତ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅଭିନେତ୍ରୀ ତଥା ମଡେଲ କାଦମ୍ବରୀ ଜେଠ୍‌ୱାନୀଙ୍କ ଅନୁଚିତ ଗିରଫଦାରିକୁ ନେଇ ଆନ୍ଧ୍ରପ୍ରଦେଶର ତିନିଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣା କ୍ଷମତାର ଅପବ୍ୟବହାର ଏବଂ ଉତ୍ତରଦାୟିତ୍ୱର ଆବଶ୍ୟକତା ଉପରେ ବିତର୍କ ସୃଷ୍ଟି କରିଛି। ରାଜ୍ୟ ପୋଲିସରେ ଉଚ୍ଚ ପଦାଧିକାରୀ ପି. ସୀତାରାମା ଅଞ୍ଜନେଇଲୁ, କ୍ରାନ୍ତି ରାଣା ଟାଟା ଏବଂ ବିଶାଲ ଗୁନିଙ୍କୁ ବିଭାଗୀୟ ତଦନ୍ତ ପରେ ନିଲମ୍ବିତ କରାଯାଇଥିଲା। ବିବାଦର ବାସ୍ତବତା ହେଉଛି, ଏଫ୍‌ଆଇଆର୍ ଦାଖଲ ହେବା ପୂର୍ବରୁ ଜେଠ୍‌ୱାନୀଙ୍କୁ ଗିରଫ କରିବାକୁ ଅଞ୍ଜନେଇଲୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ଫେବୃଆରୀ ୨ରେ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇଥିଲା, କିନ୍ତୁ ଗିରଫ ନିର୍ଦ୍ଦେଶ ଦୁଇଦିନ ପୂର୍ବରୁ ଦିଆଯାଇଥିଲା, ଯାହା ପ୍ରକ୍ରିୟାର ସ୍ପଷ୍ଟ ଉଲ୍ଲଂଘନ। ଅଗଷ୍ଟରେ ଜେଠ୍‌ୱାନୀ ଏକ ଅଭିଯୋଗ ଦାଖଲ କରିଥିଲେ। ଅଧିକାରୀମାନେ ତାଙ୍କ ବିରୋଧରେ ଜାଲିଆତି ଏବଂ ଚୋରି ଅଭିଯୋଗ ଆଣିଥିବା ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନେତା ତଥା ଚଳଚ୍ଚିତ୍ର ନିର୍ମାତା କେ.ଭି.ଆର୍. ବିଦ୍ୟାସାଗରଙ୍କ ସହ ଷଡ଼ଯନ୍ତ୍ର କରିଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଜେଠ୍‌ୱାନୀ ଦାବି କରନ୍ତି ଯେ, ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହି ଘଟଣା ପୋଲିସ ଉପରେ ଥିବା ରାଜନୈତିକ ପ୍ରଭାବର ଗମ୍ଭୀର ସମସ୍ୟାକୁ ପ୍ରକାଶ କରେ। ପ୍ରକୃତ କଥା ହେଉଛି, ବରିଷ୍ଠ ଅଧିକାରୀମାନେ ଏଥିରେ ଜଡ଼ିତ ହେବା ଦ୍ୱାରା ହିଁ ପ୍ରସଙ୍ଗର ଗମ୍ଭୀରତା ବଢ଼ିଯାଇଛି। ଅଧିକାରୀମାନଙ୍କୁ ନିଲମ୍ବନ କରିବା ପାଇଁ ନାଇଡୁ ସରକାରଙ୍କ ନିଷ୍ପତ୍ତି ଏକ ଉଚିତ ପଦକ୍ଷେପ ହୋଇଥିବାବେଳେ ଆଉ ଏଭଳି ଘଟଣା କିଛି ଆଢୁଆଳରେ ରହିଯାଉ ନାହିଁ ତ?

### ଆକସ୍ମିକ ପ୍ରସ୍ଥାନ

ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆର୍‌ଆଇଏନ୍‌ଏଲ୍) ସିଏମ୍‌ଡି ଅତୁଲ ଭଟ୍ଟ ନଭେମ୍ବରରେ ଅବସର ନେବାର ଥିଲା। କିନ୍ତୁ ତାଙ୍କୁ ହଠାତ୍ ଛୁଟିରେ ପଠାଇବା ନିଷ୍ପତ୍ତିକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଏଆଇଏଲ୍)ସହିତ ଆର୍‌ଆଇଏନ୍‌ଏଲ୍‌ର ପ୍ରସ୍ତାବିତ ମିଶ୍ରଣକୁ ନେଇ ଚାଲିଥିବା ଆଲୋଚନା ସହିତ ଏହି ଘଟଣାର ସମ୍ପର୍କ ଥିବା କେତେକେ କୁହନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ, ଅବସର ପୂର୍ବରୁ ଭଟ୍ଟ ଦାୟିତ୍ୱରୁ ଦୂରେଇ ରହିବା ଏହି ମିଶ୍ରଣର ପଥ ସୁଗମ କରିବା ପାଇଁ ଉଦ୍ଦିଷ୍ଟ। ତଥାପି ଏହି କଥାକୁ ନେଇ ଅନେକେ ସନ୍ଦେହ କରୁଛନ୍ତି। ମିଶ୍ରଣ ପାଇଁ ଧୈର୍ଯ୍ୟ ଏବଂ ନିରନ୍ତର ନେତୃତ୍ୱ ଆବଶ୍ୟକ, ତଥାପି ଭଟ୍ଟଙ୍କୁ ଅବସର ନେବା ପୂର୍ବରୁ ଛୁଟିରେ ପଠାଯାଇଛି। କେତେକେ ଅନୁମାନ କରନ୍ତି ଯେ, ତାଙ୍କ ପରିଚାଳନା ଶୈଳୀରେ ଶ୍ରମିକ ସଂଗଠନଗୁଡ଼ିକ ଅସନ୍ତୁଷ୍ଟ ଥିଲେ। ଅନ୍ୟମାନେ ସମ୍ଭାବ୍ୟ କ୍ରୟ ପ୍ରସଙ୍ଗରେ ସୂଚିତ କରନ୍ତି, ଯାହା ତାଙ୍କ ପ୍ରସ୍ଥାନର କାରଣ ହୋଇପାରେ। ଆଲୋଚନା ହେଉଛି ଯେ ନୂତନ ଭାବେ କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକଙ୍କ ନିଯୁକ୍ତିକୁ ନେଇ ରହିଥିବା ଅସନ୍ତୋଷ ସହ ଭଟ୍ଟଙ୍କ ପ୍ରସ୍ଥାନର ସମ୍ପର୍କ ଥାଇପାରେ। ସନ୍ଦୀପଙ୍କର ଆର୍‌ଆଇଏନ୍‌ଏଲ୍ ପରିଦର୍ଶନ ମଧ୍ୟ ଏକ କାରଣ ହୋଇଥାଇପାରେ। କାରଣ ଯାହା ହେଉନା କାହିଁକି, ଭଟ୍ଟଙ୍କ ଆକସ୍ମିକ ପ୍ରସ୍ଥାନ ସମଗ୍ର ଶିଳ୍ପଗୁଡ଼ିକରେ ଅଂଶୀଦାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ନିକଟରେ ଏହି ପରିସ୍ଥିତି ଏସ୍‌ଏଆଇଏଲ୍‌ର ଏକ ଘଟଣାରେ ପ୍ରତିଫଳିତ ହୋଇଛି, ଯେଉଁଠାରେ ଅନେକ ବରିଷ୍ଠ ଅଧିକାରୀଙ୍କୁ ମାସ ମାସ ପାଇଁ ନିଲମ୍ବିତ କରାଯାଇ ୨୦୨୪ ସାଧାରଣ ନିର୍ବାଚନ ପରେ ସେମାନଙ୍କୁ ପୁନଃ ସ୍ଥାପିତ କରାଯାଇଥିଲା।

### ଏଜିଏମ୍‌ୟୁଟି କ୍ୟାଡର୍‌ରେ ଅଦଳବଦଳ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଜିଏମ୍‌ୟୁଟି କ୍ୟାଡର୍( ଅରୁଣାଚଳ ପ୍ରଦେଶ– ଗୋଆ– ମଣିପୁର ଆଣ୍ଡ ୟୁନିୟନ ଟେରିଟୋରି) ୩୩ ଆଇଏଏସ୍ ଅଧିକାରୀ ଏବଂ ୪୫ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିଛି। ଅଜୟ ଭାଲାଙ୍କ ଉତ୍ତରାଧିକାରୀ ଭାବେ ଗୋବିନ୍ଦ ମୋହନ ନୂତନ କେନ୍ଦ୍ର ଗୃହ ସଚିବ ରୂପେ ନିଯୁକ୍ତ ହେବାର ଠିକ୍ ପରେ ସଚିବ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ଏଭଳି ଅଦଳବଦଳ ଆଶା କରାଯାଉଥିବାବେଳେ, ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଆଣ୍ଡାମାନ ଆଣ୍ଡ ନିକୋବର, ପୁଡୁଚେରୀ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମରେ ତିନିବର୍ଷ ପାଇଁ ନିଯୁକ୍ତ ଏଜିଏମ୍‌ୟୁଟି କ୍ୟାଡର୍‌ର ଅନେକ ଅଧିକାରୀ ଅସନ୍ତୁଷ୍ଟ ଥିଲେ। ସେହି କାରଣରୁ କିଭଳି କାର୍ଯ୍ୟକାଳ ଓ ବଦଳିକୁ ନିୟନ୍ତ୍ରଣ କରାଯିବ ତାହାକୁ ନେଇ ସମସ୍ୟା ରହିଥିଲା। ରୋଟେଶନାଲ ବଦଳି ବେଳେ ଅଧିକାରୀମାନେ କେମିତି ଅଧିକ ସୁଯୋଗ ଓ ଲାଭ ପାଇବେ ତାହାକୁ ନେଇ ଲଗାତର ଅଭିଯୋଗ ଉଠେ। ସେଥିପାଇଁ ଏକ ଢାଞ୍ଚା ଏବଂ ନିରପେକ୍ଷତା ସୃଷ୍ଟି କରିବାକୁ ଏହି ନୀତିଗୁଡ଼ିକ ଗଠନ କରାଯାଇଛି। କିନ୍ତୁ ଏହା ପ୍ରାୟତଃ ଘଟେ ନାହିଁ। ଉଦାହରଣ ସ୍ୱରୂପ, କିଛି ଅଧିକାରୀ ଦିଲ୍ଲୀ ପୋଲିସ କିମ୍ବା କେନ୍ଦ୍ରୀୟ ପୋଲିସ ସଂସ୍ଥାଗୁଡ଼ିକରେ ପାଞ୍ଚ, ସାତ କିମ୍ବା ଦଶ ବର୍ଷରୁ ଅଧିକ ସମୟ ରହିଛନ୍ତି, ଯାହା ସାଧାରଣ କାର୍ଯ୍ୟକାଳଠାରୁ ବହୁ ଅଧିକ। କେତେକ କ୍ଷେତ୍ରରେ ଏହି ଦୀର୍ଘ ନିଯୁକ୍ତିଗୁଡ଼ିକ ନୀତି ମଧ୍ୟରେ ଥିବାବେଳେ, ଅନ୍ୟାନ୍ୟ କ୍ଷେତ୍ରରେ ନିୟମକୁ ଅଣଦେଖା କରାଯାଇଥିବା ପରି ମନେହୁଏ, ଯାହାକୁ ନେଇ କେବଳ ସମସ୍ୟା ବଢ଼ିଥାଏ। ଏହି ଅସଙ୍ଗତି ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ନ୍ୟାୟ ଉପରେ ପ୍ରଶ୍ନ ଉଠାଏ। ଆଶା କରାଯାଏ, ଏହି ଅଦଳବଦଳ ସେହି ସମସ୍ୟାଗୁଡ଼ିକର କିଛି ସମାଧାନ କରିବ, ଏକ ଅଧିକ ସମାନତା ଏବଂ ସ୍ୱଚ୍ଛ ଆଭିମୁଖ୍ୟ ଆଣିବ।

Email: dilipcherian@gmail.com

# ପରିଧାନ ଓ ବ୍ୟକ୍ତିତ୍ୱ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ବର୍ଣ୍ଣାଡ ଶଙ୍କ ସମ୍ମାନାର୍ଥେ ଏକ ବ୍ରିଟିଶ୍ କ୍ଲବରେ ଭୋଜିର ଆୟୋଜନ କରାଯାଇଥାଏ। ସେହି କ୍ଲବରେ ପ୍ରବେଶକାରୀଙ୍କ ପାଇଁ ସୁଟ୍ ଓ ଟାଇ ପିନ୍ଧିବା ଏକ ବାଧ୍ୟତାମୂଳକ ନିୟମ ଥିଲା। ବର୍ଣ୍ଣାଡ ଶ ତାଙ୍କର ଦୈନନ୍ଦିନ ସାଧାରଣ ପୋଷାକ ପରିଧାନ କରି କ୍ଲବର ସଭାଗୃହକୁ ପ୍ରବେଶ କଲାବେଳେ ଦ୍ୱାରରକ୍ଷୀ ତାଙ୍କୁ ଅଟକାଇ ଦେଲା। ନିର୍ଦ୍ଧାରିତ ପୋଷାକ ପିନ୍ଧି ନ ଆସିଲେ କ୍ଲବ୍ ଭିତରକୁ ପ୍ରବେଶ ଅନୁମତି ନ ମିଳିବାରୁ ସେ ଫେରିଆସିଲେ ଓ ଅନୁମୋଦିତ ପୋଷାକ ପିନ୍ଧି କ୍ଲବ୍‌କୁ ଗଲେ। ସଭାଗୃହ ଭରପୂର ଥାଏ। ସମସ୍ତେ ତାଙ୍କ ଭାଷଣ ଶୁଣିବାକୁ ଅପେକ୍ଷା କରିଥାନ୍ତି। ଶ ଛିଡ଼ାହେଲେ ଓ ସମ୍ବୋଧନ କଲେ। ତାଙ୍କର କୋଟ୍ ଓ ଟାଇ ଖୋଲିଦେଇ ଚୌକି ଉପରେ ରଖିଦେଲେ ଓ କହିଲେ, ‘‘ମୁଁ ଆଜି ଆପଣମାନଙ୍କୁ କିଛି କହିବି ନାହିଁ।’’ ସମସ୍ତେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରନ୍ତେ ସେ କହିଲେ, ‘‘ଏହି କ୍ଲବର ପୃଷ୍ଠପୋଷକମାନଙ୍କ ପାଇଁ ବ୍ୟକ୍ତିତ୍ୱ ବା ମସ୍ତିଷ୍କ ନୁହେଁ, କୋଟ୍ ଓ ଟାଇ ପିନ୍ଧିବା ବେଶି ଗୁରୁତ୍ୱପୂର୍ଣ୍ଣ, କାରଣ ମୁଁ ଏହା ପିନ୍ଧି ନ ଥିବାରୁ କ୍ଲବ୍‌କୁ ପ୍ରବେଶ ଅନୁମତି ମିଳି ନ ଥିଲା। ଏଣୁ କୋଟ୍ ଉପଯୁକ୍ତ ସ୍ଥାନରେ ଥୋଇଦେଇଛି।’’ ଏତିକି କହି ସେ ସଭାଗୃହରୁ ବାହାରିଗଲେ। ସୁନ୍ଦର ଓ ଚାକଚକ୍ୟମୟ ପରିଧାନ ସର୍ବଦା ବ୍ୟକ୍ତିତ୍ୱର ପରିଚାୟକ ନୁହେଁ– ଏ କଥା ଶ ସେଦିନ ସୂଚାଇ ଦେଇଥିଲେ।

ଅନେକ ସମୟରେ ଆମେ ବ୍ୟକ୍ତିର ପୋଷାକ ପରିପାଟୀରୁ ତା’ର ବ୍ୟକ୍ତିତ୍ୱ ଆକଳନ କରିବାକୁ ଚେଷ୍ଟା କରୁ। ମାତ୍ର ପରିଧାନ ସବୁବେଳେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ ନାହିଁ। ଆମେରିକାରେ ସ୍ୱାମୀ ବିବେକାନନ୍ଦ ଗୈରିକ ବସ୍ତ୍ର ଓ ପଗଡ଼ି ପରିଧାନ କରିଥିବାରୁ ଉପହସିତ ହୋଇଥିଲେ। ମାତ୍ର ଏହି ବେଶଭୂଷାରେ ସେ ଶିକାଗୋ ଧର୍ମସଭାରେ ହିନ୍ଦୁଧର୍ମର ବିଜୟପତାକା ଉଡ଼ାଇଥିଲେ। ତାଙ୍କ ଜୀବନର ଆଉ ଏକ ଘଟଣା। ଥରେ ସେ ହାଓଡ଼ାରୁ ଟ୍ରେନ୍ ଯୋଗେ ମାଡ୍ରାସ ଯାଉଥିଲେ। ସେହି ଡବାରେ ଯାଉଥିଲେ ଦୁଇଜଣ ଗୋରା ସେନା ଅଫିସର। ସେମାନେ ଗୈରିକ ବସ୍ତ୍ର ପରିଧାନ କରିଥିବା ସ୍ୱାମିଜୀଙ୍କ ରୂପ ଦେଖି ବିଦ୍ରୂପ କରୁଥିଲେ। ଇଂଲିଶରେ କହୁଥିଲେ, ଭାରତରେ ଏଭଳି ଅନେକ ଗୈରିକ ବସ୍ତ୍ର ପରିଧାନ କରି ଆରାମରେ ଖାଇପିଇ ବଳିଷ୍ଠ ଶରୀର ଧାରଣ କରିଛନ୍ତି। ଏମାନେ ହେଲେ ମଣିଷ ମୂଷା। ଟ୍ରେନ୍ ମାଡ୍ରାସ ପୂର୍ବରୁ ଗୋଟିଏ ଷ୍ଟେଶନରେ ଅଟକିଲା। ପ୍ଲାଟଫର୍ମରେ ଶହ ଶହ ଅନୁଗାମୀ ଅପେକ୍ଷା କରିଥାନ୍ତି। ସ୍ୱାମିଜୀ ପ୍ଲାଟଫର୍ମକୁ ଓହ୍ଲାଇ



ସେମାନଙ୍କୁ ଇଂଲିଶରେ ପାଞ୍ଚମିନିଟ ଉଦ୍‌ବୋଧନ ଦେଲେ। ପୁଣି ଟ୍ରେନ ଚାଲିଲା। ସେହି ଡବାରେ ବସିଥିବା ସେହି ଦୁଇ ଗୋରା ସୈନିକ ସ୍ୱାମିଜୀଙ୍କୁ ପ୍ରଶ୍ନ କଲେ ସେମାନେ ତାଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିଥିଲେ ମଧ୍ୟ ସେ କାହିଁକି ପ୍ରତିବାଦ କଲେ ନାହିଁ? ସେମାନଙ୍କ ଧାରଣା ଥିଲା ସେ ଇଂଲିଶ ବୁଝିପାରୁନାହାନ୍ତି। ମାତ୍ର ତାଙ୍କ ଇଂଲିଶ ଉତ୍କୃଷ୍ଟ ଥିଲା ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସେମାନେ ଲଜ୍ଜିତ ହେଲେ। ମହାତ୍ମା ଗାନ୍ଧୀଙ୍କ ଆଣ୍ଠୁ ଲୁଚୁ ନ ଥିବା ଧୋତି ଓ ବାଡ଼ି ଦେଖି ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ତାଙ୍କୁ ଅର୍ଦ୍ଧନଗ୍ନ ଫକିର କହିଥିଲେ। ମାତ୍ର ସେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇ ଭାରତର ସ୍ୱାଧୀନତା ଆଣିଥିଲେ। ଏଣୁ ଅନାକର୍ଷଣୀୟ ପରିଧାନ ଅନ୍ତରାଳରେ ମଧ୍ୟ ଏକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥାଇପାରେ–ଏକଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ।

ଥରେ ଜଣେ ଉଚ୍ଚଶିକ୍ଷିତ ଯୁବକ ଗୋଟିଏ ରେଳଷ୍ଟେଶନରେ ଗୋଟିଏ ଆଟାଚି ଧରି ଓହ୍ଲେଇଲେ ଓ କୁଲି କୁଲି ବୋଲି ପାଟିକଲେ। ପାଖରେ ଠିଆ ହୋଇଥାନ୍ତି ସାଧାରଣ ଧୋତି କୁର୍ତ୍ତା ପିନ୍ଧିଥିବା ଜଣେ ଭଦ୍ରଲୋକ। ସେ କୁଲି ହୋଇଥିବ ଭାବି ଆଟାଚିଟା ତାଙ୍କୁ ଧରାଇଦେଲେ ଓ ଗନ୍ତବ୍ୟସ୍ଥଳରେ ପହଞ୍ଚିଲେ। ପରବର୍ତ୍ତୀ ସମୟରେ ଏକ ସଭାରେ ସେହି ଭଦ୍ରବ୍ୟକ୍ତିଙ୍କ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଶୁଣି ନିଜେ ଲଜ୍ଜିତ ହେଲେ। ସେ ଥିଲେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର। ଏଣୁ ପରିଧାନରୁ ଜଣକର ବ୍ୟକ୍ତିତ୍ୱ ଆକଳନ କରିବା ସଂପୂର୍ଣ୍ଣ ଭ୍ରମାତ୍ମକ।

ଇନ୍‌ଫୋସିସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି ବାଙ୍ଗାଲୋର ଫେରିବା ପାଇଁ ଲଣ୍ଡନ ବିମାନ ବନ୍ଦରରେ ଅପେକ୍ଷା କରିଥାନ୍ତି। ସେ ପିନ୍ଧିଥାନ୍ତି ସାଧାରଣ ସଲୱାର କାମିଜ। ବିମାନ ଭିତରକୁ ପ୍ରବେଶ କରିବାକୁ ଘୋଷଣା ହେଲା। ସୁଧା ଧାଡ଼ିରେ ଛିଡ଼ା ହେଲେ। ତାଙ୍କ ଆଗରେ ଛିଡ଼ା ହୋଇଥାନ୍ତି ଯତ୍ନଶୀଳ ଭାବରେ ପ୍ରସାଧନ କରିଥିବା ଓ ଏକ ସୁନ୍ଦର ସିଲ୍‌କ ଜାମା ପିନ୍ଧିଥିବା ଜଣେ ସମ୍ଭ୍ରାନ୍ତ ମହିଳା। ତାଙ୍କ ସାଙ୍ଗରେ ଥାନ୍ତି ତାଙ୍କ ଜଣେ ବାନ୍ଧବୀ। ସେ ପିନ୍ଧିଥାନ୍ତି ଏକ ମୁକ୍ତାହାର କାନଫୁଲ ଓ ହୀରାର ଚୁଡ଼ି। ଉଭୟେ ଦେଖାଯାଉଥିଲେ ଧନୀ ଓ ସୌଖୀନ। ତାଙ୍କ ଠିକ୍ ସମ୍ମୁଖରେ ଛିଡ଼ା ହୋଇଥିବା ଭଦ୍ରମହିଳା ହଠାତ୍ ସୁଧାଙ୍କୁ ତାଙ୍କ ବୋର୍ଡ଼ିଂପାସ୍ (ବିମାନକୁ ପ୍ରବେଶ ଅନୁମତି ପତ୍ର) ଦେଖାଇବାକୁ କହିଲେ। ସୁଧା ତା’ର କାରଣ ପଚାରନ୍ତେ ସେ କହିଲେ ‘‘ଆପଣ ଯେଉଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ଏହା କେବଳ ଉଚ୍ଚଶ୍ରେଣୀ ଟିକେଟ୍ (ବିଜନେସ୍ କ୍ଲାସ୍) ଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ସେ ସୁଧା ମୂର୍ତ୍ତିଙ୍କ ସାଧାରଣ ବେଶଭୂଷାରୁ ଧରି ନେଇଥିଲେ ସେ ଜଣେ ଉଚ୍ଚଶ୍ରେଣୀର ମହିଳା ନୁହନ୍ତି। ତାଙ୍କ ପାଖରେ ସାଧାରଣ ଶ୍ରେଣୀ (ଇକୋନୋମି କ୍ଲାସ୍) ଟିକେଟ ଥିବ। ତାଙ୍କ ପାଇଁ ରହିଛି ଅଲଗା ଧାଡ଼ି। ସୁଧା ତାଙ୍କ ମନୋଭାବ ବୁଝିପାରିଲେ। ସେହି ମହିଳାଙ୍କ ବେଶଭୂଷା ଓ କଥନଭଙ୍ଗୀରେ ପ୍ରକାଶ ପାଉଥିଲା ଆଭିଜାତ୍ୟର ଅହଂକାର। ସୁଧାଙ୍କ ପାଖରେ ଉଚ୍ଚଶ୍ରେଣୀ ଟିକେଟ ଥିଲା, ତଥାପି ସେ ନୀରବ ରହନ୍ତେ ସେହି ଭଦ୍ରମହିଳା ପୁଣି କହିଲେ, ‘‘ଦେଖନ୍ତୁ, ସାଧାରଣ ଶ୍ରେଣୀ (ଇକୋନୋମି କ୍ଲାସ) ଅପେକ୍ଷା ଉଚ୍ଚଶ୍ରେଣୀ (ବିଜନେସ କ୍ଲାସ) ଟିକେଟର ମୂଲ୍ୟ ଅଢ଼େଇଗୁଣ ଅଧିକ।’’ ତାଙ୍କ ବାନ୍ଧବୀ ପୁଣି ଯୋଡ଼ି ଦେଇ କହିଲେ, ‘‘ଏହି ଶ୍ରେଣୀରେ ଅନେକ ସ୍ୱତନ୍ତ୍ର ଆରାମଦାୟକ ସୁବିଧା ରହିଛି।’’ ସେମାନେ ସୁଧାଙ୍କୁ ସେହି ଧାଡ଼ିରୁ ବାହାରିଯାଇ ସାଧାରଣ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଧାଡ଼ିରେ ଛିଡ଼ା ହେବାକୁ ପରାମର୍ଶ ଦେଲେ। ସୁଧା ତାଙ୍କ କଥା ନ ଶୁଣି ସେହି ଧାଡ଼ିରେ ଛିଡ଼ା ହୋଇ ରହନ୍ତେ ସେହି ମହିଳା କହିଲେ, ‘‘ଆପଣମାନଙ୍କ ଭଳି ଗୋରୁଶ୍ରେଣୀର (CATTLE CLASS) ଲୋକଙ୍କୁ ବୁଝାଇ ହେବ ନାହିଁ।’’ ଏହି ସାଧାରଣ ଶ୍ରେଣୀ (ଇକୋନୋମି କ୍ଲାସ)ରେ ଯାତ୍ରୀଙ୍କ ପାଇଁ ସୀମିତ ସ୍ଥାନ ଓ ସୁବିଧା ଥିବାରୁ ଏହି ଶ୍ରେଣୀକୁ ପରିହାସରେ ‘‘ଗୋରୁ ଶ୍ରେଣୀ’’ କୁହାଯାଏ। ସୁଧା ମୂର୍ତ୍ତିଙ୍କୁ ସେହି ଭଦ୍ର ମହିଳାଙ୍କ କଥା ଆଘାତ ଦେଲା। ସେ ବିମାନ କର୍ମଚାରୀଙ୍କୁ ତାଙ୍କ ଉଚ୍ଚଶ୍ରେଣୀର ପ୍ରବେଶ ପତ୍ର ଦେଖାଇଲେ ଓ ଅଗ୍ରସର ହେଲେ। ଭଦ୍ରମହିଳା ଦୁଇଜଣଙ୍କ ଧାରଣା ଭୁଲ ପ୍ରମାଣିତ ହେଲା। ସେମାନଙ୍କ ଅହଂକାରକୁ ଏକ ଧକ୍କା ଆସିଲା। ଟିକିଏ ଆଗକୁ ଯାଇ ସୁଧା ସେମାନଙ୍କୁ କହିଲେ, ‘‘ଉଚ୍ଚ ଶ୍ରେଣୀର ଅର୍ଥ ନୁହେଁ ଅଜସ୍ର ଅର୍ଥ ଠୁଳ କରିବା। ଅର୍ଥ ରୋଜଗାର କରିବା ପାଇଁ ବହୁ ଅନୈତିକ ମାର୍ଗ ଅଛି। ସେହିଭଳି ମାର୍ଗରେ ଅଜସ୍ର ଅର୍ଥ ରୋଜଗାର କରିହେବ ଓ ବହୁମୂଲ୍ୟ ପୋଷାକ ଓ ଅଳଙ୍କାର ପିନ୍ଧିହେବ।’’ ଏହା କହି ସୁଧା ଚାଲିଗଲେ। ଚାକଚକ୍ୟମୟ ପରିଧାନ ମଣିଷର ଅହଂକାର ସୂଚାଏ ସିନା, ନମ୍ରତା ସୂଚାଏ ନାହିଁ। ଅପରପକ୍ଷରେ ଜଣେ ସାଧାରଣ ପୋଷାକ ପିନ୍ଧିପାରେ, ମାତ୍ର ତାରି ଭିତରେ ଲୁକ୍କାୟିତ ଥାଇପାରେ ଏକ ଅସାଧାରଣ ମହାନ୍ ବ୍ୟକ୍ତିତ୍ୱ। ସେଦିନ ସେହି ସମ୍ଭ୍ରାନ୍ତ ମହିଳା ଦୁଇଜଣ ଏହି କଥା ବୁଝିପାରି ନ ଥିଲେ।

ମୋ: ୯୪୩୭୩୨୯୨୬୩

# ବିଶ୍ୱ ଶାନ୍ତି ପାଇଁ ଆଶା



ଶ୍ରୀ ଶ୍ରୀ ରବି ଶଙ୍କର

## ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଦିବସ ଉପଲକ୍ଷେ



ପୃଥିବୀ ଶାନ୍ତିମୟ ସେତେବେଳେ ହେବ, ଯେତେବେଳେ ପୃଥିବୀରେ ରହୁଥିବା ସବୁ ଲୋକ ଶାନ୍ତିରେ ରହିବେ। କେତେବେଳେ ଜଣେ ଖୁସି ହେବେ? ଯେତେବେଳେ ଲୋକେ ଉତ୍ତେଜନା ମୁକ୍ତ ହେବେ ସେତେବେଳେ ଖୁସି ହୋଇପାରିବେ। ତେବେ ଉତ୍ତେଜନାର କାରଣ କ’ଣ? ଗୋଟିଏ କାରଣ ହେଲା ଲୋକମାନେ, ଆମ ଜୀବନ ସାଥୀ, ଆମ ସହ କର୍ମୀ, ଆମ ମାତା ପିତା ଓ ଆମ ସନ୍ତାନ ଆମକୁ ଠିକ୍‌ସେ ବୁଝିପାରୁ ନାହାନ୍ତି। ଏହି ଯୋଗାଯୋଗ ସମସ୍ୟାଟି ବହୁତ ବଡ଼ ଝଡ଼ଝଞ୍ଜା ସୃଷ୍ଟି କରୁଛି।

ଯୋଗାଯୋଗ ଖଣ୍ଡିତ ହେଲେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଉଭୟ ପକ୍ଷ ନିଜ ବିଚାରଧାରା ପକ୍ଷ ନେଇ ଦୃଢ଼ ରହିଥାନ୍ତି। ସମସ୍ୟାର ସମାଧାନ ଲାଗି ଉଭୟ ପକ୍ଷ ବୃହତ୍ ଚିତ୍ରପଟକୁ ଆଖି ଆଗରେ ରଖି ଟିକିଏ ଉପରକୁ ଉଠି ବାସ୍ତବତାର ପରିପେକ୍ଷଣ କରି ସମସ୍ୟାର ସମାଧାନ କରିବା ଉଚିତ। ସମାଧାନ ଲାଗି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର।

ଘରୋଇ ଦ୍ୱନ୍ଦ୍ୱ ବା ବିବାଦରେ ଅନ୍ୟାୟ ବିରୋଧରେ ଯେଉଁମାନେ ହିଂସକ ମାଧ୍ୟମକୁ ସ୍ୱୀକାର କରିଥାନ୍ତି, ସେମାନଙ୍କୁ ଠିକ୍ ଭାବେ ବାର୍ତ୍ତାଳାପ ବା ଆଲୋଚନାରେ ସଂଶ୍ଳିଷ୍ଟ କରାଯାଇପାରିବ। ତାଙ୍କ ତରଫରୁ ପରିପେକ୍ଷଣ କରିକି ଦେଖ ସେମାନେ ଏକ କାରଣର ନ୍ୟାୟ ଲାଗି ଲଢ଼ିଥାନ୍ତି। ଏକ ଧାରାରେ ସେମାନଙ୍କ ପ୍ରତିଶ୍ରୁତି, ସେମାନଙ୍କ ତ୍ୟାଗ ଭାବ ପ୍ରଶଂସନୀୟ। ଯେତେବେଳେ ବାହ୍ୟ ଶକ୍ତିର ପ୍ରାଚୁର୍ଯ୍ୟ ଆନ୍ତରିକ ଶାନ୍ତିର ପରିପୂରକ ହୋଇପାରିବ ସେମାନେ ସମାଜର ଏକ ବରଦାନ ଭାବେ ପ୍ରମାଣିତ ହୋଇପାରିବେ। ଆମର ଅନେକ ନିଃଶୁଳ୍କ ଆଦିବାସୀ ବିଦ୍ୟାଳୟ, ଯାହାକି ମାଓବାଦୀ ପୀଡ଼ିତ ଅଞ୍ଚଳରେ ଅଛି, ସେଗୁଡ଼ିକ ପୂର୍ବତନ ମାଓବାଦୀଙ୍କ ଦ୍ୱାରା ଚାଳିତ ହେଉଛି। ପ୍ରଥମେ ସେମାନେ ଆମ ସ୍ୱେଚ୍ଛାସେବୀଙ୍କୁ ଭୟଭୀତ କରୁଥିଲେ ବିଦ୍ୟାଳୟ ବନ୍ଦ କରିବାକୁ। କିନ୍ତୁ ସେମାନେ ଯେତେବେଳେ ଦେଖିଲେ ଏହି ଉଦ୍ୟମରେ ତାଙ୍କର ସମ୍ପ୍ରଦାୟ ଲାଭାନ୍ୱିତ ହେଉଛନ୍ତି ସେମାନେ ନିଜେ ସ୍ୱୟଂ ସେବକ ହୋଇଗଲେ।

ଯେମିତି ହେଉ, ଧାର୍ମିକ ଧର୍ମାନ୍ଧତା ପାଇଁ ଯେଉଁ ଆତଙ୍କ ବଢୁଛି ସେଥିପାଇଁ ବାର୍ତ୍ତାଳାପ ଯଥେଷ୍ଟ ନୁହେଁ। ସେମାନେ ଧାର୍ମିକ ମତବାଦରେ ଅନ୍ଧ ହୋଇ କୌଣସି ଆଲୋଚନା କିମ୍ବା ବାର୍ତ୍ତାଳାପକୁ ଖୋଲାଖୋଲି ଭାବେ ସ୍ୱୀକାର କରୁନାହାନ୍ତି। ସେମାନଙ୍କ ପାଇଁ ଯେଉଁ ଲୋକମାନେ ତାଙ୍କ ଧର୍ମଗ୍ରନ୍ଥକୁ ମାନୁନାହାନ୍ତି ଓ ଏବେ ଅଲଗା ଭାବନା ଅଛି ସେମାନଙ୍କ ଅସ୍ତିତ୍ୱ ରହିବା ଉଚିତ ନୁହେଁ। ଏଭଳି ଉଗ୍ରମନୋବୃତ୍ତି ବିସ୍ତାର ହେବା ଆଗରୁ ନିବାରଣ କରିବାକୁ ପଡିବ। ବିଭିନ୍ନ ଧର୍ମ ଶିକ୍ଷା ଓ ଶାନ୍ତି ଶିକ୍ଷା ପାଇଁ ଧାର୍ମିକ ନେତାମାନେ ନିରପେକ୍ଷ ଭୂମିକା ନିଭେଇପାରିବେ।

‘ସ୍ୱର୍ଗର ଏକାକୀ ମାଲିକାନା ’ଭାବନାକୁ ବଦଳେଇ ‘ଅନେକ ରାସ୍ତା ଗୋଟିଏ ଲକ୍ଷ୍ୟ ’ଏହି ବିଚାରକୁ ଆଣିବାକୁ ପଡ଼ିବ। ବିଭିନ୍ନତା ଆମ ଗ୍ରହର ଏକ ଦରକାରୀ ଲକ୍ଷଣ, ଯାହାକି ଆମକୁ ନିର୍ଦ୍ଦିଷ୍ଟ ସହନଶୀଳତା ଆମର ନିର୍ଦ୍ଦିଷ୍ଟ ସୂଚୀତାନୁସାରେ ସେମାନେ ମାନିବେ। ତମକୁ ଯାହା ଭଲ ଲାଗୁନି ତାହା ସହିବାକୁ ହେବ। ସମୟ ଆସିଗଲା ପରସ୍ପରର ଧର୍ମ ପ୍ରତି ପ୍ରେମଭାବ ନିଜ ଧର୍ମ ଭଳିଆ ଦେଖେଇବାକୁ ହେବ। ଗୋଟିଏ ଧର୍ମ ମହାନ। ଏଥିପାଇଁ ନୁହେଁ କି ମୋ ଧର୍ମ ବୋଲି କିନ୍ତୁ ଏଥିଲାଗି ମହାନ ଯାହା ତା’ର ଅସ୍ତିତ୍ୱ। ଏହି ଧାରଣାରେ ପ୍ରତ୍ୟେକ ପୁରୋହିତ, ଧର୍ମଯାଜକ ଏବଂ ଧାର୍ମିକ ନେତା ଅନୁପ୍ରାଣିତ ହେଲେ ଯାଇ ଧର୍ମାନ୍ଧତା ଓ ମୂଳତତ୍ତ୍ୱବାଦ, ଯାହା ଆମ ବିଶ୍ୱରେ ଚାଲିଛି, ତା’ର ଅନ୍ତ ହୋଇପାରିବ।

ବାସ୍ତବରେ ଭିନ୍ନ ଧର୍ମ ମଧ୍ୟରେ କିଛି ମତଭେଦ ନାହିଁ। ସେମାନଙ୍କ ଭିତରେ ସାଧାରଣ ସୂତ୍ର ରହିଛି। ଭୁଲ ବୁଝାମଣା ହେଲେ ସଂଘର୍ଷ ହୁଏ। ଏହା ହିଁ ଅନେକ ଘରେ ଦେଖାଯାଏ। ପିଲାମାନେ ମାତାପିତାଙ୍କୁ, ମାତାପିତା ପିଲାମାନଙ୍କୁ ଭୁଲ୍ ବୁଝି ଥାନ୍ତି ଓ ଅସନ୍ତୋଷ ପ୍ରକାଶ କରନ୍ତି। ଏସବୁ ଭୁଲ୍ ବୁଝାମଣାର ପରିଣାମ। ଆମ ସମସ୍ତଙ୍କ ମଧ୍ୟରେ ଯୋଗାଯୋଗର ସମସ୍ୟା ରହିଛି। ତେବେ ଅନ୍ୟମାନଙ୍କ ଉପରେ ଦୋଷାରୋପ କରିବା ଛାଡି ନିଜର ନିଜକୁ ବ୍ୟକ୍ତ କରିବାର କ୍ଷମତାକୁ ଉନ୍ନତ କରିବାକୁ ପଡିବ।

ପ୍ରକୃତ ଯୋଗାଯୋଗ ଶବ୍ଦତୀତ ଗୋଟିଏ ଭାଷା। ଜୀବଜନ୍ତୁ, ଗଛ ସମସ୍ତେ ହୃଦୟର ଭାଷା ବୁଝିପାରନ୍ତି। ଛୋଟ ଶିଶୁର ଉଦାହରଣ ଦେଖନ୍ତୁ ଯିଏ କଥା କହି ପାରେନି, କିନ୍ତୁ ତା’ର ସବୁ ପ୍ରେମ ଏକାଥରେ ପ୍ରକାଶ କରିଦିଏ। ଏପରିକି ଗୋଟିଏ ପାଳିତ କୁକୁର ତୁମକୁ ଘରକୁ ସ୍ୱାଗତ କରିବାକୁ ସବୁ ପ୍ରକାର ଉତ୍ତେଜନା ଦେଖେଇ ଦିଏ। ସେମାନଙ୍କ ଉପସ୍ଥିତି ପ୍ରେମକୁ ସୂଚିତ କରିଥାଏ। ଆମେ ଆମର ଉପସ୍ଥିତିରେ ଶବ୍ଦଠାରୁ ବେଶି ଯୋଗାଯୋଗ କରିପାରୁ। ପ୍ରକୃତିର ନିୟମ ଅଛି, ଯାହା ତମେ ଦବ ତାହା ତମେ ପାଇବ। ତେଣୁ ତମେ ପ୍ରେମ ପ୍ରକ୍ଷେପିତ କଲେ ପ୍ରେମ ହିଁ ପାଇବ।

ଶାନ୍ତି ଆମ ଆତ୍ମାର ପ୍ରକୃତି। ଏହି ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଦିବସରେ ଆମେ ଗର୍ବ ସହ ପ୍ରେମ, ଶାନ୍ତି ଏବଂ ସହାନୁଭୂତିର ପୁନଃ ସ୍ଥାପନା କରିବା। ଯେପର୍ଯ୍ୟନ୍ତ ନିଜ ଭିତରେ ଶାନ୍ତି ମିଳିବ ନାହିଁ ପୃଥିବୀ ଶାନ୍ତିପୂର୍ଣ୍ଣ ହୋଇ ପାରିବନି ଏବଂ ଆମ ଜୀବନରେ ବ୍ୟକ୍ତିଗତ ଉନ୍ନତି ହୋଇ ପାରିବନି।

## ଏଇ ଭାରତରେ

ଅନ୍ୟାୟକୁ ବିରୋଧ କରୁଥିବା ଜଣେ ଯୁବ କର୍ମଚାରୀଙ୍କ ହତ୍ୟା ଘଟଣାରେ ନ୍ୟାୟାଳୟରେ ଲଢ଼େଇ କରି ଅପରାଧୀଙ୍କୁ ଦଣ୍ଡିତ କରିବାରେ ଏକ ଦମ୍ପତି ଅଞ୍ଜଳି ମୁଲାଟି ଓ ଏଚ. ଜୟଶଙ୍କରଙ୍କ ଦୃଢ଼ ପ୍ରତିବଦ୍ଧତା ଏକ ଉଦାହରଣ ହୋଇ ରହିଛି। ୨୦୦୬ରେ ଉତ୍ତରପ୍ରଦେଶ ଲଖିମପୁର ଖେରି ଜିଲାରେ ଏକ ପେଟ୍ରୋଲ ପମ୍ପ ସିଲ୍ ଘଟଣାରେ ହତ୍ୟା କରାଯାଇଥିବା ଆଇଆଇଏମ୍ ଲକ୍ଷ୍ନୌର ଗ୍ରାଜୁଏଟ ତଥା ଆଇଓସିଏଲ୍‌ର ସେଲ୍ସ ଅଫିସର ମଞ୍ଜୁନାଥ ଶନ୍‌ମୁଗମଙ୍କୁ ନ୍ୟାୟ ପ୍ରଦାନ ସହ ୮ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଦମ୍ପତି ଆଇଆଇଏମ୍‌ର ପୁରାତନ ଛାତ୍ର ହୋଇଥିବାରୁ ସେମାନେ ବିଭିନ୍ନ ଆଇଆଇଏମ୍ ଛାତ୍ରଙ୍କ ସହଯୋଗରେ ଏହି ନ୍ୟାୟିକ ଲଢ଼େଇ ପାଇଁ କିଛି ତ୍ୟାଗ କରିଥିଲେ। ସେମାନେ ମଞ୍ଜୁନାଥଙ୍କ ହତ୍ୟା ଘଟଣାକୁ ଟିଭିରେ ଦେଖିବା ପରେ ଏଭଳି ନିଷ୍ପତ୍ତି ନେଇଥିଲେ। ସେହି ମାମଲା ଚଳାଇବା ସମୟରୁ ଏହି ଦମ୍ପତି ‘ମଞ୍ଜୁନାଥ ଟ୍ରଷ୍ଟ’ ଗଠନ କରି ସ୍ୱେଚ୍ଛାସେବୀଙ୍କ ସହଯୋଗରେ ବହୁ ହ୍ୱିସିଲବ୍ଲୋୟରଙ୍କୁ ନ୍ୟାୟିକ ଲଢ଼େଇରେ ସହଯୋଗ କରୁଛନ୍ତି। ସେମାନେ ମଧ୍ୟ ଭାରତର ପ୍ରଥମ ରାଇଟ ଟୁ ଇନ୍‌ଫର୍ମେଶନ ଆକ୍ଟ(ଆରଟିଆଇ) ହେଲପ୍‌ଲାଇନର ଶୁଭାରମ୍ଭ କରିଛନ୍ତି। ଏହା ସାହାଯ୍ୟରେ ଅନେକ ହଜାର ଲୋକ ଅନ୍ୟାୟ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୭୫

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବିହାର, ଓଡ଼ିଶା ଓ ଉତ୍ତର ପ୍ରଦେଶର ବନ୍ୟାବିପନ୍ନ ଲୋକଙ୍କୁ ସାହାଯ୍ୟ ପାଇଁ ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଭାରତ ଓ ରୁଷିଆ ମଧ୍ୟରେ ‘ଟ୍ରପୋସ୍କାଟର’ ରେଡିଓ ଯୋଗାଯୋଗ ସ୍ଥାପନ କରିବା ନିମନ୍ତେ ଦୁଇ ଦେଶର ବିଶେଷଜ୍ଞମାନଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | 6 | |
| | | | 3 | | 5 | | | |
| | 5 | | | 4 | | | 9 | |
| 3 | | | | | | | | 5 |
| | 7 | 4 | | 5 | | | | 1 |
| 6 | 8 | | | | | 4 | | 2 |
| | 4 | | | | | | | |
| 7 | | 6 | 2 | | | | | |
| 5 | | 1 | | 7 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଉରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 1 | 3 | 4 | 9 | 6 | 2 |
| 3 | 4 | 6 | 9 | 5 | 2 | 7 | 1 | 8 |
| 2 | 1 | 9 | 7 | 8 | 6 | 3 | 4 | 5 |
| 1 | 9 | 8 | 6 | 2 | 5 | 4 | 3 | 7 |
| 5 | 3 | 7 | 4 | 9 | 8 | 6 | 2 | 1 |
| 6 | 2 | 4 | 3 | 1 | 7 | 8 | 5 | 9 |
| 4 | 5 | 3 | 8 | 7 | 1 | 2 | 9 | 6 |
| 9 | 8 | 1 | 2 | 6 | 3 | 5 | 7 | 4 |
| 7 | 6 | 2 | 5 | 4 | 9 | 1 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଜ ସାର ବ୍ୟବହାର କରନ୍ତୁ

ମହାଶୟ,

ଆଜିକାଲି ପ୍ରାୟ ସବୁ ଜାଗାରେ ରାସାୟନିକ ସାରର ବହୁଳ ଭାବରେ ବ୍ୟବହାର କରାଯାଉଛି, ଯାହାର ଫଳ ସ୍ୱରୂପ ମାଟି ଟାଣ ହେବା ସହିତ ତାହାର ମୂଳ ଉର୍ବରତା ନଷ୍ଟ ହୋଇ ଯାଉଛି ଓ କୃଷି ଉତ୍ପାଦନ ହ୍ରାସ ପାଉଛି। ରାସାୟନିକ ସାର ଆସିବା ପୂର୍ବରୁ ଚାଷୀମାନେ ଗୋବର ଖତ ବ୍ୟବହାର କରୁଥିଲେ, ଯାହାକି ବର୍ଷ ସାରା ମାଟିର ଉର୍ବରତା ରକ୍ଷା ହେବା ସହିତ ମାଟି ହାଲୁକା ରହୁଥିଲା ଓ ମାଟିରେ ଜଳୀୟ ଅଂଶ ରହୁଥିବାରୁ ଅଙ୍କୁରୋଦ୍ଗମ ହେବା ପାଇଁ ସହାୟକ ହେଉଥିଲା। ରାସାୟନିକ ସାର ବ୍ୟବହାର ଦ୍ୱାରା ମାଟିର ଜଳ ଧାରଣ ଶକ୍ତି କମିବା ସହିତ ଉତ୍ପାଦନ ଶକ୍ତି ମଧ୍ୟ ହ୍ରାସ ପାଏ। ବିଶେଷ କରି ଧାନ, ଆଖୁ, ଆଳୁ, ଗହମ ଆଦି ଫସଲ ଓ ପନିପରିବା ଚାଷ ପାଇଁ ରାସାୟନିକ ସାର ସହିତ କମ୍ପୋଷ୍ଟ ଖତ,ଗୋବର ଖତ, ସବୁଜ ସାର ଦେବା ଉଚିତ। ଆଜିକାଲି ପ୍ରଚୁର ପରିମାଣରେ ପ୍ରାକୃତିକ ଖତ ମିଳୁ ନଥିବାରୁ ମାଟିର ଉର୍ବରତାକୁ ରକ୍ଷା କରିବା ପାଇଁ କୃଷି ବିଜ୍ଞାନୀମାନେ ସବୁଜ ସାର ବ୍ୟବହାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି ଓ ଚାଷୀମାନଙ୍କୁ ଏହି ସବୁଜ ସାର ବିଷୟରେ ବୁଝାଉଛନ୍ତି। ଏଥିପାଇଁ ଖାଲ ଜମିରେ ଧନିଚା ଓ ଢିପ ଜମିରେ ଛଣି, ବରଗୁଡ଼ି ଜାତୀୟ ଫସଲ ଚାଷ କରି ତାକୁ ହଳ କରି ଜମିରେ ମିଶାଇ ଦେଲେ ତାହା ସବୁଜ ସାରରେ ପରିଣତ ହୋଇଯାଏ। ଚାଷୀ ଭାଇମାନେ ସବୁଜ ସାର ବ୍ୟବହାରକୁ ହୃଦୟଙ୍ଗମ କରି ଏହାକୁ ବ୍ୟବହାର କରିବା ପାଇଁ ଆଗେଇ ଆସିଲେ ତାହା ମାଟି ଓ ପରିବେଶ ପାଇଁ ଅନୁକୂଳ ହୋଇପାରିବ। ଏହାସହ ଫସଲ ଆମଦାନୀ ବୃଦ୍ଧି ସହିତ ଜମିର ଉର୍ବରତା ସର୍ବଦା ରହିପାରିବ।

–ଲକ୍ଷ୍ମୀ ନାରାୟଣ କର, ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି।
–(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୩ ଘଣ୍ଟାରେ ଲାଗିଲା ୩୬ ମିଟର ଗାର୍ଡର



ଭୁବନେଶ୍ୱର,୨୦।୯ (ଅନୁରାଧା ମହାରଣା)

## ଭିଏସ୍ଏସ୍ ନଗର ଆର୍ଓବି

ପୂର୍ବତଟ ରେଳପଥ ପକ୍ଷରୁ ଭିଏସ୍ଏସ୍ ନଗରଠାରେ ଏକ ରୋଡ୍ ଓଭର ବ୍ରିଜ (ଆରଓବି) ନିର୍ମାଣ କରାଯାଉଛି। ଏଠାରେ ମାତ୍ର ୩ ଘଣ୍ଟା ମଧ୍ୟରେ ୩୬ ମିଟର ଲମ୍ବ ବିଶିଷ୍ଟ ୫ଟି ଷ୍ଟିଲ ଗାର୍ଡ଼ର ସଫଳତାର ସହ ସ୍ଥାପନ କରାଯାଇଛି। ପ୍ରତ୍ୟକ ଷ୍ଟିଲ୍ ଗାର୍ଡର ଓଜନ ୩୫ ଟନ୍ ଲେଖାଏ ରହିଛି। ଏହି କାର୍ଯ୍ୟ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ସହଯୋଗରେ ୩ ଘଣ୍ଟିଆ ଟ୍ରାଫିକ ଏବଂ ଓଭରହେଡ୍ ଇକ୍ୟୁପମେଣ୍ଟ (ଓଏଚ୍ଇ) ବ୍ଲକ ନିଆଯାଇ ରେଳପଥର ନିର୍ମାଣ ବିଭାଗ ଦ୍ୱାରା ସମ୍ପନ୍ନ କରାଯାଇଛି। ଭାରତର ବ୍ୟସ୍ତବହୁଳ ରେଳ ସେକ୍ସନ ମଧ୍ୟରୁ ହାଓଡ଼ା-ଚେନ୍ନାଇ ମେନ୍ ଲାଇନରେ ଏପରି ଏକ ଚ୍ୟାଲେଞ୍ଜିଂ ଅପରେଶନ କରିବା ଆହ୍ୱାନପୂର୍ଣ୍ଣ ବୋଲି ମୁଖ୍ୟ ପ୍ରୋଜେକ୍ଟ ମ୍ୟାନେଜର କହିଛନ୍ତି। ଏହା ଆର୍ଓବି ନିର୍ମାଣରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରୁଛି। ଭିଏସ୍ଏସ୍ନଗର ଲେଭଲ କ୍ରସିଂ ଦୀର୍ଘଦିନ ଧରି ଉଭୟ ସଡକ ଓ ରେଳ ଟ୍ରାଫିକ ପାଇଁ ଏକ ପ୍ରତିବନ୍ଧକ ହୋଇଆସୁଛି। ଏହାକୁ ବଦଳାଇବା ପାଇଁ ଭିଏସ୍ଏସ୍ ନଗରରେ ଆରଓବି ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ସମାପ୍ତ ହେବା ପରେ ଏହା ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଚକେଇସିଆଣୀ, ଭିଏସ୍ଏସ୍ ନଗର, ସୈନିକ ସ୍କୁଲ, ଗାଡ଼କଣ ଏବଂ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳରେ ଗାଡି ଚଳାଚଳ ଓ ଟ୍ରାଫିକ ପରିଚାଳନା ସୁବନ୍ଦୋବସ୍ତିତ ହୋଇପାରିବ ବୋଲି ଆଶା କରାଯାଉଛି। ତେବେ ପ୍ରକଳ୍ପରେ ଗାର୍ଡର ସ୍ଥାପନ ସରିଥିବାବେଳେ ଡେକ ସ୍ଲାବ୍ ସ୍ଥାପନ, କ୍ରାସ ପ୍ରତିବନ୍ଧକ ଏବଂ ଆପ୍ରନ ଜଙ୍କଶନ ସହିତ ଅନ୍ୟାନ୍ୟ କାର୍ଯ୍ୟଗୁଡିକ ଚଳିତବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଲେଭଲ କ୍ରସିଂ ନମ୍ବର ଏମଏଲ୍ ୧୮୬ ସ୍ଥାନରେ ଏହି ରୋଡ୍ ଓଭର ବ୍ରିଜ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ମେଗା ପ୍ରକଳ୍ପ ପାଇଁ ୪୮.୨ କୋଟି ନିବେଶ କରାଯାଇଥିବାବେଳେ ଏହାର ଅଗ୍ରଗତି ପାଇଁ ବୈଦ୍ୟୁତିକ ଟ୍ରାନ୍ସଫର୍ମର ଏବଂ ଅଣ୍ଡରଗ୍ରାଉଣ୍ଡ୍ କେବୁଲ ସ୍ଥାନାନ୍ତର ସହିତ ଅନେକ ଜଟିଳ କାର୍ଯ୍ୟ ପୂର୍ବରୁ ସମାପ୍ତ ହୋଇଥିବା ସୂଚନା ଦିଆଯାଇଛି।

# ମହିଳାଙ୍କୁ ସଶକ୍ତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୨୦।୯(ଅନିଲ ଦାସ)

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପୋଖରୀପୁଟ ସ୍ଥିତ ମିଶନ ଶକ୍ତି ଭବନ ପରିସରରେ ଶୁକ୍ରବାର ମିଶନ ଶକ୍ତି ବିଭାଗର କଲ୍ ସେଣ୍ଟର ଓ ଅଡିଟୋରିୟମର ଉଦ୍ଘାଟନ କରିଛନ୍ତି। ୭ କୋଟି ୫୯ ଲକ୍ଷ ବ୍ୟୟରେ ନିର୍ମିତ ୪୦୦ ଆସନ ବିଶିଷ୍ଟ ଏହି ଅଡିଟୋରିୟମ ଇଡ୍କୋ ଦ୍ୱାରା ନିର୍ମାଣ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହ ବିଭିନ୍ନ ବୈଠକ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ଏସ୍ଏଚ୍ଜି ଉତ୍ପାଦର ଲୋକାର୍ପଣ ଆଦି ସମାରୋହ ପାଇଁ ଏହା ଏକ ବୃହତ୍ ଭିତ୍ତିଭୂମି ଯୋଗାଇବ। ଏହା ଏସ୍ଏଚ୍ଜି ଏବଂ ସେମାନଙ୍କ ମହାସଂଘଗୁଡ଼ିକ ନିମନ୍ତେ ଅତ୍ୟନ୍ତ ଲାଭକାରୀ ହେବା ସହିତ ଓଡ଼ିଶାରେ ମହିଳା ସଙ୍ଗଠନଗୁଡ଼ିକର ଅବିରତ ବିକାଶ ଏବଂ ସଶକ୍ତୀକରଣରେ ମୁଖ୍ୟ ଭୂମିକା ଗ୍ରହଣ କରିବ।

ଏତଦ୍ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଭବନ ପରିସରରେ 'ମିଶନ ଶକ୍ତି କଲ୍ ସେଣ୍ଟର'ର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି କଲ୍ ସେଣ୍ଟରଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ମିଶନ ଶକ୍ତି ବିଭାଗ ଅଧୀନରେ ପରିଚାଳିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ନୂତନ ପଦକ୍ଷେପ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ଯୋଗାଇବ। ଏହି କଲ୍ ସେଣ୍ଟର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ




ମିଶନ ଶକ୍ତି ଅଡିଟୋରିୟମକୁ ଉଦ୍ଘାଟନ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ।

## ମିଶନ ଶକ୍ତି ଅଡିଟୋରିୟମ, କଲ୍ ସେଣ୍ଟର ଉଦ୍ଘାଟିତ

- ମିଶନ ଶକ୍ତି ବିଭାଗ ଜାରି କଲା ଟୋଲ ଫ୍ରି ନମ୍ବର ୧୫୫୨୭୬
- ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ରହିବ କାର୍ଯ୍ୟକ୍ଷମ

ସେମାନଙ୍କ ମହାସଂଘମାନଙ୍କ ପ୍ରଶ୍ନ କିମ୍ବା ଅଭିଯୋଗର ସମାଧାନରେ ସହାୟକ ହେବ। ଏଥିପାଇଁ ଟୋଲ୍ ଫ୍ରି ନମ୍ବର ୧୫୫୨୭୬ ସକାଳ ୧୦ଟାଠାରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟକ୍ଷମ ରହିବ।

ମିଶନ ଶକ୍ତି ବିଭାଗର ୧୦୦ ଦିନର ସଫଳତା ଅନ୍ତର୍ଗତ ମିଶନ ଶକ୍ତି ସଦସ୍ୟାଙ୍କୁ ୧୭୫ କୋଟି ଟଙ୍କାର ସୁଧ ଫେରସ୍ତ, ୫୩୦ କୋଟି ଟଙ୍କାର ସରକାରୀ ବ୍ୟବସାୟ, ୨.୨ ଲକ୍ଷରୁ ଅଧିକ ଲକ୍ଷପତିଦିଦି, ୭୫୦ ଉତ୍ପାଦକ ଗୋଷ୍ଠୀ ସୃଷ୍ଟି, ୧୦୦ଟି ମିଶନ ଶକ୍ତି ରିଟେଲ ମାର୍ଟ ପ୍ରତିଷ୍ଠା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୨୩୪୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦେବାର ସଫଳତାର ଲକ୍ଷ୍ୟ ପୂରଣ କରିଥିବାରୁ ଉପମୁଖ୍ୟମନ୍ତ୍ରୀ ବିଭାଗର ପ୍ରୟାସ ଓ ସଂକଳ୍ପକୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂଙ୍କ ସମେତ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିବାହୀ ଅଧିକାରୀ, ଭିନୀତ ଭରଦ୍ୱାଜ, ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ବିଭାଗର ସମସ୍ତ ଅଧିକାରୀ ତଥା 'ଇଡ୍କୋ'ର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ସ୍କୁଲରେ ତାଲା, ଗଛତଳେ ପଢୁଛନ୍ତି ପିଲା



ଗଛ ତଳେ ପାଠପଢ଼ା ଚାଲିଛି।

ଭବାନୀପାଟଣା/ ଗୋଲାମୁଣ୍ଡା, ୨୦।୯ (ଉତ୍ତମ କୁମାର ଦାଶ/ ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ବ୍ଲକର ଧଅାଁରାମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଗତ ୪ଦିନ ହେଲା ସ୍କୁଲ ବାହାରେ ଗଛ ତଳେ ବସି ପାଠ ପଢୁଥିବା ଘଟଣା ସାମ୍ନାକୁ ଆସିଛି। ଗ୍ରାମର ଜନୈକ ବ୍ୟକ୍ତି ଓ ତାଙ୍କ ପରିବାର ଗତ ୧୭ ତାରିଖରେ ସ୍କୁଲ ଗୃହ ସେମାନଙ୍କ ଜାଗାରେ ଅଛି କହି ସ୍କୁଲରେ ତାଲା ପକାଇ ଦେଇଥିଲେ। ଏହାସହ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ସ୍କୁଲରୁ ବାହାର କରିଦେଇଥିଲେ। ଘଟଣା ବିଷୟରେ ସ୍କୁଲ ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ମିଶି ଗୋଲାମୁଣ୍ଡା ବିଇଓ, ବିଡିଓ, ଧର୍ମଗଡ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଶୁକ୍ରବାର ସୁଦ୍ଧା ସମସ୍ୟା ସମାଧାନ ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପଟେ ସ୍କୁଲ ସମସ୍ୟା ସମାଧାନ ହୋଇ ନ ଥିବାରୁ ଗତ ୪ଦିନ ହେଲା ସ୍କୁଲ ବାହାରେ ଗଛ ତଳେ ପିଲା ପାଠ ପଢୁଛନ୍ତି ଓ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଏହି ବିଦ୍ୟାଳୟଟି ୧୯୭୦ ମସିହାରେ ସ୍ଥାପିତ ହୋଇଥିବାବେଳେ ସେବେଠୁ ନିରନ୍ତର ସ୍କୁଲ ଗୃହରେ ପାଠପଢା ଚାଲିଥିଲା। ହେଲେ ଗତ ୧୭ ତାରିଖଠାରୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏ ନେଇ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶଙ୍କୁ ପଚାରିବାରୁ ଏହି ଘଟଣାଟି ମୋ ନଜରକୁ ଆସିଛି। ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ଦିଲ୍ଲୀ ଗଲେ ଅନୁଗୋଳର ୫୦ ଚାଷୀ

ଅନୁଗୋଳ,୨୦।୯ (ମାନସ ବିଶ୍ୱାଳ)

## ସର୍ବଭାରତୀୟ କିଷାନ ମହାପଞ୍ଚାୟତରେ କରିବେ ପ୍ରତିନିଧିତ୍ୱ




ଅନୁଗୋଳ ରେଳ ଷ୍ଟେଶନରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଛନ୍ତି ଚାଷୀ।

ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍ଏସ୍) ଆହ୍ୱାନରେ ଆସନ୍ତା ୨୩ ତାରିଖରେ ନୂଆଦିଲ୍ଲୀଠାରେ ସର୍ବ ଭାରତୀୟ କୃଷକ ମହାପଞ୍ଚାୟତ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବାକୁ ଅନୁଗୋଳର ୫୦ ଜଣ ଚାଷୀ ଶୁକ୍ରବାର ହୀରାକୁଦ ଏକ୍ସପ୍ରେସ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏଆଇକେକେଏମ୍ଏସ୍ ଜିଲା ସଭାପତି ସୁବାସ ପ୍ରଧାନ, ସମ୍ପାଦକ ରଣଜିତ ପ୍ରଧାନ, ନବକିଶୋର ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ସଞ୍ଜୟ ସାହୁଙ୍କ ନେତୃତ୍ୱରେ ଅନୁଗୋଳର ଏହି ଚାଷୀମାନେ ଦିଲ୍ଲୀ ଯାଇଛନ୍ତି। ସୂଚନାଯୋଗ୍ୟ, ଏମ୍ଏସ୍ପିକୁ ଆଇନର ଗ୍ୟାରେଣ୍ଟି ଦେବା, କୃଷିଜାତ ଦ୍ରବ୍ୟର କୁଇଣ୍ଟାଲ ପିଛା ଉତ୍ପାଦନ ଖର୍ଚ୍ଚର ଦେଢ ଗୁଣା ଏମ୍ଏସ୍ପି ଧାର୍ଯ୍ୟ କରିବା, ବିଦ୍ୟୁତ୍ ବିଲ୍ ୨୦୨୩ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀ ଓ କ୍ଷେତ ମଜଦୁରମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ ଦେବା, ରିହାତି ଦରରେ ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଯୋଗାଇ ଦେବା, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ପ୍ରତ୍ୟାହାର, ନିର୍ମାଣାଧୀନ ଓ ଶୁଭ ଦିଆଯାଇଥିବା ଜଳସେଚନ ଯୋଜନା ଏବଂ ଡ୍ୟାମ ପ୍ରୋଜେକ୍ଟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବା, ଚାଷଜମି, ବାସଭୂମି, ଜଙ୍ଗଲ ଜମିରେ ଶିଳ୍ପ ଓ ଖଣି ପ୍ରତିଷ୍ଠା ବନ୍ଦ ଦାବିରେ ଏହି ମହାପଞ୍ଚାୟତ ଅନୁଷ୍ଠିତ ହେବାକୁ ଯାଉଛି।

# ଟିକସ ଫାଙ୍କି: ସୁନାଗହଣା ଦୋକାନୀଙ୍କୁ ୨୧ ଲକ୍ଷ ଜରିମାନା

ରାଉରକେଲା,୨୦।୯(ସଙ୍ଗୀତା ଜେନା)

ଟିକସ ଫାଙ୍କିଥିବା ଅଭିଯୋଗରେ ରାଜ୍ୟ ସିଟି ଆଣ୍ଡ୍ ଜିଏସ୍ଟି ବିଭାଗ ପକ୍ଷରୁ କୋଲକାତାର ଏକ ସୁନାଗହଣା ଦୋକାନୀଙ୍କଠାରୁ ୨୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ସିଟି ଆଣ୍ଡ୍ ଜିଏସ୍ଟି ଅଧିକାରୀ ଜଗଦୀଶ ସା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କିଛିଦିନ ତଳେ ରାଉରକେଲାର ଏକ ଘରୋଇ ହୋଟେଲରେ କୋଲକାତା ଭୋରମଲ୍ ରାଜମଲ ସ୍ୱର୍ଣ୍ଣ ଜୋହରୀ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ଅଳଙ୍କାର ବିକ୍ରି କରିବାକୁ ଆସିଥିଲେ। ତେବେ ସେଥିରେ ବ୍ୟାପକ ଟିକସ ଫାଙ୍କିଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଉକ୍ତ ଦୋକାନୀ ପ୍ରାୟ ୯ଶହ ଗ୍ରାମ୍ ସୁନାର କାଗଜପତ୍ର ଦେଖାଇ ନ ପାରିବାରୁ ତାଙ୍କୁ ୨୧ ଲକ୍ଷ ଟଙ୍କା ଜରିମନା କରାଯାଇଥିଲା। ସେ ଜରିମାନା ପଇଠ କରିଛନ୍ତି।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for supply, installation & testing of "Solar Insect Trap" in Korba Block, Korba district, Chhattisgarh. Refer www.baif.org.in & www.baifodisha.org for details.

**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**

No.B-305

E-mail : ceroads.bbsr@gmail.com

**Bid Identification No. CE-Roads-II-03/2024-25**

| | | | |
|---|---|---|---|
| 1 | The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below : | | |
| 2 | Nature of work | : | Road works |
| 3 | No. of work | : | 1 No. |
| 4 | Tender Paper cost | : | Rs. 10,000.00 |
| 5 | Class of Contractor | : | Special Class/Super Class |
| 6 | Available of bid document the website | : | From 10.00 A.M. of 24.09.2024 to 5.30 P.M. of 15.10.2024 |
| 7 | Date of opening of Bid | : | Dt. 17.10.2024 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- Chief Engineer (Roads-II), Odisha

OIPR-34111/11/0006/2425

See Career Appointment on every Wednesday & Saturday

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR - 7, CDA, CUTTACK, ODISHA**
**ORIGINAL APPLICATION NO:- 222 OF 2024**

State Bank of India, SARB Cuttack ...Applicant
Versus
M/s. Swastik Enterprises & Others ....Defendants

To

**D- 1- M/s. Swastik Enterprises, Proprietor: Sri Sunil Kumar Pradhan,** Jagannath Market Complex, Room No.: 5, Phase-2, Angul-759122, State: Odisha.

**D- 2- Sri Sunil Kumar Pradhan,** S/o.: Muralidhar Pradhan, At: Lingarajjodi, PO.: Hulurisingh, P.S.: Angul, Dist.; Dhenkanal, PIN-759132.

**D- 3- Smt. Sujata Pradhan,** D/o.: Swapneswar Pradhan, At: Hulurisingha, Angul, Dist.: Angul, PIN-759132.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 222/2024** in the court of the Debts of Recovery Tribunal, Cuttack for recovery of **Rs. 22,00,445/-** Only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **29/10/2024 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **13th day of September 2024.**

Sd/- (Nikhila Ranjan Pati)
REGISTRAR
Debts Recovery Tribunal, Cuttack

**NOTICE FOR LOSS OF DOCUMENTS**

Notice is hereby given from Surali Sethi that, he has applied for loan to LIC HFL. But at present, he has lost the Original ROR of Khata No. 61 at Baulanga village, which was kept with him and inspite of his best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing document, or on the above property, he/she has to claim before the LIC HFL AT-Chandrasekharpur, Bhubaneswar within 15 days from the date of publication. And after that the documents will lose its legal force and LIC HFL, Bhubaneswar will not be responsible for any claim. What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**

**GOVERNMENT OF ODISHA** No. O-294
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404
**Tender Call Notice for Building Work in Odisha**
**Bid Identification No. Building Online AGL-09/2024-25**

No. 2409 Dt.19.09.24

1. Name of the Work : Building Work
2. Total No. of Work : 1 No.
3. Estimated Cost : Rs.175.40 Lakh Approx.
4. Class of Contractor : 'B' & 'A' Class
5. Period of Completion : 18 (Eighteen) Calendar Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online AGL-09/2024-25 | 25.09.24 at 10.00 A.M. | 09.10.24 upto 5.00 P.M. | 08.10.2024 upto 1.00 P.M. | 14.10.24 at 11.00 A.M. | Will be intimated later on |

(1) For detailed Notice inviting tenders, please visit to the website **www.tendersorissa.gov.in.**

OIPR-25180/11/0011/2425 Sd./- Chief Engineer, Rural Works Circle, Angul

**GOVERNMENT OF ODISHA** No. O-293
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR**
At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com
No. Tender Online RCK-21/24 Letter No. 2895 Dt.19.09.24

**e-Procurement NOTICE**

1. Name of the Work : Repair/Maintenance of Rural Roads Constructed under PMGSY works in the Dist. of Kendrapara-Jajpur.
2. Total No. of Package : 4 (Four) Nos. of Road packages
3. Estimated Cost : 3.40 Crores for 4 (Four) Nos. of Road Packages.
4. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 21/24 | 21.09.2024 at 11.00 A.M. | 05.10.2024 to 5.00 P.M. | 04.10.2024 upto 2.00 P.M. | 07.10.2024 at 11.00 A.M. | Will be intimate later |

Further details can be seen from the website **www.pmgsytenders.gov.in.**

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0013/2425

ଓଡ଼ିଶା ସରକାର No.A-310
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ହେଡ୍ ୱାର୍କ୍ସ ଡିଭିଜନ, ସମଲ, ସ୍ଥାନ/ପୋ.ଅ.- ସମଲ ବ୍ୟାରେଜ ଟାଉନ୍ଶିପ୍, ଜିଲ୍ଲା- ଅନୁଗୁଳ, ଓଡ଼ିଶା, ୭୫୯୦୩୭
ଫୋନ୍-୦୬୭୬୦-୨୬୬୩୧୫, Email ID: ee.hwd.samal@gmail.com
'ଇ' କ୍ରୟ ନୋଟିସ୍ ନଂ.SE HWD-୦୩/୨୦୨୪-୨୫

**ଟେଣ୍ଡର ନିମନ୍ତ୍ରଣ ପତ୍ର**

ଓଡ଼ିଶା ରାଜ୍ୟର ରାଜ୍ୟପାଳଙ୍କ ନାମରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ରେଙ୍ଗାଲି ହେଡ୍ ୱାର୍କ୍ସ ମଣ୍ଡଳ, ସମଲ ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଥିବା ଟେଣ୍ଡରଟି ସିଙ୍ଗିଲ କଭର୍ (Single Cover) ସିଷ୍ଟମରେ ଶତକଡ଼ା ରେଟ୍ ବିଡ୍ (Percentage Rate Bid) ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଯୋଗ୍ୟ ଠିକାଦାର ଅଥବା କେନ୍ଦ୍ର ସରକାର / MES/ ରେଳ / CPWDଙ୍କ ସହିତ ପଞ୍ଜୀକୃତ ଏକ ସମାନ ଗ୍ରେଡ୍/ ଶ୍ରେଣୀର ଠିକାଦାରଙ୍କଠାରୁ ଅନ୍ଲାଇନ ମୋଡ୍ରେ ଗ୍ରହଣ କରିବାକୁ ଆମନ୍ତ୍ରଣ କରିଛନ୍ତି।

| | | | |
|---|---|---|---|
| ୧ | କାର୍ଯ୍ୟର ନାମ | : | "Repair and Maintenance of D-3/2, D-1/4, D-1/2, D-1/3, D-4/3 and D-15/1 at SBTS." |
| ୨ | ଟେଣ୍ଡର ଆନୁମାନିକ ମୂଲ୍ୟ | : | ଟ୫.୦୪ ଲକ୍ଷ (ପାଖାପାଖି) |
| ୩ | ବିଡ୍ ଡକ୍ୟୁମେଣ୍ଟର ମୂଲ୍ୟ (ଫେରସ୍ତ ହବନି) | : | ଟ୪,୦୦୦ ଟଙ୍କା (ଅନ୍ଲାଇନ – ପେମେଣ୍ଟ) |
| ୪ | ବିଡ୍ ସୁରକ୍ଷା (Bid Security)/ EMD (ଫେରସ୍ତ ହବ) | : | ଟ୫,୦୫୦.୦୦ |
| ୫ | କଣ୍ଟ୍ରାକ୍ଟର ଶ୍ରେଣୀ | : | 'ଡି' ଏବଂ 'ସି' ଶ୍ରେଣୀ |
| ୬ | କାର୍ଯ୍ୟ ସମାପ୍ତିର ଅବଧି | : | ୦୩ ମାସ |
| ୭ | (www.tendersodisha.gov.in) ୱେବ୍ସାଇଟରେ ବିଡ୍ ଡକ୍ୟୁମେଣ୍ଟ ଉପଲବ୍ଧତାର ତାରିଖ ଏବଂ ସମୟ | : | ତା୨୩।୦୯।୨୦୨୪ରିଖ ପୂର୍ବାହ୍ନ ୧୧ ଘଟିକାରୁ ତା୦୩।୧୦।୨୦୨୪ରିଖ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ |
| ୮ | ବିଡ୍ ଖୋଲିବାର ତାରିଖ, ସମୟ ଏବଂ ସ୍ଥାନ | : | ତା୦୪।୧୦।୨୦୨୪ରିଖ ପୂର୍ବାହ୍ନ ୧୧.୩୦ ଘଟିକା, ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ହେଡ୍ ୱାର୍କ୍ସ ଡିଭିଜନ ସମଲ |
| ୯ | ଲଟେରି ହବାର ତାରିଖ | : | ତା୦୭।୧୦।୨୦୨୪ରିଖ ଅପରାହ୍ନ ୦୩.୩୦ ଘଟିକା, ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ହେଡ୍ ୱାର୍କ୍ସ ଡିଭିଜନ ସମଲ |
| ୧୦ | ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ (ଡି.ଏ.ସି) | : | ନିଲାମ ଡକାକି ପାଖେ ୨ୟ ଶ୍ରେଣୀ ଓ ୩ୟ ଶ୍ରେଣୀର ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ରହିବା ଜରୁରୀ |
| ୧୧ | ସ୍ପଷ୍ଟୀକରଣର ଶେଷ ତାରିଖ ଏବଂ ସମୟ | : | ତା୨୩।୦୯।୨୦୨୪ରିଖ ପୂର୍ବାହ୍ନ ୧୧ ଘଟିକାଠାରୁ ତା୩୦।୦୯।୨୦୨୪ ଅପରାହ୍ନ ୦୫.୦୦ |
| ୧୨ | ଟେଣ୍ଡର ନିମନ୍ତ୍ରଣ କରୁଥିବା ଅଧିକାରୀଙ୍କ ନାମ ଏବଂ ଠିକଣା | : | ହେଡ୍ ୱାର୍କ୍ସ ଡିଭିଜନ ସମଲ, ସ୍ଥାନ/ପୋ.ଅ.– ସମଲ ବ୍ୟାରେଜ ଟାଉନ୍ଶିପ୍, ଜିଲ୍ଲା– ଅନୁଗୁଳ, ଓଡ଼ିଶା, ୭୫୯୦୩୭, ଇ–ମେଲ୍– ee.hwd.samal@gmail.com |

ବିଡରମାନଙ୍କୁ କେବଳ ଅନ୍ଲାଇନ ବିଡିଂରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଇ–କ୍ରୟ ପୋର୍ଟାଲ: www.tendersodisha.gov.inରୁ ଅଧିକ ବିବରଣୀ ଦେଖିବାକୁ ଅନୁରୋଧ। ଟେଣ୍ଡରରେ ଯେକୌଣସି ଆଡେନ୍ଡମ୍ / କରିଜେଣ୍ଡମ୍/ ବାତିଲ ଉକ୍ତ ୱେବ୍ସାଇଟରେ ଅପ୍ଡେଟ୍ ହେବ।

OIPR-32020/11/0003/2425 ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ, ହେଡ୍ ୱାର୍କ୍ସ ଡିଭିଜନ, ସମଲ

# ଏକଚ୍ଛତ୍ରବାଦ ସରକାର, ଅଫିସରରାଜ୍ ହଟିଛି: କୃଷ୍ଣଚନ୍ଦ୍ର

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)




ସଭାରେ ଉପସ୍ଥିତ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବାବୁ ସିଂ ଏବଂ ଜିଲାପାଳ ଚଞ୍ଚଳ ରାଣା।

ଦୀର୍ଘବର୍ଷ ଧରି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କେହି ଭେଟିପାରୁ ନ ଥିଲେ। ୨୪ ବର୍ଷର ଏକଚ୍ଛତ୍ରବାଦ ସରକାରର ଅନ୍ତ ଘଟିଛି। ଅଫିସରରାଜ୍ ହଟିଛି, ଏବେ ଲୋକଙ୍କ ସରକାର କାର୍ଯ୍ୟ କରୁଛି। ଭାଜପା ସରକାର ଦାୟିତ୍ୱ ନେବା ପରେ ଗତ ଜୁଲାଇରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିଛି। ରାତି ୧୨ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି। ଓଡ଼ିଶାର ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ମିଶନ ନେଇ କାମ କରୁଛନ୍ତି ବୋଲି ଭାଜପା ସରକାରଙ୍କ ଶହେଦିନ ପୂର୍ତ୍ତି ଉପଲକ୍ଷେ ଖୋର୍ଦ୍ଧା ହାବେଳି ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ମନ୍ତ୍ରୀ ପାତ୍ର ଆହୁରି କହିଛନ୍ତି, ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତର ପରିକଳ୍ପନା କରିଛନ୍ତି। ବିକଶିତ ଭାରତ ଯୋଜନା ଓଡ଼ିଶାରୁ ଆରମ୍ଭ ହୋଇଛି। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ସଙ୍କଳ୍ପ ପୂରଣ ହେବ। ରାଜ୍ୟରେ ଭାଜପା ସରକାର ଗଢ଼ିବା ପରେ ଶହେଦିନ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ରାଜ୍ୟବାସୀଙ୍କ ପ୍ରିୟଭାଜନ ହୋଇପାରିଛି। ମହିଳାଙ୍କୁ ସଶକ୍ତୀକରଣ, ସ୍ୱାବଲମ୍ବୀ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଖୁବ୍‌ଶୀଘ୍ର ଲାଗୁ ହେବ। ଏହା ଦ୍ୱାରା ଦେଶର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଲୋକେ ଉପକୃତ ହେବେ। ଗ୍ରାମୀଣ ବିକାଶ ସହ ନିର୍ମାଣ ଶ୍ରମିକ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ପାଇଁ ୮୦ ବର୍ଷରେ ଭତ୍ତା ୧୨ଶହରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଶିଳ୍ପର ଅଭିବୃଦ୍ଧି, କ୍ରୀଡ଼ାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଖୋର୍ଦ୍ଧା ବୀରତ୍ୱର ମାଟି। ସ୍ୱାଧୀନତା ସଂଗ୍ରାମରେ ଏହାର ସ୍ଥାନ ସ୍ୱତନ୍ତ୍ର। ପଞ୍ଚପାଇକଙ୍କ ନେତୃତ୍ୱାଧୀନ ପାଇକ ବିଦ୍ରୋହ ଏ ମାଟିକୁ ସର୍ବଭାରତୀୟସ୍ତରରେ ଗୌରବାନ୍ୱିତ କରିଛି। ପାଇକ ସ୍ମାରକୀ ପାଇକ ବୀରଙ୍କ ଶୌର୍ଯ୍ୟ, ବୀରତ୍ୱ, ସ୍ୱାଭିମାନ, ତ୍ୟାଗର ପ୍ରତୀକ ହେବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ଏହି ସୁଭଦ୍ରା ଯୋଜନାରେ ୩ଜଣ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ୫ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଛି। ସେହିପରି ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୬ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ ଭାଷଣରେ କହିଥିଲେ, ସରକାରଙ୍କ ବିକାଶମୂଳକ ଯୋଜନା କାର୍ଯ୍ୟକାରିତା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ। ସେହିପରି ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିକଶିତ ଖୋର୍ଦ୍ଧା ନିର୍ମାଣରେ ସହଭାଗୀ ହେବାକୁ ଆହ୍ୱାନ କରିଥିଲେ। ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ ସହ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର, ପାଇକ ସ୍ମାରକୀ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ରାମେଶ୍ୱର-ପୁରୀ, ଜଙ୍କିଆ-କଟକ ରିଙ୍ଗ ରୋଡ ନିର୍ମାଣ, ମଲାଗୁଣୀ ବ୍ୟାରେଜକୁ କାର୍ଯ୍ୟକ୍ଷମ କରାଯିବ। ଗଣତନ୍ତ୍ରର କଣ୍ଠରୋଧରୁ ମୁକ୍ତ ହୋଇଛି ଓଡ଼ିଶା। ବର୍ତ୍ତମାନ ଲୋକତନ୍ତ୍ର ଚାଲିଛି ବୋଲି ଜଗଦ୍ଦେବ କହିଛନ୍ତି। ସେହିପରି ଏକାମ୍ର ବିଧାୟକ ବାବୁ ସିଂ କହିଥିଲେ, ୨୦୪୭ ସୁଦ୍ଧା ଭାରତ ବିଶ୍ୱରେ ସର୍ବଶ୍ରେଷ୍ଠ ରାଷ୍ଟ୍ର ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଆଗାମୀ ପିଢ଼ିର କାନ୍ଧରେ ନୂତନ ଓଡ଼ିଶା, ବିକଶିତ ଭାରତର ସ୍ୱପ୍ନ ରହିଛି। ଭବିଷ୍ୟତ ଭାରତର ସାରଥୀ ଏବଂ ନୂତନ ଓଡ଼ିଶାର ବିନ୍ଧାଣି ହେବେ ଯୁବସମାଜ। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୩ଦିନିଆ ବିକାଶ ମେଳା ପ୍ରଦର୍ଶନୀ ଉଦ୍‌ଘାଟନ ହୋଇଥିଲା। ପ୍ରଦର୍ଶନୀରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରଦର୍ଶିତ ଉତ୍ପାଦିତ ସାମଗ୍ରୀକୁ ମନ୍ତ୍ରୀ, ବିଧାୟକ ଏବଂ ଜିଲାପାଳ ବୁଲି ଦେଖିଥିଲେ।

**ଭାଜପା ସରକାରଙ୍କ ଶହେଦିନ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ କାର୍ଯ୍ୟକ୍ରମ**

- ଏବେ ଲୋକଙ୍କ ସରକାର କାର୍ଯ୍ୟ କରୁଛି
- ସୁଭଦ୍ରା ମହିଳାଙ୍କ ସ୍ୱାବଲମ୍ବୀର ବାଟ ଖୋଲିବ
- ବିକାଶ ମେଳା ପ୍ରଦର୍ଶନୀ ଉଦ୍‌ଘାଟିତ

## ନିଲମ୍ବନ ନୁହେଁ, ଚାକିରିରୁ ବହିଷ୍କାର କରାଯାଉ

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

**ଭରତପୁର ଥାନାରେ ନିର୍ଯାତନା ଘଟଣା**

ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭରତପୁର ଥାନାରେ କରାଯାଇଥିବା ନିର୍ଯାତନା ଓ ଅତ୍ୟାଚାର ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କମିଶନରେଟ ପୋଲିସର ସ୍ୱଚ୍ଛତା, ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଅଙ୍କିତାଙ୍କୁ ନ୍ୟାୟ ମିଳିବ, କାହା ପ୍ରତି ଅନ୍ୟାୟ କରାଯିବ ନାହିଁ ବୋଲି ଶୁକ୍ରବାର ସରକାରଙ୍କ ଶହେ ଦିନ ଉପଲକ୍ଷେ ଖୋର୍ଦ୍ଧାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ସେହପରି ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଭରତପୁର ଏକ ସୁନାମଧନ୍ୟ ଅଞ୍ଚଳ। ଏହାର ଏକ ଗୌରବମୟ ଇତିହାସ ରହିଛି। ତେବେ ଭରତପୁର ଥାନାରେ ଯେଉଁ ଘଟଣା ଘଟିଲା ଅତ୍ୟନ୍ତ ନିନ୍ଦନୀୟ। ଭରତପୁର ପୋଲିସ ବର୍ବରରତାର ସୀମା ଟପିଛି। ସବୁଆଡୁ ଏହି ଘଟଣାରେ ଓଡ଼ିଶା ପୋଲିସକୁ ନିନ୍ଦା କରାଯାଉଥିବା ବେଳେ ଜାତୀୟ ସ୍ତରରେ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଶିଶିର ପରିଡା କହିଛନ୍ତି, ରାଜ୍ୟ ସରକାର ସମ୍ପୃକ୍ତ ପୋଲିସ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କୁ ନିଲମ୍ବନ କରି ନୀରବ ରହିଛନ୍ତି। ସେମାନଙ୍କୁ ଚାକିରିରୁ ବହିଷ୍କୃତ କରି ଗିରଫ କରି ସରକାର ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ।

## ହଳଦିଆ କଲେଜ: ନୂତନ ଅଧକ୍ଷ ଭାବେ ଦାୟିତ୍ୱ ନେଲେ ଶାନ୍ତନୁ

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)



ନାରୁଣୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ଶାନ୍ତନୁ କୁମାର ମିଶ୍ର ଶୁକ୍ରବାର ହଳଦିଆ କଲେଜର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷଙ୍କୁ କଲେଜରେ କାର୍ଯ୍ୟରତ ଅଧ୍ୟାପିକା ଅଧ୍ୟାପକମାନେ ସ୍ୱାଗତ କରିଥିଲେ। କଲେଜର ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା, ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେବେ ବୋଲି ନୂତନ ଅଧ୍ୟକ୍ଷ ମିଶ୍ର କହିଛନ୍ତି। ପ୍ରକାଶ ଯେ, ହଳଦିଆ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀକୁ ନେଇ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଓ ଇନ୍‌ଚାର୍ଜ ଅଧ୍ୟକ୍ଷ ତଥା ଇତିହାସ ଅଧ୍ୟାପକ ବିଜୟ କୁମାର ଭଞ୍ଜଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗତ ଜୁଲାଇ ୩ରେ କଲେଜ କ୍ୟାମ୍ପସରେ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ଇତିହାସ ଅଧ୍ୟାପକ ପରିଚାଳନା ସଭାପତି ଏବଂ ଅନ୍ୟ ୪ଜଣ ଯୁବକଙ୍କ ଆକ୍ରମଣ ଘଟଣାକୁ ନେଇ ଉଭୟ ପକ୍ଷରୁ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ପୃଥକ୍ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ବିଧାନସଭାରେ ଜଣେ ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ଗତ ଜୁଲାଇ ୨୫ ତାରିଖ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗ ଉମାକାନ୍ତଙ୍କୁ ନିରାକାରପୁର କଲେଜକୁ କରିଥିବା ବଦଳି ଆଦେଶକୁ କାଏମ ରଖିଥିଲେ। ଏହି ସମୟରେ ହାଇକୋର୍ଟରୁ ନିୟମିତ ଜାମିନ ପାଇଥିଲେ ଇତିହାସ ଅଧ୍ୟାପକ। ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ପୁଣିଥରେ ଅଗଷ୍ଟ ପହିଲାରେ ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ ବିଜୟ କୁମାର ଭଞ୍ଜ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ତାଙ୍କ ନିଯୁକ୍ତିକୁ ନେଇ ଛାତ୍ର ଏବଂ ଅଭିଭାବକଙ୍କ ମହଲରେ ଅଶାନ୍ତି ସୃଷ୍ଟି ହୋଇଥିଲା। ନୂତନ ଅଧ୍ୟକ୍ଷ ନିଯୁକ୍ତି ପରେ ଏହାର ଯବନିକା ପଡ଼ିଛି।

## ୪ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ

ବାଲୁଗାଁ,୨୦।୯(ସଂଗ୍ରାମ ପାଇକରାୟ): ବାଲୁଗାଁ ଅବକାରୀ ବିଭାଗ ଶୁକ୍ରବାର ଚଢ଼ାଉ କରି ଚିଲିକା କୂଳରୁ ୪କେଜି ୧୫୦ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟବସାୟୀ କୃଷ୍ଣ ଦାସଙ୍କୁ ଗିରଫ କରିଛି। ସୂଚନା ମୁତାବକ, ବାଲୁଗାଁ ଚିଲିକା କୂଳରେ ବିଭିନ୍ନ ପ୍ରକାର ନିଶା କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା ସଦଳବେଳେ ଶୁକ୍ରବାର ଚିଲିକା କୂଳ ଅଞ୍ଚଳରେ ଚଢ଼ାଉ କରିଥିଲେ। ବେଆଇନ କାରବାରରେ ଲିପ୍ତ କୃଷ୍ଣ ଦାସଙ୍କ ନିକଟରୁ ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ଏକ ମାମଲା (ନଂ.୧୩୩/୨୪)ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପି ଅଫିସ ଘେରାଉ




ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

ଘର ଗ୍ରୀଲ୍ ତାଡ଼ି ଲକ୍ଷାଧିକ ଟଙ୍କା ଚୋରି ଘଟଣାର ଅଭିଯୋଗ ସତ୍ତ୍ୱେ ଖୋର୍ଦ୍ଧା ସଦର ଥାନା ପୋଲିସର ତଦନ୍ତରେ ଶିଥିଳତା, ନିଷ୍କ୍ରିୟତା ପ୍ରତିବାଦରେ ଶତାଧିକ ଗ୍ରାମବାସୀ ଶୁକ୍ରବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଡିଆଇଜି ତଥା ଏସ୍‌ପି ଅବିନାଶ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଅଞ୍ଚଳରେ ଲୁଟ୍‌ପାଟ, ଚୋରି ଘଟଣା ବୃଦ୍ଧି ପାଉଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଏସ୍‌ପିଙ୍କୁ କହିଥିଲେ। ଅଭିଯୋଗ ମୁତାବକ, ବେଗୁନିଆ ବ୍ଲକ ବରପଦା ଗ୍ରାମର ଗୋପୀନାଥ ଜେନାଙ୍କ ଘରୁ ଗତ ୪ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ୍ ତାଡ଼ି ଘରେ ପଶି ପ୍ରାୟ ୧୨ ଲକ୍ଷ ଟଙ୍କା ନେଇଯାଇଥିଲେ। ପରଦିନ ଅର୍ଥାତ ୫ ତାରିଖରେ ଏନେଇ ଗୋପୀନାଥ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତଦନ୍ତ କରିଥିଲା। ସନ୍ଦେହରେ ପୋଲିସ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ପରବର୍ତ୍ତୀ ସମୟରେ ଛାଡ଼ିଦେଇଛି। ଏହି ଘଟଣାକୁ ଦୁଇ ସପ୍ତାହ ବିତିଥିଲେ ମଧ୍ୟ ତଦନ୍ତ ଚାଲିଥିବା କହି ସଦର ପୋଲିସ ଦିନ ଗଡ଼ାଇ ଚାଲିଛି। ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇବାରେ ବିଫଳ ହୋଇଛି। ଉକ୍ତ ଘଟଣାର ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ ଏବଂ ଚୋରି ଟଙ୍କା ଫେରିପାଇବା ପାଇଁ ଏସ୍‌ପିଙ୍କ ନିକଟରେ ଦାବି ହୋଇଛି।

## ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

କଳାପଥର,୨୦।୯(ଗଙ୍ଗାଧର ସାହୁ)

କଟକ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଶିଷ୍ଟ ଅତିଥି ଅଧ୍ୟକ୍ଷା ବାଙ୍କୀ ବ୍ଲକ ପୁଷ୍ପଲତା ସାମନ୍ତ, ମୁଖ୍ୟ ବକ୍ତାଭାବେ ସୌଦାମିନୀ ରାୟ, ଉମାକାନ୍ତ ବେହେରା, ନୀଳକଣ୍ଠ ଦାସ, ସନ୍ତୋଷ କୁମାର ସେଠୀ, ବଳରାମ ମୁଦୁଲି, କମଳା ସ୍ୱାଇଁ, ରତ୍ନାକର ମହାପାତ୍ର, ଦୁର୍ଯ୍ୟୋଧନ ସେଠୀ, ଗୀତାଞ୍ଜଳି ରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଧ୍ରୁବ ଚରଣ ମହାପାତ୍ର। ଶିକ୍ଷକ ରାଜକିଶୋର ସାହୁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାହାଯୋଗ କରିଥିଲେ।

## ଆନ୍ତଃଜିଲା ପାଇଁ ଖୋର୍ଦ୍ଧା ଫୁଟ୍‌ବଲ ଦଳ ଚୟନ ଆଜି

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆନ୍ତଃଜିଲା ସିନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଖୋର୍ଦ୍ଧା ଜିଲା ଦଳ ଚୟନ ଶନିବାର ସକାଳ ୯ଟାରେ ଖୋର୍ଦ୍ଧା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ନିଜର ଆଧାର ପ୍ରମାଣପତ୍ର ସହ ଷ୍ଟାଡିୟମରେ ଉପସ୍ଥିତ ହେବାକୁ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ଜଣାଇଛନ୍ତି।

## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବାଲୁଗାଁ,୨୦।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚିଲିକା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନ ୩ଟାରେ ପୁରସ୍କାର ବିତରଣ ଉତ୍ସବ ମଣ୍ଡଳ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ବିଜ୍ଞାନ କ୍ଷେତ୍ରରେ ଉନ୍ନତି କରିବେ ସେ ବିଷୟରେ ଉପଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ମୁଖ୍ୟବକ୍ତା ଗୋଦାବରୀଶ ମହାବିଦ୍ୟାଳୟର ରସାୟନ ବିଭାଗର ମୁଖ୍ୟ ଡ.ଏସ୍.ପି.ଏସ୍.ଏନ୍.ଏସ୍ ବର୍ମା ସମାଜରେ ବିଜ୍ଞାନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଭୂଷଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପୀନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଆଲୋକ କୁମାର ପାଢୀଶାଣୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ୭୪ ୟୁନିଟ୍ ରକ୍ତ ସଂଗ୍ରହ

ନିରାକାରପୁର,୨୦।୯(ମାନସ ଚନ୍ଦ୍ର ପଟ୍ଟନାୟକ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ତମ ଜନ୍ମ ଦିବସ ଅବସରରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟରେ ଚାଲିଛି ସେବା ମହାଯଜ୍ଞ ସପ୍ତାହ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜଲା ଯୁବମୋର୍ଚ୍ଚା ପକ୍ଷରୁ ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଯୁବକମାନେ ରକ୍ତଦାନ କରିଥିଲେ। ମୋଟ୍ ୭୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ପାଇକରାୟ, ଖୋର୍ଦ୍ଧା ନଗର ସଭାପତି ମାନସ ରଞ୍ଜନ ସାହୁ, ଜିଲା ସମ୍ପାଦକ ଗୋପବନ୍ଧୁ ଜେନା, ମଣ୍ଡଳ ସଭାପତି ଆଲୋକ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂଯୋଜକ ଶିବପ୍ରସାଦ ପ୍ରଧାନ, ଛାତ୍ରନେତା ରଶ୍ମିରଞ୍ଜନ ପ୍ରଧାନ ସଂଯୋଜନା ଥିଲେ।

## କଲେଜରେ ଚାରାରୋପଣ, ପତାକା ପିଣ୍ଡି ଲୋକାର୍ପିତ

ନିରାକାରପୁର,୨୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ରେଡକ୍ରସ, ଜାତୀୟ ସେବା ଯୋଜନା, ସ୍କାଉଟ, ଏନ୍‌ସିସିର ମିଳିତ ସହଯୋଗରେ ଯୁଥରେଡକ୍ରସର ପତାକା ପିଣ୍ଡି ଲୋକାର୍ପିତ ହୋଇଯାଇଛି। ଏଥିସହ ବିଭିନ୍ନ କିସମର ୫ଶହ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିଲା। ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ, ଉଚ୍ଚ ଶିକ୍ଷା ବିଭାଗର ଉପଶାସନ ସଚିବ ତଥା ଜାତୀୟ ସେବା ଯୋଜନାର ଓଡିଶା ରାଜ୍ୟ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, କଲେଜ ପରିଚାଳନା ସମିତିର ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର, ଜାତୀୟ ସେବା ଯୋଜନାର ଜିଲା ଅଧିକାରିଣୀ ଡ.ଜୟଶ୍ରୀବାଳା ମଲ୍ଲିକ, ସଂଯୋଜକ ଡ.କୈବଲ୍ୟ ଚରଣ ପତି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କଲେଜର ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ 'ଗଛଟିଏ ମୁଁ ଗଛଟିଏ' ସମ୍ପର୍କିତ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଡ.ଜୟନ୍ତ କୁମାର ବାନାର୍ଜୀ, ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ଡ.ପ୍ରଭାତ କୁମାର ଦାଶ, ହରପ୍ରସନ୍ନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଫେସର କାଦମ୍ବିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ଚାଷଜମିକୁ ଜଳସେଚନ ବ୍ୟବସ୍ଥା ଦାବି

ବୋଲଗଡ଼,୨୦।୯(ଦେବବ୍ରତ ହୋତା)



ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବୋଲଗଡ଼ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ମୌସୁମୀ ଓ ଲଘୁଚାପଜନିତ ବର୍ଷା ଯୋଗୁ ଧାନଫସଲ ଭଲ ଅମଳ ଆଶାରେ ଚାଷୀମାନେ ଥିବାବେଳେ ଏବେ କିଛିଦିନ ବର୍ଷା ନ ହେବାରୁ ଚାଷୀ ଆଶଙ୍କାରେ ରହିଛନ୍ତି। ସରକାରୀ ହିସାବରେ ଏହି ଅଞ୍ଚଳରେ ୩୩ ପ୍ରତିଶତ ଜଳସେଚନ ସୁବିଧା ଥିବା କୁହାଯାଉଥିବା ବେଳେ ଏହା ଠିକ୍ ତଥ୍ୟ ନୁହେଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏବେଠାରୁ ଡିପଜମିରେ ପାଣି ଶୁଖିବା ଆରମ୍ଭ ହୋଇଥିବା ବେଳେ ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ଜମିରେ ପାଣି ମଡ଼ାଇବା ସ୍ଥିତି ଆସିଲାଣି। ଅନ୍ୟପଟେ ଏହି ଅଞ୍ଚଳର ଜଳଉତ୍ସ ଓ ବୋରିଂ ପଏଣ୍ଟ ଅଚଳ ହୋଇଥିବାରୁ ଚାଷୀଙ୍କ ଆଶଙ୍କାକୁ ଦ୍ୱିଗୁଣିତ କରୁଛି। ଚାଷଜମିରେ ନିୟମିତ ଜଳସେଚନ ସୁବିଧା ପାଇଁ ଶୁକ୍ରବାର କୃଷକ ନେତା ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ବୋଲଗଡ଼ ତହସିଲଦାର ନିବେଦିତା ପରିଡ଼ାଙ୍କୁ ଭେଟି ଏକ ୫ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଅଚଳ ବୋରିଂ ପଏଣ୍ଟ ସଚଳ କରିବା, ଇନ୍‌ସ୍ୟୁରାନ୍ସ କମ୍ପାନୀର ମନମୁଖି କାର୍ଯ୍ୟ ଯୋଗୁ ଚାଷୀ ଇନ୍‌ସ୍ୟୁରାନ୍ସ ପାଇବାରୁ ବଞ୍ଚିତ ହେବା ନେଇ ତଦନ୍ତ, କେନାଲଗୁଡ଼ିକ ସଫା କରିବା ସହ ମରାମତି ଏବଂ ବନ୍ଧଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କରିବା, ବୋରିଂର ବିଦ୍ୟୁତ୍ ବିଲ୍ ଚାଷୀମାନଙ୍କୁ ଛାଡ଼ କରିବା ଏବଂ ମରୁଡ଼ି ହେଉ କି ବାତ୍ୟା ହେଉ ତୁରନ୍ତ ତଦନ୍ତ କରି ଏକ ମାସ ଭିତରେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ଆଦି ଦାବି ରହିଛି। ଚାଷୀ ଅର୍ଜୁନ ଜେନା, ମାଗୁଣି ଚରଣ ସ୍ୱାଇଁ ଓ ଅନ୍ୟ ଚାଷୀଙ୍କ ସମେତ ଡିହେଖଉରୁଣୀ ସେବା ସମବାୟ ସମିତି ସଭାପତି ବେଲାଳ ସେନ, ବୋଲଗଡ଼ ସଭାପତି ସୌରାଂଶୁ ପରିଡ଼ା ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଜଳସେଚନର ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଭିନ୍ନ ମହଲରେ ନିନ୍ଦା, କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

**ଯାତ୍ରାରେ ଶ୍ରୀଜଗନ୍ନାଥଙ୍କୁ ତଳେ ପକାଇ ଗାମୁଛାରେ ବାନ୍ଧିବା ଘଟଣା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣେ କଳାକାର ଗୋଟିଏ ହାତରେ ଧରି ଯାତ୍ରା ପେଣ୍ଡାଲ ଉପରେ ବୁଲାଇବା ସହ ତଳେ ପକାଇ ଗାମୁଛାରେ ବାନ୍ଧି ପିଠିରେ ଧରି ଯାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିବାଦ ସ୍ୱର ଦେଖିବାକୁ ମିଳିଛି। ସମ୍ପୃକ୍ତ କଳାକାର, ନାଟ୍ୟ ନିର୍ଦ୍ଦେଶକ ଏବଂ ଲେଖକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ଯାତ୍ରା ନାଟ୍ୟ ସଂସ୍ଥାକୁ ଅସିଦ୍ଧ ଘୋଷଣା କରିବାକୁ ଜଗନ୍ନାଥପ୍ରେମୀ, ସଂସ୍କୃତିପ୍ରେମୀମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲା ନାରୁଣୀ ଠାରେ ଏକ ଗଣନାଟ୍ୟ ସଂସ୍ଥା ପକ୍ଷରୁ ନାଟକ ପରିବେଷଣ ହୋଇଥିଲା। ଏକ ନାଟକ ପରିବେଷଣ ବେଳେ ସେଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣେ କଳାକାର ଗୋଟିଏ ହାତରେ ଧରି ଷ୍ଟେଜ ଉପରେ ବୁଲାଇବା ସହ ତଳେ ପକାଇ ଗାମୁଛାରେ ବାନ୍ଧି ପିଠିରେ ଧରି ଯାଉଥିବା ଯାତ୍ରା ପରିବେଷଣ ଭକ୍ତଙ୍କ ମନକୁ ଆନ୍ଦୋଳିତ କରିଛି। ଏନେଇ ବିଶ୍ୱ ହିନ୍ଦୁ ପରିଷଦ ଜିଲା କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାହୁ, ବିଭାଗ ସମ୍ପାଦକ ବିଭୂରେନ୍ଦ୍ର ବିଦ୍ୟାଧର କହିଛନ୍ତି, ସନାତନ ସଂସ୍କୃତି ପ୍ରତି କୁଠାରଘାତ କରାଯାଇଛି। ହିନ୍ଦୁ ଦେବଦେବୀଙ୍କୁ ନେଇ ଯାତ୍ରା ପରିବେଷଣ ବେଳେ ସଂଯମତା ରଖାଯାଉ। ଶ୍ରୀଜଗନ୍ନାଥଙ୍କୁ ଅପମାନ ସମଗ୍ର ଓଡ଼ିଆ ଜାତିକୁ ଅପମାନ ସହ ସମାନ। ସମ୍ପୃକ୍ତ ସଂସ୍ଥା ବିରୋଧରେ ଥାନାରେ ଏତଲା ଦିଆଯିବା ସହ ତୁରନ୍ତ ଏହାକୁ ବନ୍ଦ ନ କଲେ, ତୀବ୍ର ବିରୋଧ କରାଯିବ। ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ମହାପ୍ରଭୁଙ୍କୁ ଗାମୁଛାରେ ବାନ୍ଧି ପିଠିରେ ପକାଇ ବୁଲିବା, ଦୋହଲାଇବା ଏହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି କୁତ୍ସିତ ଚିନ୍ତାଧାରା କିଭଳି ନିର୍ଦ୍ଦେଶକ, ଲେଖକ ଏବଂ କଳାକାରଙ୍କ ମନକୁ ଆସିଲା, ତାହା ଏକ ବଡ଼ ପ୍ରଶ୍ନବାଚୀ। ମହାପ୍ରଭୁଙ୍କୁ କାଠ କଣ୍ଢେଇ ଭଳି ବ୍ୟବହାର କରିବା ଗ୍ରହଣୀୟ ନୁହଁ। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଘୋର ଅପମାନ କରାଯାଇଛି। ତାଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସେହିପରି ବରିଷ୍ଠ ଆଇନଜୀବୀ ଶିଶିର ପରିଡା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଯାତ୍ରା କଳାକାର ଜଣକ ଯେଉଁଭଳି ଗାମୁଛା ବାନ୍ଧି ଅଟ୍ଟହାସ୍ୟ ପୂର୍ଣ୍ଣ ବ୍ୟବହାରର କରୁଛନ୍ତି, ଏହା ହିନ୍ଦୁ ସଂସ୍କୃତି ପ୍ରତି କୁଠାରଘାତ କରାଯାଇଛି। ସମ୍ପୃକ୍ତ କଳାକାର, ନିର୍ଦ୍ଦେଶକ, ଲେଖକ ଏବଂ ଗଣନାଟ୍ୟ ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହା କେବଳ ଜଗନ୍ନାଥପ୍ରେମୀ ନୁହଁ ସମସ୍ତ ହିନ୍ଦୁ ସମାଜକୁ ଅପମାନିତ କରାଯାଇଛି। ବାରମ୍ବାର ହିନ୍ଦୁ ଦେବଦେବୀଙ୍କୁ ଯାତ୍ରା ଆଳରେ ଅପମାନିତ କରାଯାଉଛି। ସମଗ୍ର ଜଗନ୍ନାଥପ୍ରେମୀ, ଭକ୍ତଙ୍କ ହୃଦୟକୁ ଆଘାତ ଦେଇଛି। ଏହା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଜରୁରି।ସେହିପରି ବୁଦ୍ଧିଜୀବୀ ଶୋଭନ ଘୋଷ, ସାମାଜିକ କର୍ମୀ କ୍ଷିତିଶ ମୋହନ ଦାସ କହିଛନ୍ତି, ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଦେବତା। ଯାହାଙ୍କ ଘୋଷଯାତ୍ରାରେ ସାମିଲ ହେବା ପାଇଁ ବିଦେଶୀ ଭକ୍ତମାନେ ଓଡ଼ିଶାକୁ ଆସିଥାନ୍ତି। ସେହି ଜଗନ୍ନାଥଙ୍କ ମାଟିରେ ମହାପ୍ରଭୁଙ୍କୁ ଅପମାନ ନିନ୍ଦନୀୟ। ସମ୍ପୃକ୍ତ ବ୍ୟକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

## ସଂକ୍ଷେପରେ

### ସଂସ୍କୃତିକୁ ବଞ୍ଚାଇବାରେ ଅଭିଲେଖାଗାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଜାତୀୟ ଅଭିଲେଖାଗାରର ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ଶାଖାରେ

**ଜାତୀୟ ଅଭିଲେଖାଗାରର ଷଷ୍ଠ ମାସିକ ଆଲୋଚନାଚକ୍ର**

ଷଷ୍ଠ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ 'ଇତିହାସର ଗୁରୁତ୍ୱ ଓ ଅଭିଲେଖାଗାର' ଶୀର୍ଷକ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ସେ କହିଲେ, ସଂସ୍କୃତିର ପରିଚୟ ବଞ୍ଚାଇବାରେ ଅଭିଲେଖାଗାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଇତିହାସର ଐତିହାସିକ ସୂଚନା ଓ ଉପଯୁକ୍ତ ତଥ୍ୟକୁ ଉନ୍ମୁକ୍ତ କରିବାକୁ ଅନୁମତି ଦେବା ପାଇଁ ଅଭିଲେଖାଗାର ସାମଗ୍ରୀ ପ୍ରକ୍ରିୟାକରଣ କରେ, ଯାହା ଆଜିର ସମାଜ ପାଇଁ ଏକାନ୍ତ ଆବଶ୍ୟକ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅଭିଲେଖାଗାରରେ ମାସିକ ଆଲୋଚନାଚକ୍ର ଓ ଏହାର ଗବେଷଣାତ୍ମକ ଦିଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଇତିହାସ ହେଉଛି ଗୋଟିଏ ଜାତିର ଦର୍ପଣ, ଯାହା ଅଭିଲେଖାଗାର ଦ୍ୱାରା ଦୃଶ୍ୟମାନ ହୋଇଥାଏ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

### ସ୍କୁଟି ଡିକି ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ)



ସ୍କୁଟି ଡିକି ଭାଙ୍ଗି ଚୋରି କରିବା ମାମଲାରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ନନ୍ଦନକାନନ ଅଞ୍ଚଳର ଦୁଷ୍ମନ୍ତ ସୁବୁଦ୍ଧି ଓରଫ ଚିନୁ (୩୪)। ତାଙ୍କଠାରୁ ୫ ହଜାର ଟଙ୍କା ଓ ଦୁଇଟି ଦାମୀ ମୋବାଇଲ ଜବତ ହୋଇଛି। କୋର୍ଟଚାଲାଣ ପରେ ଦୁଷ୍ମନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ-୮ ଅଞ୍ଚଳରେ ରହୁଥିବା ଅଭିଜିତ ସେଠୀ ଗତ ବୁଧବାର ରାଜଧାନୀ କଲେଜକୁ ଯାଇଥିଲେ। ସେ କଲେଜ ପରିସରରେ ନିଜ ସ୍କୁଟିକୁ ପାର୍କିଂ କରିଥିଲେ। ସ୍କୁଟି ଡିକିରେ ଅଭିଜିତ ତାଙ୍କ ମୋବାଇଲ, ୨ଟି ଏଟିଏମ୍ କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇକାର୍ଡ, ମନିପର୍ସ ସହ ୧୦ ହଜାର ଟଙ୍କା ଥିଲା। ଅଭିଯୁକ୍ତ ଦୁଷ୍ମନ୍ତ ସ୍କୁଟି ଡିକି ଭାଙ୍ଗି ସବୁ ଚୋରିକରି ନେଇଯାଇଥିଲେ। ଏପରିକି ଅଭିଯୁକ୍ତ ଦୁଷ୍ମନ୍ତ ଏଟିଏମ୍ କାର୍ଡ ବ୍ୟବହାର କରି ସେଥିରୁ ୨୫ ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୬୪୬/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ଦୁଷ୍ମନ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଭୁବନେଶ୍ୱର ସହ ଅନ୍ୟାନ୍ୟ ଥାନାରେ ମୋଟ ୧୩ଟି ବିଭିନ୍ନ ଆପରାଧିକ ମାମଲା ରହିଛି।

# ଆରମ୍ଭ ହେଲା ବିଏମ୍‌ସିର ମେଗା ପ୍ଲଗାଥନ୍



ଦକ୍ଷିଣ-ପୂର୍ବ ଜୋନ୍‌ରେ ଗଣସଫେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।



ଉତ୍ତର ଜୋନ୍‌ରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ସଫେଇ କରୁଛନ୍ତି।

ଭୁବନେଶ୍ୱର, ୨୦।୯(ବନ୍ଦନା ସେଠୀ)

**୩ ଜୋନ୍‌ରୁ ୩୨ ମେଟ୍ରିକ୍ ଟନ୍ ବର୍ଜ୍ୟ ସଂଗ୍ରହ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ସହରର ୩ ଜୋନ୍‌ରେ ମେଗା ଗଣସଫେଇ ବା ପ୍ଲଗାଥନ ଆରମ୍ଭ ହୋଇଛି। 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୨ଶହ ସ୍ୱେଚ୍ଛାସେବୀ, ସ୍ୱଚ୍ଛକର୍ମୀ, ବରିଷ୍ଠ ନାଗରିକ, ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ। ଦିନକରେ ୩ ଜୋନ୍ ଅଞ୍ଚଳରୁ ମୋଟ ୩୨ମେଟ୍ରିକ ଟନ୍ ବର୍ଜ୍ୟ ସଂଗ୍ରହ ହୋଇଛି। ପରେ ଏଥିରୁ ପ୍ଲାଷ୍ଟିକ୍ ବର୍ଜ୍ୟକୁ ପୃଥକ କରାଯାଇ ପ୍ରକ୍ରିୟାକରଣ କରାଯିବ। ଉତ୍ତର ଜୋନ୍‌ର ଜେଡ୍-୧ରୁ ନନ୍ଦନକାନନ ପର୍ଯ୍ୟନ୍ତ ମୁଖ୍ୟରାସ୍ତାକୁ ୩ଟି ଭାଗରେ ବିଭକ୍ତ କରାଯାଇଥିଲା। ଜେଡ୍-୧ରୁ ତାରିଣୀ ବିହାର, ତାରିଣୀ ବିହାରରୁ ଏଚ୍‌ପି ପେଟ୍ରୋଲ ପମ୍ପ ଏବଂ ପେଟ୍ରୋଲ ପମ୍ପଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଅଞ୍ଚଳକୁ ସଫେଇ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିବାବେଳେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ଏବଂ ସ୍ଥାନୀୟ ସରପଞ୍ଚମାନେ ଉପସ୍ଥିତ ଥିଲେ। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ଏମ୍‌ସ ରାସ୍ତାକୁ ୩ଭାଗରେ ବିଭକ୍ତ କରାଯାଇ ବିଜୁ ପଟ୍ଟନାୟକ ଏକାଡେମୀରୁ ଲୋଟଣୀବର ଗେଟ୍, ଲୋଟଣୀବରରୁ ଏମ୍‌ସ ଗେଟ୍ ଏବଂ ଏମ୍‌ସ ଗେଟରୁ ଏମ୍‌ସ ପାଚେରି ଶେଷ ପର୍ଯ୍ୟନ୍ତ ସଫେଇ ହୋଇଥିଲା। ଏଠାରେ ମୁଖ୍ୟ ଅତିଥିଭାବେ ଡେପୁଟି ମେୟର ମଞ୍ଜୁଲତା କହଁର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଏବଂ ସ୍ଥାନୀୟ କର୍ପୋରେଟର ଯୋଗଦେଇଥିଲେ। ଦକ୍ଷିଣ-ପୂର୍ବ ଜୋନ୍‌ରେ କଟକ-ପୁରୀ ବାଇପାସ୍ ରାସ୍ତାର କେଶୁରା ଛକରୁ ହାଇଟେକ୍ ଛକ, କେଶୁରା ଛକରୁ ଟଙ୍କପାଣି ରୋଡ୍ ଏବଂ ଟଙ୍କପାଣି ରୋଡ୍‌ରୁ ଲିଙ୍ଗିପୁର ପର୍ଯ୍ୟନ୍ତ ଗଣ ସଫେଇ କରାଯାଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟିର ସଦସ୍ୟ ଏବଂ ସ୍ଥାନୀୟ କର୍ପୋରେଟରମାନେ ଯୋଗଦେଇଥିଲେ।

ଚଳିତ ବର୍ଷ ସ୍ୱଚ୍ଛତା ହିଁ ସେବା ଅଭିଯାନର ଥିମ୍ ରହିଛି 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା'। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ଓ ଏହାର ଆଖପାଖରେ ଥିବା ରାସ୍ତା ସଫେଇ କରିବା ପାଇଁ ସମୁଦାୟ ୧୬ଟି ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଅଧିକ ଅଳିଆ ହେଉଥିବା ୩ଟି ସ୍ଥାନକୁ ଦିନକରେ ସଫେଇ ସହ ରୂପାନ୍ତରୀକରଣ କରାଯିବ। ସେହିପରି ସହରର ୩ ଜୋନ୍‌ର ୧୪୦ଟି ବର୍ଜ୍ୟ ପ୍ରବଣ ସ୍ଥାନକୁ ପରିଷ୍କାର କରାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯିବ। ଏହି ଗଣସଫେଇ କାର୍ଯ୍ୟକ୍ରମ ବିଭିନ୍ନ ପର୍ଯ୍ୟାୟରେ ଅକ୍ଟୋବର ୨ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଦୁଗ୍ଧଚାଷୀଙ୍କୁ ବର୍ଦ୍ଧିତ ଦର ପ୍ରଦାନ ଦାବିକଲା ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର, ୨୦।୯(ବନ୍ଦନା ସେଠୀ)

ଦୁଗ୍ଧଚାଷୀଙ୍କ ଦାବି ଅନୁସାରେ ବର୍ଦ୍ଧିତ ଦର ପ୍ରଦାନ କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ୧୯୮୦ରେ ଚାଷୀ ସମବାୟ ସଂସ୍ଥା ଓମ୍‌ଫେଡ୍ ଗଠନ କରିଥିଲେ। ରାଜ୍ୟର ଦୁଗ୍ଧଚାଷୀଙ୍କୁ ସଂଗଠିତ କରି ଦୁଗ୍ଧର ଉଚିତ ମୂଲ୍ୟ ପ୍ରଦାନ କରିବା, ଦୁଗ୍ଧର ଅଭାବୀ ବିକ୍ରି ରୋକିବା, ଖାଉଟିମାନଙ୍କୁ ଶସ୍ତା ଓ ସୁଲଭ ମୂଲ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଦିନକୁ ପ୍ରାୟ ଦେଢ଼ଲକ୍ଷ ଚାଷୀଙ୍କଠାରୁ ଓମ୍‌ଫେଡ୍ ୫ଲକ୍ଷ ଲିଟର କ୍ଷୀର ସଂଗ୍ରହ କରି ଏହାକୁ ବଜାରରେ ବିକ୍ରୟ କରୁଛି। ମାତ୍ର ଦୁଃଖର କଥା ଚାଷୀଙ୍କୁ ଓମ୍‌ଫେଡ୍ ଉଚିତ ମୂଲ୍ୟ ଦେଉନାହିଁ। ଗତ ୧୦ ତାରିଖରେ ଓମ୍‌ଫେଡ୍ ପକ୍ଷରୁ ପୂର୍ବର ୫୨ଟଙ୍କାରେ ବିକ୍ରି ହେଉଥିବା କ୍ଷୀର ଲିଟର ହଠାତ ୬୨ ଟଙ୍କା ୨୦ ପଇସାକୁ ବଢ଼ାଇ ଦିଆଯାଇଛି। ମାତ୍ର ଚାଷୀଙ୍କୁ ଲିଟର ପିଛା ୫ ଟଙ୍କା ବୃଦ୍ଧି କରିବା ଲାଗି ଦୀର୍ଘଦିନ ଧରି ଦାବି ହେଇଆସୁଥିଲେ ମଧ୍ୟ ଓମ୍‌ଫେଡ୍ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାର ସେ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ତେବେ ଯଥାଶୀଘ୍ର ସରକାର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ଦାବି ପୂରଣ ନ ହେଲେ ଗଣଆନ୍ଦୋଳନ**

ଶୁକ୍ରବାର ମହାସଂଘ ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ କ୍ଷୋଭ ପ୍ରକାଶ ପାଇଛି। ରାଜ୍ୟ ସରକାର ୨୬ ଟଙ୍କାରେ ବିକ୍ରି ହେଉଥିବା କ୍ଷୀର ପ୍ୟାକେଟ୍‌କୁ ୨୮ଟଙ୍କାକୁ ବୃଦ୍ଧି କରିଥିବାବେଳେ କ୍ଷୀର ପରିମାଣକୁ ୫୦୦ ମିଲିରୁ ୪୫୦ ମିଲିକୁ କମାଇ ଦିଆଯାଇଛି। ଫଳରେ ପ୍ୟାକେଟ୍ ପିଛା ୨ଟଙ୍କା ଅଧିକ ପାଉଥିବାବେଳେ ଦୁଗ୍ଧଚାଷୀଙ୍କ ଦାବି ପୂରଣ କରାଯାଉନାହିଁ। ତେଣୁ ଏ ଦିଗରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ଧ୍ୟାନ ଦେବା ସହ ଦୁଗ୍ଧ ଲିଟର ପିଛା ଚାଷୀଙ୍କୁ ୪୦ ଟଙ୍କା ପ୍ରଦାନ କରିବା, ଏନ୍‌ଡିଡିବି, ଓଡ଼ିଶା ସରକାର ଏବଂ ଓମ୍‌ଫେଡ୍ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ଚୁକ୍ତି ବାତିଲ କରିବା, ପଶୁସମ୍ପଦ ପାଇଁ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଚଳନ କରିବା, ଦୁଗ୍ଧଚାଷୀଙ୍କୁ ବିନା ସୁଧରେ ଡାଏରୀ ଫାର୍ମ ପାଇଁ ଋଣ ଯୋଗାଇଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି।

# ବିଶ୍ୱ ସମସ୍ୟା ନେଇ ଆଲୋଚନା କଲେ ୫ ଦେଶର ଯୁବ ପ୍ରତିନିଧି



'ଓଡିଏମ୍ ମୁନ୍'ରେ ଯୋଗଦେଇଥିବା ବିଭିନ୍ନ ଦେଶର ଯୁବ ପ୍ରତିନିଧି।

ଭୁବନେଶ୍ୱର,୨୦।୯ (ଅନୁରାଧା ମହାରଣା)

**ଛାୟା ଜାତିସଂଘ 'ଓଡିଏମ୍ ମୁନ୍' ଉଦ୍‌ଘାଟିତ**

ଓଡିଏମ୍ ଶିକ୍ଷାସମୂହ ପକ୍ଷରୁ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଛାୟା ଜାତିସଂଘ ଓଡିଏମ୍ ମଡେଲ୍ ୟୁନାଇଟେଡ୍ ନେଶନ୍‌ସ (ଓଡିଏମ୍ ମୁନ୍)-୨୦୨୪ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ୫ଟି ଦେଶର ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବରେ ହାଇଦ୍ରାବାଦସ୍ଥିତ ଆମେରିକା ଦୂତାବାସର କନ୍‌ସଲ ଜେନେରାଲ୍ ଆଲେକ୍‌ଜାଣ୍ଡାର ମାକ୍ ଲରେନ ଓ ଉଗାଣ୍ଡାର ଅନ୍ତର୍ଜାତୀୟ ଶିକ୍ଷାବିତ୍ ମୁଲିନ୍ଦା ମୁସାକା ସାମି, ମୁଖ୍ୟବକ୍ତାଭାବେ ଆର୍ଜେଣ୍ଟିନାର ଓଡିଏମ୍ ଗ୍ଲୋବାଲ୍ ଏଜୁକେଟର ଲୋରେଡ୍‌ସ ଆଲୋଜାନ୍ଦ୍ରା ଶାନ୍ତିଲାନ୍ ଓ ଉଗାଣ୍ଡାର କାଥାରାଇନ୍ ନାକାବୁଗୋ ପ୍ରମୁଖ ଯୋଗଦେଇ ବିଶ୍ୱ ଶାନ୍ତି ଓ ସାମାଜିକ ସହଯୋଗ, କନ୍ୟା ଶିକ୍ଷା ଓ ସଶକ୍ତୀକରଣ ଉପରେ କହିଥିଲେ। ଏହି ଉପଲକ୍ଷେ ପ୍ରତିଷ୍ଠାତା ଡ. ମୀନକେତନ କହିଲେ,'ଓଡିଏମ୍ ମୁନ୍' ଏକ ଯୁବ ସମାବେଶ, ଯେଉଁଥିରେ ବିଶ୍ୱର ସମସ୍ତ ସମସ୍ୟା ଗଠନମୂଳକ ବୈପ୍ଲବିକ ଚିନ୍ତାଧାରା ମାଧ୍ୟମରେ ସମାଧାନ କରାଯାଇପାରିବ। ଚଳିତବର୍ଷ ଛାୟା ଜାତିସଂଘର ମୁଖ୍ୟ ଆକର୍ଷଣ ଥିଲା କେନିଆରେ ଥିବା ଷ୍ଟେରିହି ବୟଜ୍ ସେଣ୍ଟର ଆଣ୍ଡ୍ ସ୍କୁଲ୍‌ର ୫୦ଜଣ ଛାତ୍ରୀଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ଅଂଶଗ୍ରହଣ କରି ବିଭିନ୍ନ ଦୃଷ୍ଟିକୋଣରୁ ସେମାନଙ୍କ ଆଲୋଚନାକୁ ସମୃଦ୍ଧ କରିଥିଲେ। ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତ, ଆର୍ଜେଣ୍ଟିନା, କେନିଆ, ଉଗାଣ୍ଡା ଆଦି ଦେଶର ୨୬ଟି ସ୍କୁଲ୍‌ର ୪୦୦ରୁ ଅଧିକ ଯୁବ ପ୍ରତିନିଧିମାନେ ଭାଗ ନେଇଥିଲେ। ଏହି ଜାତିସଂଘରେ ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଯଥା ଆଣବିକ ଅସ୍ତ୍ର ବୃଦ୍ଧି, ଶିଶୁ-କୁପୋଷଣ, କୋରିଆ ଉପଦ୍ୱୀପରେ ଅଶାନ୍ତି, ମଧ୍ୟପ୍ରାଚ୍ୟ ସ୍ଥିତି, ଇଥିଓପିଆରେ ସୁଡାନିଆନ୍ ଶରଣାର୍ଥୀ, ମହିଳାଙ୍କ ପାଇଁ ଡିଜିଟାଲ୍ ସୁରକ୍ଷା, ଡିଜିଟାଲ ମୁଦ୍ରା, ସବୁଜ ଅର୍ଥନୀତି, ସାଂସ୍କୃତିକ ଐତିହ୍ୟର ସୁରକ୍ଷା, ପ୍ରାଣନାଶୀ ଚିକିତ୍ସାର ସମସ୍ୟା ଏବଂ ସାମ୍ବାଦିକତାର ସ୍ୱାଧୀନତା ଆଦି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ଅଧ୍ୟକ୍ଷା ଶୈଳେନ୍ଦ୍ର କୁମାରୀ ଧନ୍ୟବାଦ ଜଣାଇଥିଲେ। ଏହା ରବିବାର ଶେଷ ହେବ।

## ଭୁବନେଶ୍ୱର ଶ୍ରୀରାମ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ହେଲେ ବିରଞ୍ଚି କୁମାର ରଥ

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀରାମ ମନ୍ଦିର ସେବା ସମିତି ଭୁବନେଶ୍ୱର ପକ୍ଷରୁ ଟ୍ରଷ୍ଟ ବୋର୍ଡର ବୈଠକ ଶୁକ୍ରବାର ମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ

**ନିଯୁକ୍ତ ହେବେ ୪ ନୂଆ ପୂଜକ**

ଅଧିକାରୀ ପ୍ରଶାନ୍ତ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କୁ ନେଇ ସଭାପତି ମନୋନୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଅବସରପ୍ରାପ୍ତ ବିଚାରପତି ବିରଞ୍ଚି କୁମାର ରଥଙ୍କୁ ଟ୍ରଷ୍ଟ ବୋର୍ଡ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହାପରେ ସଭାପତି ରଥଙ୍କ ଅଧ୍ୟକ୍ଷତାରେ ମନ୍ଦିରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜସ୍ୱ, ମନ୍ଦିର କର୍ମଚାରୀ ଓ ପୂଜକଙ୍କ ବେତନ ବୃଦ୍ଧି, ୪ ନୂଆ ପୂଜକଙ୍କୁ ନିଯୁକ୍ତି, ମନ୍ଦିର ବେଢ଼ାରେ ଭଡାରେ ଲାଗିଥିବା ଦୋକାନ ଘରର ମାପଚୁପ ଓ ଦୋକାନୀଙ୍କ ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ଦିଅଁଙ୍କ ସାମ୍ନାରୁ କଢାଯାଇଥିବା ଘଣ୍ଟିକୁ ସାନି ଲଗାଇବା, ମନ୍ଦିର ମୁଖ୍ୟ ଫାଟକରୁ ମନ୍ଦିର ପାହାଚ ପର୍ଯ୍ୟନ୍ତ ଭକ୍ତଙ୍କ ପାଦ ତାତି ଯାଉଥିବାରୁ ସେ ସ୍ଥାନରେ କାର୍ପେଟ ବିଛାଇବା ଏବଂ ମନ୍ଦିରରେ ବିଦ୍ୟୁତ ବିଭ୍ରାଟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିରରେ ନୂତନ ପୂଜକ ନିଯୁକ୍ତି, କାର୍ପେଟ ବିଛାଇବା, ଦୋକାନ ଘରର ମାପଚୁପ କରିବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ସଭାପତି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ନିର୍ମଳ କିଶୋର ରଥ, ଅଜିତ କୁମାର ଶତପଥୀ, ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, କାଳୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁସ୍ତକରେ ଓଡ଼ିଶାର ୨୪ବର୍ଷର ରାଜନୈତିକ ଅନୁଭୂତି




ଅତନୁ ସବ୍ୟସାଚୀଙ୍କ ଲିଖିତ 'ମୋ ଜୀବନ ମୋ ସମୟ' ପୁସ୍ତକର ଲୋକାର୍ପଣ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ସମ୍ପାଦକ ପ୍ରଭୁ ଚାୱଲା ଓ ଅନ୍ୟମାନେ।

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ବିକାଶ ପାଇଁ ଆବଶ୍ୟକ ପ୍ରତିବଦ୍ଧତା ଓ ତ୍ୟାଗ। ଏ ସମ୍ପର୍କରେ ପାଠକଙ୍କୁ 'ମୋ ଜୀବନ ମୋ ସମୟ' ପୁସ୍ତକ ସୂଚନା ଦେବ। ୨୦୦୦ମସିହାରୁ ୨୦୨୪ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିକାଶକୁ ଏହି ପୁସ୍ତକ ଲୋକଙ୍କ ପାଖରେ ପହଞ୍ଚାଇବ। ବିଶେଷକରି ଯୁବପିଢ଼ି ଓଡ଼ିଶାର ରାଜନୀତିକୁ ଏହା ମାଧ୍ୟମରେ ନିକଟରୁ ଜାଣିପାରିବେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ପୂର୍ବତନ ମନ୍ତ୍ରୀ ତଥା ଲେଖକ ଅତନୁ ସବ୍ୟସାଚୀ ନାୟକଙ୍କ ପୁସ୍ତକ 'ମୋ ଜୀବନ ମୋ ସମୟ'କୁ ଉନ୍ମୋଚନ କରି ମୁଖ୍ୟ ଅତିଥି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା କହିବା ସହ ଏହି ପୁସ୍ତକ ଅତନୁ ବାବୁଙ୍କ ରାଜନୀତି ଓ ସାମ୍ବାଦିକ ଜୀବନର ପ୍ରତିଫଳନ ବୋଲି ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ସମ୍ପାଦକ ପ୍ରଭୁ ଚାୱଲା କହିଲେ, ଓଡ଼ିଶାର

**ଅତନୁ ସବ୍ୟସାଚୀଙ୍କ ଲିଖିତ 'ମୋ ଜୀବନ ମୋ ସମୟ' ଲୋକାର୍ପିତ**

ପରିବର୍ତ୍ତନ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇପାରିଛି। ତାଙ୍କ ଉପରେ ଅଧିକରୁ ଅଧିକ ପୁସ୍ତକ ଲେଖା ହେବାର ଆବଶ୍ୟକତା ରହିଛି। ଲେଖକୀୟ ବକ୍ତବ୍ୟ ଓ ଅନୁଭୂତି ପ୍ରକାଶ କରି ଲେଖକ ନାୟକ କହିଲେ, ରାଜନୀତି ବନ୍ଧନ ଭିତରେ ଅନେକ କିଛି ଲେଖି ହୁଏନି, ମାତ୍ର ମୁଁ ମୋ ଅନୁଭବକୁ ଏହି ପୁସ୍ତକ ମାଧ୍ୟମରେ ଲେଖିବାକୁ ଚେଷ୍ଟା କରିଛି। ମୋତେ ପ୍ରଭାବିତ କରିଥିବା ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଉଲ୍ଲେଖ କରିଛି। ରାଜନୀତି ଜୀବନରେ ଅନେକ ଭଲ କଥା ବାହାରକୁ ଆସିବାର ଆବଶ୍ୟକତା ରହିଛି। ସାହିତ୍ୟିକ ଦାଶ ବେନହୁର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲାକ ଇଗଲ୍ସ ବୁକ୍ ପ୍ରକାଶନୀ ସଂସ୍ଥା ପକ୍ଷରୁ ଏହି ପୁସ୍ତକ ପ୍ରକାଶିତ ହୋଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ)




ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି।

କଟକ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାମଦାସପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ଜିଲା ଶିକ୍ଷା ସହ ଅଧିକାରିଣୀ ସୋନାମିକା ରାୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ପ୍ରତିଷ୍ଠା ଦିବସ ପାଳନ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜିଲାର ୧୪ଟି ବ୍ଲକରେ ଥିବା ୧୪ଟି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନିଜ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ଜିକେ, ନୃତ୍ୟ, ବକ୍ତୃତା, ରଚନା ଆଦି ବିଷୟରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କ ମଧ୍ୟରେ ଏଠାରେ ଆଉଥରେ ପ୍ରତିଯୋଗିତା କରାଯାଇ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରିନ୍ସିପାଲ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# 'ଶ୍ରୀମଦ୍ ଭାଗବତ' ଓଡ଼ିଆ ସାହିତ୍ୟର ଏକ ମାଇଲଖୁଣ୍ଟ

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

**'ଦଶମ ସ୍କନ୍ଦ'ର ପୂର୍ବାର୍ଦ୍ଧ ପୁସ୍ତକ ଉନ୍ମୋଚନ**



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପଞ୍ଚସଖା ଯୁଗର ସାଧକ ଶ୍ରୀଜଗନ୍ନାଥ ଦାସଙ୍କ ଦ୍ୱାରା ସଂସ୍କୃତ ଭାଷାରୁ ଅନୂଦିତ 'ଶ୍ରୀମଦ୍ ଭାଗବତ' ଓଡ଼ିଶାର ସାଂସ୍କୃତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ଜ୍ଞାନ, ଭକ୍ତି, ଭାବ ଓ କର୍ମର ସମନ୍ୱୟ ସୃଷ୍ଟି କରିବା ସହ ଓଡ଼ିଆ ସାହିତ୍ୟରେ ଏକ ମାଇଲ ଖୁଣ୍ଟ ଭାବେ ଗଣା ହୋଇଛି। ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ଶୁକ୍ରବାର ସମିତି ପରିସରରେ 'ଶ୍ରୀମଦ୍ ଭାଗବତ ଓ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିଭାବେ ଯୋଗଦେଇ ପ୍ରଫେସର ଶରତ କୁମାର ରଥ ଏହା କହିଛନ୍ତି। ଏଥିସହ ସେ ଶ୍ରୀମଦ୍ ଭାଗବତ ସରଳ ଭାଷାରେ ନବାକ୍ଷରୀ ବୃତ୍ତରେ ରଚିତ ହୋଇଥିବାରୁ ଲୋକପ୍ରିୟତାର ଶିଖର ଛୁଇଁପାରିଛି ବୋଲି ମତ ଦେଇଛନ୍ତି। ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣରେ ଭାଗବତର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି। ଜଗନ୍ନାଥ ଦାସଙ୍କ ଭାଗବତ କେବଳ ଗାଦିରେ ରହିନାହିଁ, ତାହା ପ୍ରତ୍ୟେକ ଓଡ଼ିଆଙ୍କ ଘରେ ପୂଜା ପାଉଥିବା ପୋଥିରେ ସ୍ଥାନ ପାଇଛି। ସମାଜରେ ନୈତିକ ଆଦର୍ଶ ପ୍ରତିଷ୍ଠା କରିବାରେ ଭାଗବତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗାଁ ଗାଁରେ ଭାଗବତ ଟୁଙ୍ଗୀ ଗଠନ ହୋଇ ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଜୀବନକୁ ଏହା ଶକ୍ତିଶାଳୀ କରି ଗଢ଼ି ତୋଳିଛି। ଭାଗବତ ଭାଷାର ସରଳତା ଯୋଗୁ ଲୋକମୁଖରେ ବହୁ ପଂକ୍ତି ଉଚ୍ଚାରଣ ହୋଇ ଏହାର ସାହିତ୍ୟିକ ମୂଲ୍ୟବୋଧକୁ ବହୁଗୁଣିତ କରି ରଖିପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ସମିତିର ନିର୍ଦ୍ଦେଶିକା ମିନତୀ ଷଡ଼ଙ୍ଗୀଙ୍କ ଦ୍ୱାରା ଚଉଦଅକ୍ଷରୀ ବୃତ୍ତରେ ସଂସ୍କୃତ ଭାଗବତର ଅନୁବାଦ 'ଦଶମ ସ୍କନ୍ଦ'ର ପୂର୍ବାର୍ଦ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ପ୍ରତିଷ୍ଠାତା ପର୍ଶୁରାମ ଦ୍ୱିବେଦୀ, ସାହିତ୍ୟିକା ଡ. ଆରତି କର, ଏମ୍‌ସର ପ୍ରାକ୍ତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର, ଲେଖକ ସମବାୟ ସମିତିର ଉପସଭାପତି ଡ. ପ୍ରେମଲତା ଦେବୀ, ଦିଗ୍‌ବଳୟର ସମ୍ପାଦକ ଅଜୟ କେତନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରମାକାନ୍ତ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୯।୨୦୨୪

| ୩,୭୧,୯୯୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ମଠ, ମନ୍ଦିର ବିଜେସ୍ଥଳୀ ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ, ୨୦।୯(ଅଜିତ କୁମାର ମହାନ୍ତି)

ମଠାଧୀଶ ସେବା ସଂଘ ତରଫରୁ ମଠ, ମନ୍ଦିର ବିଜେସ୍ଥଳୀ ସୁରକ୍ଷା ପ୍ରସଙ୍ଗକୁ ନେଇ ଏକ ବୈଠକ ଶୁକ୍ରବାର ମଣିରାମ ମଠ ବା କାପୁଡ଼ିଆ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ମଠର ମଠାଧୀଶମାନେ ଯୋଗଦେଇ ମଠ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମଠ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର। କିନ୍ତୁ ବିଗତ କିଛି ଦଶନ୍ଧିରେ ବିଭିନ୍ନ ଆଇନ ସଂଶୋଧନ ବଳରେ ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାର ଚକ୍ରାନ୍ତ ଚାଲିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏପରିକି ମଠର ମୂଳ ବିଜେସ୍ଥଳୀ (ମୂଳ ସ୍ଥାନ) ମଧ୍ୟ ନିୟନ୍ତ୍ରଣ ମୁକ୍ତ ନୁହେଁ। ମଠର ଗାଦି, ମନ୍ଦିର ମଧ୍ୟ ଭାଙ୍ଗି ଦିଆଯାଉଛି ଓ ବିକ୍ରି କରିଦିଆଯାଉଛି। ଏନେଇ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏବଂ ମଠାଧୀଶ ସେବା ସଂଘ ତରଫରୁ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଛି, କିନ୍ତୁ କେବଳ ପ୍ରତିଶ୍ରୁତି ଦିଆଯିବା ବ୍ୟତୀତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସରକାରଙ୍କ ଉଦାସୀନତା ସମସ୍ତ ସାଧୁସନ୍ଥ ଏବଂ ମହନ୍ତଙ୍କ ମନରେ ଗଭୀର ଦୁଃଖ ଓ କ୍ଷୋଭର କାରଣ ହୋଇଛି।



ମଣିରାମ ମଠ ପରିସରରେ ଆୟୋଜିତ ବୈଠକରେ ଉପସ୍ଥିତ ବିଭିନ୍ନ ମଠର ମଠାଧୀଶ ।

ଓଡ଼ିଶାର ସମସ୍ତ ଧାର୍ମିକ ସଂଗଠନ, ସନ୍ଥ ମହନ୍ତମାନେ ଏକତ୍ରିତ ହୋଇ ନିବେଦନ କରିଛନ୍ତି ଯେ, ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସରକାର ଏହାର ସମାଧାନ କରନ୍ତୁ, ନଚେତ ସେମାନଙ୍କର ଧର୍ମ, ସଂସ୍କୃତି ଏବଂ ଇଷ୍ଟ ସ୍ଥାନ ପାଇଁ ସେମାନେ ଭାରତବର୍ଷର ସମସ୍ତ ଆଚାର୍ଯ୍ୟ, ମହାମଣ୍ଡଳେଶ୍ୱର, ସାଧୁ, ସନ୍ଥଙ୍କ ସହଯୋଗ ଓ ଆଶୀର୍ବାଦକୁ ପାଥେୟ କରି ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ। ଆବଶ୍ୟକତା ପଡ଼ିଲେ ମଠ ମହନ୍ତମାନେ ନିଜ ଜୀବନ ବଳିଦାନ ଦେବାକୁ ପଛାଇବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ମଙ୍ଗଳା ମନ୍ଦିରରେ ଷୋଡ଼ଶ ଉପଚାର ପାଇଁ ପୂଜାପଣ୍ଡା ନିଯୋଜିତ

ଅସ୍ତରଙ୍ଗ,୨୦।୯(ମମତା ଜେନା)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କର ଆଶ୍ୱିନ ମାସ ପାର୍ବଣ ଷୋଡ଼ଶ ଉପଚାର ପୂଜାବିଧି ପାଇଁ ପୂଜାପଣ୍ଡା ସେବକ ଭାବେ ରଘୁନାଥ ଦୀକ୍ଷିତ ପୂଜାପଣ୍ଡା ନିଯୋଗ ମଣ୍ଡଳୀ, ସେବାୟତ ନିଯୋଗ ଓ ମନ୍ଦିର ପ୍ରଶାସନଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ଭୋଗ ମଣ୍ଡପରେ ଆନୁଷ୍ଠାନିକ ଭାବେ ପରୀକ୍ଷା ଦେଇ ଷୋଡ଼ଶ ଉପଚାର ପୂଜାପଣ୍ଡା ଭାବେ କୃତକାର୍ଯ୍ୟ ହେବାପରେ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଛିବର୍ଷ ହେବ ଷୋଳ ଉପଚାର ପୂଜାପଣ୍ଡା ଭାବେ କେତେଜଣ ବରିଷ୍ଠ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷ ପାର୍ବଣ ପାଇଁ ଯୁବ ପୂଜାପଣ୍ଡା ରଘୁନାଥ ଦୀକ୍ଷିତ କୃତକାର୍ଯ୍ୟ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ମନ୍ଦିର ଟ୍ରଷ୍ଟି ଅଙ୍କିତା ଆନନ୍ଦିତା ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ନୂତନ ଭାବେ ନିଯୋଜିତ ଷୋଡ଼ଶ ଉପଚାର ପୂଜାପଣ୍ଡାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସେ ଚଳିତ ପାର୍ବଣ ସମୟରେ ମା'ଙ୍କର ସମସ୍ତ ସେବାକାର୍ଯ୍ୟ କରିବେ। ଏହି କୃତକାର୍ଯ୍ୟକୁ ନେଇ ମଙ୍ଗଳା ମନ୍ଦିର ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ମାନସ ଦୀକ୍ଷିତ, ପବିତ୍ର କୁମାର ଦୀକ୍ଷିତ, ଈଶ୍ୱର ଚନ୍ଦ୍ର ଦୀକ୍ଷିତ, ପୂଜାପଣ୍ଡା ସେବକ ସର୍ବେଶ୍ୱର ପାଢ଼ୀ, ହେମନ୍ତ କୁମାର ପାଢ଼ୀ, ଲଳିତ କୁମାର ଦୀକ୍ଷିତ, ତପନ କୁମାର ଦୀକ୍ଷିତ, ସଞ୍ଜୟ କୁମାର ଦୀକ୍ଷିତ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ସମସ୍ତ ସେବାୟତ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ପିପିଲି, ୨୦।୯ (ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ପୁରୀ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ପ୍ରତିଷ୍ଠା ଦିବସ ସ୍ପାର୍କ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ସଭାରେ ଲୋକ ସଭା ସାଂସଦ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥର ବ୍ରତୀ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟର ଭବିଷ୍ୟତ ଉନ୍ନତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲାର ୧୧ଟି ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କାହ୍ନୁଚରଣ ଭୋଇ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ସଭା କାର୍ଯ୍ୟ ପରେ ଜିଲାରୁ ଆସିଥିବା ସମସ୍ତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ, କୁଇଜ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ନାଗସାପ ଦେଖି ଛାତ୍ରୀଛାତ୍ର ଭୟଭୀତ

ଗୋପ,୨୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ବେଗୁନିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ନାଗ ସାପ ଦେଖି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ସେହ୍ନଲତା ପରିଡ଼ାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସାପ ଧରାଳି ଆସି ସାପକୁ ଉଦ୍ଧାର କରିଥିଲେ। ପରେ ସ୍କୁଲରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ସବୁଦିନ ପରି ବେଗୁନିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଖୋଲାଯିବା ସମୟରେ ଜଣେ ଛାତ୍ର ଗୋଟିଏ ୪ ଫୁଟ୍‌ର ଏକ ନାଗସାପ ସ୍କୁଲ ଭିତରେ ପଶିଥିବା ଦେଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପରିଡ଼ା ନିକଟସ୍ଥ ଡଭାର ଗ୍ରାମର ସାପ ଧରାଳି ପ୍ରିୟବ୍ରତ ସ୍ୱାଇଁଙ୍କୁ ଡାକିବା ପରେ ସମ୍ପୃକ୍ତ ସାପ ଧରାଳି ସାପଟିକୁ କାବୁ କରିଥିଲେ। ପରେ ଏହି ସ୍କୁଲରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ନାଗସାପ ସ୍କୁଲରେ ପଶିବା ପରେ କିଛି ସମୟ ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

### ବିଭିନ୍ନ ଦାବିରେ ମ୍ୟୁନିସିପାଲ ଶ୍ରମିକ ୟୁନିୟନ ପକ୍ଷରୁ ବିକ୍ଷୋଭ

ପୁରୀ,୨୦।୯(ଅଜିତ କୁମାର ମହାନ୍ତି)

ପୁରୀ ମ୍ୟୁନିସିପାଲ ଶ୍ରମିକ ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଏକ ଶୋଭାଯାତ୍ରା ବାହାରିବା ସହ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଟାଉନ୍ ହଲ୍‌ଠାରୁ ଶୋଭାଯାତ୍ରା ବାହାରି ପୌର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଦୀର୍ଘଦିନ ଧରି କାର୍ଯ୍ୟରତ କର୍ମଚାରୀଙ୍କ ଅବସର ପରେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବା, ଇପିଏଫ୍ ପ୍ରଦାନ, ଦରମା ବୃଦ୍ଧି ଆଦି ଦାବି ସମ୍ପର୍କରେ ୟୁନିୟନର କର୍ମକର୍ତ୍ତାମାନେ ପୌର ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ଆସନ୍ତା ଅକ୍ଟୋବର ୧୫ ସୁଦ୍ଧା ସମାଧାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ୟୁନିୟନ୍ ପକ୍ଷରୁ କୁହାଯାଇଛି। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ତେବେ ପୁନର୍ବାର ପୁରୀ ମ୍ୟୁନିସିପାଲ ଶ୍ରମିକ ୟୁନିୟନ ରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଜଗନ୍ନାଥ ଦେଓ ଏବଂ ସମ୍ପାଦକ ଟୁନା ନାୟକ କହିଛନ୍ତି।

# ୨୪ରୁ ମା' ବିମଳାଙ୍କ ପୀଠରେ ଷୋଳପୂଜା

ପୁରୀ, ୨୦।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଆସନ୍ତା ୨୪ତାରିଖଠାରୁ ଷୋଳ ପୂଜା ଆରମ୍ଭ ହେବାକୁ ଯାଉଛି। ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ନିକଟରେ ଏହି ସମୟରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ପୂଜା ନୀତି। ମା' ବିମଳାଙ୍କ ସମେତ ଶ୍ରୀକ୍ଷେତ୍ରରେ ଥିବା ଅନ୍ୟାନ୍ୟ ଦେବୀ ପୀଠରେ ମଧ୍ୟ ସ୍ୱତନ୍ତ୍ର ଷୋଳ ପୂଜା ଅନୁଷ୍ଠିତ ହେବ। ଷୋଳ ପୂଜା ପୂର୍ବରୁ ଶ୍ରୀନହରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ବରଣ କରି ଦୁର୍ଗାପୂଜାର ଶୁଭାରମ୍ଭ କରିବେ। ୧୬ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜା ପାଇଁ ରାଜଗୁରୁ, ପୁରୋହିତଙ୍କୁ ଗଜପତି ମହାରାଜାଙ୍କ ଶ୍ରୀହସ୍ତ ଛୁଆଁ ଗୁଆ ଓ ନଡ଼ିଆ ପ୍ରଦାନ କରାଯାଇଥାଏ। ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀ ଭାବେ ମା' ବିମଳାଙ୍କ ପୀଠରେ ଷୋଡ଼ଶ ଉପଚାରରେ ପୂଜା ବିଧି କରାଯିବ।

### ସେବକଙ୍କ ସହ ଆଲୋଚନା କଲା ଶ୍ରୀମନ୍ଦିର ପ୍ରଶାସନ

ବିମଳା ମନ୍ଦିରରେ ଚଳିତ ବର୍ଷ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମାପନ ନେଇ ମା' ବିମଳାଙ୍କ ସେବକମାନଙ୍କ ସହ ଶ୍ରୀମନ୍ଦିର ନୀତି ପ୍ରଶାସକ ବୈଠକ କରି ଆଲୋଚନା କରିଛନ୍ତି। ଏ ନେଇ ବିମଳା ମନ୍ଦିର ପୂଜକ ତଥା ସମ୍ପାଦକ ଦାମୋଦର ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ୨୪ ତାରିଖରେ ଷୋଳପୂଜା ଅନୁଷ୍ଠିତ ହେବାକୁ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିମଳା ମନ୍ଦିର ସେବାୟତମାନଙ୍କ ସହିତ ଆଲୋଚନା କରାଯାଇଛି। ଏଥିସହ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀ ପୂଜା ସମ୍ପର୍କରେ ମଧ୍ୟରେ ଆଲୋଚନା ହୋଇଛି। ଶୃଙ୍ଖଳିତ ଭାବେ ସମସ୍ତ ନୀତି ଓ ପୂଜା ସମ୍ପାଦନ କରାଯିବା ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ସେବାୟତମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଯେଉଁ ସେବାୟତଙ୍କ ସ୍ୱାସ୍ଥ୍ୟକାର୍ଡ ହୋଇନାହିଁ, ସେମାନଙ୍କର ସ୍ୱାସ୍ଥ୍ୟକାର୍ଡ କରାଯିବା ନେଇ ପ୍ରଶାସକଙ୍କୁ ଅବଗତ କରାଯାଇଛି। ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିଛି।




ପୁରୀ ମ୍ୟୁନିସିପାଲ ଶ୍ରମିକ ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# ଅଇଁଠାପତ୍ରରେ ମେଣ୍ଟୁଛି ଭୋକ

ଅସ୍ତରଙ୍ଗ,୨୦।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦୈନନ୍ଦିନ ବହୁ ସଂଖ୍ୟାରେ ମାନସିକ ବିକୃତ ବ୍ୟକ୍ତି ଅସ୍ତରଙ୍ଗ ବଜାରରେ ଘୁରି ବୁଲୁଥିବାବେଳେ କାଁ ଭାଁ ଏମାନଙ୍କୁ ଆଶ୍ରୟ ଦେବାକୁ କେତେଜଣ ସ୍ୱେଚ୍ଛାସେବୀ ଆଗେଇ ଆସୁଥିବା ଦେଖାଯାଉଛି। ଅଧିକାଂଶ ଏଭଳି ମାନସିକ ବିକୃତ ଓ ଭିନ୍ନକ୍ଷମ ବ୍ୟକ୍ତି ଭୋକ ଶୋଷରେ ଏଣେତେଣେ ବୁଲି ଅସ୍ୱାସ୍ଥ୍ୟକର ପରିବେଶରୁ ଅଇଁଠା ଖାଦ୍ୟ ଓ ମଇଳା ପାଣି ପିଇ ଜୀବନ ବିତାଉଛନ୍ତି। ରାସ୍ତା ପାର୍ଶ୍ୱ ଗଛମୂଳ, ପରିତ୍ୟକ୍ତ କୋଠା, ଦୋକାନ ବାରଣ୍ଡାରେ ରାତିରେ ଆଶ୍ରୟ ନେଉଛନ୍ତି। ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନଙ୍କ ରହିବା, ଖାଇବା ଓ ଚିକିତ୍ସା ନେଇ ସରକାରୀ ସ୍ତରରେ ଅସ୍ତରଙ୍ଗରେ ସେମିତି କିଛି ବ୍ୟବସ୍ଥା ନାହିଁ। ଅସ୍ତରଙ୍ଗ ବଜାର ହେଉ ଅବା ଗାଁ ଗହଳିରେ ବୁଲୁଥିବା ଏଭଳି ନିରାଶ୍ରୟ ମାନସିକ ବିକୃତ ବ୍ୟକ୍ତିଙ୍କ ପ୍ରତି କେବେ କାହାର ଦୟା ହେଲେ ଗଣ୍ଡେ ଖାଇବାକୁ ଦିଏ। ମାତ୍ର ଅଧିକାଂଶ ସମୟରେ ସମ୍ପୃକ୍ତ ବ୍ୟକ୍ତି ଭୋକ ବିକଳରେ ହୋଟେଲ କଡ଼ର ଅଇଁଠା ପତ୍ର ଗୋଟାଇ ଚାଟୁଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ହୋଇଥାଏ। ରାସ୍ତାରେ ବୁଲୁଥିବା ବେଳେ ଦୁର୍ଘଟଣାର ମଧ୍ୟ ଶିକାର ହୋଇଥାନ୍ତି। କେବେ କେବେ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରି ସହାୟତା ଯୋଗାଇ ଦେଇଥାନ୍ତି। ପ୍ରଶାସନ ତରଫରୁ ଏମାନଙ୍କ ଥଇଥାନ ଓ ଚିକିତ୍ସା ଦିଗରେ ପଦକ୍ଷେପ ନିଆଯାଉନାହିଁ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଆଶ୍ରୟ ଦେଇ ଓ ଚିକିତ୍ସା କରାଇବା ସହ ପରିଚୟ ଖୋଜି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବାକୁ ସାଧାରଣରେ ଦାବି ହେଉଛି।



ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀମୁଖ ଛକରେ ଥିବା ମାଧବୀଲତା ଦେଈଙ୍କ ବାରିରେ ଗୋଟିଏ କଦଳୀ ଗଛରେ ଯାଆଁଳା କଦଳୀ କାନ୍ଧି ମଝି ଅଂଶରୁ ବାହାରିଛି।

# 'ଶରତ ରାଉତରାୟ ଥିଲେ ଦରଦୀ ମଣିଷ'

ପୁରୀ, ୨୦।୯(ଅଜିତ୍ କୁମାର ମହାନ୍ତି)

### ୧୦୧ତମ ଜୟନ୍ତୀ ପାଳିତ

ଶରତ ସ୍ନେହଲତା ରାଉତରାୟ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶରତ ଚନ୍ଦ୍ର ରାଉତରାୟଙ୍କ ୧୦୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଖବରଦାତା ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପ୍ରାଧାପକ ଭଗବାନ ଜୟସିଂ, ଡାକ୍ତର ବୈଦ୍ୟନାଥ ମିଶ୍ର, ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ଆଇନଜୀବୀ ବିପିନ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ରାଉତରାୟଙ୍କ କନ୍ୟା ଅଧିବକ୍ତା ରଚିତା ରାଉତରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ୱର୍ଗତ ରାଉତରାୟ ମୋଟରଭେହିକିଲ ନିୟମ ମାଧ୍ୟମରେ ସାରା ଓଡ଼ିଶାର ଲୋକଙ୍କୁ ଆଇନ ସହାୟତା ପ୍ରଦାନ କରୁଥିଲେ। ବିଶେଷକରି ସେ ସର୍ବଦା ପୁରୀର ସାହିତ୍ୟ ସଂସ୍କୃତିକୁ ଉଦ୍‌ବୁଦ୍ଧ କରିବାରେ ଚେଷ୍ଟିତ ଥିଲେ। ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସେ ନିଜକୁ ସାମିଲ କରୁଥିଲେ। ସେ ଜଣେ ଦରଦୀ ମଣିଷ ଥିଲେ। ଏହି ଅବସରରେ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କବି ସର୍ବାଣୀ ଦାସଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା ଆଇନଜୀବୀ ନାରାୟଣ ନନ୍ଦ, ପୂର୍ବତନ ପୋଲିସ ଅଧିକାରୀ ଦେବେନ ଦାଶ, ଦାଶରଥି ମହାପାତ୍ର ପ୍ରମୁଖ ସ୍ୱର୍ଗତ ରାଉତରାୟଙ୍କ ସ୍ମୃତିଚାରଣ କରିଥିଲେ। ବଂଶୀଧର ରାଉତରାୟ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

# ଶୈକ୍ଷିକ ପ୍ରତିଯୋଗିତା ପ୍ରତିଭା ପ୍ରଦର୍ଶନର ବଳିଷ୍ଠ ମାଧ୍ୟମ

### ବ୍ଲକ୍‌ସ୍ତରୀୟ କୁଇଜ ପ୍ରତିଯୋଗିତା

ଗୋପ,୨୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ୍ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ବ୍ଲକ ଶିକ୍ଷାଧିକାରୀ ସୁଶିଳ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଦାଶ ଶୈକ୍ଷିକ ପ୍ରତିଯୋଗିତା ପ୍ରତିଭା ପ୍ରଦର୍ଶନର ବଳିଷ୍ଠ ମାଧ୍ୟମ ବୋଲି କହିଛନ୍ତି। ବକ୍ତୃତା, ଚିତ୍ରକଳା, ଚିତ୍ରାଙ୍କନ, ସଙ୍ଗୀତ ଏବଂ କୁଇଜ ଆଦି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କର ଶିକ୍ଷା ବ୍ୟବସ୍ଥା ଉପରେ ସୁଧାର ଆଣିଥାଏ। ମୁଖ୍ୟବକ୍ତା ଭାବେ ହରିହର ରଥ, ସମ୍ମାନିତ ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଏଭଳି କ୍ଷେତ୍ରରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ଗୋପ ବ୍ଲକର ଶତାଧିକ ସ୍କୁଲର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଭିନ୍ନ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସାର୍ଟିଫିକେଟ, ଶିକ୍ଷା ଉପକରଣ ସହିତ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାକୁ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ । ଗୋପ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବେଣୁଧର ମଳିକ, ଅଶୋକ କୁମାର ବେହେରା, ବିନୋଦିନୀ ମହାପାତ୍ର, ପୁଷ୍ପମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

# ସିଏମ୍‌ସି କାଉନସିଲ ବୈଠକ ପାଲଟିଲା ରଣକ୍ଷେତ୍ର

- କାଚଗ୍ଲାସ ମାଡ଼ରେ କର୍ପୋରେଟର ଆହତ
- ଦୁର୍ନୀତି ହୋଇଥିବା ଅଭିଯୋଗ କଲେ ବିରୋଧୀ
- ପାରିତ ହୋଇପାରିଲାନି ବାଲିଯାତ୍ରା ବିଲ୍

କଟକ,୨୦।୯(କାର୍ତ୍ତିକ ସାହୁ)



ସିଏମ୍‌ସି କାଉନସିଲ ବୈଠକରେ କଂଗ୍ରେସ କର୍ପୋଟେର ହଟ୍ଟଗୋଳ କରୁଛନ୍ତି।

କଟକ ମହାନଗର ନିଗମ (ସିଏମ୍‌ସି) କାଉନ୍‌ସିଲ ବୈଠକ ପାଲଟିଲା ରଣକ୍ଷେତ୍ର। ୨୦୨୩ ବାଲିଯାତ୍ରା ବିଲ୍ ପାସ୍‌କୁ କେନ୍ଦ୍ରକରି ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡି କର୍ପୋରେଟର ମୁହାଁମୁହିଁ ହୋଇଛନ୍ତି। କାଚ ଗ୍ଲାସ୍ ଫିଙ୍ଗା ଓ ଟଣାଓଟରା ମଧ୍ୟରେ ବିଶୃଙ୍ଖଳିତ ହୋଇଥିଲା ବିଜୁ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ବୈଠକ। କାଚଗ୍ଲାସ୍ ମାଡ଼ରେ ଜଣେ କର୍ପୋରେଟର ଆହତ ହୋଇଛନ୍ତି। ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିବାରୁ ବୈଠକ ବନ୍ଦ ହୋଇଥିଲା।

ସୂଚନା ଅନୁସାରେ, ୨୦୨୩ ବାଲିଯାତ୍ରାରେ ସିଏମ୍‌ସି ପକ୍ଷରୁ ଲେଜର ଲାଇଟ୍ ଶୋ ବାବଦକୁ ୯୫ ଲକ୍ଷ ଟଙ୍କା, ଦୁଇଟି ତୋରଣ ବାବଦକୁ ୩୨ ଲକ୍ଷ ଓ ବାଣ ଫୁଟା ବାବଦକୁ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରେ ଦୁର୍ନୀତି ହୋଇଥିବା ନେଇ ବିରୋଧୀ କର୍ପୋରେଟରମାନେ ସେ ସମୟରେ ଅଭିଯୋଗ ଆଣିଥିଲେ। ସେତେବେଳେ କାଉନସିଲ ବୈଠକରେ ମଧ୍ୟ ହଙ୍ଗାମା ହୋଇଥିଲା। ସିଏମ୍‌ସି ପକ୍ଷରୁ ଗଠିତ ଏକ ତଦନ୍ତ କମିଟି ଓ ସିଏମ୍‌ସି ବାହାରର ଏକ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରାଯାଇଥିଲା। ଉକ୍ତ ତଦନ୍ତକୁ ନେଇ ବୈଠକରେ ବିରୋଧୀ କର୍ପୋରେଟରମାନେ ହୋହଲ୍ଲା କରିଥିଲେ। ନଗର ଯନ୍ତ୍ରୀ ଅତନୁ ସାମନ୍ତ ବିଲ୍ ଉପସ୍ଥାପନ କରିବା ପରେ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ବାହାର ସଂସ୍ଥା ରାଉରକେଲା ଏନ୍‌ଆଇଆଇଟି ତଦନ୍ତ ରିପୋର୍ଟ ଦେଖାଇବାକୁ କହିଥିଲେ। ମାତ୍ର ଉକ୍ତ ରିପୋର୍ଟ ମିଳି ନ ଥିଲା। ଫଳରେ ବିଲ୍ ପାରିତ ନ କରିବା ପାଇଁ ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ଜିଦ୍‌ଧରି ବସିଥିଲେ। ଅପରପକ୍ଷରେ ବିଜେଡି କର୍ପୋରେଟର ବିକାଶ ବେହେରା ବିଲ୍ ପାସ୍ ପାଇଁ ଜିଦ୍ କରିଥିଲେ। ଭାଜପା କର୍ପୋରେଟର ଗୋପାଳ ବେହେରା କାଚ ଗ୍ଲାସ ଫିଙ୍ଗିବା ପରେ କେତେଜଣ ବିଜେଡି ମହିଳା କର୍ପୋରେଟର ମଧ୍ୟ ଗ୍ଲାସ ଫିଙ୍ଗିଥିଲେ। କାଚଗ୍ଲାସ ଫିଙ୍ଗାଫୋପଡ଼ାରେ ୨୦ ନଂ. ୱାର୍ଡ ଭାଜପା କର୍ପୋରେଟର ଲକ୍ଷ୍ମୀଧର ବେହେରା ଆହତ ହୋଇଥିଲେ। ଯଦ୍ୱାରା ପୂର୍ବାହ୍ନରେ ଶାନ୍ତିପୂର୍ଣ୍ଣ ଥିବା ବୈଠକ ଅପରାହ୍ନକୁ ପୁରା ବିଗିଡ଼ି ଯାଇଥିଲା। ସିଏମ୍‌ସିର ଅବସରପ୍ରାପ୍ତ ଆଇନ ଅଧିକାରୀ ଦିଗମ୍ବର ସ୍ୱାଇଁଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ଅଧିକାଂଶ କର୍ପୋରେଟର ବିରୋଧ କରିଥିଲେ। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ବନ୍ଦ କରିବାକୁ ସେମାନେ କମିଶନର ଦାୟିତ୍ୱରେ ଥିବା ଅନାମ ପାତ୍ରଙ୍କ ନିକଟରେ ଦାବି କରିଥିଲେ। ଏ ସମ୍ପର୍କରେ ଅନାମ କହିଛନ୍ତି, ଅବସର ପରେ ପୂର୍ବ ସରକାରଙ୍କ ସମୟରେ ୪ ବର୍ଷ ପର୍ଯ୍ୟନ୍ତ ସ୍ୱାଇଁଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ବର୍ତ୍ତମାନ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବାକୁ ନିୟମ କରିଛନ୍ତି। ତେଣୁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହେବ ନାହିଁ। କର୍ପୋରେଟର ରାକେଶ ସ୍ୱାଇଁ ସିଏମ୍‌ସିରେ ଗାଡ଼ି ଭଡ଼ା ଟେଣ୍ଡରକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ ଜଣେ ବିଜେଡି ନେତାଙ୍କ ୫ଟି କାର ସହିତ ଜଣେ ଅଧିକାରୀଙ୍କ ପତ୍ନୀଙ୍କ ନାମରେ ଗାଡ଼ି ସିଏମସିରେ ଲାଗିଥିବା ଗୁରୁତର ଅଭିଯୋଗ ଆଣିଥିଲେ। ଏହାକୁ ଅନୁଧ୍ୟାନ କରାଯିବ ବୋଲି କମିଶନର କହିଥିଲେ। ୫୯ଟି ୱାର୍ଡ ଅଫିସ ଓ ସେଗୁଡ଼ିକର ପରିଚାଳନା ନେଇ କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ୱାର୍ଡ କୋର୍ଡିନେଟର ନିଯୁକ୍ତିକୁ ଚାପି ଦିଆଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରାଯାଇଥିଲା। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର, ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ଯୋଗଦେଇଥିଲେ।

# ରାସ୍ତା ମରାମତି, ବିଦ୍ୟୁତ୍, ଜଳ ଯୋଗାଣକୁ ଗୁରୁତ୍ୱ



ଶାରଦୀୟ ବନ୍ଧୁମିଳନରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟ ଅତିଥିବୃନ୍ଦ।

## ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ

ମଙ୍ଗୁଳି-ଜଗତପୁର,୨୦।୯(ମାନସ ସାମଲ)

ଚୌଦ୍ୱାର ଅଞ୍ଚଳର ପ୍ରସିଦ୍ଧ ରୂପଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଜଗତପୁରସ୍ଥିତ ଡାକ ବଙ୍ଗଳା ପରିସରରେ ଶାରଦୀୟ ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, ବିଭିନ୍ନ ପୂଜା କମିଟିର ଯେଉଁ ସମସ୍ୟା ରହିଛି ସେ ସମ୍ପର୍କରେ ଜିଲାପାଳ ଓ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ବିଶେଷକରି ରୂପଯାତ୍ରା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତା ମରାମତି, ବିଦ୍ୟୁତ୍ କାଟ୍ ନ ହେବା, ଗତବର୍ଷ ଭଳି ଚଳିତବର୍ଷ ଯାତ୍ରାକୁ ଆସିବାକୁଥିବା ୫ଟି ଦୋକାନକୁ ବିଦ୍ୟୁତ୍ ଦେୟ ପାଇଁ ଗୋଟିଏ ମିଟର ଲଗାଯିବା, ଭସାଣି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା, ମୂର୍ତ୍ତି ବିସର୍ଜନ ପାଇଁ ବିରୂପା ନଦୀ ଗଡ଼ାଠାରେ ଅସ୍ଥାୟୀ ପୋଖରୀ ଖୋଳାଯିବା ପାଇଁ ପ୍ରସ୍ତାବ ରଖାଯାଇଛି। ଏହି ପ୍ରସ୍ତାବଗୁଡ଼ିକୁ ବୈଠକରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ସମ୍ପାଦନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୌରପାଳିକା ପକ୍ଷରୁ ରାସ୍ତା ମରାମତି, ଆଲୋକୀକରଣ ଓ ସଫେଇ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଚୌଦ୍ୱାର ରୂପଯାତ୍ରା କମିଟି ସଭାପତି ସୁବୋଧ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ଟିପିସିଓଡିଏଲ ଏସ୍‌ଡିଓ ମନୋଜ ସାହୁ, ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, କୋଷାଧ୍ୟକ୍ଷ ରବି ନାରାୟଣ ସାହୁ, ସୂର୍ଯ୍ୟ ନାରାୟଣ ଦାଶ, ଚୌଦ୍ୱାର ଅଗ୍ନିଶମ ଅଧିକାରୀ ବିଷ୍ଣୁ ପ୍ରସାଦ ଦାଶ, ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଯୋଗଦେଇଥିଲେ। ଚୌଦ୍ୱାର ରୂପଯାତ୍ରାରେ ଅଂଶଗ୍ରହଣ କରିବାକୁଥିବା ୪୩ଗୋଟି ମେଢର ସଭାପତି, ସମ୍ପାଦକ, ସମସ୍ତ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଧନ୍ୟବାଦ ଦେଇଥିଲେ।

## ମହାନଦୀ ପଠାରେ ୧ ଲକ୍ଷ ଆମ୍ବଚାରା ଲଗାଯିବ

କଟକ ସଦର,୨୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ନିକଟ ମହାନଦୀର ମାଗୁଣିଆ ପଠାରେ ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ୧ ଲକ୍ଷ ଆମ୍ବଚାରା ରୋପଣ କରାଯିବ ବୋଲି ଘୋଷଣା କରାଯାଇଛି। ମହାନଦୀର ମାଗୁଣିଆ ପଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ପଠାକୁ ଏକ ବଣଭୋଜି ସ୍ଥଳରେ ପରିଣତ କରିବା କାର୍ଯ୍ୟକ୍ରମ ରହିଛି ବୋଲି ସମିତିର ଅନ୍ୟତମ ସଦସ୍ୟ ସୁବୋଧ ବେହେରା କହିଛନ୍ତି। ୨ ମାସ ମଧ୍ୟରେ ୫ ହଜାର ଆମ୍ବଚାରା ସମେତ ବିଭିନ୍ନ କିସମର ଚାରା ଲଗାଯାଇଛି। ବିଶେଷକରି ଖରାଦିନରେ ନଦୀ ପାଣି ଶୁଖିଯାଉଥିବାରୁ କଟକ ସହର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ଜନସାଧାରଣ ଏହି ସ୍ଥାନକୁ ବୁଲିବାକୁ ଆସି ସବୁଜିମାକୁ ଉପଭୋଗ କରିପାରିବେ ବୋଲି ବେହେରା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଚିତ୍ତରଞ୍ଜନ ମହାପାତ୍ର, ସୁମନ୍ତ ପରିଡ଼ା, ବିଶ୍ୱଜିତ୍ ରାଉତ, ଉଗ୍ରସେନ ଭୂୟାଁ, ଆଦିତ୍ୟ ରାଉତ, ଦୀପକ ସିଂହ, ବିକ୍ରମ ରଣଜିତ୍ ମହାନ୍ତି ଓ ବିଶା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।





କଟକ ବାଲିଯାତ୍ରା ଉପର ପଡିଆରେ ଚାଲିଥିବା ଗଣେଶ ମହୋତ୍ସବର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ।

# 'କଟକ ଓଡ଼ିଶାର ସାଂସ୍କୃତିକ ରାଜଧାନୀ'

## ଗଣେଶ ମହୋତ୍ସବ ଉଦ୍‌ଯାପିତ

- ବିଶିଷ୍ଟ ବ୍ୟକ୍ତି, ଖବରଦାତା, କଳାକାର ସମ୍ବର୍ଦ୍ଧିତ

କଟକ,୨୦।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଗଣେଶ ପୂଜା କମିଟି ପକ୍ଷରୁ କଟକ ବାଲିଯାତ୍ରା ଉପର ପଡିଆରେ ଚାଲିଥିବା ୩୧ତମ ଗଣେଶ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ କହିଛନ୍ତି, ଭାଇଚାରାର ସହର କଟକ ଓଡ଼ିଶାର ସାଂସ୍କୃତିକ ରାଜଧାନୀ। କଟକବାସୀଙ୍କ ଅଧିକାରକୁ କେହି ଛଡାଇ ନେଇପାରିବେ ନାହିଁ। ଗଣେଶ ମହୋତ୍ସବ ବ୍ୟାପକ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସିଂଦେଓ କହିଛନ୍ତି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିନୋଦ ଦାସ, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଦ୍ୟାଧର ପ୍ରଧାନ, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ଦ୍ୱୈତନଗରୀ ଗଣେଶ ପୂଜା କମିଟି ସଭାପତି ସରୋଜ ସିଂ ସ୍ୱାଗତ ଭାଷଣ ଓ ସାମାଜିକ କର୍ମୀ ଡ. ପ୍ରବୀଣ ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି, ଖବରଦାତା, କଳାକାରଙ୍କୁ ଶ୍ରୀଗଣେଶ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଶ୍ୱଶୁର କଟୁରି ଚୋଟରେ ବୋହୂ ଗୁରୁତର

କଟକ ସଦର,୨୦।୯(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ସଫିପୁର ଗ୍ରାମରେ ଶୁକ୍ରବାର ଶ୍ୱଶୁର କଟୁରି ଚୋଟରେ ବୋହୂ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘରେ କେହି ନ ଥିବାବେଳେ ପୁରୁଣା କଳିକୁ ନେଇ ଶ୍ୱଶୁର ଏକ କଟୁରିରେ ବୋହୂଙ୍କ ବେକକୁ ଆକ୍ରମଣ କରିଥିଲେ। ମହିଳାଙ୍କ ପୁତ୍ର ସ୍କୁଲରୁ ଫେରି ଘରେ ବୋଉ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ଶିକ୍ଷକଙ୍କୁ ଜଣାଇଥିଲେ। ପରେ ଶିକ୍ଷକ ଗ୍ରାମବାସୀଙ୍କୁ କହିଥିଲେ।

# ବସ୍ତିବାସିନ୍ଦାଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ଚୌଦ୍ୱାର,୨୦।୯(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡ ଅଧୀନ ତ୍ରିନାଥପଲ୍ଲୀ ବସ୍ତି ପରିଦର୍ଶନ କରିଛନ୍ତି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ। ସେଠାରେ ବସ୍ତିବାସିନ୍ଦାଙ୍କ ସହ ବୈଠକ କରି ବସ୍ତିରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଘର ଭାଙ୍ଗିରୁଜି ଯାଇଥିବାରୁ ବସ୍ତିବାସିନ୍ଦା ବିପଦପୂର୍ଣ୍ଣ ଭାବେ ରହୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଘର ମରାମତି ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଉକ୍ତ ବସ୍ତିରେ ରହୁଥିବା ମହିଳାଙ୍କ ପାଇଁ ବୈଷୟିକ ତାଲିମ ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିପରି ମୌଳିକ ସୁବିଧାସୁଯୋଗ ବସ୍ତିବାସିନ୍ଦା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ବସ୍ତିରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଜାତିଗତ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କରାଯାଉ ବୋଲି ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା, ସି.ଏସ୍. ପାତ୍ର, ବି.ପି ଆଚାର୍ଯ୍ୟ, ଏମ୍.କେ.ରଥ, ଡା. ଡି.କେ.ପାଣି, ସ୍ୱାଗତିକା ପଣ୍ଡା, ଡା. ଦୀପା ପଟ୍ଟନାୟକ, ଡା. ସସ୍ମିତା ପଣ୍ଡା, ରଞ୍ଜିତା ବିଶ୍ୱାଳ, ଅଳକା ସିଂ, ଶାଶ୍ୱତ ସ୍ୱାଇଁ, ମଳୟ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। କଟକସ୍ଥିତ ଗାନ୍ଧିପଲ୍ଲୀ, ନେହେରୁପଲ୍ଲୀ ଓ ତ୍ରିନାଥପଲ୍ଲୀ ପରିଦର୍ଶନ ଏହା ଏକ ରୁଟିନ୍ ଭିଜିଟ୍ ବୋଲି ଜିଲାପାଳ କହିଛନ୍ତି।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କଟକ ସଦର,୨୦।୯(ସୁଶାନ୍ତ କୁମାର ଜେନା)

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ କିଶନ ନଗର ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପାରାବିଲ ଗ୍ରାମର ମଙ୍ଗୁ ଭୋଇ। ମହିଳା ଜଣଙ୍କ ଘରେ ଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୬୩/୨୪) ରୁଜୁ କରିଥିଲା।

## ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୟନରେ ଖର୍ଚ୍ଚ ହୋଇଛି ୧୪ ଲକ୍ଷ

### ୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ

କଟକ ସଦର,୨୦।୯(ସୁଶାନ୍ତ କୁମାର ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁବନେଶ୍ୱର ଗସ୍ତ ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ପକ୍ଷରୁ ୩ ଜଣ ମହିଳାଙ୍କୁ ଆବାସ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଡିଓ ରୁମାନା ଜାଫ୍ରିଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ରୁରାଲ ହାଉସିଂ ସ୍କିମ୍‌ରେ ମାସିକ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଭଡ଼ା ଗାଡ଼ି ବ୍ୟବହାର କରାଯାଇଥିଲା। ଏହି ଗାଡ଼ି ୨୦୨୦ରୁ ବ୍ୟବହାର ହେଉଛି। ଭଡ଼ା ବାବଦକୁ ସରକାରଙ୍କ ପାଣ୍ଠିରୁ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ବିଡିଓ ରୁମାନା ଜାଫ୍ରିଙ୍କୁ ପ୍ରଶ୍ନ କରିଥିଲେ। ଏହି ଟଙ୍କାରେ ୨୦ ଜଣ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ପାରିଥାନ୍ତା। କେଉଁ ଢଙ୍ଗରେ ବ୍ଲକ୍ କର୍ମଚାରୀ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରୁଥିଲେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ହିତାଧିକାରୀଙ୍କ ମଧ୍ୟରେ କଳପଡ଼ା ପଞ୍ଚାୟତର ସୁଲତାନା ବେଗମ୍, ସମସଦ ବେଗମ୍ ଓ ପ୍ରହରାଜପୁର ପଞ୍ଚାୟତର ମୁସ୍ତାରି ବେଗମ୍। ଗାଡ଼ି ଭଡ଼ା ବାବଦରେ ଏତେ ଟଙ୍କା ଖର୍ଚ୍ଚ ହୋଇଥିବା ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅପରପକ୍ଷରେ ଆଉ ୪ ଜଣଙ୍କୁ କାର୍ଯ୍ୟାଦେଶ ଟାର୍ଗେଟ ଆସିଲେ ପ୍ରଦାନ କରାଯିବ ବୋଲି ବିଡିଓ କହିଛନ୍ତି।

# ଏଲ୍‌ଇଡି ଲାଇଟ୍‌ରେ ଅଯୋଧ୍ୟା ରାମ ମନ୍ଦିର



## ବିରାଜିବେ ମା'

କଟକ,୨୦।୯(ଶିଳ୍ପା ପ୍ରିୟଦର୍ଶିନୀ)



**ଚାଉଳିଆଗଞ୍ଜ ପୂଜା କମିଟି**

ମା'ଦୁର୍ଗାଙ୍କ ଆଗମନକୁ ନେଇ ଉତ୍ସବମୁଖର ହୋଇଉଠିଛି କଟକ ସହର। ପୂଜା ପାଇଁ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ଚାଉଳିଆଗଞ୍ଜ ପୂଜା କମିଟି। ୧୯୨୫ରେ ଚାଳଘରେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ୧୯୬୨ରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ କମିଟି ପକ୍ଷରୁ କୋଲକାତାରୁ ୨ଟି ଏଲ୍‌ଇଡି ଲାଇଟ୍ ଗେଟ୍ ଆଣିବା ପାଇଁ ବ୍ୟବସ୍ଥା କରାଯିବ। ସେଥିମଧ୍ୟରୁ ଅଯୋଧ୍ୟା ରାମ ମନ୍ଦିର ସଦୃଶ ଲାଇଟ୍ ଗେଟ୍ ଓଏମ୍‌ପି ପଟୁ ଚାଉଳିଆଗଞ୍ଜ ପ୍ରବେଶ ପଥରେ ଲଗାଯିବ ଓ ମିକି ମାଉସ ସଦୃଶ୍ୟ ଲାଇଟ ଗେଟ୍ ଚାଉଳିଆଗଞ୍ଜ ପଟୁ ନୂଆବଜାର ପଟକୁ ଲଗାଯିବ। କଟକର କାରିଗର ବିକ୍ରମ ପାତ୍ର ଏହି ଲାଇଟ୍ ଗେଟ୍ କାମ କରିବେ। ୫.୫ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକ ବାଙ୍କିସାହି ଅଞ୍ଚଳର ଶରତ ଚନ୍ଦ୍ର ପରିଡାଙ୍କ ସମେତ ୨ ଜଣ କାରିଗର ନିୟୋଜିତ ହୋଇଛନ୍ତି। ଚଳିତବର୍ଷ ୨୦ ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ଏଠାରେ ବଙ୍ଗୀୟ ପରମ୍ପରା ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ୧୯୯୯ରେ ଏଠାରେ ଚାନ୍ଦି ମେଢ଼ ଓ ୨୦୦୭ରେ ମା' ଦୁର୍ଗାଙ୍କର ସୁନାମୁକୁଟ ତିଆରି କରାଯାଇଛି। ଏଥିସହ ମା'ଙ୍କ ଅନ୍ୟାନ୍ୟ ଅଳଙ୍କାର ମଧ୍ୟ ତିଆରି କରାଯାଇଛି। ଦଶମୀରେ ମା'ଙ୍କୁ ଦହିପଖାଳ ଲାଗି କରାଯିବ। ଭସାଣିରେ ଯାଜପୁର ବ୍ୟାଣ୍ଡ ପାର୍ଟି, ଭଦ୍ରେଶ୍ୱର ଘଣ୍ଟ, ଢେଙ୍କାନାଳ ମାଦଳ, ରଘୁନାଥପୁରର ଯୋଡ଼ି ଶଙ୍ଖ ସମେତ ପାରମ୍ପରିକ ବାଦ୍ୟ ସାମିଲ ହେବ।

### ୧୦ ହଜାର ଲୋକଙ୍କ ପାଇଁ ଦହିପଖାଳ ବ୍ୟବସ୍ଥା



"ପ୍ରତିବର୍ଷ ଭଳି ଚଳିତବର୍ଷ ଦଶମୀରେ ମା'ଙ୍କ ନିକଟରେ ଦହିପଖାଳ ଭୋଗ ଲାଗି କରାଯିବ। ପରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଦହି ପଖାଳ ବ୍ୟବସ୍ଥା କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପୂଜାରେ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯିବ।

**ଦେବେନ୍ଦ୍ର ପାତ୍ର, ସଭାପତି**

### ଡିଜେମୁକ୍ତ ଭସାଣି କରାଯିବ



"ଚଳିତବର୍ଷ ଡ଼ିଜେମୁକ୍ତ ଭସାଣି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଏହାକୁ ପାଳନ କରାଯିବ। ଏଥିସହ ଭସାଣି ଶୋଭାଯାତ୍ରାକୁ ନିଶାମୁକ୍ତ କରିବା ପାଇଁ କମିଟି ସଦସ୍ୟଙ୍କ ସହ ଆଲୋଚନା କରାଯାଇଛି। ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ।

**ନିରଞ୍ଜନ ସାହୁ, ସାଧାରଣ ସମ୍ପାଦକ**

# ଶଳାଙ୍କ ଘରୁ ୪୬.୪୫ ଲକ୍ଷ ଜବତ

## ଭିଜିଲାନ୍ସ ସ୍କାନରରେ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମୁଖ୍ୟଯନ୍ତ୍ରୀ

ଭିଶୋଇଙ୍କ ଘରେ ଚଢ଼ାଉ

ଭୁବନେଶ୍ୱର (ସତ୍ୟଜିତ୍ ରାଉତ)/ କେନ୍ଦୁଝର (ଦୀପକ ମିଶ୍ର)/ ବାଲେଶ୍ୱର (ବାଞ୍ଛାନିଧି ଦେ), ୨୦।୯

ଭିଜିଲାନ୍ସ ସ୍କାନରରେ ରହିଛନ୍ତି ଆଉ ଜଣେ କୋଟିପତି ଯନ୍ତ୍ରୀ। ସେ ହେଲେ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମଣ୍ଡଳର ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ହରିହରଙ୍କ ଘର ସମେତ ବାଲେଶ୍ୱର, ଭୁବନେଶ୍ୱର, କେନ୍ଦୁଝର ଓ ବ୍ରହ୍ମପୁରର ୧୦ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ରହିଛି ବ୍ରହ୍ମପୁରସ୍ଥିତ ହରିହରଙ୍କ ଶଳାଙ୍କ ଘର, ଯେଉଁଠି ଭିଜିଲାନ୍ସ ଟିମ୍ ପାଇଛି ୪୬. ୪୫ ଲକ୍ଷ ଟଙ୍କା। ବ୍ରହ୍ମପୁର ଜେଲରେ ଡାକ୍ତର ଥିବା ହରିହରଙ୍କ ଶଳାଙ୍କ ଘରେ ଏତେ ପରିମାଣର ଟଙ୍କା କେଉଁଠି ଆସିଲା ସେନେଇ ଭିଜିଲାନ୍ସ ଟିମ୍ ତଦନ୍ତ ଜାରି ରଖିଛି।

ଭିଜିଲାନ୍ସ ଯାଞ୍ଚ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ହରିହରଙ୍କ ଫୁଲବାଣୀସ୍ଥିତ ପୈତୃକ ଘର, କେନ୍ଦୁଝର ଜିଲା ଆର୍‌ଡବ୍ଲ୍ୟୁ ସର୍କଲର ଅଫିସ ଚାମ୍ବର, କେନ୍ଦୁଝର ଆର୍‌ଡବ୍ଲ୍ୟୁ କ୍ୟାମ୍ପସସ୍ଥିତ ସରକାରୀ କ୍ୱାର୍ଟର୍ସ, ବଳଦେବଜୀଉ କଲୋନୀସ୍ଥିତ ସହଯୋଗୀ ଠିକାଦାରଙ୍କ ଘର, ବାଲେଶ୍ୱର ଆର୍‌ଡବ୍ଲ୍ୟୁ ସର୍କଲ ଅଫିସ ଚାମ୍ବର, ବ୍ରହ୍ମପୁର ତୁଳସୀ ନଗରସ୍ଥିତ ସମ୍ପର୍କୀୟଙ୍କ ଘର ଓ ଶାନ୍ତିନଗରସ୍ଥିତ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆରମ୍ଭ ହୋଇଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୧୧ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର, ୧୧ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଅଧିକାରୀମାନେ ହରିହରଙ୍କ ବିପୁଳ ସମ୍ପତ୍ତି ପାଇଥିବା ଜଣାପଡ଼ିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ହରିହରଙ୍କ ବ୍ରହ୍ମପୁର ଭବାନୀପୁରସ୍ଥିତ ପ୍ଲଟ୍ ନଂ. ୪୫୯୨ରେ ୨୧୦୦ ବର୍ଗଫୁଟରେ ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର ପାତ୍ରପଡାରେ ପ୍ଲଟ୍ ନଂ. ୨୮୪ରେ ୩ ହଜାର ବର୍ଗଫୁଟରେ ଗୋଟିଏ କୋଠା, ବ୍ରହ୍ମପୁର ବୈଦନାଥପୁରସ୍ଥିତ ସ୍ପେକ୍ଟ୍ରମ୍ ଗ୍ରୀନ୍ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ (ନଂ.୨୦୫) ଠାବ ହୋଇଛି। ସେହିପରି ବୈଦନାଥପୁରସ୍ଥିତ ସ୍ୱସ୍ତିକ ଆପାର୍ଟମେଣ୍ଟରେ ଗୋଟିଏ ଓ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଓର୍ଚ୍ଚିଡ୍ ରେସିଡେନ୍‌ସି ଆପାର୍ଟମେଣ୍ଟରେ ଗୋଟିଏ ବେନାମି ଫ୍ଲାଟ୍ ଠାବ ହୋଇଛି। ଏହାବ୍ୟତୀତ ଭୁବନେଶ୍ୱରରେ ୩, ବ୍ରହ୍ମପୁରରେ ଗୋଟିଏ ଓ ଗଞ୍ଜାମ ବଡଗୁମୁଳରେ ଗୋଟିଏକୁ ମିଶାଇ ମୋଟ୍ ୫ଟି ବହୁମୂଲ୍ୟ ଜମିବାଡ଼ି ପ୍ଲଟ୍ ଠାବ ହୋଇଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ଏଥିସହ ହରିହରଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୨.୧୦ କୋଟି, ଷ୍ଟକ୍ ଓ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ୧.୩୨ କୋଟି ଥିବା ଭିଜିଲାନ୍ସ କହିଛି। ସେହିପରି ହରିହରଙ୍କ ଘରୁ ୫୧୦ ଗ୍ରାମର ସୁନା ଓ ୩୦୦ ଗ୍ରାମର ରୁପା ଅଳଙ୍କାର ସହ ଗୋଟିଏ ଚାରିଚକିଆ ଯାନ ଏବଂ ଗୋଟିଏ ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ହରିହରଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୩ ମାସରେ ହରିହରଙ୍କ ସମେତ ୫ଜଣ ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ଧରାପଡ଼ିଲେଣି।


ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓଙ୍କ ଶଳାଙ୍କ ଘରୁ ଜବତ ଟଙ୍କା।

- ୨ କୋଠା, ୩ ଫ୍ଲାଟ୍, ୫ ପ୍ଲଟ୍, ଅଧକେଜି ସୁନା ଠାବ
- ୨.୧ କୋଟି ଜମା, ଷ୍ଟକ୍ ଓ ମ୍ୟୁଚୁଆଲ୍ ଫଣ୍ଡରେ ୧.୩୨ କୋଟି ନିବେଶ



ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓ ଏବଂ ବ୍ରହ୍ମପୁରରେ ଠାବ ହୋଇଥିବା କୋଠା।

# ପୁରୁଷଶୂନ୍ୟ ଗୋଡ଼ିପୋଖରୀ

## ପତାକା କାଢ଼ିବାକୁ ନେଇ ସଂଘବଦ୍ଧ ଆକ୍ରମଣ ଘଟଣା: ଆଉ ୪ ଗିରଫ

ଭଦ୍ରକ,୨୦।୯(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ବୟାଗଡିହି ପଞ୍ଚାୟତର ଗୋଡ଼ିପୋଖରୀ ବଜାରରେ ମହମ୍ମଦ ଜୟନ୍ତୀରେ ଲାଗିଥିବା ପତାକା କାଢ଼ିଦେବାକୁ ନେଇ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ଆଉ ୪ ଜଣଙ୍କୁ ଗୁରୁବାର ରାତିରେ ଗିରଫ କରିଛି। ସେମାନେ ହେଲେ ଗୋଡ଼ିପୋଖରୀର ମୀରୱାସିମ୍ ଆକମର୍, ନୁର୍ ଚାନ୍ଦ, ମୀର ଗ୍ୟାସୋଦିନ୍ ଓ ଅକ୍ତର୍ ସାହା। ପୂର୍ବରୁ ଏହି ମାମଲାରେ ୩ଜଣ ଶେଖ୍ ଅବଦୁଲ, ଶେଖ୍ ଅବୁବକର ଓ ଶେଖ୍ ନିଜାମୁଦ୍ଦିନ୍‌ଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାରେ ମୋଟ ୭ଜଣ ଗିରଫ ହୋଇଥିବା ଧୁଷୁରୀ ଭାରପ୍ରାପ୍ତ ଥାନାଧିକାରୀ ଶାନ୍ତନୁ ଜେନା କହିଛନ୍ତି। ଗୁରୁବାର ଅପରାହ୍ନରୁ ଜାରି ହୋଇଥିବା ୧୬୩ ଧାରା ବଳବତ୍ତର ରହିଥିବାରୁ ସମ୍ପୃକ୍ତ ଅଞ୍ଚଳରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ମଦ୍ରାସା ବନ୍ଦ ରହିଛି। ଗିରଫ ଭୟରେ ଗୋଡ଼ିପୋଖରୀ ଅଞ୍ଚଳ ପୁରୁଷଶୂନ୍ୟ ହୋଇଛି।

ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଶୁକ୍ରବାର ଅପରାହ୍ନରେ ଧାମନଗର ବ୍ଲକ ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ମନୋଜ ପାତ୍ର, ବିଡିଓ ବନବିହାରୀ ଦିନ୍ଦା, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତହସିଲଦାର ଦୀପକ ଦାସ, ଧୁଷୁରୀ ଭାରପ୍ରାପ୍ତ ଥାନାଧିକାରୀ ଜେନା, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ, ମନ୍ତ୍ରୀଙ୍କ ପ୍ରତିନିଧି ଦୀପ୍ତିରଞ୍ଜନ ଜେନାଙ୍କ ସହ ଲୋକପ୍ରତିନିଧିମାନେ ଯୋଗଦେଇ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ପ୍ରୟାସ କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଥିଲା। ଅପରପକ୍ଷେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଧୁଷୁରୀ ଥାନାଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଓ ଏସ୍‌ଡିପିଓ ଉପସ୍ଥିତ ରହି ନଜର ରଖିଛନ୍ତି।


ଶାନ୍ତି କମିଟି ବୈଠକରେ ଉପଜିଲାପାଳ ମନୋଜ ପାତ୍ରଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

# କୋଜେଣ୍ଟ ଷ୍ଟିଲ କାରଖାନାରେ ଜିଏସ୍‌ଟି ଚଢ଼ାଉ

କୁଆଁରମୁଣ୍ଡା,୨୦।୯ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲୋଡୋସେରାଠାରେ ଥିବା କୋଜେଣ୍ଟ ଷ୍ଟିଲ କାରଖାନାରେ ଶୁକ୍ରବାର ଜିଏସ୍‌ଟି ବିଭାଗର ୭ ଜଣିଆ ଟିମ୍ ପୋଲିସ ଫୋର୍ସ ସହ ଅତର୍କିତ ଚଢ଼ାଉ କରିଛନ୍ତି। କାରଖାନାର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସିଜ କରାଯାଇଛି। ଏହି କାରଖାନା ଦୀର୍ଘ ବର୍ଷ ହେଲା ଜିଏସ୍‌ଟି ଫାଙ୍କି ଆସୁଥିଲା। ଏହାକୁ ଭିତ୍ତିକରି ଝାରସୁଗୁଡ଼ା ସିଟି ଜିଏସ୍‌ଟି ସହକାରୀ କମିଶନର ଆଶିଷ କୁମାର ଦାସଙ୍କ ନେତୃତ୍ୱରେ ରାଜ୍ୟ ଦ୍ରବ୍ୟ ଓ ସେବାକର ବିଭାଗ ଅଧିକାରୀ ଉମାଶଙ୍କର ମାଝୀ, ଚୁମନ କଥାର, ଅଜିତ ଲାକ୍ରା, ଲେନିନ କୁମାର ତାଣ୍ଡିଆ, ଶୁଭମ ସାହୁ, ଦିଲେଶ୍ୱର ପଧାନଙ୍କ ସହ ପୋଲିସ ଫୋର୍ସ ଶୁକ୍ରବାର ପୂର୍ବାହ୍ନରେ ଚଢ଼ାଉ କରିଥିଲେ। ସବିଶେଷ ତଥ୍ୟ ଅନୁସାରେ କାରଖାନାର ଚାଲାଣ, ବିଲ, ଭାଉଚର୍ ଖାତା, ଦୈନିକ ଲୋଡିଂ ଓ ଅନ ଲୋଡିଂର ହିସାବ ଖାତା ଓ ବାସ୍ତବ ତଥ୍ୟ ମଧ୍ୟରେ ବହୁ ଅନିୟମିତତା ଥିବା ସନ୍ଦେହ ପରିସରକୁ ଆସିଛି ବୋଲି ସହକାରୀ ଜିଏସ୍‌ଟି ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏଥିସହ ଜବତ ହୋଇଥିବା ନଥିପତ୍ର ଯାଞ୍ଚ କରି ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ପ୍ରକୃତ ଠକେଇ କେତେ ପରିମାଣର ହୋଇଛି ତାହାକୁ ଜଣାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ଦୁଇ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

## ଭୁବନେଶ୍ୱରରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ମାମଲା

ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରୋଡ୍‌ର ହାଇଟେକ୍ ପ୍ଲାଜା ନିକଟରେ ୨ବର୍ଷ ତଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ଏହି ମାମଲା ରାୟ ଶୁକ୍ରବାର ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ଅଭିଯୁକ୍ତ ଥିବା ଯାଜପୁର ଜିଲା ନୂଆ କାଳିଆପାଣି ଅଞ୍ଚଳର ରାଜା ଓରଫ ଦୀପକ କୁମାର ନାୟକ ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କ ଅଞ୍ଚଳର ଉମେଶ ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ସେମାନେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ବନ୍ଦନା କର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲା ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ୨୭ ସନ୍ଧ୍ୟାରେ ଏକ କାର୍‌ରେ ଅଭିଯୁକ୍ତଦ୍ୱୟ ଜଟଣୀରୁ ସୁନ୍ଦରପଦା ଆଡ଼େ ବ୍ରାଉନସୁଗାର ଆଣୁଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ପରେ ଏସ୍‌ଟିଏଫ୍ ଓ ଏୟାରଫିଲ୍ଡ ଥାନା ପୋଲିସର ଏକ ମିଳିତ ଟିମ୍ ଜଟଣୀ-ସୁନ୍ଦରପଦା ରାସ୍ତାରେ ଉକ୍ତ କାର୍‌କୁ ପିଛା କରିଥିଲା। ସେହି କାର୍‌ଟି ଏକ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ସମୟରେ ଅଭିଯୁକ୍ତ ଦୀପକ ଖସି ପଳାଇଥିଲେ। ହେଲେ ଉମେଶ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଏସ୍‌ଟିଏଫ୍ ଟିମ୍ ହାତରେ ଧରାପଡ଼ିଥିଲେ। କାର୍ ଯାଞ୍ଚ କରିବାରୁ ୧ କେଜି ୫୦ ଗ୍ରାମର ବ୍ରାଉନସୁଗାର ମିଳିଥିଲା। ପରେ ଉମେଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ତେବେ ଦୁଇଦିନ ପରେ ଦୀପକଙ୍କୁ ଗିରଫ କରାଯାଇଥିଲା। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୧୯/୨୦୨୨) ରୁଜୁ ତଦନ୍ତ କରିଥିଲା। ମାମଲାର ବିଚାର ସମୟରେ କୋର୍ଟ ୧୦ ଜଣଙ୍କ ସାକ୍ଷ୍ୟ ଓ ୨୩ଟି ପ୍ରଜ୍ଞପ୍ୟ ଦସ୍ତାବିଜ୍‌କୁ ଆଧାର କରି ଏହି ରାୟ ଶୁଣାଇଛନ୍ତି। ସ୍ପେଶାଲ ପ୍ରସିକ୍ୟୁଟର ରଶ୍ମୀରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରୁ ଚୋରି: ଘରୋଇ ସହାୟିକା ଗିରଫ

ଭୁବନେଶ୍ୱର,୨୦।୯(ସତ୍ୟଜିତ୍ ରାଉତ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ ଅଞ୍ଚଳରେ ରହୁଥିବା ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରୁ ସୁନା ଅଳଙ୍କାର ଚୋରି କରିଥିବା ଘରୋଇ ସହାୟିକାଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଖଣ୍ଡିଆପାର୍କ ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ତାରାସିଂ ଥାନା ଅନ୍ତର୍ଗତ କଳିଙ୍ଗପଦର ଅଞ୍ଚଳର ସୁଭଦ୍ରା ନାଏକ (୨୮)। ତାଙ୍କଠାରୁ ୩ଟି ସୁନା ଲକେଟ ଓ ଗୋଟିଏ ସୁନା ମଙ୍ଗଳସୂତ୍ର ଜବତ ହୋଇଛି। କୋର୍ଟଚାଲାଣ ପରେ ସୁଭଦ୍ରାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପ୍ଟେମ୍ବର ୧୨ ମଧ୍ୟାହ୍ନରେ ଏହି ଘଟଣା ଘଟିଥିଲା। ଏ ନେଇ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ସ୍ତ୍ରୀ ଜନ୍ ନାୟକ ଥାନାରେ ଅଭିଯୋଗ କରିଥିଲେ।

# ଯବାନଙ୍କ ଦ୍ୱାରା ବିସ୍ଫୋରକ ଜବତ

ମାଲକାନଗିରି/ କାଲିମେଳା, ୨୦।୯ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ବଡିଗେଟା ୧୪୨ ବିଏସ୍‌ଏଫ୍ ବାହିନୀ ତରଫରୁ ଶୁକ୍ରବାର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, କାଲିମେଳା ବ୍ଲକ ଗୋମ୍ପାକୋଣ୍ଡା ଜଳସେଚିତ ଅଞ୍ଚଳ ନିକଟ ଭେଜାଙ୍ଗିବାଡ଼ା ସଂରକ୍ଷିତ ଜଙ୍ଗଲରେ ୧୪୨ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ କୋମ୍ବିଂ କରୁଥିବା ସମୟରେ ବଡିଗେଟା ଗ୍ରାମ ନିକଟ ଗୋମ୍ପାକୋଣ୍ଡା ଜଳସେଚିତ କେନାଲ ଚାରକୋଣ୍ଡାଲ କେନାଲ ପୋଲ ପାଖରେ ଥିବା ଦୁଇଟି ଯାଆଁଳ ଗଛ ପାଖରେ ମାଓବାଦୀ ସାମଗ୍ରୀ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଅଞ୍ଚଳ ସର୍ଚ୍ଚକରି ସେଠାରୁ ଗୋଟିଏ ଷ୍ଟିଲ ଟିଫିନ୍ ଆଇଇଡି, ଗୋଟିଏ ଡିଟୋନେଟର ଓ ତାର ଜବତ କରିଛନ୍ତି। ଏହି ସାମଗ୍ରୀଗୁଡ଼ିକ ମାଓବାଦୀମାନେ ଯବାନଙ୍କୁ ଓ ପୋଲିସକୁ ଲକ୍ଷ୍ୟକରି ମାଟି ତଳେ ପୋତି ରଖିଥିବା ଯବାନମାନେ କହିଛନ୍ତି। ତେବେ ଟିଫିନ୍ ବୋମାକୁ ଯବାନମାନେ ନିଷ୍କ୍ରିୟ କରିଥିବା ସୂଚନା ଦେଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୨୦।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୦ରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଅତିରିକ୍ତ ସେସନ୍ସ ଜଜ୍ ହରପ୍ରସାଦ ପଟ୍ଟନାୟକ ମାମଲାର ବିଚାର କରି ଅଭିଯୁକ୍ତ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ନୂଆବେଟେଣ୍ଡା ଗ୍ରାମର ଜ୍ଞାନରଞ୍ଜନ ସ୍ୱାଇଁ ଓରଫ ସାଦୁଆ (୨୭)ଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବପ୍ରସାଦ ମାଝି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଅଭିଯୋଗକାରୀ ନାବାଳିକା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କୁ ଯେତେବେଳେ ୧୬ ବର୍ଷ ଏବଂ ସେ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ଥିଲେ ସେତେବେଳେ ଅଭିଯୁକ୍ତ ଜ୍ଞାନଙ୍କ ସହ ସାମାଜିକ ଗଣମାଧ୍ୟମ ଜରିଆରେ ବନ୍ଧୁତା ଗଢ଼ି ଉଠିଥିଲା। ଏପରି କି ମୋବାଇଲରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେବା ସହ ପରବର୍ତ୍ତୀ ସମୟରେ ସମ୍ପର୍କ ବଢ଼ିଥିଲା। ଏହାପରେ ସମ୍ପୃକ୍ତ ନାବାଳିକାଙ୍କ ଘରକୁ ଜ୍ଞାନ ଯିବାଆସିବା କରୁଥିଲେ। ଏହି ସମୟରେ ବିବାହ କରିବେ ବୋଲି କହି ନାବାଳିକାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ଯେତେବେଳେ ଅନ୍ୟତ୍ର ନାବାଳିକାଙ୍କ ବିବାହ ପ୍ରସ୍ତାବ ଆସିଲା ସେତେବେଳେ ଜ୍ଞାନ କ୍ରୋଧାନ୍ୱିତ ହୋଇ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ନାବାଳିକାଙ୍କ ଘରେ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ବାହାଘର ପ୍ରସ୍ତାବ ସବୁ ଭାଙ୍ଗି ଦେଇଥିଲେ। ୧୦ ଲକ୍ଷ ଟଙ୍କା ଦେଲେ ଚୁପ୍ ରହିବେ ବୋଲି କହିଥିଲେ। ଏ ପରିସ୍ଥିତିରେ ନାବାଳିକା ବାଧ୍ୟ ହୋଇ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୧୭ ଅକ୍ଟୋବର ୨୦୨୨ରେ ମାମଲା (ନଂ.୨୨୮/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାଝି କହିଛନ୍ତି।


JAPIT
Jharkhand Agency for Promotion of Information Technology
(An Autonomous body under Department of Information Technology & e-Governance,Govt of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044, 2401047 email:japit_doit@rediffmail.com

**Bid Cancellation Notice**

This is to inform that the bid published on the GeM Portal for the "empanelment of software development firms for development and implementation of e-Governance projects in Govt. of Jharkhand" has been cancelled due to unavoidable circumstances.

**PR No. 334206**

Sd/-
(OSD, JAP-IT)

PR 336413 (Information Technology) 24-25 (D)



JAPIT
Jharkhand Agency for Promotion of Information Technology
(An Autonomous body under Department of Information Technology & e-Governance,Govt of Jharkhand)Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044, 2401047
email:japit_doit@rediffmail.com

**Bid Cancellation Notice**

This is to inform that the bid published on the e-Tender Portal for the "empanelment of software development firms for development and implementation of e-Governance projects in Govt. of Jharkhand" has been cancelled due to unavoidable circumstances.

**PR No. 334206**

Sd/-
(OSD, JAP-IT)

PR 336463 (Information Technology)24-25*D



**कार्यपालक अभियंता का कार्यालय, ग्रामीण विकास विशेष प्रमंडल, दुमका**
(rdsddumka1@gmail.com)

**अतिअल्पकालीन ई-निविदा आमंत्रण सूचना**

ई–निविदा सूचना संख्या- RDSD/DMK/MMGSY/22/2024-25/RE-2

1. कार्य की विस्तृत विवरणी :–

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला के रामगढ़ प्रखंड अन्तर्गत कोआम पंचायत के ग्राम बेलातरी एवं करूमटाड़ के बीच नदी पर उच्च स्तरीय पुल निर्माण। | 2,39,41,900 | 4,79,000 | 10,000 | 15 माह |

2. वेबसाइट में निविदा प्रकाशन की तिथि :– 24.09.2024
3. ई–निविदा प्राप्ति की तिथि एवं समय :– दिनांक 24.09.2024 से दिनांक 28.09.2024 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमंडल दुमका।
7. निविदा खोलने की तिथि एवं समय :– दिनांक 30.09.2024 अपराह्न 2:00 बजे
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,दुमका।
9. ई–निविदा प्रकोष्ठ का दुरभाष संख्या :– 7091279444
10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, दुमका

PR 336384 Rural Work Department (24-25)_D



**झारखण्ड सरकार कार्यपालक अभियंता का कार्यालय ग्रामीण विकास विशेष प्रमण्डल, हजारीबाग**

**ई– अति अल्पकालीन निविदा आमंत्रण सूचना**

ई–निविदा सं0 :– RDSPL/SD/HZB/19/2024-25

1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/19/01/ 2024-25 | बड़कागांव | पंचायत चोपदार बलिया मुख्य पथ से लेकर कब्रिस्तान मैदान तक पीसीसी पथ निर्माण | 14118300.00 | 282400.00 | 10000.00 | 6 माह |
| 2. | RDSPL/SD/HZB/19/02/ 2024-25 | बड़कागांव | ग्राम सांड टोला छपेरवा में होरिल महतो के घर से बिमल महतो के खेत होते हुए पुराने पथ तक पथ निर्माण। | 11506300.00 | 230200.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि – 26.09.2024
3. ई–निविदा प्राप्ति की तिथि एवं समय – दिनांक 26.09.2024 से दिनांक 04.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –05.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 336195 Rural Development(24-25)D



**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई– अतिअल्पकालीन निविदा सूचना संख्या – RDD/SD/BOKARO/40/2024-25

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चास प्रखण्ड के सेक्टर–1/बी० और संत जेवियर्स कॉलोनी सुभाष कॉपरेटिव के बीच गरगा नदी पर पुल निर्माण। (लम्बाई 119.70 मी०) | 54312800.00 | 1086500.00 | 10000.00 | 24 माह |
| 2 | बोकारो जिला के चास प्रखण्ड के पंचायत– चाकुलिया एवं कुड़मा के बीच ईजरी नदी पर उच्च स्तरीय पुल निर्माण। (लम्बाई 77.48 मी०) | 37125300.00 | 743000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 24.09.2024
3. ई–निविदा प्राप्ति की तिथि एवं समय – दिनांक 24.09.2024 से दिनांक 30.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 01.10.2024 अपराह्न 05:30 बजे
6. ई–निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।

PR.NO.336426 Rural Development(24-25):D



**कार्यपालक अभियंता का कार्यालय ग्रामीण विकास विशेष प्रमंडल, साहेबगंज**

**ई–निविदा आमंत्रण सूचना**

ई– निविदा सूचना संख्या – RDD/SD/SAHIBGANJ /08/2024-25

1. कार्य की विस्तृत विवरणी:

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के बरहरवा प्रखण्ड अंतर्गत पंचायत हस्तीपाड़ा ग्राम छोटा चांदपुर मोतीउर रहमान के घर के पास के उच्च विद्यालय हस्तीपाड़ा मंजारूल के घर के पास गुमानी नदी पर उच्चस्तरीय पुल निर्माण। | 547.83800 लाख रूपये | 10,96,000/- रूपये | 10,000.00 रूपये | 24 माह |
| 2 | साहेबगंज जिला के बरहरवा प्रखण्ड अंतर्गत पंचायत हरिहरा ग्राम महेषघाटी हाईस्कूल के पास से पंचायत दरियापुर ग्राम कागजोल के बीच गुमानी नदी पर उच्चस्तरीय पुल निर्माण। | 445.78700 लाख रूपये | 8,92,000/- रूपये | 10,000.00 रूपये | 18 माह |

2. वेबसाइट में निविदा प्रकाशन की तिथि – 23.09.2024
3. ई–निविदा प्राप्ति की तिथि एवं समय – दिनांक 23.09.2024 से दिनांक 30.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 04.10.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, साहेबगंज।

PR.NO.336046 Rural Development(24-25):D

# ଗୋବରୀ ନଦୀକୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଉଦ୍ଧାରକଲେ ସାହସୀ ଯୁବକ କ୍ଷୀରୋଦ ଜେନା**

ମାହାଙ୍ଗା,୨୦।୯(ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ବ୍ଲକ୍ ଅଧୀନ କୁଆଁପାଳ ଜେଏନ୍ କଲେଜର ଜଣେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଶୁକ୍ରବାର ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅପରାହ୍ଣ ୨ଟାରେ ଛାତ୍ରୀ ଜଣକ ଘରକୁ ଫେରୁଥିବା ସମୟରେ ପଣ୍ଡୁଲୁଣ୍ଡା ବଜାର ନିକଟରେ ଗୋବରୀ ପୋଲ ଉପରୁ ପାଣିକୁ ଡେଇଁ ପଡ଼ିଥିଲେ। ରାସ୍ତାରେ ଯାଉଥିବା ଅନ୍ୟ ଛାତ୍ରୀମାନେ ଏହାଦେଖି ଡାକ ପକାଇବାରୁ ନିକଟରେ ଥିବା ସ୍ଥାନୀୟ ଗଙ୍ଗପୁରା ଗ୍ରାମର ଯୁବକ କ୍ଷୀରୋଦ ଜେନା ଦୌଡ଼ି ଆସି ଛାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ନଦୀକୁ ଡେଇଁଥିଲେ। ଛାତ୍ରୀ ବୁଡ଼ିଯାଉଥିବାବେଳେ କ୍ଷୀରୋଦ ଗାମୁଛାରେ ହାତକୁ ବାନ୍ଧି ତାଙ୍କୁ ନଦୀକୂଳକୁ ଆଣିଥିଲେ। ସେତେବେଳକୁ ଛାତ୍ରୀ ଜଣକ ପାଣି ପିଇ ଅଚେତ ହୋଇ ପଡ଼ିଥିଲେ। ଖବର ପାଇ କୁଆଁପାଳ ଦମକଳବାହିନୀ ପହଞ୍ଚି ଛାତ୍ରୀଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଛାତ୍ରୀ ଜଣକ କ'ଣ ପାଇଁ ପାଣିକୁ ଡେଇଁଥିଲେ ତାହା ଜଣାପଡ଼ିନାହିଁ।

# ଆଜିଠୁ ୩ ଦିନ ରତ୍ନଭଣ୍ଡାରର ବୈଷୟିକ ସର୍ଭେ

- ଅପରାହ୍ଣ ୧ଟାରୁ କାର୍ଯ୍ୟ ଶେଷ ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ
- ଆନନ୍ଦବଜାରରୁ ମହାପ୍ରସାଦ କ୍ରୟ କରିପାରିବେ ଭକ୍ତ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)



ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ସେପ୍ଟେମ୍ବର ୨୧, ୨୨ ଏବଂ ୨୩ ତାରିଖ ତିନିଦିନ ଧରି ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ଭେ ଅନୁଷ୍ଠିତ ହେବ। ପ୍ରତ୍ୟହ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ଭେ ପାଇଁ ସମୟ ସ୍ଥିର ହୋଇଥିବା ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨୪ ସୁଦ୍ଧା ରତ୍ନଭଣ୍ଡାରର ବାକି ଥିବା ବୈଷୟିକ ସର୍ଭେ ଶେଷ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହାପରେ ଏଏସ୍ଆଇ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ତାରିଖ ସ୍ଥିର କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସର୍ଭେ କରାଯିବ। ତେଣୁ ଏହି ତିନି ଦିନ ପାଇଁ ଶ୍ରୀବିଗ୍ରହଙ୍କ ନୀତିକାନ୍ତି ବା ସେବାପୂଜାରେ ବ୍ୟାଘାତ ନ କରି ନିରୀକ୍ଷଣ ପ୍ରକ୍ରିୟା ନିମନ୍ତେ ଆବଶ୍ୟକ ସମୟ ଦେବାକୁ ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷ ନୀତିନିର୍ଘଣ୍ଟ ଅନୁଯାୟୀ, ଅପରାହ୍ଣ ୧ଟାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦବଜାରରୁ ମହାପ୍ରସାଦ କ୍ରୟ କରି ଉତ୍ତର ଦ୍ୱାର ପଟେ ପ୍ରସ୍ଥାନ କରିପାରିବେ।

ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାରର ବୈଷୟିକ ସର୍ଭେ ଅନୁଷ୍ଠିତ ହୋଇଥିଲା। ସେହିଦିନ ସର୍ଭେ ସମୟରେ ଏଏସ୍ଆଇ ବୈଷୟିକ ଟିମ୍‌ର ମୁଖ୍ୟ ଏବଂ ସିଏସ୍ଆଇଆର୍, ଏନ୍‌ଜିଆର୍ଆଇର ମୁଖ୍ୟ ବୈଜ୍ଞାନିକ ଆଉ ଏକ ରାଉଣ୍ଡ ସର୍ଭେ କରିବାକୁ ମତାମତ ଦେଇଥିଲା। ରାଡାର୍ ପେନିଟ୍ରେଟିଂ ସିଷ୍ଟମ ତଥା ଅନ୍ୟ ବୈଷୟିକ ଉପକରଣ ବ୍ୟବହାର କରାଯାଇ ଏହି ସର୍ଭେ କରିବା ପରେ ହିଁ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ବୈଷୟିକ ଟିମ୍ ପ୍ରସ୍ତାବ ଦେଇଥିଲା। ସେପ୍ଟେମ୍ବର ୨୪ ତାରିଖଠାରୁ ଦଶହରା (ଷୋଳପୂଜା) ସମ୍ପର୍କିତ ନୀତିକାନ୍ତି ଆରମ୍ଭ ହେବା ପୂର୍ବରୁ ଯଥାଶୀଘ୍ର ଏହି ବାକି ଥିବା ସର୍ଭେ ଶେଷ କରି ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ନିଜ ପତ୍ରରେ ଗୁରୁତ୍ୱାରୋପ କରିଥିଲେ। ତାହାକୁ ଗୁରୁତ୍ୱର ସହ ନେଇ ଏଏସ୍ଆଇ ନିର୍ଦ୍ଧାରିତ ତାରିଖ ସୁଦ୍ଧା ସର୍ଭେ ସାରିବାକୁ ନିଷ୍ପତ୍ତି ନେଇଛି। ତେବେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ପୂର୍ବରୁ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିବାବେଳେ ଖାଲି ଆଲମିରା ତଥା ସିନ୍ଦୁକଗୁଡ଼ିକ ସ୍ଥାନାନ୍ତରିତ ହୋଇସାରିଛି। ପରେ ଏଏସ୍ଆଇକୁ ସଂରକ୍ଷଣ ତଥା ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲା। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଅନୁରୋଧ କରାଯାଇଥିଲା। ଏହାଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼ିବ ସେଥିପ୍ରତି ଧ୍ୟାନ ଦେବାକୁ ଏଏସ୍ଆଇକୁ ଅନୁରୋଧ କରାଯାଇଥିଲା। ପୂର୍ଣ୍ଣାଙ୍ଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏଏସ୍ଆଇ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ମୁଖ୍ୟ ପ୍ରଶାସକ ପାଢ଼ୀ ଅନୁରୋଧ କରିଛନ୍ତି।

# 'ଦୃଷ୍ଟିଶୀଳ ଚିନ୍ତକ ହୁଅନ୍ତୁ ବିଦ୍ୟାର୍ଥୀ'



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଦୀକ୍ଷାରମ୍ଭ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାରମ୍ଭ ଉତ୍ସବ**

କଟକ/ତ୍ରିଶୂଳିଆ,୨୦।୯ (କାର୍ତ୍ତିକ ସାହୁ/ତୁଷାରକାନ୍ତ ବେହେରା)

ବାରଙ୍ଗସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ତ୍ରୟୋଦଶ ଦୀକ୍ଷାରମ୍ଭ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ୫୪ଟି ବିଭାଗର ୧୦୫୦ରୁ ଊର୍ଦ୍ଧ୍ୱ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଉତ୍ସବରେ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ଏବଂ ପରିଚାଳନା, କୃଷି, ସ୍ଥାପତ୍ୟ, ଇଣ୍ଟେରିୟର ଡିଜାଇନିଂ, ଯୋଗ ବିଜ୍ଞାନ, ଅଷ୍ଟିଓପାଥି, ସଂସ୍କୃତ, ଇଂଲିଶ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଭିଜୁଆଲ ଆର୍ଟ, ପ୍ରଦର୍ଶନ କଳା, ଚିତ୍ର, ଉପସ୍ଥିତିରେ କଳା, ସାଇକୋଲୋଜି ଏବଂ ଆନିମେଶନ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଆୟୁର୍ବେଦିକ ଔଷଧ ଓ ଅସ୍ତ୍ରୋପଚାର, କ୍ରୀଡ଼ା, ଶାରୀରିକ ବିଜ୍ଞାନ, ଫିଜିଓଥେରାପି, ନ୍ୟାଚୁରୋପାଥି ଓ ଯୋଗ ବିଜ୍ଞାନ, ନର୍ସିଂ ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କାର୍ମିକା ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଗୁରୁବନ୍ଦନା ସ୍ୱରୂପ ଗୁରୁପୂଜା କରିଥିଲେ। କଳା ଓ ସଙ୍ଗୀତ ବିଭାଗ ପକ୍ଷରୁ ଗଣେଶ ବନ୍ଦନା, ଶଙ୍ଖ ନାଦ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କୁଳପତି ପ୍ରଫେସର ତେଜ ପ୍ରତାପ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରି କହିଥିଲେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏକ ସମଗ୍ର ଆଧାରଭୂତ ପଦ୍ଧତିକୁ ଅଙ୍ଗୀକାର କରି ଉଚ୍ଚ ଶିକ୍ଷାରେ ନୂଆ ମାନଦଣ୍ଡ ସ୍ଥାପନ କରୁଛି। ବିଦ୍ୟାର୍ଥୀମାନେ ଦୃଷ୍ଟିଶୀଳ ଚିନ୍ତକ ହୁଅନ୍ତୁ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଶିକ୍ଷା, ଆତ୍ମିକ ବିକାଶ, ଗବେଷଣା ଏବଂ ଷ୍ଟାର୍ଟ-ଅପ୍ ପରିବେଶ ଏହି ବିଶ୍ୱବିଦ୍ୟାଳୟର ଆଧାର ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ବିକଶିତ ଭାରତ -୨୦୪୭ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାର ଯୁବକମାନଙ୍କ ଉନ୍ନତି, ନାରୀ ସଶକ୍ତୀକରଣ, ଚାଷୀଙ୍କ ବିକାଶ ଏବଂ ଦାରିଦ୍ର୍ୟତା ହ୍ରାସକୁ ଗୁରୁତ୍ୱ ଦେଉଛନ୍ତି। ଛାତ୍ରୀଛାତ୍ର ଜୀବନରେ ସଫଳତା ପାଇଁ ବଡ଼ ସପ୍ନ ଦେଖିବା, କଠୋର ପରିଶ୍ରମ କରିବା, ଦକ୍ଷତା ଗଢ଼ିବା, ଭଲ ଅଭ୍ୟାସ ଗଢ଼ିବା, ଖୁସିଦାୟକ ସ୍ମୃତି ସଂଯୋଗ କରିବା ଏବଂ ଜୀବନକୁ ପୂରାପୂରି ଉପଭୋଗ କରିବାକୁ ସେ କହିଥିଲେ। ଏଥିସହ ପୂଜ୍ୟ ଗୁରୁଦେବଙ୍କ ଦୃଷ୍ଟିକୋଣ ପଶ୍ଚିମର ଶ୍ରେଷ୍ଠତା ଏବଂ ପୂର୍ବର ଶ୍ରେଷ୍ଠତାକୁ ଏକତ୍ର କରି ଆନନ୍ଦ କରିବା ବୋଲି ସେ ଉଲ୍ଲେଖ କରିଥିଲେ। କୁଳସଚିବ ଶୁଭ୍ରଜିତ୍ ଘୋଷ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଭାରତର ୨୮ଟି ରାଜ୍ୟ ସମେତ ବିଶ୍ୱର ୭ଟି ଦେଶରୁ ୨୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି।

# ନନ୍ଦନକାନନରେ ଛୁଆ ହାତୀ ଅଭି ଅସୁସ୍ଥ

ତ୍ରିଶୂଳିଆ,୨୦।୯ (ତୁଷାର କାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଚିକିତ୍ସାଳୟ ନିକଟରେ ଥିବା ହାତୀ ଶାଳରେ ରହୁଥିବା ୧୭ ମାସର ଅଣ୍ଡିରା ହାତୀ 'ଅଭି' ଅସୁସ୍ଥ ଥିବା ଜଣାପଡ଼ିଛି। ତା'ର ଶରୀରର ତାପ ମାତ୍ରା ବୃଦ୍ଧି ପାଇଛି। ଫଳରେ ସେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରୁନାହିଁ। ନନ୍ଦନକାନନ ପ୍ରାଣୀ ଚିକିତ୍ସକ ଓୟୁଏଟିର ପ୍ରଫେସରଙ୍କ ତତ୍ତ୍ୱାବଧାନରେ ଅଭିର ଚିକିତ୍ସା କରିଛନ୍ତି। ତା' ଉପରେ ୨୪ ଘଣ୍ଟିଆ ନଜର ରଖିବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କିଛି ଦିନ ପୂର୍ବରୁ ହାତୀ ଅଭି ଖାଦ୍ୟ ଖାଇବା କମାଇ ଦେଇଥିଲା। ପ୍ରାଣୀ ଚିକିତ୍ସକ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ସ୍ୱାସ୍ଥ୍ୟର ପରିବର୍ତ୍ତନ ନ ହେବାରୁ ଆଜି ତାର ହର୍ପିସ ପରୀକ୍ଷା କରିବାରେ ରିପୋର୍ଟ ପଜିଟିଭ୍ ଆସିଛି।



୨୫ ଜୁନ୍ ୨୦୨୩ରେ ୨ ମାସର ହୋଇଥିବା ବେଳେ କେନ୍ଦୁଝର ଘଟଗାଁରୁ ହାତୀ ଛୁଆ 'ଅଭି' ଉଦ୍ଧାର ହୋଇ ପ୍ରାଣୀ ଉଦ୍ୟାନକୁ ଆସିଥିଲା। ହାତୀପଲ ଗାଁ ଅଭିମୁଖେ ଆସିଥିବା ବେଳେ ସକାଳେ ଜଙ୍ଗଲକୁ ଫେରିବା ବେଳେ ହାତୀ ଛୁଆଟି ଏକ ଗାତରେ ପଡ଼ି ଯାଇଥିଲା। ଗ୍ରାମବାସୀ ତାକୁ ଉଦ୍ଧାର କରିଥିଲେ। ମଣିଷ ସଂସ୍ପର୍ଶରେ ଆସିବାରୁ ତା ମା' ଗ୍ରହଣ ନ କରିବାରୁ ତାକୁ ବନବିଭାଗ ଉଦ୍ଧାର କରି ନନ୍ଦନକାନନ ପଠାଇଥିଲେ।

ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି, ଛୁଆ ହାତୀ ଅଭି ହର୍ପିସ ରୋଗରେ ପୀଡ଼ିତ ଅଛି। ତା' ଦେହରେ ଅତ୍ୟଧିକ ଜ୍ୱର ରହିଛି। ଏବେ ତାକୁ ବନ୍ୟପ୍ରାଣୀ ଚିକିତ୍ସକ ଓ କର୍ମଚାରୀଙ୍କ ନଜର ବନ୍ଦୀରେ ରଖାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନୋରମା



@ ପାପୁନି



@ ଜୀବନ



@ ରାମକୃଷ୍ଣ



@ ସତ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମରାମତି ସହ ସିଲ୍ ହେଲା ମେଘନାଦ ପାଚେରି ଫାଟ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ମେଘନାଦ ପାଚେରିରେ ଫାଟ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ପ୍ରଶାସନର ନିଦ ଭାଙ୍ଗିଛି। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମେଘନାଦ ପାଚେରୀର ଯେଉଁ ସବୁ ସ୍ଥାନରୁ ପାଣି ଝରୁଥିଲା, ସେ ସବୁ ଜାଗାଗୁଡ଼ିକୁ ଇଞ୍ଜିନିୟରମାନଙ୍କ ସହାୟତାରେ ମରାମତି କରାଯିବା ସହ ସିଲ୍ କରାଯାଇଛି। ମୁଖ୍ୟତଃ ସିଷ୍ଟମର ଚାମ୍ବରରେ ବ୍ଲକେଜ ଯୋଗୁ ଏପରି ଘଟଣା ଘଟିଥିଲା। ବ୍ଲକେଜ୍ ଠିକ୍ କରାଯାଇ ମରାମତି କରାଯାଇଛି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ରେଗୁଲାର ଭାବେ ସମସ୍ତ ଚାମ୍ବର ଓ ଡିସ୍‌ଚାର୍ଜ ପଏଣ୍ଟଗୁଡିକ ଚେକ୍ କରିବାକୁ କୁହାଯାଇଛି। ତେବେ ମେଘନାଦ ପାଚେରି ପ୍ରତି କୋଣସି ବିପଦ ନାହିଁ। ମେଘଦାନ ପାଚେରି ପ୍ରତି ଦୃଷ୍ଟି ଦେବା ସହ ଲିକେଜ୍ ସ୍ଥାନକୁ ସିଲ କରିବାକୁ ବିଭାଗୀୟ ଅଧିକାରୀ ଓ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟତଃ ଚାମ୍ବର ବ୍ଲକେଜ୍ କାରଣରୁ ପାଣି ମେଘନାଦ ପାଚେରି ଦେଇ ଝରି ଆସୁଥିଲା ବୋଲି ସ୍ୱାଇଁ କହିଛନ୍ତି।

# 'ଉପେକ୍ଷିତ ହେଉଛନ୍ତି ଖବରଦାତା'





କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

**ରାଜ୍ୟ ବରିଷ୍ଠ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ**

ପୁରୀ,୨୦।୯(ଅଜିତ କୁମାର ମହାନ୍ତି)

ରାଜ୍ୟ ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗଣତନ୍ତ୍ରରେ ଗଣମାଧ୍ୟମର ଦାୟିତ୍ୱ ଓ ସରକାରଙ୍କ କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଉପସଭାପତି କାହ୍ନୁ ନନ୍ଦ ଅଧ୍ୟକ୍ଷତା କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଅବସରକାଳୀନ ଭତ୍ତା ଦେବା, ମୃତ୍ୟୁକାଳୀନ ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରିବା, ମଜୁରି ଆୟୋଗଙ୍କ ସୁପାରିସ ଲାଗୁ ଏବଂ ଖବରଦାତାଙ୍କ ବିଭିନ୍ନ ସମସ୍ୟା ନେଇ ସରକାର ବିଚାର କରିବାକୁ ଦାବି କରାଯାଇଛି। ତେବେ ସରକାର ଦାବି ଶୁଣୁ ନ ଥିବା ବେଳେ ଖବରଦାତାମାନେ ଉପେକ୍ଷିତ ହୋଇଆସୁଛନ୍ତି ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି।

ଜୁନ୍ ୧୬ରେ ସଂଘର ଏକ ପ୍ରତିନିଧି ଦଳ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଗତ ବିଧାନସଭା ଅଧିବେଶନରେ ସରକାର କୌଣସି ପଦକ୍ଷେପ ନ ନେବା ଦୁଃଖର ବିଷୟ। ଆଗାମୀ ୩ ମାସ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ସଂଘ ଆଇନର ଆଶ୍ରୟ ନେବାକୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ଭାଜପା ନେତା ମୁରଲୀ ଶର୍ମା, ଶଙ୍କର ପରିଡ଼ା, ପ୍ରଫେସର ଅଭିମନ୍ୟୁ ଭୂୟାଁ, ସମାଜସେବୀ ପ୍ରତିଭା ତ୍ରିପାଠୀ ଏବଂ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି ପ୍ରଦୀପ କୁମାର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା ଏବଂ ସହସମ୍ପାଦକ ମହେଶ୍ୱର ତ୍ରିପାଠୀ, ରାଜ୍ୟ ସଙ୍ଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ରଘୁନାଥ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ସ୍ୱାଇଁ, ବସନ୍ତ ବେହେରା, ବେଣୁଧର ନାୟକ, ନିରଞ୍ଜନ ବାରିକ, ଉପଦେଷ୍ଟା ଦେବେନ୍ଦ୍ର ସିଂ, ଶୁକଦେବ ପରିଡା, ପୁରୀ ଜିଲା ସଭାପତି ସରୋଜ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଭବାନୀପାଟଣାର ଉମାଶଙ୍କର କର, ଢେଙ୍କାନାଳର କୃଷ୍ଣକୁମାର ମିଶ୍ର, ସମ୍ବଲପୁରର ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜଗତସିଂହପୁରର ଶରତ କାନୁନଗୋ ଏବଂ ପୁରୀର ବିଜୟ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଭା ସମ୍ବର୍ଦ୍ଧିତ ହୋଇଥିଲେ। ଆଲୋଚନାଚକ୍ରକୁ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ। ୩୦ଟି ଜିଲାର ପ୍ରତିନିଧି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବଟକୃଷ୍ଣ ପ୍ରଧାନ, ନୃସିଂହ ମହାନ୍ତି, ଜୁପିଟର ଦାସ, ଯଜ୍ଞେଶ୍ୱର ମହାନ୍ତି, ଅଶୋକ ମିଶ୍ର, ରଞ୍ଜିତ ଖଣ୍ଡୁଆଳ, ରୂପକ ସ୍ୱାଇଁ, ବେଣୁଧର ପାତ୍ର, ସଞ୍ଜୟ ଅଗ୍ରୱାଲ, ସତ୍ୟଜିତ ଦାଶ, ପଠାଣି ଜେନା, ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଦନମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ସ୍କ୍ରବ୍ ଟାଇଫସ୍ ଲକ୍ଷଣ ଦେଖାଦେଲେ ତୁରନ୍ତ ପରୀକ୍ଷାକୁ ଗୁରୁତ୍ୱ ଦିଅ'

ଭୁବନେଶ୍ୱର, ୨୦।୯(ବନ୍ଦନା ସେଠୀ)

ଗତ କିଛିଦିନ ଧରି ରାଜ୍ୟରେ ଡେଙ୍ଗୁ, ବାର୍ଡ ଫ୍ଲୁ ସହିତ ସ୍କ୍ରବ୍ ଟାଇଫସ ରୋଗ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ରାଜ୍ୟରେ ବାର୍ଡ ଫ୍ଲୁର ସ୍ଥିତିରେ ଉନ୍ନତି ଆସିଥିବାବେଳେ ଏବେ ସ୍କ୍ରବ୍ ଟାଇଫସ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ବିଭାଗ ଅଣ୍ଟା ଭିଡିଛି। ଏନେଇ ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ରୋଗର ସାମ୍ପ୍ରତିକ ପରିସ୍ଥିତି ବିଶେଷକରି ସ୍କ୍ରବ ଟାଇଫସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍କ୍ରବ୍ ଟାଇଫସ ଏକ ପ୍ରକାର କୀଟର ଦଂଶନ (କାମୁଡିବା) ଯୋଗୁ ହୋଇଥାଏ। ଜ୍ୱର, ମୁଣ୍ଡବିନ୍ଧା, ଦେହରେ ଘା', ଶରୀର ପୀଡ଼ା, ଦେହରେ ଲାଲ୍‌ଲାଲ୍ ହୋଇ ଫଳିଯିବା ହେଉଛି ସ୍କ୍ରବ ଟାଇଫସର ଲକ୍ଷଣ। ତେଣୁ ଏସବୁ ଲକ୍ଷଣ ଦେଖାଗଲେ କିମ୍ବା ଜ୍ୱର ବହୁତଦିନ ଧରି ଲାଗି ରହିଲେ, ତୁରନ୍ତ ଜିଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରଗୁଡିକରେ ଏଲିସା ପଦ୍ଧତି ଦ୍ୱାରା ରକ୍ତ ପରୀକ୍ଷା କରି ରୋଗ ନିରୂପଣ କରାଯାଇପାରିବ। ଠିକ୍ ସମୟରେ ଚିକିତ୍ସା କରାଗଲେ ରୋଗୀ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ହୋଇପାରିବ ବୋଲି କୁହାଯାଇଛି। ସେହିପରି ରକ୍ତ ପରୀକ୍ଷା ସୁବିଧା, ରୋଗ ନିରୂପଣ ଓ ଔଷଧ ସମସ୍ତ ଜିଲାରେ ଯଥେଷ୍ଟ ପରିମାଣରେ ଉପଲବ୍ଧ ରହିଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ସମୟରେ ପ୍ରକାଶିତ ନିର୍ଦ୍ଦେଶାବଳୀ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାଜ୍ୟରେ କୌଣସି ରୋଗ ଯେପରି ନ ବଢେ ସେଥିପାଇଁ ବିଭିନ୍ନ ମାଧ୍ୟମରେ ଜନସଚେତନତାକୁ ବ୍ୟାପକ କରିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା କର୍ତ୍ତୃପକ୍ଷଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

# ଏଥର ଆକର୍ଷଣ ତପୋବନ ଗ୍ରୀନ୍ ତୋରଣ




ଭୁବନେଶ୍ୱର,୨୦।୯ (ଅନୁରାଧା ମହାରଣା)

ଦୁର୍ଗାପୂଜା ପାଖେଇ ଆସୁଥିବାବେଳେ ଏଥିପାଇଁ ଚାରିଆଡ଼େ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୀଠରେ ଷୋଳପୂଜା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ମଣ୍ଡପରେ ଷଷ୍ଠୀରୁ ଦଶମୀ ଓ ଭସାଣି ପାଇଁ ସ୍ୱତନ୍ତ୍ର ଆୟୋଜନ ଚାଲିଛି। ଅନ୍ୟ ପୂଜା କମିଟି ଭଳି ଗଙ୍ଗନଗର ଯୁବ ପରିଷଦ ପକ୍ଷରୁ ମଧ୍ୟ ମୂର୍ତ୍ତିଗଢ଼ା ଓ ତୋରଣ ବନ୍ଧା କାର୍ଯ୍ୟ ଚାଲିଛି। କୋଲକାତାରୁ ୨୦ଜଣ କାରିଗର ଏକ ନିଆରା ତୋରଣ ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ପରିବେଶ ସୁରକ୍ଷା ତଥା ଆଧ୍ୟାତ୍ମିକତାର ବାର୍ତ୍ତା ଦେଉଥିବା 'ତପୋବନ ଗ୍ରୀନ୍' ତୋରଣ ଏଥର ଆକର୍ଷଣ ସାଜିବ। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ୧୪ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶୋଭା ପାଇବ ରୁପା ମୁକୁଟ। ମା'ଙ୍କ ମୂର୍ତ୍ତି ଗଢ଼ିବାରେ ଶିଳ୍ପୀ ନିମଗ୍ନ ଥିବାବେଳେ ସୌନ୍ଦର୍ଯ୍ୟପୂର୍ଣ୍ଣ ମେଢ଼ ଉପରେ ମଧ୍ୟ ଯୁବ ପରିଷଦ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ପୁରୀରୁ କାରିଗରଙ୍କୁ ନିୟୋଜିତ କରାଯାଇଛି। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ଓ ମେଲୋଡି ପରିବେଷଣ ଲାଗି ନିଷ୍ପତ୍ତି ନିଆଯାଇଛି। ସେହିପରି ପରମ୍ପରା ଅନୁସାରେ ମା'ଙ୍କ ପାଖରେ ସପ୍ତମୀରେ




ଲଡ୍ଡୁ, ଅଷ୍ଟମୀରେ ଖିରି, ନବମୀରେ କାକରା, ଦଶମୀରେ ଦହିପଖାଳ ଭୋଗ ଲାଗି କରାଯିବ। ଭସାଣି ଉତ୍ସବରେ ନୟାପଲ୍ଲୀଠାରୁ ଗଙ୍ଗନଗର ପର୍ଯ୍ୟନ୍ତ ଭସାଣି ସୁରକ୍ଷା ସମିତି ପକ୍ଷରୁ ଶୋଭାଯାତ୍ରାରେ ମା'ଙ୍କୁ ନେବା ପରେ କୁଆଖାଇଠାରେ ମେଲାଣି ଦିଆଯିବ।

## ପୂଜା, ଶୃଙ୍ଖଳା ଓ ମନୋରଞ୍ଜନ ଉପରେ ଗୁରୁତ୍ୱ



୧୯୭୮ରୁ ଏଠାରେ ଗଣେଶ ଓ ସରସ୍ୱତୀ ପୂଜା ଆରମ୍ଭ ହୋଇଥିଲା। ୧୯୯୦ରୁ ଦୁର୍ଗା ପୂଜା କରାଯାଉଛି। ବିଧି ଓ ପରମ୍ପରା ଅନୁସାରେ ମା'ଙ୍କ ପୂଜା ସମ୍ପନ୍ନ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ତଥା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆମ ପରିଷଦର ସଦସ୍ୟ ତଥା ସ୍ୱେଚ୍ଛାସେବୀ ପ୍ରସ୍ତୁତ ରହିବେ। ଲୋକଙ୍କ ମନୋରଞ୍ଜନକୁ ଦୃଷ୍ଟିରେ ରଖି ଭଜନସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

- ନାରାୟଣ ପ୍ରସାଦ ସାହୁ, ଉପଦେଷ୍ଟା

## ପ୍ଲାଷ୍ଟିକ୍ ବ୍ୟବହାରକୁ ବାରଣ



ଦିନକୁ ଦିନ ପରିବେଶ ପ୍ରଦୂଷିତ ହେଉଥିବାବେଳେ ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ଚଳିତବର୍ଷ ନିଷ୍ପତ୍ତି ନିଆଯାଇଛି। ମଣ୍ଡପକୁ ପଲିଥିନ୍ ବା ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସ୍ୱଚ୍ଛତା ରକ୍ଷା ପାଇଁ ମଧ୍ୟ ପରିଷଦର ସଦସ୍ୟ ଦୃଷ୍ଟିଦେବେ । ମା'ଙ୍କ କୃପାରେ ପୂଜା ଭଲରେ ଭଲରେ ସମାପ୍ତ ହେବ ଏଥିରେ ସନ୍ଦେହ ନାହିଁ।

- ଅନନ୍ତ ନାରାୟଣ ଜେନା, ସଭାପତି

## ନକଲି ଘିଅ ନ ଲଗାଇବାକୁ ଅନୁରୋଧ



ବିଧିଅନୁସାରେ ଷଷ୍ଠୀ ତିଥିରେ ବିନ୍ଦୁସାଗରରୁ ଜଳ ଆସିବା ପରେ ଘଟସ୍ଥାପନ ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହେବ। ପ୍ରତିବର୍ଷ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏ ବର୍ଷ ମଧ୍ୟ ଭକ୍ତ ଆସିବେ। ସେଥିପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଉଛି। ନକଲି ଘିଅରେ ମା'ଙ୍କ ପାଖରେ ଦୀପ ବା ଅନ୍ୟ ଭୋଗରାଗ ଲଗାଇବା ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରାଯିବ।

- କମଳଲୋଚନ ପାତ୍ର, ସମ୍ପାଦକ

# ନିଲମ୍ବନ ନୁହେଁ, ବହିଷ୍କାର କରାଯାଉ

ଖୋର୍ଦ୍ଧା,୨୦।୯ (ପ୍ରଭାତ ପାଣିଗ୍ରାହୀ)

**ଭରତପୁର ଥାନାରେ ନିର୍ଯାତନା ଘଟଣା**

ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭରତପୁର ଥାନାରେ କରାଯାଇଥିବା ନିର୍ଯାତନା ଓ ଅତ୍ୟାଚାର ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କମିଶନରେଟ ପୋଲିସର ସ୍ୱଚ୍ଛତା, ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଅଙ୍କିତାଙ୍କୁ ନ୍ୟାୟ ମିଳିବ, କାହା ପ୍ରତି ଅନ୍ୟାୟ କରାଯିବ ନାହିଁ ବୋଲି ଶୁକ୍ରବାର ସରକାରଙ୍କ ଶହେ ଦିନ ଉପଲକ୍ଷେ ଖୋର୍ଦ୍ଧାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ସେହପରି ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଭରତପୁର ଏକ ସୁନାମଧନ୍ୟ ଅଞ୍ଚଳ। ଏହାର ଏକ ଗୌରବମୟ ଇତିହାସ ରହିଛି। ତେବେ ଭରତପୁର ଥାନାରେ ଯେଉଁ ଘଟଣା ଘଟିଲା ଅତ୍ୟନ୍ତ ନିନ୍ଦନୀୟ। ଭରତପୁର ପୋଲିସ ବର୍ବରରତାର ସୀମା ଟପିଛି। ସବୁଆଡୁ ଏହି ଘଟଣାରେ ଓଡ଼ିଶା ପୋଲିସକୁ ନିନ୍ଦା କରାଯାଉଥିବା ବେଳେ ଜାତୀୟ ସ୍ତରରେ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଶିଶିର ପରିଡା କହିଛନ୍ତି, ରାଜ୍ୟ ସରକାର ସମ୍ପୃକ୍ତ ପୋଲିସ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କୁ ନିଲମ୍ବନ କରି ନୀରବ ରହିଛନ୍ତି। ସେମାନଙ୍କୁ ଚାକିରିରୁ ବହିଷ୍କୃତ କରି ଗିରଫ କରି ସରକାର ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ।

# ସିଏମ୍‌ସି କାଉନସିଲ ବୈଠକ ପାଲଟିଲା ରଣକ୍ଷେତ୍ର

କଟକ,୨୦।୯ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) କାଉନ୍‌ସିଲ ବୈଠକ ପାଲଟିଲା ରଣକ୍ଷେତ୍ର। ୨୦୨୩ ବାଲିଯାତ୍ରା ବିଲ୍ ପାସ୍‌କୁ କେନ୍ଦ୍ରକରି ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡି କର୍ପୋରେଟର ମୁହାଁମୁହିଁ ହୋଇଥିଲେ। କାଚ ଗ୍ଲାସ୍ ଫିଙ୍ଗା ଓ ଟଣାଓଟରା ମଧ୍ୟରେ ବିଶୃଙ୍ଖଳିତ ହୋଇଥିଲା ବିଜୁ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ବୈଠକ। କାଚଗ୍ଲାସ୍ ମାଡ଼ରେ କର୍ପୋରେଟର ଲକ୍ଷ୍ମୀଧର ବେହେରା ଆହତ ହୋଇଛନ୍ତି। ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିବାରୁ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ବନ୍ଦ ହୋଇଯାଇଥିଲା।

୨୦୨୩ ବାଲିଯାତ୍ରା ଦୁର୍ନୀତିକୁ ନେଇ ବୈଠକରେ ବିରୋଧୀ କର୍ପୋରେଟରମାନେ ହୋହଲ୍ଲା କରିଥିଲେ। ନଗର ଯନ୍ତ୍ରୀ ଅତନୁ ସାମନ୍ତ ବିଲ୍ ଉପସ୍ଥାପନ କରିବା ପରେ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ବାହାର ସଂସ୍ଥା ରାଉରକେଲା ଏନ୍‌ଆଇଆଇଟି ତଦନ୍ତ ରିପୋର୍ଟ ଦେଖାଇବାକୁ ଜିଦ୍‌ଧରି ବସିଥିଲେ। ଅପରପକ୍ଷରେ ବିଜେଡି କର୍ପୋରେଟର ବିକାଶ ବେହେରା ବିଲ୍ ପାସ୍ ପାଇଁ ଜିଦ୍ କରିଥିଲେ। ଭାଜପା କର୍ପୋରେଟର ଗୋପାଳ ବେହେରା କାଚ ଗ୍ଲାସ ଫିଙ୍ଗିବା ପରେ କେତେଜଣ ବିଜେଡି ମହିଳା କର୍ପୋରେଟର ମଧ୍ୟ ଗ୍ଲାସ ଫିଙ୍ଗିଥିଲେ।

# ୨ ଥର ମଞ୍ଚସ୍ଥ ହେଲା ନାଟକ 'ଦେବଦାସୀ'



ଭୁବନେଶର, ୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨ ଦିନିଆ ନାଟକ ପରିବେଷଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମଧ୍ୟ ଅନୁଷ୍ଠାନର ନୂଆ ନାଟକ 'ଦେବଦାସୀ' ମଞ୍ଚସ୍ଥ ହୋଇଥିଲା। ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅଭିନେତ୍ରୀ ମହାଶ୍ୱେତା ରାୟ, ପିପିଏଲ୍‌ର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧିରଞ୍ଜନ ମିଶ୍ର, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଟିମ୍‌ର ପରିଚାଳନା ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର, ରୋଟାରିଆନ ମନୋଜ ତ୍ରିପାଠୀ ଉପସ୍ଥିତ ରହି ନାଟକ ଦେଖିଥିଲେ। ଉଭୟ ସନ୍ଧ୍ୟାରେ ଦର୍ଶକ ନାଟକକୁ ମନଭରି ଉପଭୋଗ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଉପରେ ପ୍ରସ୍ତୁତ ଏହି ନାଟକରେ ଦେବଦାସୀଙ୍କର ମହତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ମିଳିଥିଲା।

# ସ୍ନେହ ପକ୍ଷରୁ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

ସୋସାଇଟ୍ ଫର୍ ନେଚର୍ ଏଜୁକେଶନ୍ ଆଣ୍ଡ୍ ହେଲ୍‌ଥ (ସ୍ନେହ) ଓ ମେନୋନାଇଟ୍ ସେଣ୍ଟ୍ରାଲ କମିଟିର ମିଳିତ ଆନୁକୂଲ୍ୟରେ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ସାଲିଆ ସାହିରେ ଥିବା ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତପସ୍ୱିନୀ ଆରୁଖ୍ ଯୋଗଦେଇ ସାମାଜିକ ନ୍ୟାୟ ଓ ଏଥିପ୍ରତି ଥିବା ସାଧାରଣ ଜନତାଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ପୋଲିସ ଓ କମ୍ୟୁନିଟି ମଧ୍ୟରେ କିଭଳି ସୁସମ୍ପର୍କ ସ୍ଥାପିତ ହେବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଲିଗାଲ ସେଲ୍‌ର ଚେୟାର ପର୍ସନ ରଜନୀ ପଣ୍ଡା ଯୋଗଦେଇ କମ୍ୟୁନିଟି ପୋଲିସିଂ ଉପରେ ସଚେତନ କରାଇଥିଲେ। ସ୍ଥାନୀୟ କର୍ପୋରେଟର ଅଚ୍ୟୁତାନନ୍ଦ ସ୍ୱାଇଁ, ଆଇନଜୀବୀ ସ୍ନିଗ୍ଧା ରାଣୀ ସାହୁ, ସନ୍ଧ୍ୟାରାଣୀ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଦିବାକର ମାହାଳି ଅତିଥି ପରିଚୟ ପ୍ରଦାନ କରିବା ସହ ରେଷ୍ଟୋରେଟିଭ୍ ଜଷ୍ଟିସ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସାଲିଆ ସାହିର ୮ଟି ସାହିରେ ସ୍ନେହ ଦ୍ୱାରା ଗଢାଯାଇଥିବା ଶାନ୍ତି କମିଟିର ସଭ୍ୟାମାନେ ଯୋଗଦେଇଥିଲେ। ସ୍ୱସ୍ତିକା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟେଣ୍ଟ ହାଉସ ଓ ସପ୍ଲାୟର ଓନର୍ସ ୱେଲଫେୟାର ଆସୋସିଏଶନର ସମ୍ମିଳନୀ




ସମ୍ମିଳନୀରେ ଆସୋସିଏଶନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲିଅନ୍ତା,୨୦।୯(ନୀଳମାଧବ ସାହୁ)

ଖୋର୍ଦ୍ଧା ଜିଲା ଟେଣ୍ଟ ହାଉସ ଓ ସପ୍ଲାୟର ଓନର୍ସ ୱେଲଫେୟାର ଆସୋସିଏଶନର ତୃତୀୟ ବାର୍ଷିକ ସାଧାରଣ ପରିଷଦ ସମ୍ମିଳନୀ ଶୁକ୍ରବାର ସତ୍ୟବିହାରସ୍ଥିତ ଏକ ରିସୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ଦେହୁରୀଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସବୁ କ୍ଷେତ୍ରରେ ଟେଣ୍ଟ ହାଉସ ଓ ସପ୍ଲାୟରଙ୍କ ଆବଶ୍ୟକତା ରହିଛି ଓ ସେମାନଙ୍କ ଦାବି ନିହାତି ପୂରଣ ହେବା ଦରକାର ବୋଲି କହିଥିଲେ। ସଭାପତି ଦେହୁରୀ କହିଛନ୍ତି, ଆମର ଏହା ଏକ ବ୍ୟବସାୟ। ତତ୍‌ସହିତ ଏକ ୨୪ ଘଣ୍ଟିଆ ସେବା। କାମ ପାଇଁ ଅଟୋ ଓ ଟ୍ରକ୍‌ରେ ସାମଗ୍ରୀ ପରିବହନ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଫାଇନ ଦେଉଛୁ। ଆମକୁ ଟ୍ରକ୍‌ରେ ଜିନିଷ ଅନ୍‌ଲୋଡ କରୁଥିବା କାରିଗରଙ୍କୁ ଗାଡ଼ି ଡାଲାରେ ଯିବାଆସିବା କରିବା ପାଇଁ ଅନୁମତି ପ୍ରଦାନ ଓ ଆସୋସିଏଶନର କାର୍ଯ୍ୟାଳୟ ପାଇଁ ଏକ ଜାଗା ଭୁବନେଶ୍ୱର ମଧ୍ୟରେ ଆଲର୍ଟ କରିବା ପାଇଁ ସେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ଜେନା, ସାଙ୍ଗଠନିକ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, କୋଷାଧ୍ୟକ୍ଷ ସରୋଜ କୁମାର ପଟ୍ଟନାୟକ, ଅଲ୍ ଓଡ଼ିଶାର ସଭାପତି ଦେବେନ୍ଦ୍ର ପଣ୍ଡା, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଜଗନ କୁମାର ଜେନା, ପ୍ରଦୀପ ଭଞ୍ଜ, ପ୍ରବୋଧ ଦାସ ଓ ଗୁରୁଚରଣ ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ଅତିଥି ଓ ସମସ୍ତ କର୍ମକର୍ତ୍ତାଙ୍କୁ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରୟାଲ କଲେଜରେ କ୍ୟାରିୟର ମେଳା




ଭୁବନେଶ୍ୱର,୨୦।୯ (ଅନୁରାଧା ମହାରଣା)

ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ କ୍ୟାରିୟର ମ୍ୟାପ୍ ସହଯୋଗରେ କ୍ୟାରିୟର ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ନିଜର ଭବଷ୍ୟତ ପାଇଁ ଉପଯୁକ୍ତ କ୍ୟାରିୟର ଚୟନ ବିଷୟରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ରୁଚି ଅନୁଯାୟୀ ଭବିଷ୍ୟତରେ କେଉଁ ଦିଗରେ ପାଠପଢି ନିଜର ଭବଷ୍ୟତ ଉଜ୍ଜ୍ୱଳ କରିପାରିବେ, ସେ ସମ୍ପର୍କରେ କ୍ୟାରିୟର ମ୍ୟାପ୍‌ର ମୁଖ୍ୟ ଯଶୋବନ୍ତ ନାରାୟଣ ସିଂ ଲାଲ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଯୁକ୍ତ୨ ବିଜ୍ଞାନ ପରେ କେଉଁ ଦିଗରେ ପାଠପଢିଲେ ସୁନ୍ଦର ଭବଷ୍ୟତ ଗଢିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଷ୍ଟଲ୍ ବୁଲି ବିଭିନ୍ନ କ୍ୟାରିୟର ସମ୍ପର୍କରେ ବିଶେଷଜ୍ଞଙ୍କଠାରୁ ଜ୍ଞାନ ଆହରଣ କରିଥିଲେ। କଲେଜ ଉପାଧ୍ୟକ୍ଷ, ନିର୍ଦ୍ଦେଶକ, ଅଧ୍ୟକ୍ଷ, ଅଧ୍ୟାପିକାଅଧ୍ୟାପକ ଓ ଛାତୀଛାତ୍ର ଓ କ୍ୟାରିୟର ମ୍ୟାପର ଜ୍ୟୋତି ସରିତା ଓ ଅମିତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
Brahmapur-760004, Ganjam, Odisha
Tel. 0680-2292624, FAX. : 0680-229275,
E-mail : supdtmkcg@gmail.com, mkcgmchberhampur@gmail.com,
Website : www.mkcgmch.org
No.12690.MCH/F&S/2024 D/Berhampur the, 17.09.2024

**TENDER CALL NOTICE**

No.E-338 : Sealed Qutotion(s) in prescribed proforma are invited from the reputed local wholesale Dealers/Authorized stockiest/ N.G.Os/Co-operative stores for supply of the Printing articles to this hospital. The details of articles with specification along with other terms and conditions available in website www.ganjam.nic.in / www.mkcgmch.org. The last date of the receipt of the Quotation(s) through Regd. Post/Speed post/Courier is on or before 05.10.2024 up to 5.30 P.M. and will be opened on 07.10.2024 12.30 P.M.

Sd./- Superintendent
M.K.C.G Medical College Hospital,
Berhampur
OIPR-10028/11/0023/2425

# ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯିବ: ବିଧାୟକ

ବାଲିପାଟଣା,୨୦।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ଦିୱାନପାଟଣା ପୃଷ୍ଟିସାହିରେ ବର୍ଷାଜଳ ଜମିବାରୁ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଛି। ଖବରପାଇ ବିଧାୟକ ନବକିଶୋର ମଲ୍ଲିକ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରଥିଲେ। ଏଥିସହ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ତହସିଲଦାର କଳ୍ପନା ଦାସ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗ୍ରାମରୁ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି କିଶୋର ଜେନା, ଜିଲାପରିଷଦ ସଭ୍ୟ ପବିତ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ମହଲରେ ନିନ୍ଦା, କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

**ଯାତ୍ରାରେ ଶ୍ରୀଜଗନ୍ନାଥଙ୍କୁ ତଳେ ପକାଇ ଗାମୁଛାରେ ବାନ୍ଧିବା ଘଟଣା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣେ କଳାକାର ଗୋଟିଏ ହାତରେ ଧରି ଯାତ୍ରା ପେଣ୍ଡାଲ ଉପରେ ବୁଲାଇବା ସହ ତଳେ ପକାଇ ଗାମୁଛାରେ ବାନ୍ଧି ପିଠିରେ ଧରି ଯାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିବାଦ ସ୍ୱର ଉଠିଛି। ସମ୍ପୃକ୍ତ କଳାକାର, ନାଟ୍ୟ ନିର୍ଦ୍ଦେଶକ ଏବଂ ଲେଖକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ଯାତ୍ରା ନାଟ୍ୟ ସଂସ୍ଥାକୁ ଅସିଦ୍ଧ ଘୋଷଣା କରିବାକୁ ଜଗନ୍ନାଥପ୍ରେମୀ, ସଂସ୍କୃତିପ୍ରେମୀମାନେ ଦାବି କରିଛନ୍ତି।

ଗତ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲା ନାରୁଣୀ ଠାରେ ଏକ ଗଣନାଟ୍ୟ ପକ୍ଷରୁ ନାଟକ ପରିବେଷଣ ହୋଇଥିଲା। ସେଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣେ କଳାକାର ଗୋଟିଏ ହାତରେ ଧରି ଷ୍ଟେଜ ଉପରେ ବୁଲାଇବା ସହ ତଳେ ପକାଇ ଗାମୁଛାରେ ବାନ୍ଧି ପିଠିରେ ଧରି ଯାଉଥିବା ଦୃଶ୍ୟ ଭକ୍ତଙ୍କ ମନକୁ ଆନ୍ଦୋଳିତ କରିଛି। ଏନେଇ ବିଶ୍ୱ ହିନ୍ଦୁ ପରିଷଦ ଜିଲା କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାହୁ, ବିଭାଗ ସମ୍ପାଦକ ବିଭୂରେନ୍ଦ୍ର ବିଦ୍ୟାଧର କହିଛନ୍ତି, ସନାତନ ସଂସ୍କୃତି ପ୍ରତି କୁଠାରଘାତ କରାଯାଇଛି। ହିନ୍ଦୁ ଦେବଦେବୀଙ୍କୁ ନେଇ ଯାତ୍ରା ପରିବେଷଣ ବେଳେ ସଞ୍ଜମତା ରଖାଯାଉ। ଶ୍ରୀଜଗନ୍ନାଥଙ୍କୁ ଅପମାନ ସମଗ୍ର ଓଡ଼ିଆ ଜାତିକୁ ଅପମାନ ସହ ସମାନ। ସମ୍ପୃକ୍ତ ସଂସ୍ଥା ବିରୋଧରେ ଥାନାରେ ଏତଲା ଦିଆଯିବ। ତୁରନ୍ତ ଏହାକୁ ବନ୍ଦ ନ କଲେ, ତୀବ୍ର ବିରୋଧ କରାଯିବ। ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ଏଭଳି କୁତ୍ସିତ ଚିନ୍ତାଧାରା କିଭଳି ନିର୍ଦ୍ଦେଶକ, ଲେଖକ ଏବଂ କଳାକାରଙ୍କ ମନକୁ ଆସିଲା, ତାହା ଏକ ବଡ଼ ପ୍ରଶ୍ନବାଚୀ। ମହାପ୍ରଭୁଙ୍କୁ କାଠ କଣ୍ଢେଇ ଭଳି ବ୍ୟବହାର କରିବା ଗ୍ରହଣୀୟ ନୁହଁ। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଘୋର ଅପମାନ କରାଯାଇଛି। ତାଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Phone/Fax: 0674-2392480/79
E-mail ld-hrdnrhm1@gmail.com

Advt.No.23/24 **Walk-in-Interview** Date:21.09.2024

**No.E-335:** Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and coterminus with the scheme. Lower age limit is 21 years as on dtd. 01.09.2024.

| Sl. No. | Name of the Post | Remuneration (in Rs.), Performance Incentive (P.I) & other allowances as admissible | No. of Vacancy | Date of Registration/ Interview |
|---|---|---|---|---|
| 1 | Consultant, NLEP | Rs.59,707/- + P.I. | 01 | 18.10.2024 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, ToR, Application Form etc. Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date. No application will be received after scheduled date & timing of registration. Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist-Khordha, Pin – 751012, Odisha. The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd/- Mission Director, NHM
Member Secretary, OSH&FWS, Odisha
OIPR-10084/11/0008/2425

## ସଂକ୍ଷେପରେ

### ଯୋଗ ଏକ ଚିରନ୍ତନ ବିଜ୍ଞାନ

ବଡ଼ମ୍ବା,୨୦।୯(ମାୟାଧର ମଲ୍ଲିକ)

କଟକ ଜିଲା ପତଞ୍ଜଳି ଯୋଗପୀଠ ପରିବାର ସଂସ୍ଥା ଆନୁକୂଲ୍ୟରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ କାଞ୍ଜିଆପାଳ ଗ୍ରାମର ଶିବ ମନ୍ଦିର ପରିସରରେ ଶୁକ୍ରବାର ଯୋଗ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କଳ୍ପନା ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଣଯୋଗ ପ୍ରତିଷ୍ଠାନର ଅଧକ୍ଷ ଯୋଗଗୁରୁ ଚନ୍ଦ୍ରଶେଖର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ଜରୁରୀ ବୋଲି ମୁଖ୍ୟ ଅତିଥି ମହାନ୍ତି ମତବ୍ୟକ୍ତ କରିବା ସହ ଯୋଗ ଏକ ଚିରନ୍ତନ ବିଜ୍ଞାନ ବୋଲି କହିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ପ୍ରବୀଣା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୋଗଗୁରୁ ଚନ୍ଦ୍ରଶେଖର ମହାନ୍ତିଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ରତାପାଟ ମହିଳା ପ୍ରଭାରୀ ରଜନୀ ରାଣୀ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ଗ୍ରାମର ବହୁ ଯୋଗପ୍ରେମୀ, ବୁଦ୍ଧିଜୀବୀ ଓ ମହିଳା ଯୋଗଦେଇ ପ୍ରାଣାୟାମ, ଯୋଗ, ମୁଦ୍ରା ଅଭ୍ୟାସ କରିଥିଲେ। ଶିଳ୍ପୀ ସଂଜୀବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପୂଜା ପାଇଁ ସିଙ୍ଗଲ ୱିଣ୍ଡୋରେ ମିଳିବ ଅନୁମତି




ବୈଠକରେ ରାଜ୍ୟ ସଭା ସଦସ୍ୟ, ବିଧାୟକ ଓ ଡିସିପିଙ୍କ ସମେତ ଅନ୍ୟମାନେ।

କଟକ,୨୦।୯ (ଶିଳ୍ପା ପ୍ରିୟଦର୍ଶିନୀ)

**କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

- ବଟି ମାଗିଲେ ପୋଲିସକୁ ଜଣାଇପାରିବେ
- ସିସିଟିଭିରେ ସୁରକ୍ଷା ବ୍ୟବସ୍ଥା ଅନୁଧାନ କରାଯିବ

କମିଶନରେଟ ପୋଲିସ ପକ୍ଷରୁ କଟକ ସାରଳା ଭବନରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସିପି ପ୍ରକାଶ ଆର୍. ଅଧକ୍ଷତା କରି ସମସ୍ତ ପୂଜା କମିଟି, ଶାନ୍ତି କମିଟି ଓ ଯୁବକମାନେ ମଦମୁକ୍ତ ଦୁର୍ଗାପୂଜା ଏବଂ ଭସାଣି କରିବାକୁ ଆହ୍ୱାନ ଦେଇଛନ୍ତି।

ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ ସହିତ ଡିଜେମୁକ୍ତ ରୋଶଣି ଓ ମଦମୁକ୍ତ ଭସାଣିକୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୧୪ ତାରିଖ ସକାଳୁ ଭସାଣି ଆରମ୍ଭ ହୋଇ ୧୫ ତାରିଖ ସକାଳ ୯ଟା ସୁଦ୍ଧା ଶେଷ ହେବ। ମଣ୍ଡପ ନିକଟରେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣିରେ ମାଇକ୍ ବଜାଇବା ପାଇଁ ଅନୁମତି ରହିବ। ରାତି ୮ଟା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ୩ଟି ପ୍ରତିମା ଯିବା ପରେ ଗଳି ରାସ୍ତାରୁ ଗୋଟିଏ ପ୍ରତିମା ଯିବ। ରାତି ୮ଟା ପରେ ଏହା ୨-୧ ହେବ। ଭସାଣିରେ ଗୋଟିଏ ମେଢ ଶୋଭାଯାତ୍ରା ଲମ୍ବ ସର୍ବାଧିକ ୨୦୦ ମିଟର ରହିବ। ପୂଜା, ଭସାଣି ଓ ତୋରଣ ନିର୍ମାଣ ଲାଗି ଆବଶ୍ୟକ ଅନୁମତି ପାଇଁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ସ୍ଥାନୀୟ ଥାନାରେ ସମସ୍ତ ତଥ୍ୟ ପ୍ରଦାନ କରି ଅନୁମତି ପତ୍ର ନେଇପାରିବେ। ଏନେଇ ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ସିଙ୍ଗିଲ ୱିଣ୍ଡୋ ବ୍ୟବସ୍ଥା ଜରିଆରେ ଥାନାରୁ ଅନୁମତି ମିଳିବ। ଡିଜେ ଓ ବାଣ ମୁକ୍ତ ଭସାଣ ଦିଗରେ ଯତ୍ନବାନ ହେବାକୁ ପୂଜା କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ପୂଜା ସମୟରେ ଯଦି କେହି ମଦ ବିକ୍ରି କରନ୍ତି, ଗଣ୍ଡଗୋଳ ସୃଷ୍ଟି କରନ୍ତି କିମ୍ବା ବଟି ମାଗନ୍ତି ତା'ହେଲେ ସହରବାସୀ ପୋଲିସକୁ ସିଧାସଳଖ ଜଣାଇ ପାରିବେ। ଏନେଇ ପୋଲିସ ପକ୍ଷରୁ ଦୁଇଟି ହ୍ୱାଟ୍ସଆପ୍ ନମ୍ବର ଜାରି କରାଯିବ। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିରେ ସୁରକ୍ଷା ବ୍ୟବସ୍ଥା ଅନୁଧାନ କରାଯିବ। ଭସାଣି ଦିନ ପୋଲିସ ଏକାଧିକ ସ୍ଥାନରେ ଡ୍ରୋନ୍ ଉଡାଇ ଭିଡ ଉପରେ ନଜର ରଖିବ। ସେହିପରି ରାସ୍ତା ଓ ଷ୍ଟ୍ରିଟ୍ ଲାଇଟ୍ ମରାମତି, ମୋବାଇଲ ଟଏଲେଟ୍, ପିଇବା ପାଣି, ରାସ୍ତାରେ ଓହଳି ଥିବା କେବୁଲ ତାର ଉଠାଯିବା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଲାଗି ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ସମସ୍ୟା ଉପସ୍ଥାପନ କରିଥିଲେ। ଛତ୍ରବଜାର ପୂଜା କମିଟି ଓ ମାଲଗୋଦାମ ପୂଜା କମିଟି ମଧ୍ୟରେ ଦେଖାଦେଇଥିବା ସୀମା ବିବାଦ ସମାଧାନ ପାଇଁ ପୋଲିସକୁ ଅନୁରୋଧ କରାଯାଇଥିଲା।

ଏହି ବୈଠକରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ମନ୍ତ୍ରୀ ସମୀର ଦେ, କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଭାତ ତ୍ରିପାଠୀ, ପୂର୍ବାଞ୍ଚଳ ଶାନ୍ତି କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାହୁ, ସଭାପତି ବିଜୟ ସାହୁ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ସମେତ ଅତିରିକ୍ତ ଡିସିପି ଅନିଲ୍ କୁମାର ମିଶ୍ର ଓ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ। ମହାନଗର ଶାନ୍ତି କମିଟି ସଭାପତି ଭିକାରି ଦାସ ଓ ସମ୍ପାଦକ ଦେବେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦଶହରାରେ ଡିଜେ ବ୍ୟାନ୍

ଆଠଗଡ଼,୨୦।୯ ( ସତ୍ୟ ପ୍ରସାଦ ରଥ)

- ଅକ୍ଟୋବର ୧୦ରୁ ମୃଣ୍ମୟୀ ମୂର୍ତ୍ତିରେ ସପ୍ତମୀ ପୂଜା
- ୧୬ରେ ଭସାଣି ଉତ୍ସବ
- ରାସ୍ତାଘାଟ ମରାମତି ତଦାରଖ କରିବାକୁ କମିଟି ଗଠନ

ଆଠଗଡ ସହରରେ ଶୃଙ୍ଖଳିତ ଭାବେ ଦଶହରା ଯାତ୍ରା ପାଳନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଆୟୋଜିତ ଏହି ବୈଠକରେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଅଧକ୍ଷତା କରିଥିଲେ। ବୈଠକରେ ଦଶହରା ଉତ୍ସବକୁ ସରସ ସୁନ୍ଦର ଓ ନିରାଡ଼ମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ପୂଜା ମଣ୍ଡପ ଓ ଭସାଣି ସମୟରେ ଡିଜେ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ବ୍ୟାଣ୍ଡ ପାର୍ଟିମାନେ ସର୍ବାଧିକ ୫୭ଡେସିବଲ ସାଉଣ୍ଡରେ ସଙ୍ଗୀତ ପରିବେଷଣ କରିପାରିବେ। ଅକ୍ଟୋବର ୧୦ରୁ ମୃଣ୍ମୟୀ ମୂର୍ତ୍ତିରେ ସପ୍ତମୀ ପୂଜା ଅନୁଷ୍ଠିତ ହେବ। ୧୩ରେ ଦଶହରା ଯାତ୍ରା ଅନୁଷ୍ଠିତ ହେବ। ଯାତ୍ରା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ମୁଖ୍ୟ ବଜାରଗୁଡ଼ିକରେ ସନ୍ଧ୍ୟା ସମୟରେ ଯାନବାହନ ଚଳାଚଳ ନିଷିଦ୍ଧ କରାଯାଇଛି। ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ସମୟରେ ବିଦ୍ୟୁତ୍ ସରବରାହ ଓ ପାନୀୟ ଜଳ ଯୋଗାଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ୧୬ରେ ଭସାଣି ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ସାପୁଆ ନଦୀକୂଳରେ ଆଠଗଡ ଏନ୍‌ଏସି ପକ୍ଷରୁ ନିର୍ମିତ କୃତ୍ରିମ ସରୋବରରେ ବିସର୍ଜନ କରାଯିବ। ଏହି ସମୟରେ ରାତି ୧୦ଟା ମଧ୍ୟରେ ଭସାଣି କାର୍ଯ୍ୟକ୍ରମ ଶେଷ ହେବ। ୨୦ତାରିଖ ମଧ୍ୟରେ ସମସ୍ତ ସାହି ବସ୍ତିର ମୂର୍ତ୍ତି ବିସର୍ଜନ ସରିବ। ପୂଜା ସମୟରେ ସହର ପରିମଳ ବ୍ୟବସ୍ଥା ଓ ରାସ୍ତାଘାଟ ମରାମତିକୁ ତଦାରଖ କରିବା ପାଇଁ ଅତିରିକ୍ତ ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ, ସହକାରୀ ଜିଲାପାଳଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଦୂରଦୂରାନ୍ତର ଆସୁଥିବା ଜନ ସାଧାରଣଙ୍କ ପାଇଁ ସହର ଚାରିପଟେ ପାର୍କିଂ ବ୍ୟବସ୍ଥା କରାଯାଇଛି। ବୈଠକରେ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଆରକ୍ଷୀ ଉପାଧକ୍ଷ ରବୀନ୍ଦ୍ରନାଥ ମଲ୍ଲିକ, ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ)

କଟକ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାମଦାସପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ଜିଲା ଶିକ୍ଷା ସହ ଅଧିକାରିଣୀ ସୋନାମିକା ରାୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ପ୍ରତିଷ୍ଠା ଦିବସ ପାଳନ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜିଲାର ୧୪ଟି ବ୍ଲକରେ ଥିବା ୧୪ଟି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନିଜ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ଜିକେ, ନୃତ୍ୟ, ବକ୍ତୃତା, ରଚନା ଆଦି ବିଷୟରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କ ମଧ୍ୟରେ ଏଠାରେ ଆଉଥରେ ପ୍ରତିଯୋଗିତା କରାଯାଇ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରିନ୍ସିପାଲ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



ଦୁର୍ଗାପୂଜା ପାଇଁ ଟିଗିରିଆ ବ୍ଲକ ଜେମାଦେଈପୁର ପୂଜା କମିଟି ପକ୍ଷରୁ ତୋରଣ ନିର୍ମାଣ ଚାଲିଛି।

## ଗଣେଶଙ୍କ ଆଣ୍ଠାଲଡୁ ୧୧ ହଜାର ୬୦୦ରେ ନିଲାମ

ଟିଗିରିଆ, ୨୦।୯(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଦୁର୍ଗାବଜାରସ୍ଥିତ ଷ୍ଟ୍ରିମ ଲାଇନ କ୍ଲବ ତରଫରୁ ଆୟୋଜିତ ଗଣେଶ ପୂଜା ଶେଷ ହେବାପରେ ଶୁକ୍ରବାର ଆଣ୍ଠାଲଡୁ ନିଲାମ ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪୦ କିଲୋ ଆଣ୍ଠାଲଡୁକୁ ଟିଗିରିଆର ସରୋଜ କୁମାର ବେହେରା ସର୍ବାଧିକ ୧୧ ହଜାର ୬୦୦ ଟଙ୍କାରେ ନିଲାମ ନେଇଛନ୍ତି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ଟିଗିରିଆ ଆଇଆଇସି ବିକ୍ରମ କେଶରୀ ଜେନା, ଏଏସ୍‌ଆଇ ଅନିଲ କୁମାର ବେହେରା, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ, ରାମଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଷ୍ଟ୍ରିମ ଲାଇନ କ୍ଲବ ସଭାପତି ପ୍ରକାଶ ଦାସ, ସମ୍ପାଦକ ଅକ୍ଷୟ କୁମାର ସାହୁ, ଅଭୟ କୁମାର ସାହୁ, ଅଶୋକ ଚୌଧୁରୀ, ଚିତ୍ତରଞ୍ଜନ ସାହୁ ଓ ପ୍ରଦୀପ ବର୍ଦ୍ଧନ ଉପସ୍ଥିତ ରହି ଲଡୁ ନିଲାମ ଓ ଭସାଣିରେ ସହଯୋଗ କରିଥିଲେ।



ନିଲାମଧାରୀଙ୍କୁ ଅତିଥି ଆଣ୍ଠାଲଡୁ ପ୍ରଦାନ କରୁଛନ୍ତି।

## ଗୋଟିଏ ଫଳକରେ ୨ଟି ସୂଚନା ଲେଖି ପ୍ରଶାସନ ହରଡ଼ଘଣାରେ

ନିଶ୍ଚିନ୍ତକୋଇଲି,୨୦।୯
(ଅଶୋକ କୁମାର ମହାପାତ୍ର)







**ପଞ୍ଚାୟତ ସଦନ ରାସ୍ତା ମରଣଯନ୍ତା**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନବଗଠିତ ବଡ଼କ୍ଷୀର ପଞ୍ଚାୟତ ସଦନକୁ ଯିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ତରବରିଆ ଭାବେ ଅତି ନିମ୍ନମାନର ରାସ୍ତା ନିର୍ମାଣ ଫଳରେ ଏବେ ରାସ୍ତା ମଝି ଦବି ଗର୍ତ୍ତ ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ପାଇଁ ଗୋଟିଏ ଫଳକରେ ୨ଥର ରାସ୍ତାର ବ୍ୟୟ ଅଟକଳ ଲେଖି ବ୍ଲକ ପ୍ରଶାସନ ଅଡୁଆରେ ପଡ଼ିଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ଗୋପପୁର-ଅରଖିଆ ଅଙ୍ଗନୱାଡି କେନ୍ଦ୍ରଠାରୁ ବଡକ୍ଷୀର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ନିକଟରେ ସରକାରୀ ରାଜକୋଷରୁ ୨.୫ ଲକ୍ଷ ଟଙ୍କାର ବିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ରାସ୍ତା ଆଉ ନିର୍ମାଣ କରାଯାଇ ନାହିଁ। ପୁନର୍ବାର ଏହି ରାସ୍ତା ନିର୍ମାଣ ନିମନ୍ତେ ବିଧାୟକଙ୍କ ହାତ ପାଣ୍ଠିରୁ ୩ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଚଞ୍ଚକତା କରାଯାଇ ଏହି ରାସ୍ତାର ନାମ ପରିବର୍ତ୍ତନ କରାଯାଇଥିଲା। ଏହି ପ୍ରକଳ୍ପର ନାମ ଭିଲେଜ କମ୍ୟୁନିଟି ସେଣ୍ଟର ରୋଡ୍, ଫ୍ରମ ବଡକ୍ଷୀର ପଞ୍ଚାୟତ ଅଫିସ୍ ଟୁ ଆର୍‌ଡି ରୋଡ କରାଯାଇଥିଲା। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ରାସ୍ତା ନିର୍ମାଣ ସରକାରୀ କାଗଜକଲମରେ କରାଯାଇଥିବାର ଦର୍ଶାଯାଇ ୩ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବକାମର ସୂଚନାଫଳକକୁ ଆଂଶିକ ଲିଭାଯାଇ ଏହି ପ୍ରକଳ୍ପର ସୂଚନା ଦିଆଯାଇଥିବାର ଜଣାଯାଇଛି।

ଅପରପକ୍ଷରେ ଏହି ରାସ୍ତା ନିର୍ମାଣ ୨ଥର କରାଯାଇ ସରକାରୀ ରାଜକୋଷରୁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନିଆଯାଇଥିବାର ଜଣାପଡ଼ିଛି। ଅଟକଳ ଅନୁଯାୟୀ ଏହି ରାସ୍ତା ନିର୍ମାଣ କରାଯାଇ ନ ଥିବାବେଳେ ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ମାତ୍ର ଅଳ୍ପଦିନ ପରେ ରାସ୍ତାର ବହୁସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏପରିକି ରାସ୍ତାର କେତେକ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଏହି ରାସ୍ତାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପ୍ରାୟ ୮ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା। ପ୍ରଶାସନ ତରଫରୁ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାନ୍ତି କୁହନ୍ତି, ଏନେଇ ଆମ ପାଖରେ କୌଣସି ଅଭିଯୋଗ ନାହିଁ। ଗୋଟିଏ ରାସ୍ତାକୁ ୨ ଥର ବିଲ୍ କରାଯାଇ ନାହିଁ।

## ୧୯୮୧ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ ଉତ୍ସବ

ମାହାଙ୍ଗା,୨୦।୯(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତ୍ତାଙ୍ଗ ହାଇସ୍କୁଲ ୧୯୮୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ତ୍ରିବେଣୀଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତନ୍ମୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୁରାତନ ଛାତ୍ରୀଛାତ୍ର ସର୍ବଶ୍ରୀ ଶ୍ୟାମସୁନ୍ଦର ସ୍ୱାଇଁ, ଗୁରୁଚରଣ ମହାନ୍ତି, ଆଇନଜୀବୀ ପ୍ରଭଞ୍ଜନ ମହାନ୍ତି, ସଂଗ୍ରାମ ସାମଲ, ପ୍ରିୟନାଥ ପରିଡା, ଅନିତା ମହାନ୍ତି, ଅକ୍ଷୟ ବରାଳ, ପ୍ରମିଳା ସାହୁ, ସୁଷମା ବେହେରା, ଟୁନିବାଳା ପତି, ନଟବର ରଣା, ସୁମିତ୍ରା ମହାନ୍ତି ଓ ମନୋଜ ପତି ପ୍ରମୁଖ ଯୋଗଦେଇ ପୁରୁଣା ଦିନର ଅଭୁଲା ସ୍ମୃତି ଉପରେ ଆଲୋଚନା କରିଥିଲେ। ଏଥିସହ ବିଦ୍ୟାଳୟକୁ କିପରି ଆହୁରି ବିକଶିତ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ପୁରାରନ ଛାତ୍ର ସଂଘ ପକ୍ଷରୁ ଶିକ୍ଷକ ରଙ୍ଗାଧର ନାୟକ ଏବଂ ଅଲେଖ ଚନ୍ଦ୍ର ବଳବନ୍ତରାୟଙ୍କୁ ଗୁରୁପୂଜନ କରାଯିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
Brahmapur-760004, Ganjam, Odisha
Tel. 0680-2292624, FAX. : 0680-229275,
E-mail : supdtmkcg@gmail.com, mkcgmchberhampur@gmail.com,
Website : www.mkcgmch.org
No.12690.MCH/F&S/2024 D/Berhampur the, 17.09.2024

**TENDER CALL NOTICE**

No.E-338 : Sealed Qutotion(s) in prescribed proforma are invited from the reputed local wholesale Dealers/Authorized stockiest/ N.G.Os/Co-operative stores for supply of the Printing articles to this hospital. The details of articles with specification along with other terms and conditions available in website www.ganjam.nic.in / www.mkcgmch.org. The last date of the receipt of the Quotation(s) through Regd. Post/Speed post/Courier is on or before 05.10.2024 up to 5.30 P.M. and will be opened on 07.10.2024 12.30 P.M.

Sd./- Superintendent
M.K.C.G Medical College Hospital,
Berhampur
OIPR-10028/11/0023/2425

## ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

**ଛାତ୍ର ବିଜେଡି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଆଠଗଡ଼,୨୦।୯(ସତ୍ୟ ପ୍ରସାଦ ରଥ)



ଆଠଗଡ଼ ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ କଟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆଠଗଡ ବ୍ଲକ ଓ ଏନ୍‌ଏସିରେ ମୋଟ୍ ୧୫୭ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଚଳିତ ବର୍ଷ ପ୍ରାୟ ୧୧୬ଜଣ ଶିକ୍ଷୟତ୍ରୀ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ଫଳରେ ବ୍ଲକ ଅନ୍ତର୍ଗତ କଣ୍ଡରେଇ, ଖୁଣ୍ଟୁଣୀ, ରାଧାକୃଷ୍ଣପୁର, ଗୋବରା, ଗୁରୁଡିଝାଟିଆ ଓ କୁମାରପୁର ଆଦି ଆଦିବାସୀ ଅଧ୍ୟୁଷିତ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଠପଢ଼ା ସମସ୍ୟା ଉତ୍କଟ ହୋଇଛି। ତେବେ ସରକାରଙ୍କ ପକ୍ଷରୁ ଆଠଗଡ଼ରେ କେବଳ ୫୦ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଏଣୁ ଶିକ୍ଷାର ଉନ୍ନତି ପାଇଁ ବ୍ଲକ ଓ ଏନ୍‌ଏସିରେ ଅଧିକ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ବ୍ଲକ ଯୁବ ବିଜେଡି ସଭାପତି ବିନୋଦ ମାଝିଙ୍କ ନେତୃତ୍ୱରେ ଜିଲାପାଳ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପତ୍ର ପ୍ରଦାନ ସମୟରେ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ରିଙ୍କୁ ପତ୍ରୀ, ମହମ୍ମଦ ଖଲିଦ ପ୍ରମୁଖ ଉପସ୍ଥିତ ଥିଲେ।

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Phone/Fax: 0674-2392480/79
E-mail ld-hrdnrhm1@gmail.com

Advt.No.23/24 **Walk-in-Interview** Date:21.09.2024

**No.E-335:** Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and coterminus with the scheme. Lower age limit is 21 years as on dtd. 01.09.2024.

| Sl. No. | Name of the Post | Remuneration (in Rs.), Performance Incentive (P.I) & other allowances as admissible | No. of Vacancy | Date of Registration/ Interview |
|---|---|---|---|---|
| 1 | Consultant, NLEP | Rs.59,707/- + P.I. | 01 | 18.10.2024 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, ToR, Application Form etc. Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date. No application will be received after scheduled date & timing of registration. Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist-Khordha, Pin – 751012, Odisha. The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd/- Mission Director, NHM
Member Secretary, OSH&FWS, Odisha
OIPR-10084/11/0008/2425

# ‘ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କର’



ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ଚଞ୍ଚଳ ରାଣା, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

## ଯୋଗାଣ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ

■ଧାନକିଣାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଭାଜପା ସରକାରଙ୍କ ଶହେଦିନ ପୂର୍ତ୍ତି ଉପଲକ୍ଷେ ଖୋର୍ଦ୍ଧା ହାବେଳି ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିକାଶ ମେଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାର ବିକାଶମୂଳକ ଯୋଜନା, ଯୋଗାଣ ବିଭାଗର ସମୀକ୍ଷା କରିଥିଲେ। ଯୋଗାଣ ବିଭାଗରେ କୌଣସି ପ୍ରିୟାପ୍ରୀତି, ଆର୍ଥିକ ଅନିୟମିତତା, ସରକାରଙ୍କ ଯୋଜନା ଅର୍ଥ ବାଟମାରଣା, କୌଣସି କାର୍ଯ୍ୟ ପାଇଁ ଉତ୍କୋଚ ଦାବିକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଯେଭଳି ତୃଣମୂଳସ୍ତରରେ ଥିବା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ, ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ କହିଥିଲେ। ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ଚାଷୀ ଓ ଚାଷକାର୍ଯ୍ୟରେ କୃଷକଙ୍କ ସର୍ବାଙ୍ଗୀନ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଖରିଫ୍ ଧାନ କିଣାଯିବା ସମୟରେ ଡିଲରମାନଙ୍କ ମନମାନି ଚଳିବ ନାହିଁ। ଧାନକିଣାରେ ସ୍ୱଚ୍ଛତା, ଦଲାଲରାଜ୍ ବନ୍ଦ ନିଶ୍ଚିତ କର। ଚାଷୀଙ୍କ ପାଇଁ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ, ଡିଲର କାହାରିକୁ ଛଡ଼ାଯିବ ନାହିଁ। ଭାଜପା ସରକାର ହେଉଛି ଲୋକଙ୍କ ସରକାର। ଜନତାଙ୍କ ସମସ୍ୟା ସମାଧାନ ଉପରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦିଅନ୍ତୁ। ଲୋକଙ୍କ ନିକଟତର ହୁଅନ୍ତୁ, ଆସ୍ଥାଭାଜନ ହେବାକୁ ଚେଷ୍ଟାକରନ୍ତୁ। ଲୋକଙ୍କ ସହଭାଗୀ ହୋଇପାରିଲେ ଲୋକେ ମନେ ପକାଇବେ। ଜନଶୁଣାଣିକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କ ସମେତ ଯୋଗାଣ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଂସ୍କୃତିକୁ ବଞ୍ଚାଇବାରେ ଅଭିଲେଖାଗାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଜାତୀୟ ଅଭିଲେଖାଗାରର ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ଶାଖାରେ ଷଷ୍ଠ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ‘ଇତିହାସର ଗୁରୁତ୍ୱ ଓ ଅଭିଲେଖାଗାର’ ଶୀର୍ଷକ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ସେ କହିଲେ, ସଂସ୍କୃତିର ପରିଚୟ ବଞ୍ଚାଇବାରେ ଅଭିଲେଖାଗାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଇତିହାସର ଐତିହାସିକ ସୂଚନା ଓ ଉପଯୁକ୍ତ ତଥ୍ୟକୁ ଉନ୍ମୁକ୍ତ କରିବାକୁ ଅନୁମତି ଦେବା ପାଇଁ ଅଭିଲେଖାଗାର ସାମଗ୍ରୀ ପ୍ରକ୍ରିୟାକରଣ କରେ, ଯାହା ଆଜିର ସମାଜ ପାଇଁ ଏକାନ୍ତ ଆବଶ୍ୟକ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅଭିଲେଖାଗାରରେ ମାସିକ ଆଲୋଚନାଚକ୍ର ଓ ଏହାର ଗବେଷଣାତ୍ମକ ଦିଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଇତିହାସ ହେଉଛି ଗୋଟିଏ ଜାତିର ଦର୍ପଣ, ଯାହା ଅଭିଲେଖାଗାର ଦ୍ୱାରା ଦୃଶ୍ୟମାନ ହୋଇଥାଏ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

### ମଠ, ମନ୍ଦିର ବିଜେସ୍ଥଳୀ ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ, ୨୦।୯(ଅଜିତ କୁମାର ମହାନ୍ତି)

ମଠାଧୀଶ ସେବା ସଂଘ ତରଫରୁ ମଠ, ମନ୍ଦିର ବିଜେସ୍ଥଳୀ ସୁରକ୍ଷା ପ୍ରସଙ୍ଗକୁ ନେଇ ଏକ ବୈଠକ ଶୁକ୍ରବାର ମଣିରାମ ମଠ ବା କାପୁଡ଼ିଆ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ମଠର ମଠାଧୀଶମାନେ ଯୋଗଦେଇ ମଠ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମଠ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର। କିନ୍ତୁ ବିଗତ କିଛି ଦଶନ୍ଧିରେ ବିଭିନ୍ନ ଆଇନ ସଂଶୋଧନ ବଳରେ ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାର ଚକ୍ରାନ୍ତ ଚାଲିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏପରିକି ମଠର ମୂଳ ବିଜେସ୍ଥଳୀ (ମୂଳ ସ୍ଥାନ) ମଧ୍ୟ ନିୟନ୍ତ୍ରଣ ମୁକ୍ତ ନୁହେଁ। ମଠର ଗାଦି, ମନ୍ଦିର ମଧ୍ୟ ଭାଙ୍ଗି ଦିଆଯାଉଛି ଓ ବିକ୍ରି କରିଦିଆଯାଉଛି। ଏନେଇ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏବଂ ମଠାଧୀଶ ସେବା ସଂଘ ତରଫରୁ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଛି, କିନ୍ତୁ କେବଳ ପ୍ରତିଶ୍ରୁତି ଦିଆଯିବା ବ୍ୟତୀତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସରକାରଙ୍କ ଉଦାସୀନତା ସମସ୍ତ ସାଧୁସନ୍ଥ ଏବଂ ମହନ୍ତଙ୍କ ମନରେ ଗଭୀର ଦୁଃଖ ଓ କ୍ଷୋଭର କାରଣ ହୋଇଛି। ଓଡ଼ିଶାର ସମସ୍ତ ଧାର୍ମିକ ସଂଗଠନ, ସନ୍ଥ ମହନ୍ତମାନେ ଏକତ୍ରିତ ହୋଇ ନିବେଦନ କରିଛନ୍ତି ଯେ, ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସରକାର ଏହାର ସମାଧାନ କରନ୍ତୁ, ନଚେତ ସେମାନଙ୍କର ଧର୍ମ, ସଂସ୍କୃତି ଏବଂ ଇଷ୍ଟ ସ୍ଥାନ ପାଇଁ ସେମାନେ ଭାରତବର୍ଷର ସମସ୍ତ ଆଚାର୍ଯ୍ୟ, ମହାମଣ୍ଡଳେଶ୍ୱର, ସାଧୁ, ସନ୍ଥଙ୍କ ସହଯୋଗ ଓ ଆଶୀର୍ବାଦକୁ ପାଥେୟ କରି ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ। ଆବଶ୍ୟକତା ପଡ଼ିଲେ ମଠ ମହନ୍ତମାନେ ନିଜ ଜୀବନ ବଳିଦାନ ଦେବାକୁ ପଛାଇବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ‘ଶ୍ରୀମଦ୍ ଭାଗବତ’ ଓଡ଼ିଆ ସାହିତ୍ୟର ଏକ ମାଇଲଖୁଣ୍ଟ

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

## ‘ଦଶମ ସ୍କନ୍ଦ’ର ପୂର୍ବାର୍ଦ୍ଧ ପୁସ୍ତକ ଉନ୍ମୋଚନ

ପଞ୍ଚସଖା ଯୁଗର ସାଧକ ଶ୍ରୀଜଗନ୍ନାଥ ଦାସଙ୍କ ଦ୍ୱାରା ସଂସ୍କୃତ ଭାଷାରୁ ଅନୂଦିତ ‘ଶ୍ରୀମଦ୍ ଭାଗବତ’ ଓଡ଼ିଶାର ସାଂସ୍କୃତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ଜ୍ଞାନ, ଭକ୍ତି, ଭାବ ଓ କର୍ମର ସମନ୍ୱୟ ସୃଷ୍ଟି କରିବା ସହ ଓଡ଼ିଆ ସାହିତ୍ୟରେ ଏକ ମାଇଲ ଖୁଣ୍ଟ ଭାବେ ଗଣା ହୋଇଛି। ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ଶୁକ୍ରବାର ସମିତି ପରିସରରେ ‘ଶ୍ରୀମଦ୍ ଭାଗବତ ଓ ଓଡ଼ିଆ ସାହିତ୍ୟ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିଭାବେ ଯୋଗଦେଇ ପ୍ରଫେସର ଶରତ କୁମାର ରଥ ଏହା କହିଛନ୍ତି। ଏଥିସହ ସେ ଶ୍ରୀମଦ୍ ଭାଗବତ ସରଳ ଭାଷାରେ ନବାକ୍ଷରୀ ବୃତ୍ତରେ ରଚିତ ହୋଇଥିବାରୁ ଲୋକପ୍ରିୟତାର ଶିଖର ଛୁଇଁପାରିଛି ବୋଲି ମତ ଦେଇଛନ୍ତି। ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣରେ ଭାଗବତର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି। ଜଗନ୍ନାଥ ଦାସଙ୍କ ଭାଗବତ କେବଳ ଗାଦିରେ ରହିନାହିଁ, ତାହା ପ୍ରତ୍ୟେକ ଓଡ଼ିଆଙ୍କ ଘରେ ପୂଜା ପାଉଥିବା ପୋଥିରେ ସ୍ଥାନ ପାଇଛି। ସମାଜରେ ନୈତିକ ଆଦର୍ଶ ପ୍ରତିଷ୍ଠା କରିବାରେ ଭାଗବତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗାଁ ଗାଁରେ ଭାଗବତ ଟୁଙ୍ଗୀ ଗଠନ ହୋଇ ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଜୀବନକୁ ଏହା ଶକ୍ତିଶାଳୀ କରି ଗଢ଼ି ତୋଳିଛି। ଭାଗବତ ଭାଷାର ସରଳତା ଯୋଗୁ ଲୋକମୁଖରେ ବହୁ ପଂକ୍ତି ଉଚ୍ଚାରଣ ହୋଇ ଏହାର ସାହିତ୍ୟିକ ମୂଲ୍ୟବୋଧକୁ ବହୁଗୁଣିତ କରି ରଖିପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ସମିତିର ନିର୍ଦ୍ଦେଶିକା ମିନତୀ ଷଡ଼ଙ୍ଗୀଙ୍କ ଦ୍ୱାରା ଚଉଦଅକ୍ଷରୀ ବୃତ୍ତରେ ସଂସ୍କୃତ ଭାଗବତର ଅନୁବାଦ ‘ଦଶମ ସ୍କନ୍ଦ’ର ପୂର୍ବାର୍ଦ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ପ୍ରତିଷ୍ଠାତା ପର୍ଶୁରାମ ଦ୍ୱିବେଦୀ, ସାହିତ୍ୟିକା ଡ. ଆରତି କର, ଏମ୍‌ସର ପ୍ରାକ୍ତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର, ଲେଖକ ସମବାୟ ସମିତିର ଉପସଭାପତି ଡ. ପ୍ରେମଲତା ଦେବୀ, ଦିଗ୍‌ବଳୟର ସମ୍ପାଦକ ଅଜୟ ମହାନ୍ତି ଉପସ୍ଥିତ ଥିଲେ। ରମାକାନ୍ତ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବିରଜା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।




ଜଟଣୀ ପୌର ପରିଷଦ ପକ୍ଷରୁ ଶୁକ୍ରବାର ବାହାରିଥିବା ସ୍ୱଚ୍ଛତା ସଚେତନତା ପଦଯାତ୍ରା।

## ସ୍ୱଚ୍ଛତା ସଚେତନତା ପଦଯାତ୍ରା

ଜଟଣୀ,୨୦।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛତା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳୱେ ପ୍ରଶାସନ ସହାୟତାରେ ସ୍ଥାନୀୟ ସୀତାରାମ ଛକଠାରୁ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରା ସୀତାରାମ ଛକ ଠାରୁ ଖୋର୍ଦ୍ଧାରୋଡ୍ ରେଳୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇଥିଲା। ପରେ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୮ ଟ୍ରାଫିକ କଲୋନୀ ଅଞ୍ଚଳ ଏବଂ ରେଳ ଷ୍ଟେଶନ ଅଞ୍ଚଳରେ ସମୂହ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅଭିଯାନ ପରିପ୍ରେକ୍ଷୀରେ ଜଟଣୀ ପୌର ପରିଷଦ ଏବଂ ଖୋର୍ଦ୍ଧାରୋଡ୍ ରେଳୱେର ମିଳିତ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ପୌର ପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳୱେ ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ପବନ କୁମାର ସିଂ, ପାରିଷଦଗଣ, ସ୍ୱଚ୍ଛସାଥି, ସଫେଇ କର୍ମଚାରୀ, ପୌର କର୍ମଚାରୀ, ରେଳୱେ କର୍ମଚାରୀ, ମହିଳା ଗୋଷ୍ଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସିରିଜ୍ ଚୋରି, ଜଣେ ଅଟକ

ବଲଙ୍ଗା,୨୦।୯(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ତରବୋଇ, ତେରହଲ, ଗୋପୀନାଥପୁର, ଖିରିଖିଆ, ତୋଟାପଡ଼ା, ଜୁଣୁପୁର ଗ୍ରାମର ଗ୍ରୋସରୀ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ତରବୋଇ ଗ୍ରାମର ସନାତନ ସ୍ୱାଇଁ, ତେରହଲ ଗ୍ରାମର ବିହାରୀ ସେନାପତି, ଗୋପୀନାଥପୁର ଗ୍ରାମର ନକୁଳ ସାହୁ, ଖିରିଖିଆ ଗ୍ରାମର ଜଳେନ୍ଦ୍ର ସେଠୀ, ତୋଟାପଡ଼ା ଗ୍ରାମର ଦିବାକର ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସମସ୍ତେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତା’ପର ଦିନ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# ବୋଲଗଡ଼ ବିକାଶ ସ୍ୱପ୍ନକୁ ସାକାର କରିଥିଲେ ଭାସ୍କର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୨୦।୯(ଦେବବ୍ରତ ହୋତା)

ବୋଲଗଡ଼ ରତ୍ନ ଭାବେ ପରିଚିତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ନନ୍ଦିଘୋଷ ଅନୁଷ୍ଠାନ ସୌଜନ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଶିକ୍ଷାବିତ୍ ହରିବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ବୋଲଗଡ଼ ବିକାଶର ସ୍ୱପ୍ନକୁ ସାକାର କରିବା ପାଇଁ ଭାସ୍କରବାବୁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁନୀଲ କୁମାର ରଥ, ନନ୍ଦିଘୋଷ ଉପଦେଷ୍ଟା ଗୁଣନିଧି ହୋତା, ବରିଷ୍ଠ ସଦସ୍ୟ ରବୀନ୍ଦ୍ର କୁମାର ପରିଡ଼ା, ପିଏନ୍ କଲେଜ ପରିଚାଳନା ପରିଷଦ ସଭାପତି ଡ. ସତ୍ୟନାରାୟଣ ରଥ ପ୍ରମୁଖ ଭାସ୍କରଙ୍କ ବହୁମୁଖୀ ପ୍ରତିଭା ବିଷୟରେ କହିଥିଲେ। ରବୀନ୍ଦ୍ର ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ବେଦପାଠ କରିଥିଲେ। ଗୋପୀନାଥ ଖାଡ଼ଙ୍ଗା, ପ୍ରଫୁଲ୍ଲ ମହାପାତ୍ର, ଦିବାକର ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ରଘୁନାଥ ଦଳବେହେରା, ଲଲାଟେନ୍ଦୁ କେଶରୀ ସିଂହ, ସୁଦର୍ଶନ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମଞ୍ଚାସୀନ ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱର୍ଗତ ଭାସ୍କରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ହୃଷୀକେଶ ନାୟକ ଓ ପ୍ରତାପ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଧୀରେଶ୍ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପୁସ୍ତକରେ ଓଡ଼ିଶାର ୨୪ବର୍ଷର ରାଜନୈତିକ ଅନୁଭୂତି

## ଅତନୁ ସବ୍ୟସାଚୀଙ୍କ ଲିଖିତ ‘ମୋ ଜୀବନ ମୋ ସମୟ’ ଲୋକାର୍ପିତ

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘ମୋ ଜୀବନ ମୋ ସମୟ’ ଲୋକାର୍ପଣ କରୁଛନ୍ତି।

ରାଜ୍ୟର ବିକାଶ ପାଇଁ ଆବଶ୍ୟକ ପ୍ରତିବଦ୍ଧତା ଓ ତ୍ୟାଗ। ଏ ସମ୍ପର୍କରେ ପାଠକଙ୍କୁ ‘ମୋ ଜୀବନ ମୋ ସମୟ’ ପୁସ୍ତକ ସୂଚନା ଦେବ। ୨୦୦୦ମସିହାରୁ ୨୦୨୪ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିକାଶକୁ ଏହି ପୁସ୍ତକ ଲୋକଙ୍କ ପାଖରେ ପହଞ୍ଚାଇବ। ବିଶେଷକରି ଯୁବପିଢ଼ି ଓଡ଼ିଶାର ରାଜନୀତିକୁ ଏହା ମାଧ୍ୟମରେ ନିକଟରୁ ଜାଣିପାରିବେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ପୂର୍ବତନ ମନ୍ତ୍ରୀ ତଥା ଲେଖକ ଅତନୁ ସବ୍ୟସାଚୀ ନାୟକଙ୍କ ପୁସ୍ତକ ‘ମୋ ଜୀବନ ମୋ ସମୟ’କୁ ଉନ୍ମୋଚନ କରି ମୁଖ୍ୟ ଅତିଥି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା କହିବା ସହ ଏହି ପୁସ୍ତକ ଅତନୁ ବାବୁଙ୍କ ରାଜନୀତି ଓ ସାମ୍ବାଦିକ ଜୀବନର ପ୍ରତିଫଳନ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ସମ୍ପାଦକ ପ୍ରଭୁ ଚାୱଲା କହିଲେ, ଓଡ଼ିଶାର ପରିବର୍ତ୍ତନ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇପାରିଛି। ତାଙ୍କ ଉପରେ ଅଧିକରୁ ଅଧିକ ପୁସ୍ତକ ଲେଖା ହେବାର ଆବଶ୍ୟକତା ରହିଛି। ଲେଖକୀୟ ବକ୍ତବ୍ୟ ଓ ଅନୁଭୂତି ପ୍ରକାଶ କରି ଲେଖକ ନାୟକ କହିଲେ, ରାଜନୀତି ବନ୍ଧନ ଭିତରେ ଅନେକ କିଛି ଲେଖି ହୁଏନି, ମାତ୍ର ମୁଁ ମୋ ଅନୁଭବକୁ ଏହି ପୁସ୍ତକ ମାଧ୍ୟମରେ ଲେଖିବାକୁ ଚେଷ୍ଟା କରିଛି। ମୋତେ ପ୍ରଭାବିତ କରିଥିବା ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଉଲ୍ଲେଖ କରିଛି। ରାଜନୀତି ଜୀବନରେ ଅନେକ ଭଲ କଥା ବାହାରକୁ ଆସିବାର ଆବଶ୍ୟକତା ରହିଛି। ସାହିତ୍ୟିକ ଦାଶ ବେନହୁର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲାକ ଇଗଲ୍ସ ବୁକ୍ ପ୍ରକାଶନୀ ସଂସ୍ଥା ପକ୍ଷରୁ ଏହି ପୁସ୍ତକ ପ୍ରକାଶିତ ହୋଇଛି।

## ସ୍କୁଟି ଡିକି ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୯(ସତ୍ୟଜିତ୍ ରାଉତ)

ସ୍କୁଟି ଡିକି ଭାଙ୍ଗି ଚୋରି କରିବା ମାମଲାରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ନନ୍ଦନକାନନ ଅଞ୍ଚଳର ଦୁଷ୍ମନ୍ତ ସୁବୁଦ୍ଧି ଓରଫ ଚିନୁ (୩୪)। ତାଙ୍କଠାରୁ ୫ ହଜାର ଟଙ୍କା ଓ ଦୁଇଟି ଦାମୀ ମୋବାଇଲ ଜବତ ହୋଇଛି। କୋର୍ଟଚାଲାଣ ପରେ ଦୁଷ୍ମନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ-୮ ଅଞ୍ଚଳରେ ରହୁଥିବା ଅଭିଜିତ ସେଠୀ ଗତ ବୁଧବାର ରାଜଧାନୀ କଲେଜକୁ ଯାଇଥିଲେ। ସେ କଲେଜ ପରିସରରେ ନିଜ ସ୍କୁଟିକୁ ପାର୍କିଂ କରିଥିଲେ। ସ୍କୁଟି ଡିକିରେ ଅଭିଜିତ ତାଙ୍କ ମୋବାଇଲ, ୨ଟି ଏଟିଏମ୍ କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇକାର୍ଡ, ମନିପର୍ସ ସହ ୧୦ ହଜାର ଟଙ୍କା ଥିଲା। ଅଭିଯୁକ୍ତ ଦୁଷ୍ମନ୍ତ ସ୍କୁଟି ଡିକି ଭାଙ୍ଗି ସବୁ ଚୋରିକରି ନେଇଯାଇଥିଲେ। ଏପରିକି ଅଭିଯୁକ୍ତ ଦୁଷ୍ମନ୍ତ ଏଟିଏମ୍ କାର୍ଡ ବ୍ୟବହାର କରି ସେଥିରୁ ୨୫ ହଜାର ଟଙ୍କା ଉଠାଇ ନେଇଥିଲେ।

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
Brahmapur-760004, Ganjam, Odisha
Tel. 0680-2292624, FAX. : 0680-229275,
E-mail : supdtmkcg@gmail.com, mkcgmchberhampur@gmail.com,
Website : www.mkcgmch.org

No.12690.MCH/F&S/2024 D/Berhampur the, 17.09.2024

**TENDER CALL NOTICE**

No.E-338 : Sealed Qutotion(s) in prescribed proforma are invited from the reputed local wholesale Dealers/Authorized stockiest/ N.G.Os/Co-operative stores for supply of the Printing articles to this hospital. The details of articles with specification along with other terms and conditions available in website www.ganjam.nic.in / www.mkcgmch.org. The last date of the receipt of the Quotation(s) through Regd. Post/Speed post/Courier is on or before 05.10.2024 up to 5.30 P.M. and will be opened on 07.10.2024 12.30 P.M.

Sd./- Superintendent
M.K.C.G Medical College Hospital,
Berhampur

OIPR-10028/11/0023/2425

# ଦୁଗ୍ଧଚାଷୀଙ୍କୁ ବର୍ଦ୍ଧିତ ଦର ପ୍ରଦାନ ଦାବିକଲା ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର, ୨୦।୯(ବନ୍ଦନା ସେଠୀ)

## ଦାବି ପୂରଣ ନ ହେଲେ ଗଣଆନ୍ଦୋଳନ

ଦୁଗ୍ଧଚାଷୀଙ୍କ ଦାବି ଅନୁସାରେ ବର୍ଦ୍ଧିତ ଦର ପ୍ରଦାନ କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ୧୯୮୦ରେ ଚାଷୀ ସମବାୟ ସଂସ୍ଥା ଓମ୍‌ଫେଡ୍ ଗଠନ କରିଥିଲେ। ରାଜ୍ୟର ଦୁଗ୍ଧଚାଷୀଙ୍କୁ ସଂଗଠିତ କରି ଦୁଗ୍ଧର ଉଚିତ ମୂଲ୍ୟ ପ୍ରଦାନ କରିବା, ଦୁଗ୍ଧର ଅଭାବୀ ବିକ୍ରି ରୋକିବା, ଖାଉଟିମାନଙ୍କୁ ଶସ୍ତା ଓ ସୁଲଭ ମୂଲ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଦିନକୁ ପ୍ରାୟ ଦେଢ଼ଲକ୍ଷ ଚାଷୀଙ୍କଠାରୁ ଓମ୍‌ଫେଡ୍ ୫ଲକ୍ଷ ଲିଟର କ୍ଷୀର ସଂଗ୍ରହ କରି ଏହାକୁ ବଜାରରେ ବିକ୍ରୟ କରୁଛି। ମାତ୍ର ଦୁଃଖର କଥା ଚାଷୀଙ୍କୁ ଓମ୍‌ଫେଡ୍ ଉଚିତ ମୂଲ୍ୟ ଦେଉନାହିଁ। ଗତ ୧୦ ତାରିଖରେ ଓମ୍‌ଫେଡ୍ ପକ୍ଷରୁ ପୂର୍ବର ୫୨ଟଙ୍କାରେ ବିକ୍ରି ହେଉଥିବା କ୍ଷୀର ଲିଟର ହଠାତ ୬୨ ଟଙ୍କା ୨୦ ପଇସାକୁ ବଢ଼ାଇ ଦିଆଯାଇଛି। ମାତ୍ର ଚାଷୀଙ୍କୁ ଲିଟର ପିଛା ୫ ଟଙ୍କା ବୃଦ୍ଧି କରିବା ଲାଗି ଦୀର୍ଘଦିନ ଧରି ଦାବି ହେଇଆସୁଥିଲେ ମଧ୍ୟ ଓମ୍‌ଫେଡ୍ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାର ସେ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ତେବେ ଯଥାଶୀଘ୍ର ସରକାର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଶୁକ୍ରବାର ମହାସଂଘ ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ କ୍ଷୋଭ ପ୍ରକାଶ ପାଇଛି। ରାଜ୍ୟ ସରକାର ୨୬ ଟଙ୍କାରେ ବିକ୍ରି ହେଉଥିବା କ୍ଷୀର ପ୍ୟାକେଟ୍‌କୁ ୨୮ଟଙ୍କାକୁ ବୃଦ୍ଧି କରିଥିବାବେଳେ କ୍ଷୀର ପରିମାଣକୁ ୫୦୦ ମିଲିରୁ ୪୫୦ ମିଲିକୁ କମାଇ ଦିଆଯାଇଛି। ଫଳରେ ପ୍ୟାକେଟ୍ ପିଛା ୨ଟଙ୍କା ଅଧିକ ପାଉଥିବାବେଳେ ଦୁଗ୍ଧଚାଷୀଙ୍କ ଦାବି ପୂରଣ କରାଯାଉନାହିଁ। ତେଣୁ ଏ ଦିଗରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ଧ୍ୟାନ ଦେବା ସହ ଦୁଗ୍ଧ ଲିଟର ପିଛା ଚାଷୀଙ୍କୁ ୪୦ ଟଙ୍କା ପ୍ରଦାନ କରିବା, ଏନ୍‌ଡିଡିବି, ଓଡ଼ିଶା ସରକାର ଏବଂ ଓମ୍‌ଫେଡ୍ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ଚୁକ୍ତି ବାତିଲ କରିବା, ପଶୁସମ୍ପଦ ପାଇଁ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଚଳନ କରିବା, ଦୁଗ୍ଧଚାଷୀଙ୍କୁ ବିନା ସୁଧରେ ଡାଏରୀ ଫାର୍ମ ପାଇଁ ଋଣ ଯୋଗାଇଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି।

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Phone/Fax: 0674-2392480/79
E-mail ld-hrdnrhm1@gmail.com

Advt.No.23/24 Date:21.09.2024

**Walk-in-Interview**

**No.E-335:** Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and coterminus with the scheme. Lower age limit is 21 years as on dtd. 01.09.2024.

| Sl. No. | Name of the Post | Remuneration (in Rs.), Performance Incentive (P.I) & other allowances as admissible | No. of Vacancy | Date of Registration/ Interview |
|---|---|---|---|---|
| 1 | Consultant, NLEP | Rs.59,707/- + P.I. | 01 | 18.10.2024 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, ToR, Application Form etc. Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date. No application will be received after scheduled date & timing of registration. Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist-Khordha, Pin – 751012, Odisha. The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd/- Mission Director, NHM
Member Secretary, OSH&FWS, Odisha

OIPR-10084/11/0008/2425

# ପାନଚାଷ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ କମୁଛି

**ଅସ୍ତରଙ୍ଗ,୨୦ା୯(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ରାଜ୍ୟରେ ପାନଚାଷ ପାଇଁ ଅସ୍ତରଙ୍ଗ ଅଞ୍ଚଳ ବେଶ୍ ଜଣାଶୁଣା। ତେବେ ସମ୍ପ୍ରତି ଏଠାକାର ଯୁବପିଢ଼ିଙ୍କ ମଧ୍ୟରେ ପାନଚାଷ ପ୍ରତି ଆଗ୍ରହ କମୁଥିବା ଦେଖିବାକୁ ମିଳିଛି। ପାନ ଚାଷ ପାଇଁ ପ୍ରୋତ୍ସାହନ ନ ମିଳିବା, ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଏହାର କାରଣ ବୋଲି କେତେଜଣ ପାନଚାଷୀ କହିଛନ୍ତି। ପାନ ବିକ୍ରି ଲାଗି ଅସ୍ତରଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ପାନ ହାଟ ନ ଥିବାରୁ ଚାଷୀମାନେ ୧୦ରୁ ଊର୍ଦ୍ଧ୍ୱ କିଲୋମିଟର ଦୂର ଓଥକା, ନୟାହାଟ ଓ ପିପିଲି ହାଟକୁ ଯାଇଥାନ୍ତି। ପ୍ରତି ହାଟ ପାଳିରେ ଅସ୍ତରଙ୍ଗ ବ୍ଲକର ଶିଶୁଅ, ସରିପୁର, କେନ୍ଦ୍ରାପଟି, କୋରଣା, ମାଣ୍ଡୁକି ଅଞ୍ଚଳର ଶତାଧିକ ଚାଷୀ ପାନ ନେଇ ନୟାହାଟକୁ ଯାଇଥାନ୍ତି। ଏଠାରୁ ପଶ୍ଚିମବଙ୍ଗ ସମେତ ବିଭିନ୍ନ ସ୍ଥାନକୁ ପାନ ପଠାଯାଇଥାଏ। ଅନେକ ସମୟରେ



ପାନର ଦର କମ୍ ରହୁଥିଲା ବେଳେ ବରଜ ପାଇଁ ଆବଶ୍ୟକ ସରଞ୍ଜାମ ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଚାଷୀମାନେ ଏହି ଚାଷରୁ ଆଶାନୁଯାୟୀ ଲାଭ ପାଇପାରୁନାହାନ୍ତି। ପୂର୍ବରୁ ବାଉଁଶ ଖଣ୍ଡକୁ ୫୦ରୁ ୬୦ଟଙ୍କାରେ ମିଳିଯାଉଥିଲା। ଏବେ ତାହା ୧୫୦ରୁ ୨୦୦ ଟଙ୍କାରେ ପହଞ୍ଚିଛି। ଏଥିସହ ଅସ୍ତରଙ୍ଗ ଅଞ୍ଚଳରେ ବାଉଁଶ ଡିପୋ ନ ଥିବାରୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାନଚାଷରେ ବ୍ୟବହୃତ ପିଡିଆ ସମେତ କତା, ଇଙ୍କର, ପାଖୁଡି, ଯୁଣ ଓ ପଟର ମୂଲ୍ୟ ବୃଦ୍ଧି ଘଟିଛି। ଫଳରେ ପାନଚାଷୀ ଚିନ୍ତାରେ ପଡ଼ିଛନ୍ତି। ୨୦୧୯ ଫନୀ ବାତ୍ୟାରେ ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ପାନ

### ମିଳୁନି ପ୍ରୋତ୍ସାହନ, ବଢୁଛି ଆବଶ୍ୟକ ସାମଗ୍ରୀ ଦର

ବରଜ ନଷ୍ଟ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ୨ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସରକାରୀ ସହାୟତା ମିଳିପାରିନାହିଁ। ଫଳରେ ସାମାନ୍ୟ ପବନ ହେଲେ ପାନଚାଷୀଙ୍କ ଛାତିରେ ଛନକା ପଶିଯାଉଛି। ଖରାଦିନେ ଓ ବର୍ଷାଦିନେ ପାନର ମୂଲ୍ୟ କମ୍ ରହୁଛି। ଏହି ସମୟରେ ବାହାର ବ୍ୟବସାୟୀମାନେ ଆସି କମ୍ ମୂଲ୍ୟରେ ପାନ କିଣି ନେଉଛନ୍ତି। ବଜାର ସୁବିଧା ନ ଥିବାରୁ ବାହାର ବ୍ୟବସାୟୀଙ୍କ ଉପରେ ଚାଷୀ ନିର୍ଭର କରୁଛନ୍ତି। ଏଭଳି ନାନା ସମସ୍ୟା ଯୋଗୁ ଯୁବପିଢ଼ି ଏହି ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ସରକାରୀ ପ୍ରୋତ୍ସାହନ ମିଳିଲେ ଯୁବବର୍ଗ ଏଥିପ୍ରତି ଆକୃଷ୍ଟ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଜଗନ୍ନାଥଙ୍କୁ ଲାଗିହେଲା ବ୍ରହ୍ମକମଳ



**ସାକ୍ଷୀଗୋପାଳ, ୨୦ା୯(ଭରତ ରାଉତ)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସବିଦ୍ୟାଧରପୁର ପଞ୍ଚାୟତ ପାଟଣାସାହି ଗ୍ରାମର କମଳା ପରିଡ଼ାଙ୍କ ବାଡ଼ିରେ ଏକ ବ୍ରହ୍ମକମଳ ଫୁଲ ଫୁଟିଥିଲା। ଏହାକୁ ଦେଖିବାକୁ ଲୋକେ ଭିଡ଼ ଜମାଇଥିଲେ। ଫୁଲ ଫୁଟିବା ସ୍ଥାନରେ ଝୁଣା, ଧୂପ, ଶଙ୍ଖ, ଘଣ୍ଟଘଣ୍ଟା,ମୃଦଙ୍ଗ ତାଳେ ତାଳେ ହରିନାମ ଭଜନ କରାଯାଇଥିଲା। ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ସହ ଏହି ଫୁଲଟିକୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅର୍ପଣ କରାଯାଇଛି।

### କଣାସ ପଞ୍ଚାୟତ ସମିତିର ନବମ ବୈଠକ କୋରମ ଅଭାବରୁ ବାତିଲ୍

**କଣାସ,୨୦ା୯(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ପଞ୍ଚାୟତ ସମିତିର ନବମ ବୈଠକ ଶୁକ୍ରବାର ପୂର୍ବାହ୍ନରେ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ନାରାୟଣ ସାହୁ ବୈଠକ ଡାକିଥିଲେ। କଣାସ ବ୍ଲକର ୨୮ଟି ପଞ୍ଚାୟତର ୫୬ଜଣ ଲୋକପ୍ରତିନିଧି ଥିବାବେଳେ ବିଧାୟକ ଓ ସାଂସଦ ମିଶି ୫୮ଜଣ ଯୋଗଦେବାକୁ ଥିବାବେଳେ ମାତ୍ର ୧୧ଜଣ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ବିଡିଓ ନାରାୟଣ ସାହୁ, ଜିଲାପରିଷଦ ସଭ୍ୟା ଲତାମଣୀ ଜଗଦ୍ଦେବ, କଣାସ ଆଇଆଇସି ରାକେଶ କୁମାର ତ୍ରିପାଠୀ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରମେଶ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଏନେଇ ବିଡିଓ ନାରାୟଣ ସାହୁ କହିଛନ୍ତି, ଦୀର୍ଘ ଦେଢ଼ଘଣ୍ଟା ଧରି ଅପେକ୍ଷା କରିବା ପରେ କୋରମ ନ ହେବାରୁ ବାତିଲ୍ କରାଯାଇଛି। ବିଜେଡି-ବିଜେଡି ମଧ୍ୟରେ ଛକାପଞ୍ଝା ଯୋଗୁ ଆଜି ଲୋକ ପ୍ରତିନିଧିମାନେ ସଭାରେ ଯୋଗଦେଇ ନ ଥିବା ଜଣାପଡ଼ିଛି।

### ମଇଁଷି ପାଳନରୁ ମୁହଁ ଫେରାଉଛନ୍ତି ଚାଷୀ

**କଣାସ,୨୦ା୯(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ୍‌ରେ ପୂର୍ବରୁ ୫୮୪ ହେକ୍ଟର ଗୋଚର ଓ ଅନାବାଦୀ ଜମିରେ ମଇଁଷିମାନେ ଚରାବୁଲା କରି ଖାଦ୍ୟ ସଂଗ୍ରହ କରିଆସୁଥିଲେ। ଏବେ ଉକ୍ତ ଜମି ଜବରଦଖଲରେ ଥିବାରୁ ମଇଁଷିମାନେ ଚରାବୁଲା କରିବା ପାଇଁ ଜାଗା ପାଉନାହାନ୍ତି। ମଇଁଷିମାନେ ସର୍ବଦା କାଦୁଅପଙ୍କରେ ବୁଲୁଥିବାରୁ ସେମାନଙ୍କୁ ବଜବଜିଆ, ସାହାଣ ରୋଗ ହେଉଛି। ନିର୍ଦ୍ଦିଷ୍ଟ ସମୟରେ ପ୍ରତିକାର ଟିକା ଦିଆଯାଉ ନ ଥିବାରୁ ମଇଁଷିମାନେ ମୃତ୍ୟୁବରଣ କରୁଥିବାରୁ ଚାଷୀମାନେ ମଇଁଷି ପାଳନରୁ ମୁହଁ ଫେରାଇ ନେଉଛନ୍ତି। କଣାସରେ ମୁଖ୍ୟ ପ୍ରାଣୀଚିକିତ୍ସା କେନ୍ଦ୍ର ଥିବାବେଳେ ୧୧ଟି ପ୍ରାଥମିକ କେନ୍ଦ୍ର ରହିଛି। ତେବେ ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କ ପଦବୀ ଖାଲି ରହିଥିବା ବେଳେ ୧୧ଟି ପ୍ରାଥମିକ କେନ୍ଦ୍ରରେ ୩ଜଣ ଚିକିତ୍ସକ ରହିଛନ୍ତି। ଫଳରେ ଠିକ୍ ସମୟରେ ଚିକିତ୍ସା ମିଳୁନାହିଁ । ଏ ସମ୍ପର୍କରେ କଣାସ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅନୁପମ ଜେନା କହିଛନ୍ତି, ପ୍ରତିବର୍ଷ ଆମେ ବଜବଜିଆ ଓ ସାହାଣ ଟିକା ଦେଉଛୁ ।





ନିମାପଡ଼ା ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ, କୁଇଜ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ ।

## ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ସମାରୋହ

**ନିମାପଡ଼ା,୨୦ା୯ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ, କୁଇଜ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ନିମାପଡ଼ା ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରତିଭା ମହାନ୍ତି, ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଶିକ୍ଷାବିତ୍ ବସନ୍ତ ସ୍ୱାଇଁ, ସିମନ୍ତ ଶେଖର ରଥ, ଗଙ୍ଗାଧର ପତି ପ୍ରମୁଖ ଯୋଗଦେଇ ବିଜ୍ଞାନ ଓ ବୈଷୟିକ ଜ୍ଞାନ ପ୍ରତି ଛାତ୍ରୀଛାତ୍ରମାନେ ଆକୃଷ୍ଟ ହେବା ଆବଶ୍ୟକ, ଭାରତ ବର୍ଷ ବିଜ୍ଞାନ କ୍ଷେତ୍ରରେ ବହୁଳ ଭାବେ ଅଗ୍ରଗତି କରିଛି। ଏହି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଅଭିହିତ କରିଥିଲେ। ଆୟୋଜିତ ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ୨୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ହୋଇଥିବା ବରିଷ୍ଠ ବିଭାଗର ଲିପୁନ ଗୁରୁ, କନିଷ୍ଠ ବିଭାଗରେ ମେହେମୁଦ୍ ଖାତୁନ୍, ଉପକନିଷ୍ଠ ବିଭାଗରେ ଆଶୀର୍ବାଦ ପ୍ରଧାନଙ୍କ ସମେତ ୯ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ଲକର ୨୨ଜଣ ସିଆର୍‌ସିସି, ଆଞ୍ଚଳିକ ସାଧନ ସଂଯୋଜକ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୁଭଶ୍ରୀ ଶୁଭସ୍ମିତା ଜିଲାସ୍ତରକୁ ମନୋନୀତ



ବିଜ୍ଞାନ ସେମିନାରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ।

**ସାକ୍ଷୀଗୋପାଳ,୨୦ା୯ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ସତ୍ୟବାଦୀ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟା ଦେ ନୋଡାଲ ହାଇସ୍କୁଲର ଛାତ୍ରୀ ଶୁଭଶ୍ରୀ ଶୁଭସ୍ମିତା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶୁଭଶ୍ରୀ ତୃତୀୟା ଦେ ନୋଡାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ନିରୁପମା ବରାଳଙ୍କ ତତ୍ତ୍ୱାବଧାନରେ ସମ୍ପ୍ରତି ମଣିଷ କିଭଳି କୃତ୍ରିମ ବୁଦ୍ଧିମତା (ଏଆଇ) ପ୍ରୟୋଗ କରି ଲକ୍ଷ୍ୟ ହାସଲ କରୁଛି ଏବଂ ଆଗାମୀ ଦିନରେ ମାନବ ସମାଜ ଉପରେ ପଡୁଥିବା ଏହାର ପ୍ରଭାବକୁ ଚିତ୍ରଣ କରିଥିଲେ। ଏଥିରେ ବ୍ଲକର ୧୮ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ସହ ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ବିଆର୍‌ସିସି ତଥା ଏବିଇଓ ପ୍ରଭାସ ଚନ୍ଦ୍ର କରଣ ଏବଂ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ସ୍ଥାନୀୟ ଏକ କଲେଜର ଅଧ୍ୟକ୍ଷା ରୁପାଲୀ ସାହୁ, ଶିକ୍ଷକ ପ୍ରଦୀପ ମହାପାତ୍ର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ର, ପୂଜା ମିଶ୍ର, ଶିଳ୍ପୀରେଖା ତ୍ରିପାଠୀ, ଶ୍ୱେତା ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସେମିନାର ପରିଚାଳନାରେ ସହଯୋଗ କରିଥିଲେ। ସତ୍ୟବାଦୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଗୁଳିକାଣ୍ଡ ଘଟଣା ୫ଦିନ ବିତିଲା, ପୋଲିସ ହାତ ଖାଲି

**ଯୋଗେଶ୍ୱରପୁର,୨୦ା୯(ରଶ୍ମିରଞ୍ଜନ ସାହୁ)**

କୁଣ୍ଢେଇହାଟ ଗୁଳିକାଣ୍ଡ ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ଏବେବି ପୋଲିସ ହାତ ଖାଲି ଥିବା ଜଣାପଡ଼ିଛି। ସୁନା ବ୍ୟବସାୟୀ ନିରଞ୍ଜନ ସାହୁଙ୍କୁ ୨ଜଣ ଯୁବକ ହତ୍ୟା ଉଦ୍ୟମ କରି ଗୁଳି ମାରିଥିଲେ। ନିରଞ୍ଜନ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସାହୁଙ୍କ ଦୋକାନରୁ ସୁନା ଜିନିଷ ଲୁଟ ହୋଇ ନ ଥିବାବେଳେ ଗୁଳିମାଡ଼ ପଛରେ କାହାର ହାତ ଅଛି ବୋଲି ପୋଲିସ ଘଟଣାର ଛାନ୍‌ଭିନ କରୁଥିବାବେଳେ ଅଦ୍ୟାବଧି ପୋଲିସ ମୁଖ୍ୟ ଆସାମୀ ଧରିବାରେ ବିଫଳ ହୋଇଛି। ନୟାହାଟ ଅଞ୍ଚଳ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଗୁଳିକାଣ୍ଡ ଘଟଣାରେ ସୁଜାଗଡ଼ (କ) ଗ୍ରାମରୁ କାର, ସୁନା, ଟଙ୍କା ଜବତ କରାଯାଇଛି। ପୋଲିସ ଜଣକୁ ସନ୍ଦେହ କରି ଅଟକ ରଖିବା ଘଟଣାକୁ ୫ ଦିନ ବିତିଯାଇଥିଲେ ସୁଦ୍ଧା ଅନ୍ୟ ଅଭିଯୁକ୍ତମାନଙ୍କ ଟେର୍ ପାଉନି ପୋଲିସ। ଗୁଳିକାଣ୍ଡ ଘଟଣାରେ ପୋଲିସ କେବେ ଅପରାଧୀମାନଙ୍କୁ ଗିରଫ କରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସିରିଜ୍ ଚୋରି, ଜଣେ ଅଟକ

**ବଳଙ୍ଗା,୨୦ା୯(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅନ୍ତର୍ଗତ ତରବୋଇ, ତେରହଳ, ଗୋପୀନାଥପୁର, ଖିରିଖିଆ, ତୋଟାପଡ଼ା, ଜୁଣ୍ଟୁପୁର ଗ୍ରାମର ଗ୍ରୋସରୀ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ତରବୋଇ ଗ୍ରାମର ସନାତନ ସ୍ୱାଇଁ, ତେରହଳ ଗ୍ରାମର ବିହାରୀ ସେନାପତି, ଗୋପୀନାଥପୁର ଗ୍ରାମର ନକୁଳ ସାହୁ, ଖିରିଖିଆ ଗ୍ରାମର ଜଳେନ୍ଦ୍ର ସେଠୀ, ତୋଟାପଡ଼ା ଗ୍ରାମର ଦିବାକର ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସମସ୍ତେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତା'ପର ଦିନ ଦୋକାନକୁ ଆସି ଦେଖନ୍ତି ଯେ, ସମସ୍ତଙ୍କ ଦୋକାନ ତାଲା ଭଙ୍ଗାଯାଇ ଆସବାବପତ୍ର ଓ ବହୁ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଚାରିଛକ ଥାନା ଅଧୀନ ଜୁଣ୍ଟୁପୁର ଗ୍ରାମର ରବୀନ୍ଦ୍ର ଜେନା ବଜାରକୁ ଆସି ହୋଟେଲରେ ଖାଉଥିବାବେଳେ ତାଙ୍କର ବାଇକ୍ କେହି ଦୁର୍ବୃତ୍ତ ନେଇ ଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା କଥାକୁ ଗୁରୁତର ସହ ନେଇ ୬ଟି ମାମଲା ୨୫୮, ୨୫୯, ୨୬୦, ୨୬୧, ୨୬୨, ୨୬୩/୨୪ ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଥାନାରେ ଅଟକ ରଖାଯାଇଛି।



ସୁଭଦ୍ରା ଯୋଜନାରେ ଆଧାର ଲିଙ୍କ୍ ପାଇଁ ଆଶାୟୀ ହିତାଧିକାରୀମାନେ ପୁରୀ ମୁଖ୍ୟ ଡାକଘର ସମ୍ମୁଖରେ ରାତିରେ ଇଟା ଥୋଇବା ସହ ଧାଡ଼ି ଲଗାଇଛନ୍ତି ।

## ୨୨ରୁ ରାଜ୍ୟ ବିଦ୍ୟାଳୟସ୍ତରୀୟ ଖୋ ଖୋ

### ଭାଗନେବେ ୧୪ଶହ ଛାତ୍ରୀଛାତ୍ର

**ପୁରୀ,୨୦ା୯(ଅଜିତ୍ କୁମାର ମହାନ୍ତି)**

ଚଳିତ ମାସ ୨୨ରୁ ୨୬ତାରିଖ ପର୍ଯ୍ୟନ୍ତ ପୁରୀରେ ରାଜ୍ୟ ବିଦ୍ୟାଳୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଶୁକ୍ରବାର ଜିଲା ସ୍କୁଲ ପରିସରରେ ଏକ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଭାଗନେବେ। ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୧୪ଶହ ଛାତ୍ରୀଛାତ୍ର ଭାଗନେବେ ବୋଲି ଜିଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ପରିଚାଳିତ ହେବ ସେ ନେଇ ବୈଠକରେ ଆଲୋଚନା କରାଯାଇଛି। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ସମର୍ଥା, ଜିଲା କ୍ରୀଡ଼ା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର ବିଶ୍ୱାଳ, ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଏବଂ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ବୈଠକରେ ଯୋଗଦେଇଥିଲେ। ସମସ୍ତ କ୍ରୀଡ଼ା ଶିକ୍ଷକମାନଙ୍କୁ ପାଞ୍ଚଟି ଜିଲାର ଦାୟିତ୍ୱ ନେବାକୁ ପରାମର୍ଶ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ଜିଲା ସ୍କୁଲ, ପୋଲିସ ଲାଇନ ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ଏବଂ ଭୋଳାନାଥ ବିଦ୍ୟାପୀଠରେ ରହିବାର ବ୍ୟବସ୍ଥା କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

## ଜନାବ ହାଜି ସେଖ୍ ଅବଦୁଲ୍ ହାଫିଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା



ଖାନପୁର ମସଜିଦ ଇମାମ ଜନାବ ହାଜି ସେଖ ଅବଦୁଲ ହାଫିଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି ।

**ଅସ୍ତରଙ୍ଗ,୨୦ା୯(ମମତା ଜେନା)**

ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ଖାନପୁର ଗ୍ରାମରେ ମସଜିଦ ଇମାମ ଜନାବ ହାଜି ସେଖ ଅବଦୁଲ ହାଫିଜ୍ ଶୁକ୍ରବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ସେ ଏହି ମସ୍‌ଜିଦରେ ୩୮ ବର୍ଷ ନିଷ୍ଠାପର ଭାବେ କାର୍ଯ୍ୟ ତୁଲାଉଥିଲେ। କାର୍ଯ୍ୟକ୍ରମରେ ଏସିଏସ୍‌ର ସଭାପତି ମୁନସଫ ଖାଁଙ୍କ ନେତୃତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଇମାମ ଜନାବ ହାଜି ସେଖ୍ ଅବଦୁଲ ହାଫିଜ୍ ଜଣେ ନିଷ୍ଠାପର, ଧର୍ମପରାୟଣ, ପରୋପକାରୀ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ବିଦାୟ ଉତ୍ସବରେ ଗ୍ରାମର ସମସ୍ତ ବରିଷ୍ଠ ବ୍ୟକ୍ତିବିଶେଷଙ୍କ ସହ ଯୁବକ, କୁନିକୁନି ପିଲା ଉପସ୍ଥିତ ରହି ପୁଷ୍ପମାଲ୍ୟ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଏସିଏସ୍‌ର ସାଧାରଣ ସମ୍ପାଦକ ରିହାନ ଖାଁ ସହିତ ଗ୍ରାମର ମୁଜାହିତ, ଏଜାଜ ଅହମ୍ମଦ, କଲାମ, ମିନହାଜ ହାଫିଜ, ସବିର ଖାନ୍, ଫିରଜ, ମେହେବୁବ୍, ସଲା ଉଦ୍ଦିନଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ଇମାମ ଜନାବ ହାଜି ସେଖ ଅବଦୁଲ ହାଫିଜ୍‌ଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

## ପିଏମ୍ ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି

**କଣାସ,୨୦ା୯(ବିଭୂତି ଭୂଷଣ ତ୍ରିପାଠୀ)**



ପିଏମ୍ ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ୱାର୍ଦ୍ଧାଠାରୁ ଦେଶର ସମସ୍ତ ବିଶ୍ୱକର୍ମା ତଥା କାରିଗରଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ଭାରତ ସରକାରଙ୍କ ଦକ୍ଷତା ବିକାଶ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁରୀ ଜିଲାରେ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଜନଶିକ୍ଷଣ ସଂସ୍ଥାନ ତରଫରୁ ପିଏମ୍ ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି ଅବସରରେ କଣାସ ବ୍ଲକସ୍ଥିତ ଦୟାବିହାରଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ପ୍ରତିଷ୍ଠାନର ଅଧ୍ୟକ୍ଷ କସ୍ତୁରୀଚରଣ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି।

ଏହି ସଭାରେ ଜିଲାର ଏକ୍‌ଜିକ୍ୟୁଟିଭ୍ ପ୍ରୋଜେକ୍ଟ ଅଫିସର ସୁବାସ ଚନ୍ଦ୍ର ବେହେରା, ଏଲ୍‌ଡିଏମ୍ କିଶୋର କୁମାର ଆଚାର୍ଯ୍ୟ, କଣାସ ଭାରତୀୟ ଶାଖା ପରିଚାଳକ, ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା ପୁରୀ, ଜେଏସ୍‌ଏସ୍ ଅଧ୍ୟକ୍ଷ ଜ୍ଞାନବିକାଶ ଗଜେନ୍ଦ୍ର, ଶିକ୍ଷାବିତ୍ ସୁଦର୍ଶନ ପରିଡ଼ା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଉତ୍ସବରେ ଜିଲାର ବିଭିନ୍ନ ବ୍ଲକରୁ ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ୩୫୭ଜଣ ହିତାଧିକାରୀ ଯୋଗ ଦେଇଥିଲେ। ପିଏମ୍ ବିଶ୍ୱକର୍ମା ଯୋଜନାରେ ୫ଦିନିଆ ମୌଳିକ ତାଲିମପ୍ରାପ୍ତ ହୋଇଥିବା ୧୯୫ଜଣଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ୧୫୪ଜଣ ରାଜମିସ୍ତ୍ରୀ, ୪୧ଜଣ ସିଲେଇ କାରିଗର ଥିଲେ। ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ଏନ୍‌ଏସ୍‌ଡିସି ଅଧିକାରୀ ସୁଜାତା ସାହୁ ଉପସ୍ଥିତ ଥିଲେ। ଜିଲାର ୧୦ଜଣ ସଫଳ ହିତାଧିକାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କର୍ମଚାରୀ କିଶୋର ହାତୀ ପରିଚାଳନା କରିଥିଲେ।

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
Brahmapur-760004, Ganjam, Odisha
Tel. 0680-2292624, FAX. : 0680-229275,
E-mail : supdtmkcg@gmail.com, mkcgmchberhampur@gmail.com,
Website : www.mkcgmch.org
No.12690.MCH/F&S/2024 D/Berhampur the, 17.09.2024

**TENDER CALL NOTICE**

No.E-338 : Sealed Qutotion(s) in prescribed proforma are invited from the reputed local wholesale Dealers/Authorized stockiest/ N.G.Os/Co-operative stores for supply of the Printing articles to this hospital. The details of articles with specification along with other terms and conditions available in website www.ganjam.nic.in / www.mkcgmch.org. The last date of the receipt of the Quotation(s) through Regd. Post/Speed post/Courier is on or before 05.10.2024 up to 5.30 P.M. and will be opened on 07.10.2024 12.30 P.M.

Sd./- Superintendent
M.K.C.G Medical College Hospital,
Berhampur
OIPR-10028/11/0023/2425

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Phone/Fax: 0674-2392480/79
E-mail ld-hrdnrhm1@gmail.com

Advt.No.23/24 Date:21.09.2024

**Walk-in-Interview**

**No.E-335:** Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and coterminus with the scheme. Lower age limit is 21 years as on dtd. 01.09.2024.

| Sl. No. | Name of the Post | Remuneration (in Rs.), Performance Incentive (P.I) & other allowances as admissible | No. of Vacancy | Date of Registration/ Interview |
|---|---|---|---|---|
| 1 | Consultant, NLEP | Rs.59,707/- + P.I. | 01 | 18.10.2024 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, ToR, Application Form etc. Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date. No application will be received after scheduled date & timing of registration. Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist-Khordha, Pin – 751012, Odisha. The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd/- Mission Director, NHM
Member Secretary, OSH&FWS, Odisha
OIPR-10084/11/0008/2425

# ସିଆର୍‌ପିଏଫ୍ ଯବାନଙ୍କ ଆକସ୍ମିକ ମୃତ୍ୟୁ

ନୂଆପଡ଼ା,୨୦।୯
(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଦାଥୁନାମା ସିଆର୍‌ପିଏଫ୍ କ୍ୟାମ୍ପରେ ଝାଡୁଦାର ଭାବରେ କାର୍ଯ୍ୟରତ ୨୧୬ ବାଟାଲିଅନ ଯବାନଙ୍କ ଶୁକ୍ରବାର ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ ବିହାର ରାଜ୍ୟ ଜମାଇ ଜିଲାର ଗଙ୍ଗା କୁମାର ରାମ (୪୮)। ସୂଚନା ମୁତାବକ ଶୁକ୍ରବାର ଭୋର ସମୟରେ ଗଙ୍ଗା ବ୍ୟାୟାମ କରୁଥିବା ସମୟରେ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଯବାନ ତାଙ୍କୁ ଉଠାଇଲା ବେଳକୁ ସେ ଅଚେତ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସମସ୍ତଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ନୂଆପଡ଼ା ସିଲଦାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପକୁ ନିଆଯାଇଥିଲା। ସେଠାରେ ତାଙ୍କ ମର ଶରୀରକୁ ସିଆର୍‌ପିଏଫ୍ ୨୧୬ ବାଟାଲିଅନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଷ ଓ ଅନ୍ୟ ଅଧିକାରୀମାନେ ଶେଷ ସମ୍ମାନ ଜଣାଇଥିଲେ। ପରେ ମର ଶରୀରକୁ ତାଙ୍କ ପୈତୃକ ଗାଁକୁ ପଠାଯାଇଥିବା ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଯୋଷଙ୍କ ସୂତ୍ରରୁ ପ୍ରକାଶ।

# ‘୨୦୩୦ ସୁଦ୍ଧା ଶତପ୍ରତିଶତ ଯାନ୍ତ୍ରିକୀକରଣ ହେବ ପାରାଦୀପ ବନ୍ଦର’

## ହାଇଡ୍ରୋଜେନ୍, ଆମୋନିଆ ପାଇଁ ପାରାଦୀପ ଜାତୀୟ ହବ୍ ହେବ

ପାରାଦୀପ,୨୦।୯
(ଶରତ ରାଉତ)

ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଭୁବନେଶ୍ୱରଠାରେ ଏକ ହୋଟେଲରେ ଉତ୍ସବ ପାଳନ କରିଛି। ବନ୍ଦରରେ ଥିବା ବ୍ୟବହାରକାରୀ ସଂସ୍ଥା ପ୍ରତିନିଧିଙ୍କ ସହ ଶୁକ୍ରବାର ଏହା ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ ସଫଳତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ପାରାଦୀପ ବନ୍ଦର ୫୬ ବର୍ଷ ଇତିହାସରେ ଏବେ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୧୪୫.୩୮ଏମ୍‌ଏମ୍‌ଟି(ମିଲିୟନ ମେଟ୍ରିକ ଟନ) ପଣ୍ୟ କାରବାର କରିଥିଲା। ଏହା ଦେଶର ବୃହତ୍ ବନ୍ଦର ମଧ୍ୟରେ ସର୍ବାଧିକ। ଏହି ଧାରା ବଳବତ୍ତର ରଖିବା ପାଇଁ ଆଗକୁ କେତେକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ଯଥା ୱେଷ୍ଟର୍ନ ଡକ୍ ଭିତ୍ତିଭୂମି ବିକାଶ କରାଯାଉଛି। ୨୦୨୬ ସୁଦ୍ଧା ଏହା ଶେଷ ହେବ। ସେଥିରେ ବୃହତ୍ ଜାହାଜ (କେପ୍‌ସାଇଜ) ଲାଗିପାରିବ। ୨୦୩୦ ସୁଦ୍ଧା ଶତପ୍ରତିଶତ ଯାନ୍ତ୍ରିକୀକରଣ ଜରିଆରେ ପଣ୍ୟ କାରବାର କରିବାକୁ ଲକ୍ଷ୍ୟ ରହିଛି। ଏହାଛଡ଼ା ହାଇଡ୍ରୋଜେନ୍ ଓ ଆମୋନିଆ ପାଇଁ ପାରାଦୀପ ଜାତୀୟ ହବ୍ ହେବ। ଏହା ଭାରତର ସବୁଜ ଶକ୍ତି ପାଇଁ ସମର୍ପିତ ହେବ ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ଶେଷରେ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଓ ଅନ୍ୟ ଅତିଥିମାନେ।

# ଅକ୍ଟୋବର ୧୮ରୁ ଜାତୀୟ ତୀରନ୍ଦାଜୀ ଟୁର୍ନାମେଣ୍ଟ

ପୁରୀ,୨୦।୯
(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଚତୁର୍ଥ ଏନ୍‌ଟିପିସି ଜାତୀୟ ର‌୍ୟାଙ୍କିଙ୍ଗ୍ ତୀରନ୍ଦାଜୀ ଟୁର୍ନାମେଣ୍ଟ ଅକ୍ଟୋବର ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ପୁରୀରେ ଜାତୀୟ ତୀରନ୍ଦାଜୀ ଟୁର୍ନାମେଣ୍ଟର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ବିଭିନ୍ନ ବିଭାଗର ସମନ୍ୱୟରେ ଏହା ଭଲ ଭାବେ ଆୟୋଜନ ହେବା ନେଇ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି କହିଛନ୍ତି, ସିନିୟର, ଜୁନିୟର ଓ ସବ୍‌ଜୁନିୟର ସ୍ତରରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ ଓ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଆସିବେ। ତେଣୁ ସୁରକ୍ଷା, ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା, ଟ୍ରାଫିକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ସିଡିଏମ୍ଓ ଡା. ରୂପଭାନୁ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ରାମଚନ୍ଦ୍ର ଦାସମହାପାତ୍ର, ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, କୋଷାଧ୍ୟକ୍ଷ ସୌରଜିତ ସିଂ, କାର୍ଯ୍ୟକାରୀ କମିଟି ସଦସ୍ୟ ଜିତେନ୍ଦ୍ରନାଥ ଦାସ, ଶ୍ରଦ୍ଧାନନ୍ଦ ଦାସ, ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସକୁ ଗିରଫ ଦାବି: ସିପି ମୁଖ୍ୟାଳୟ ଆଗରେ ଧାରଣା ଦେଲେ ଲୋକେ




ଭୁବନେଶ୍ୱର,୨୦।୯(ସତ୍ୟଜିତ ରାଉତ)

ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସର ଅକଥନୀୟ ନିର୍ଯାତନା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ତେବେ ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଆଇନ ଅନୁଯାୟୀ ଗିରଫ ଦାବିରେ ଜନସାଧାରଣ ରାସ୍ତାକୁ ଓହ୍ଲାଇଛନ୍ତି। ଶୁକ୍ରବାର ଦିନରୁ ରାତିଯାଏ ଲୋକମାନେ କମିଶନରେଟ ପୋଲିସ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସି ନ୍ୟାୟ ମାଗିଛନ୍ତି। ରାତିରେ ବିଜେଡି ନେତା ମନ୍ମଥ ରାଉତରାୟ ମଧ୍ୟ ସେମାନଙ୍କ ସହ ଯୋଡ଼ିହୋଇ ଧାରଣା ଦେଇଛନ୍ତି। ନିବେଦିତା ପଟ୍ଟନାୟକ ଓ ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ରାତିସାରା ଧାରଣାରେ ବସି ରହିବେ ବୋଲି ସୂଚନା ଦେଇଛନ୍ତି।

# ପାଣି ପାଇଁ ରାସ୍ତା ଅବରୋଧ

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝର ଗସ୍ତରେ ଥିବାବେଳେ ସହର ଉପକଣ୍ଠ ବାମ୍ପାର ଗ୍ରାମବାସୀ ପାନୀୟଜଳ ପାଇଁ କେନ୍ଦୁଝର-ପାଟଣା ରାସ୍ତାକୁ ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ସାଧାରଣତଃ କେନ୍ଦୁଝର ସହର ଓ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଶୁଷ୍କ ଅଞ୍ଚଳ ଭାବେ ଜଣାଶୁଣା। ଏଠାରେ ଗଭୀର ନଳକୂପ ଖୋଳିଲେ ମଧ୍ୟ ପାନୀୟ ଜଳ ଟିକେ ପାଇବା କଷ୍ଟକର। ସରକାରୀସ୍ତରରେ ମଧ୍ୟ ଜିଲା ଜଳ ଯୋଗାଣ ବିଭାଗ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ଆବେଦନ କରାଯାଇଥିଲେ ହେଁ କୌଣସି ବ୍ୟବସ୍ଥା ନ କରିବା ଅତ୍ୟନ୍ତ ଦୁଃଖଦାୟକ। ଏହାର ପ୍ରତିବାଦରେ ବାମ୍ପାର ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି।

# ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଚାଷୀଙ୍କ ପାଖରେ ପହଞ୍ଚାଇବ ଭାଜପା କୃଷକ ମୋର୍ଚ୍ଚା




ଭୁବନେଶ୍ୱର,୨୦।୯ (ଅନୁରାଧା ମହାରଣା)

ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭେଟଘାଟ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟ ବୁଲନ୍ ଭାଇ ସେବା ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ୧୦ଜଣ ସଫଳ ଚାଷୀଙ୍କୁ ‘ଅନ୍ନଦାତା ୨୦୨୪ ସମ୍ମାନ’ରେ ସମ୍ମାନିତ କରାଯାଇଛି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ମୋହନ ସରକାର ୧୦୦ ଦିନରେ ଚାଷୀଙ୍କ ପାଇଁ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା କରି ଐତିହାସିକ ପଦକ୍ଷେପ ନେଇଥିବା କହିଥିଲେ। ଧାନ କୁଇଣ୍ଟାଲ ୩୧୦୦ ଟଙ୍କା, ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର, ୬ଲକ୍ଷ ଚାଷୀଙ୍କୁ ପିଏମ୍ କିଷାନରେ ସାମିଲ କରିବା ସହ ଏଥିରେ ସହରାଞ୍ଚଳର ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବା, ଚାଷୀ ପରିବାରର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ୨ଲକ୍ଷ ଟଙ୍କା ଛାତ୍ରବୃତ୍ତି ପ୍ରଦାନ, ସମସ୍ତ ବ୍ଲକ୍‌ରେ ପନିପରିବା ମଣ୍ଡି, ସମସ୍ତ ଚାଷଜମିକୁ ଉଠା ଜଳସେଚନ ମାଧ୍ୟମରେ ଜଳସେଚନ କରିବା ହେଉଛି ଗୋଟିଏ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ। ଆଗାମୀ ଖରିଫ ଧାନ କିଣା କାରବାରରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହ ଏଥିରେ ହେରଫେର କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାକୁ ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଥିଲେ। ମୋର୍ଚ୍ଚା ସଭାପତି ସାହୁ କହିଲେ, ପରିବେଶର ସୁରକ୍ଷା ପାଇଁ ମା’ ପାଇଁ ଗଛଟିଏ ଆହ୍ୱାନକୁ ସଫଳ କରିବା ପାଇଁ କୃଷକ ମୋର୍ଚ୍ଚା ୩୦ଲକ୍ଷ ବୃକ୍ଷ ରାଜ୍ୟରେ ରୋପଣ କରିବ। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିମ୍ବାଧର କୁଅଁର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭାଜପା ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ର, ବରିଷ୍ଠ ନେତା ସଜ୍ଜନ ଶର୍ମା, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ସିନେ ତାରକା ଅଂଶୁମୋଚନ ମହାନ୍ତି, ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରୀର କୋଶଳୀ ନାମକରଣକୁ ନେଇ ବିବାଦ

## ବିରୋଧ ପରେ ଗୋଶାଳାରୁ ଫେରିଲା କୋଶଳ ରଥ

ସମ୍ବଲପୁର,୨୦।୯
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଭାଷାର ନାମକୁ ବିକୃତ କରି କୋଶଳୀକରଣ ପ୍ରଚେଷ୍ଟାକୁ ସମ୍ବଲପୁରରେ ଶୁକ୍ରବାର ଜୋରଦାର ବିରୋଧ କରାଯାଇଛି। କୋଶଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ନାମରେ ସମ୍ବଲପୁର ଜିଲାର ସୀମାକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା କୋଶଳ ରଥ ପ୍ରଚାର ଗାଡିକୁ ଲୋକେ ସମ୍ବଲପୁର ଗୋଶାଳା ଛକରେ ଅଟକାଇଥିଲେ। ଶୁକ୍ରବାର ସକାଳେ କୋଶଳ ରଥ ନାମରେ ଏକ ପ୍ରଚାର ଗାଡି ସମ୍ବଲପୁର ଆସି କୋଶଳୀ ଭାଷାକୁ ରାଜ୍ୟର ଦ୍ୱିତୀୟ ଭାଷା କରାଯିବାକୁ ଜିଲାପାଳଙ୍କୁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହି ବିଷୟରେ ଖବର ମିଳିବା ପରେ ସମ୍ବଲପୁରରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସାମାଜିକ ଗଣମାଧ୍ୟରେ ଏହାକୁ ବିରୋଧ କରି ଅନେକ ଆଲୋଚନା ହେବା ପରେ ଗୋଶାଳାରେ ଅନେକ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଚାର ଗାଡ଼ି ଗୋଶାଳା ଛକରେ ପହଞ୍ଚିବା କ୍ଷଣି ଗାଡିକୁ ଅଟକାଇ ବିନା ଗଣ୍ଡଗୋଳରେ ଫେରିଯିବାକୁ ଲୋକେ ଅନୁରୋଧ କରିଥିଲେ। ଶହଶହ ବର୍ଷରୁ ଲୋକେ ସମ୍ବଲପୁରୀ ଭାଷା ବୋଲି ଜାଣିଥିବାବେଳେ ସମ୍ବଲପୁରୀ ଗୀତ ନାଚ, କପଡ଼ା ଆଜି ସମ୍ବଲପୁରୀ ନାମରେ ହିଁ ବିଶ୍ୱବିଦିତ ହୋଇସାରିଛି। ତେବେ କେଉଁ କାରଣରୁ ସମ୍ବଲପୁରୀ ନାମକୁ ବ୍ୟବହାର ନ କରି ପଶ୍ଚିମ ଓଡ଼ିଶାର କେଉଁ ଭାଷାର ମାନ୍ୟତା ପାଇଁ ପ୍ରଚାର କରାଯାଉଛି ବୋଲି ସମ୍ବଲପୁରୀପ୍ରେମୀ ଗାଡିରେ ଥିବା ବ୍ୟକ୍ତିମାନଙ୍କୁ ପ୍ରଶ୍ନ କରିଥିଲେ। ହେଲେ ସେମାନେ ଏହାର ସ୍ପଷ୍ଟୀକରଣ ଦେବାରେ ଅସମର୍ଥ ହେବା ପରେ ଲୋକଙ୍କ ଭିତରେ ଆକ୍ରୋଶ ବୃଦ୍ଧି ପାଇଥିଲା। କେବଳ ସେମାନେ ସ୍ୱତନ୍ତ୍ର ରାଜ୍ୟ କରିବାକୁ ଆନ୍ଦୋଳନ କରୁଥିବା ଏବଂ ପଶ୍ଚିମ ଓଡ଼ିଶାର ଭାଷାକୁ ମାନ୍ୟତା ପାଇଁ ଆନ୍ଦୋଳନ କରୁଥିବା କହିଥିଲେ। କେତେଜଣ ବ୍ୟକ୍ତି ସମ୍ବଲପୁରୀ ଭାଷା ବିରୋଧରେ ନିୟମିତ ଷଡଯନ୍ତ୍ର କରୁଥିବା ନେଇ ଉପସ୍ଥିତ ସମ୍ବଲପୁରୀ ପ୍ରେମୀମାନେ ଅଭିଯୋଗ କରିଥିଲେ। ଗୁରୁ ସତ୍ୟନାରାୟଣ ବହିଦାର ସାରା ଜୀବନ ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ପାଇଁ ବଳିଦାନ ଦେଇଥିବା ବେଳେ ପଶ୍ଚିମ ଓଡ଼ିଶା ଭାଷାର ମାନ୍ୟତା ପାଇଁ ଲଢେଇରେ ତାଙ୍କର ଫଟୋକୁ ସ୍ଥାନିତ କରା ନ ଯିବା ଏହି ଷଡ଼ଯନ୍ତ୍ରର ଏକ ବଡ ପ୍ରମାଣ ବୋଲି ଲୋକେ ଅଭିଯୋଗ କରିଥିଲେ। ବହୁ ସଂଖ୍ୟାରେ ସମ୍ବଲପୁରୀପ୍ରେମୀଙ୍କ ଭିଡ଼ ଦେଖି ଘଟଣାସ୍ଥଳରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରି ପୋଲିସ ଏବଂ ଗୋଇନ୍ଦା ଅଧିକାରୀ ପହଞ୍ଚିଥିଲେ। ତେବେ ବିନା ଗଣ୍ଡଗୋଳରେ ପ୍ରଚାର ଗାଡିକୁ ଫେରାଇ ଏଭଳି ଅପଚେଷ୍ଟା ନ କରିବାକୁ ସମ୍ବଲପୁରୀ ପ୍ରେମୀ ଅନୁରୋଧ କରିଥିଲେ। ଏଭଳି ଅଞ୍ଚଳବିରୋଧୀ କାର୍ଯ୍ୟକ୍ରମ କରି ପଶ୍ଚିମ ଓଡିଶାବାସୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଉଦ୍ୟମ ନ କରିବାକୁ ସମ୍ବଲପୁରୀପ୍ରେମୀ ଅନୁରୋଧ କରିଥିଲେ। ସମ୍ବଲପୁରୀପ୍ରେମୀଙ୍କ ମଧ୍ୟରେ ଲଙ୍କେଶ ରାବଣ, ସୁଶାନ୍ତ ବୁଡ଼ା, ଅଲିତ ସୁନା, ରାଜେଶ ବେହେରା, ବିପ୍ଳବ ଡନସନା, ପ୍ରଫୁଲ୍ଲ ବେସରା, ମୋହନ ସୁନା, ବାବଲୁ ବେସରା, ସୌରଭ ତ୍ରିପାଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।



ଗୋଶାଳାରେ ଲୋକେ ସମ୍ବଲପୁରୀ ଭାଷାର କୋଶଳୀ ନାମକରଣକୁ ବିରୋଧ କରୁଛନ୍ତି।

## ଫୁର୍‌ସତ୍

# ବ୍ରେନ୍, ସ୍ୱାସ୍ଥ୍ୟର ଯତ୍ନ ବଡ଼ କଥା

**ଆଜି ବିଶ୍ୱ ଆଲଜିମର୍ସ ଦିବସ**



ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା କେତୋଟି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଆଲଜିମର୍ସ ଅନ୍ୟତମ। ଏ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ‘ବିଶ୍ୱ ଆଲଜିମର୍ସ ଦିବସ’ ଭାବରେ ପାଳନ କରାଯାଇ ଆସୁଅଛି। ଏହି ଅବସରରେ ଚଳିତ ବର୍ଷର ସ୍ଲୋଗାନ ରହିଛି ‘ବ୍ରେନ୍, ହେଲ୍‌ଥ ଆଣ୍ଡ ରିସ୍କ ରିଡକସନ’। ଏହି ରୋଗ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, “ଏହି ରୋଗର ଆବିଷ୍କାରକ ଆଲୋଏ ଆଲଜିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟିର ନାମକରଣ କରାଯାଇଛି। ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଦୀର୍ଘ ୭୦ ବର୍ଷ ପରେ ଚିକିତ୍ସା ବିଜ୍ଞାନୀଙ୍କର ସ୍ୱୀକୃତି ପାଇଥିଲା। ଉକ୍ତ ରୋଗରେ ସ୍ମରଣ ଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି ‘ମନ ହଜି ଯାଇଥିବା ରୋଗ’ ଓ ରୋଗୀକୁ କୁହାଯାଉଛି ‘ମନ ନ ଥିବା ମଣିଷ’। ସୁତରାଂ ଆଲଜିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲଜିମର୍ସ ରୋଗୀ ସଂଖ୍ୟା ଯଥେଷ୍ଟ କମ୍। ଆଲଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ଜମି ଯାଏ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଛିନ୍ନ ହୋଇଯାଏ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ହୋଇପଡ଼ନ୍ତି କାର୍ଯ୍ୟରହିତ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିଲକ୍ଷିତ ହୁଏ ପରିବର୍ତ୍ତନ। ପରିବର୍ତ୍ତିତ ହେଉ ନ ଥିବା ମସ୍ତିଷ୍କ ଅଞ୍ଚଳ ସୁସ୍ଥତାର ସହ କାର୍ଯ୍ୟ କରିଚାଲିବା ସତରେ ଏକ ବୈଜ୍ଞାନିକ ବିସ୍ମୟ ! ହେଲେ ସ୍ନାୟୁକୋଷଗୁଡ଼ିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା।

ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶି ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।”

# ନଭେମ୍ବର-ଡିସେମ୍ବରରେ ବିବାହ: ଖର୍ଚ୍ଚ ହେବ ୪.୨୫ ଲକ୍ଷ କୋଟି

ନୂଆଦିଲ୍ଲୀ

ଆସନ୍ତା ନଭେମ୍ବର ଓ ଡିସେମ୍ବରରେ ଭାରତରେ ପ୍ରାୟ ୩୫ ଲକ୍ଷ ଯୋଡ଼ି ବିବାହ କରିବେ। ଏଥିପାଇଁ ୪.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଏକ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ପ୍ରଭୁଦାସ ଲୀଲାଧେର ଏହାର ସଦ୍ୟ ରିପୋର୍ଟ ‘ବ୍ୟାଣ୍ଡ, ବାଜା, ବାରାତ୍ ଆଣ୍ଡ ମାର୍କେଟ’ରେ ଲେଖିଛି ୨୦୨୩ ନଭେମ୍ବର-ଡିସେମ୍ବରରେ ୩୨ ଲକ୍ଷ ବିବାହ ଅନୁଷ୍ଠିତ ହୋଇଥିବାବେଳେ ଆଗାମୀ ୨ ମାସ ମଧ୍ୟରେ ପୂର୍ବ ତୁଳନାରେ ଆଉ ୩ ଲକ୍ଷ ଅଧିକ ଯୋଡ଼ି ବିବାହ କରିବାକୁ ଯାଉଛନ୍ତି। ସେମାନଙ୍କ ବିବାହ ପାଇଁ ମ୍ୟାରେଜ୍ ମାର୍କେଟର ବ୍ୟୟ ୪.୨୫ ଲକ୍ଷ କୋଟି ଛୁଇଁବ। ଚଳିତ ବର୍ଷ ଜାନୁଆରୀ ୧୫ରୁ ଜୁଲାଇ ୧୫ ମଧ୍ୟରେ ବିବାହ ଋତୁରେ ୪୨ ଲକ୍ଷ ବାହାଘର ହୋଇଥିଲା। ସେଥିରୁ ପ୍ରାୟ ୬୬.୪ ବିଲିୟନ ଡଲାର (୫.୫ ଲକ୍ଷ କୋଟି ଟଙ୍କା) ରାଜସ୍ୱ ସୃଷ୍ଟି ହୋଇଥିଲା ବୋଲି କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସର୍ଭେରୁ ଜଣାପଡ଼ିଛି।

ପ୍ରଭୁଦାସ ଲୀଲାଧେର ଏହାର ରିପୋର୍ଟରେ ଆହୁରି କହିଛି ଯେ, ସୁନାର ଆମଦାନି ଶୁଳ୍କ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ଦେଶବ୍ୟାପୀ ଆସନ୍ତା ୨ ମାସ ମଧ୍ୟରେ ପାର୍ବଣ ଓ ବିବାହ ପାଇଁ ସୁନା କ୍ରୟ ବଢ଼ିବ। ସୁନାର ସାଂସ୍କୃତିକ ଓ ଧର୍ମୀୟ ମହତ୍ତ୍ୱ ଏବଂ ନିବେଶ ଯୋଗ୍ୟତା ଯୋଗୁ ଏହି ମୂଲ୍ୟବାନ ଧାତୁର ଚାହିଦା ବୃଦ୍ଧି ପାଇଛି। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ପ୍ରତିବର୍ଷ ୧ କୋଟି ବିବାହ ଅନୁଷ୍ଠିତ ହୋଇଥାଏ। ଏଥିଯୋଗୁ ଭାରତର ୱେଡିଂ ଇଣ୍ଡଷ୍ଟ୍ରି ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।





ଜଗାଧ୍ରୀ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଶୁକ୍ରବାର ପ୍ରଚାର କରୁଛନ୍ତି ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ।

# ହରିୟାଣା ନିର୍ବାଚନ ପ୍ରଚାରରେ ସାମିଲ ହେଲେ କେଜ୍‌ରିୱାଲ

ଚଣ୍ଡିଗଡ଼,୨୦।୯(ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ହରିୟାଣାରେ ଦଳର ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ସେ ଯମୁନାନଗର ଜିଲାର ଜଗାଧ୍ରୀ ନିର୍ବାଚନ ମଣ୍ଡଳୀରେ ରୋଡ୍ ଶୋ' କରିଛନ୍ତି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଅକ୍ଟୋବର ୫ରେ ଅନୁଷ୍ଠିତ ହେବାକୁ ଥିବାବେଳେ ୮ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କେଜ୍‌ରିୱାଲ ଗତ ସପ୍ତାହରେ ତିହାର ଜେଲରୁ ମୁକୁଳିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଦିଲ୍ଲୀ ମନ୍ତ୍ରୀ ଆତିଶୀ ଶନିବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି।

ଶୁକ୍ରବାର ଅପରାହ୍ନରେ କେଜ୍‌ରିୱାଲ ଜଗାଧ୍ରୀରେ ପହଞ୍ଚି ରୋଡ୍‌ଶୋ'ରେ ସାମିଲ ହୋଇଥିଲେ। ତାଙ୍କ ସହ ହରିୟାଣା ଆପ୍ ସଭାପତି ସୁଶୀଲ ଗୁପ୍ତା ରହିଥିଲେ। କଂଗ୍ରେସ ସହ ଆସନ ବୁଝାମଣା ହୋଇ ନ ପାରିବାରୁ ଆପ୍ ହରିୟାଣାରେ ଏକାକୀ ନିର୍ବାଚନ ଲଢୁଛି। କେଜ୍‌ରିୱାଲ ଏକାଧିକ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବେ। ସେ ୧୧ ଜିଲାର ୧୩ଟି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସନ୍ଦୀପ୍ ପାଠକ କହିଛନ୍ତି।

# ୪ କାଉନସିଲର, ଜଣେ ବ୍ୟକ୍ତିଙ୍କ ନାଁରେ ମାମଲା

**ମହିଳା କାଉନସିଲର ଅପହରଣ ଘଟଣା**

**ଖଣ୍ଡପଡ଼ା ଏନ୍ଏସି ଅନାସ୍ଥା ଭୋଟ ପାଇଁ ରାଜନୀତି ଚଳଚଞ୍ଚଳ**

ନୟାଗଡ଼,୨୦।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ଭୋଟ ୨୭ରେ ହେବାକୁ ଥିବାବେଳେ ମହିଳା କାଉନସିଲର ପିଙ୍କି ସାହୁ ଓ ତାଙ୍କ ୨ ବର୍ଷର ଶିଶୁପୁତ୍ର ଅପହରଣ ଘଟଣା ଭିନ୍ନମୋଡ଼ ନେଇଛି। ୪ଜଣ କାଉନସିଲର ଓ ଜଣେ କାଉନସିଲରଙ୍କ ସ୍ୱାମୀ ଗତ ଅଗଷ୍ଟ ୧ ତାରିଖରେ ପିଙ୍କିଙ୍କୁ ଅପହରଣ କରିଥିବା ତାଙ୍କ ସ୍ୱାମୀ ବସନ୍ତ କୁମାର ସାହୁ ଅଭିଯୋଗ କରିଥିଲେ। କିନ୍ତୁ ପିଙ୍କି ସୁରକ୍ଷିତ ଭାବେ ଭୁବନେଶ୍ୱରରେ ରହୁଥିବା ଏବଂ ତାଙ୍କୁ ଅପହରଣ କରାଯାଇ ନ ଥିବା ଖଣ୍ଡପଡ଼ା ପୋଲିସକୁ ତଦନ୍ତ ସମୟରେ ବୟାନ ଦେଇଥିଲେ। ଏକଥା ପୋଲିସ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି (ଜେଏମ୍ଏଫ୍‌ସି)ଙ୍କ କୋର୍ଟରେ ଜଣାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୋଲିସ କୋର୍ଟରେ ପିଙ୍କି ଅସୁରକ୍ଷିତ ଥିବା ଏବଂ ତାଙ୍କ ସହ ଯୋଗାଯୋଗ କରାଯାଇପାରୁ ନ ଥିବା ଦର୍ଶାଇଥିଲା। ପୋଲିସର ଏହି ପରିବର୍ତ୍ତିତ ବୟାନ ଏବଂ ପିଙ୍କିଙ୍କ ସ୍ୱାମୀ ବସନ୍ତଙ୍କ ଅଭିଯୋଗ ଆଧାରରେ ଜେଏମ୍ଏଫ୍‌ସିଙ୍କ ନିର୍ଦ୍ଦେଶ ଅନୁସାରେ ୪ ଜଣ କାଉନସିଲର ଓ ଜଣେ କାଉନସିଲରଙ୍କ ସ୍ୱାମୀଙ୍କ ନାଁରେ ଖଣ୍ଡପଡ଼ା ଥାନାରେ ନଂ. ୨୪୮/୨୪ରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ଖଣ୍ଡପଡ଼ା ଏନ୍ଏସିର ୭ନଂ. କାଉନସିଲର ମିହିର କୁମାର ମିଶ୍ର, ୧୧ ନଂ. କାଉନସିଲର ମୋନାଲି ପ୍ରିୟଦର୍ଶିନୀ, ୬ ନଂ. କାଉନସିଲର ପ୍ରମୋଦିନୀ ଦାସ, ୧ ନଂ. କାଉନସିଲର ସରୋଜ ପ୍ରଧାନ, ୧୧ ନଂ. କାଉନସିଲରଙ୍କ ସ୍ୱାମୀ ପ୍ରମୋଦ ଦାସ। ଏବେ ସେମାନଙ୍କୁ ଗିରଫ ଭୟ ଘାରିଛି। ଅନ୍ୟପକ୍ଷରେ ଏହି ମାମଲା ପରେ ଚଳିତ ମାସ ୨୭ ତାରିଖରେ ଖଣ୍ଡପଡ଼ା ଏନ୍ଏସି ପାଇଁ ଅନାସ୍ଥା ଭୋଟ ହେବ କି ନାହିଁ ତାହା ଆଶଙ୍କା ରହିଛି।

ଅନ୍ୟପକ୍ଷରେ ପିଙ୍କି ସାହୁଙ୍କ ଓକିଲ ଶିବରାମ ମହାପାତ୍ର କହିଛନ୍ତି, ପୋଲିସର ବୟାନ ବଦଳିବା ପରେ ୪ ଜଣ କାଉନସିଲର ଓ ଜଣେ କାଉନସିଲରଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ ହୋଇଛି। କିନ୍ତୁ ମହକିଲ ପିଙ୍କି ସାହୁ ସୁରକ୍ଷିତ ଅଛନ୍ତି। ଏ ନେଇ ଆମେ ଉପରିସ୍ଥ ଅଦାଲତଙ୍କ ଦ୍ୱାରସ୍ଥ ହେବୁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ ବାରିକଙ୍କୁ ପଚାରିବାରେ କୋର୍ଟଙ୍କ ନିର୍ଦ୍ଦେଶ ଓ ପିଙ୍କି ସାହୁଙ୍କ ସ୍ୱାମୀ ବସନ୍ତଙ୍କ ଅଭିଯୋଗକୁ ଆଧାରକରି ୪ଜଣ କାଉନସିଲର ଓ ଜଣେ କାଉନସିଲରଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଆସନ୍ତା ୨୭ ତାରିଖ ଖଣ୍ଡପଡ଼ା ଏନ୍ଏସି ଅନାସ୍ଥା ଭୋଟରେ ପିଙ୍କିଙ୍କୁ ହାଜର କରାଇବାକୁ ପ୍ରୟାସ ଜାରି ରଖିଛୁ ବୋଲି ସେ କହିଛନ୍ତି।

**ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା**

# ନ୍ୟାୟିକ ତଦନ୍ତ କରାଯାଉ: ନବୀନ

**■ କନ୍ଧମାଳ ତଦନ୍ତ ରିପୋର୍ଟ କୁଆଡ଼େ ଗଲା: ରାଜସ୍ୱ ମନ୍ତ୍ରୀ ପୂଜାରୀ**

**■ ତୁରନ୍ତ ଆଇଆଇସି, ଅନ୍ୟ କର୍ମଚାରୀଙ୍କୁ ଗିରଫ କରାଯାଉ: ସୋଫିଆ**

ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)



ନବୀନ ପଟ୍ଟନାୟକ



ସୁରେଶ ପୂଜାରୀ



ସୋଫିଆ ଫିର୍ଦ୍ଦୋସ

ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ପ୍ରତି ଭରତପୁର ଥାନା ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ କରାଯାଇଥିବା ଅତ୍ୟାଚାର ଓ ନିର୍ଯାତନା ଘଟଣାକୁ ଏବେ ଚାରିଆଡୁ ନିନ୍ଦା କରାଯାଉଛି। ଏହି ଘଟଣାକୁ ନେଇ ଏବେ ରାଜନୀତି ମଧ୍ୟ ଜୋର୍ ଧରିବା ଆରମ୍ଭ ହୋଇଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାରେ ପ୍ରତିକ୍ରିୟା ରଖି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ନବୀନଙ୍କ ପ୍ରତିକ୍ରିୟା ଉପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ପାଲଟା ଜବାବ ରଖିଛନ୍ତି। ସେହିପରି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ଏମ୍‌ସ ଯାଇ ପୀଡ଼ିତାଙ୍କୁ ଭେଟିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶଙ୍ଖ ଭବନଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ନବୀନ କହିଛନ୍ତି, ଭରତପୁର ଥାନାରେ ଯେପରି ଜଣେ ମିଲିଟାରି ଅଧିକାରୀ ଓ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଗଲା ଏହା ନିନ୍ଦନୀୟ ଓ ଲୋମହର୍ଷଣକାରୀ। ଥାନା ଭିତରେ ପୋଲିସ ଯେଭଳି ନିର୍ଦ୍ଦୟ ବ୍ୟବହାର କରିଥିବା ଅଭିଯୋଗ ହୋଇଛି ତାହା ସାରା ଦେଶର ବିବେକକୁ ଦୋହଲାଇ ଦେଇଛି। ଓଡ଼ିଶାରେ ଜଣେ ମିଲିଟାରି ଅଧିକାରୀ ଓ ଜଣେ ମହିଳାଙ୍କ ପ୍ରତି ଏଭଳି ଅତ୍ୟାଚାର ଅତ୍ୟନ୍ତ ଦୁଃଖଦାୟକ। ଏହି ନାରକୀୟ ଘଟଣାକୁ ବିଜେଡି ଦୃଢ଼ ଭାବେ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଭାଜପା ସରକାର ଗ୍ରହଣ କରିବେ ବୋଲି ଆଶା। ଭରତପୁର ଥାନାରେ ଜଣେ ମିଲିଟାରି ଅଧିକାରୀ ଓ ଜଣେ ମହିଳାଙ୍କ ଉପରେ ଯେଭଳି ଜଘନ୍ୟ ଅତ୍ୟାଚାର କରାଗଲା ତା'ର କୋର୍ଟ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ସହ ବିଚାରବିଭାଗୀୟ ତଦନ୍ତ ହେଉ। ତାଙ୍କ ସରକାର ସମୟରେ ମୋ ସରକାର ବ୍ୟବସ୍ଥା ଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଥାନା ଏବଂ ଡାକ୍ତରଖାନା ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ନାଗରିକଙ୍କଠାରୁ କର୍ମଚାରୀମାନଙ୍କ ବ୍ୟବହାର ଓ ବୃତ୍ତିଗତ ଦକ୍ଷତା ସମ୍ପର୍କରେ ଫିଡ୍‌ବ୍ୟାକ୍ ସଂଗ୍ରହ କରୁଥିଲେ। ଭାଜପା ସରକାର ଶାସନକୁ ଆସିବା ପରେ ତୁରନ୍ତ ମୋ ସରକାର ପରି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ, ଯାହାର ପରିଣାମ ଏବେ ସର୍ବତ୍ର ଦୃଶ୍ୟମାନ। ପୁରୀ ରାଜଭବନ ଘଟଣାରେ ଦାୟିତ୍ୱ ସମ୍ପାଦନ କରୁଥିବା ଜଣେ ସରକାରୀ ଅଧିକାରୀଙ୍କ ଉପରେ ରାଜ୍ୟପାଳଙ୍କ ପୁଅ ଆକ୍ରମଣ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ମନା କରିଦେବା ଦ୍ୱାରା ଏହା ଅପରାଧୀଙ୍କୁ ଉତ୍ସାହିତ କରିଛି। ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୁଣି ଥରେ ସରକାରଙ୍କୁ ଅନୁରୋଧ କରୁଛି ବୋଲି ନବୀନ କହିଛନ୍ତି।

ଏନେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ନବୀନ ଯଦି ନ୍ୟାୟିକ ତଦନ୍ତ କଥା କହୁଛନ୍ତି, ତେବେ କନ୍ଧମାଳ ତଦନ୍ତ ରିପୋର୍ଟ କୁଆଡ଼େ ଗଲା। ନବୀନବାବୁଙ୍କ ସମୟରେ ୨୪ ନ୍ୟାୟିକ ତଦନ୍ତ ହେଲା। ସେସବୁ ରିପୋର୍ଟ କୁଆଡ଼େ ଗଲା। ଗତ ୨୪ ବର୍ଷର ସରକାର ଚାହିଁଥିଲେ ହିଂସାମୁକ୍ତ ଓଡ଼ିଶା ଗଠନ କରିପାରି ଥାଆନ୍ତେ। ନବୀନ ଆଦର୍ଶ ଥାନା କରୁଥିଲେ, ଭାଜପା ସରକାର ଆଦର୍ଶ ପୋଲିସ ପାଇଁ ଚେଷ୍ଟା କରିବ। ନବୀନ ଯଦି ତାଙ୍କ ସମୟରେ ବୁଝୁଥାଆନ୍ତେ ତେବେ ଆଜି ନାରୀ ନିର୍ଯାତନା ହୋଇ ନ ଥାଆନ୍ତା। ନିଜେ ରାଜଧର୍ମ ପାଳନ କଲେନି, ଏବେ ଶହେ ଦିନର ସରକାରକୁ ପାଠ ପଢ଼ାଉଛନ୍ତି।

ଏମ୍‌ସରେ ପୀଡ଼ିତାଙ୍କୁ ଭେଟିବା ପରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ଥାନାରେ ଡ୍ୟୁଟିରେ ଥିବା ମହିଳା କର୍ମଚାରୀ ଯଦି ନାଇଟି ପିନ୍ଧି ବସିବେ ଏବଂ ଏପରି କମେଣ୍ଟ କରିବେ କି ତୁମେ ଇଂରାଜୀ କିମ୍ବା ହିନ୍ଦୀରେ କୁହ ନାହିଁ ତେବେ ମହିଳାଙ୍କୁ ସୁରକ୍ଷା କିପରି ମିଳିବ। ସେହି ଆଇଆଇସିଙ୍କ ବିଷୟରେ ସମସ୍ତଙ୍କୁ ଭଲ ଭାବେ ଜଣାଅଛି। ସେ କଟକ କ୍ୟାଣ୍ଟୋନମେଣ୍ଟ ଥାନାରେ ଥିଲା ବେଳେ ବାଲିଯାତ୍ରା ସମୟରେ ବଟି ମାଗୁଥିବାର ଅଭିଯୋଗ ହୋଇଥିଲା। ତେବେ କେବଳ ସସ୍‌ପେଣ୍ଡ କରି ତାଙ୍କୁ କାହିଁକି ବସାଇ ଦିଆଯାଇଛି। ତୁରନ୍ତ ତାଙ୍କୁ ଗିରଫ କରାଯାଉ। ଆଗକୁ ଏନେଇ ଧାରଣା ଦିଆଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସୋଫିଆ କହିଛନ୍ତି।

# ନବ ଦାସ ହତ୍ୟା ଘଟଣାରେ ପ୍ରଥମେ ନବୀନ ଉତ୍ତର ଦିଅନ୍ତୁ: କନକବର୍ଦ୍ଧନ

କଟକ, ୨୦।୯(ଶିଲ୍ପା ପ୍ରିୟଦର୍ଶିନୀ)



କନକ ବର୍ଦ୍ଧନ ସିଂହଦେଓ

କଟକ ବାଲିଯାତ୍ରା ଉପର ପଡିଆରେ ଶୁକ୍ରବାର ଗଣେଶ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ଏହାପରେ ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଦିଆଯାଇଥିବା ନିର୍ଯାତନା ଘଟଣା ଏବଂ ରାଜ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ସିଂହଦେଓ କହିଛନ୍ତି, ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାହା ପଦକ୍ଷେପ ନିଆଯିବା କଥା ତାହା ନିଆଯାଇଛି। ଏହି ପ୍ରସଙ୍ଗରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିଛନ୍ତି। ନବୀନ ଯେଉଁ କଥା କହିଛନ୍ତି ତାହାକୁ ବିଚାର କରିବା ପୂର୍ବରୁ ପ୍ରଥମେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ସେ କ'ଣ ପଦକ୍ଷେପ ନେଇଛନ୍ତି ତାହାର ଉତ୍ତର ରଖନ୍ତୁ ବୋଲି ସିଂହଦେଓ କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ନ ହେଲେ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସରକାର ୧୦୦ ଦିନର ସଫଳତା ବଖାଣୁଥିବା ବେଳେ ଦିନକୁ ଦିନ ନାରୀ ନିର୍ଯାତନା, ଗଣବଳାତ୍କାର, ଆଦିବାସୀ, ଦଳିତ, ନାବାଳିକା ବଳାତ୍କାର, ପୋଲିସ ଅତ୍ୟାଚାର ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବଢ଼ିଚାଲିଛି। ଜଣେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କ ବର୍ବରୋଚିତ ବ୍ୟବହାର ନିନ୍ଦନୀୟ। ସେନା ଅଧିକାରୀଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଯେଉଁଭଳି ନିର୍ଯାତନା ଦିଆଗଲା ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ରାଜ୍ୟ ସରକାର ଯଦି ଯତ୍ନଶୀଳ ନ ହୁଅନ୍ତି କିମ୍ବା ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ଆଉ ସବୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିବ। ଏହା ସହ ଭାଜପା କାର୍ଯ୍ୟାଳୟ ମଧ୍ୟ ଘେରାଉ କରିବାକୁ ପଛାଇବ ନାହିଁ ବୋଲି କଂଗ୍ରେସ ନେତ୍ରୀ ମନୀଷା ଦାସ ପଟ୍ଟନାୟକ କହିଛନ୍ତି।

ସେହିପରି କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ କହିଛନ୍ତି, ୧୦୦ ଦିନରେ ଭାଜପା ସରକାର ଅମଳରେ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଗତ ସରକାରରେ ବଳାତ୍କାର ମାତ୍ରା ବଢ଼ିଥିବା ବେଳେ ବର୍ତ୍ତମାନ ସରକାରରେ ଗଣବଳାତ୍କାର ଭଳି କୁତ୍ସିତ ଅପରାଧ ଚରମସୀମାରେ ପହଞ୍ଚିଛି।

## ରାଜଭବନ ଆଗରେ ଧାରଣା ଦେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୨୦।୯(ଅନିଲ ଦାସ)

**ଭରତପୁର ଥାନା ଅମାନବୀୟ ଘଟଣା**

ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଶନିବାର ସକାଳେ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏହି ସୂଚନା ଦେଇଛନ୍ତି। ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀ ପ୍ରତି ହୋଇଥିବା ଅମାନବୀୟ ଘଟଣାକୁ ନେଇ ମହିଳା ପ୍ରବକ୍ତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।



ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଗିରିଡିହକୁ ଭାଜପାର ପ୍ରଚାର ଲାଗି ଯାଇଛନ୍ତି। ଏହି ଅବସରରେ ସେ ବାବା ଝାଡ଼ଖଣ୍ଡୀନାଥ ମହାଦେବ ମନ୍ଦିରକୁ ଦର୍ଶନ କରିବାକୁ ଯାଇଛନ୍ତି।

# ବିଜେଡିକୁ ଫେରିବା ଲାଗି ପତ୍ର ଲେଖିଲେ ଭାଗୀରଥି

ଘସିପୁରା,୨୦।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ପୁଣି ବିଜେଡିକୁ ଫେରିବେ। ୨୦୨୪ ସାଧାରଣ ନିର୍ବାଚନରେ ଟିକେଟ ମିଳି ନ ଥିବାରୁ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ତେବେ ତାଙ୍କ ଇସ୍ତଫାପତ୍ରକୁ ପ୍ରତ୍ୟାହାର କରିବା ପାଇଁ ଭାଗୀରଥି ଶୁକ୍ରବାର ବିଜେଡି ହାଇକମାଣ୍ଡଙ୍କ ନିକଟକୁ ପତ୍ର ଲେଖିଛନ୍ତି। ପ୍ରକାଶ ଯେ, ଗତ ଏପ୍ରିଲ ୩୦ରେ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ସେ ସମୟରେ ଗଣମାଧ୍ୟମକୁ ସୂଚନା ଦେବାବେଳେ ବିଜେଡିରେ ଟିକେଟ ପାଇବାକୁ ହେଲେ ମୋଟା ଅଙ୍କ ଦେବାକୁ ପଡ଼େ ବୋଲି ଭାଗୀରଥି କହିଥିଲେ। ଏଥିସହ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବିଜେଡିକୁ ଜିତାଇଦେବେ ନାହିଁ ବୋଲି ବଦ୍ଧପରିକର ହୋଇଥିଲେ। ଭାଗୀରଥିଙ୍କ ଏଭଳି ମନ୍ତବ୍ୟ ସେ ସମୟରେ ଚର୍ଚ୍ଚା ଜୋର ଧରିଥିଲା। ନିର୍ବାଚନରେ ପରୋକ୍ଷ ଭାବେ ସେ କଂଗ୍ରେସକୁ ସମର୍ଥନ କରିଥିବା କଥା ମଧ୍ୟ ଚର୍ଚ୍ଚାର ପରିସରକୁ ଆସିଥିଲା। ତେବେ ଏସବୁ ଘଟଣାକୁ ସେ ଖଣ୍ଡନ କରିଛନ୍ତି। ତାଙ୍କ ଶାରିରୀକ ଅସୁସ୍ଥତା କାରଣରୁ ସେ ଦଳରୁ ଇସ୍ତଫା ଦେଇଥିଲେ। ଏବେ ସୁସ୍ଥ ଅନୁଭବ କରୁଥିବାରୁ ସେ ଦଳକୁ ପୁନର୍ବାର ଫେରିବା ପାଇଁ ବିଜେଡି ସୁପ୍ରିମୋଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଏପରିକି ବିଜେଡି ଏକ ଶୃଙ୍ଖଳିତ ଦଳ ବୋଲି ମଧ୍ୟ ଭାଗୀରଥି କହିଛନ୍ତି।

# ବିଡିଓଙ୍କ ବଦଳି ଦାବିରେ ବିଜେଡିର ବିକ୍ଷୋଭ

**କୁଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା**

କୁଜଙ୍ଗ, ୨୦।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ସେପ୍ଟେମ୍ବର ୧୩ରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଓ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ବଦଳି ଦାବିରେ ଶୁକ୍ରବାର ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଏହାର ନେତୃତ୍ୱ ନେଇଥିଲେ। ଉକ୍ତ ସମାବେଶରେ ବିଜେଡିର ବହୁ ରାଜ୍ୟସ୍ତରୀୟ ନେତା ଯୋଗଦେଇ ଭାଜପା ଓ ବିଡିଓଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଘୁନନ୍ଦନ ଦାସ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ଏମ୍‌ପି ରାଜଶ୍ରୀ ମଲ୍ଲିକ, ସମ୍ବିତ ରାଉତରାୟ, ଜିଲା ପରିଷଦ ଅଧକ୍ଷ ମନୋଜ ଭୋଇ, ଗୀତାଞ୍ଜଳି ରାଉତରାୟ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ, ବାପି ସର୍ଖେଲ ପ୍ରମୁଖ ଯୋଗଦେଇ ୧୩ ତାରିଖ ଗଣ୍ଡଗୋଳରେ ଭାଜପା କର୍ମୀମାନେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ଉକ୍ତ ଦଳର କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଭିତରକୁ ପଶି ଆସି ଜନପ୍ରତିନିଧିଙ୍କୁ ଆକ୍ରମଣ କରିଥିଲେ। ଏନେଇ ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେମାନେ ଅଭିଯୋଗ କରିଥିଲେ।



ବିକ୍ଷୋଭ ସମାବେଶରେ ବିଜେଡି ନେତୃବୃନ୍ଦ।

## ବିଡିଓଙ୍କ ବଦଳି ଦାବି ଲଜ୍ଜାଜନକ: ଭାଜପା

କୁଜଙ୍ଗ,୨୦।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ କାର୍ଯ୍ୟାଳୟର ଗଣ୍ଡଗୋଳ ଘଟଣାରେ ବିଡିଓଙ୍କ ବଦଳି ଦାବି ହାସ୍ୟାସ୍ପଦ ଓ ଲଜ୍ଜାଜନକ ବୋଲି ବରିଷ୍ଠ ଭାଜପା ନେତା ସଞ୍ଜୟ ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ପାଖାପାଖି ଏକ ବର୍ଷ ପୂର୍ବେ ତତ୍କାଳୀନ ବିଧାୟକ ତଥା ବିଜେଡି ନେତା ସମ୍ବିତ ରାଉତରାୟଙ୍କ ସୁପାରିସକ୍ରମେ କୁଜଙ୍ଗ ବିଡିଓ ଭାବେ ଦୀପକ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସେତେବେଳେ ବିଭିନ୍ନ ଅନୁଦାନକୁ ବିଜେଡି ନିଜ ଇଚ୍ଛା ଅନୁସାରେ ବ୍ୟବହାର କରି ବ୍ୟାପକ ଦୁର୍ନୀତି କରିଥିଲା। ମାତ୍ର ବିଜେଡି ସରକାର ବଦଳିବା ଓ ଭାଜପା ସରକାର ଆସିବା ପରେ ସମୀକରଣ ପୂରା ବଦଳିଯାଇଛି। ବିଶେଷକରି ବ୍ଲକର ବାସିନ୍ଦା ସମ୍ପଦ ଚନ୍ଦ୍ର ସ୍ୱାଇଁ ମନ୍ତ୍ରୀ ହେବା ପରେ ବିଜେଡି କରିଥିବା ଦୁର୍ନୀତି ଧରାପଡ଼ିଯିବା ଭୟରେ ୧୩ ତାରିଖରେ ଦଳ ପକ୍ଷରୁ ବିଡିଓଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବାଧ୍ୟହୋଇ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବେହେରା କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................



କଲ୍ୟାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଶପଥ ନେବେ ଆତିଶୀ



**ନୂଆଦିଲ୍ଲୀ,୨୦।୯**

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀ ଶନିବାର ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ତାଙ୍କ ସହ ଅରବିନ୍ଦ କେଜ୍‌ରିୱାଲଙ୍କ ସରକାରରେ ମନ୍ତ୍ରୀ ଥିବା ଗୋପାଳ ରାୟ, କୈଳାସ ଗେହଲଟ, ସୌରଭ ଭରଦ୍ୱାଜ ଏବଂ ଇମ୍ରାନ୍ ହୁସେନ୍ ମନ୍ତ୍ରୀ ଭାବେ ଶପଥ ନେବାକୁ ଥିବାବେଳେ ନୂଆ କ୍ୟାବିନେଟରେ ଦଳର ୨ ବିଧାୟକ ସାମିଲ ହେବେ ବୋଲି ଜଣାପଡ଼ିଛି। ଗତ ୧୭ ତାରିଖରେ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଆତିଶୀ ନୂଆ ସରକାର ଗଠନ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ୨୧ ତାରିଖରେ ଶପଥ ଗ୍ରହଣ ପାଇଁ ବୁଧବାର ଉପରାଜ୍ୟପାଳ ପ୍ରସ୍ତାବ ଦେଇଥିଲେ। ରାଜ ନିବାସରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ଜଣାପଡ଼ିଛି।

# ଶିଖ୍ ବିରୋଧୀ ମନ୍ତବ୍ୟ: ରାହୁଲଙ୍କ ନାଁରେ ୩ ଏତଲା

**ରାୟପୁର,୨୦।୯**

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆମେରିକା ଗସ୍ତ ସମୟରେ ଶିଖ୍ ସମ୍ପ୍ରଦାୟ ବିରୋଧରେ ଦେଇଥିବା ମନ୍ତବ୍ୟକୁ ନେଇ ଛତିଶଗଡ଼ରେ ତାଙ୍କ ନାଁରେ ୩ଟି ଏତଲା ଦାଏର ହୋଇଛି। କଂଗ୍ରେସ ନେତାଙ୍କ ମନ୍ତବ୍ୟ ଶିଖମାନଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ହୋଇଥିଲା। ଭାଜପା ନେତାଙ୍କ ଅଭିଯୋଗ ଆଧାରରେ ଗୁରୁବାର ରାଜଧାନୀ ରାୟପୁର ପୋଲିସ ଲାଇନ ଥାନାରେ ଗୋଟିଏ ଏବଂ ବିଳାସପୁର ସିଭିଲ ଲାଇନ ଥାନାରେ ଅନ୍ୟ ଏକ ଏତଲା ଦାଏର ହୋଇଥିବାବେଳେ ଶୁକ୍ରବାର ଦୁର୍ଗ ଜିଲାର କୋଟ୍‌ୱାଲି ଥାନାରେ ତୃତୀୟ ଏତଲା ଦାଏର ହୋଇଥିବା ପୋଲିସ କହିଛି।





ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ବିଶ୍ୱକୁ ମୁକ୍ତ କରିବା ପାଇଁ ଶୁକ୍ରବାର 'ଫ୍ରାଇଡେଜ୍ ଫର୍ ଫ୍ୟୁଚର କ୍ଲାଇମେଟ୍' ପକ୍ଷରୁ ଜର୍ମାନୀରେ ଶତାଧିକ ରାଲି କରାଯାଇଛି। ଏଥିରେ ୭୫,୦୦୦ରୁ ଊର୍ଦ୍ଧ୍ୱ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ହାମ୍ବର୍ଗରେ ଆୟୋଜିତ ରାଲିରେ ବ୍ୟାନର ଧରି ସ୍ଲୋଗାନ ଦେଉଛନ୍ତି ବିକ୍ଷୋଭକାରୀ।

# ବିଚାରପତି ନିଯୁକ୍ତିରେ ବିଳମ୍ବ ପାଇଁ କେନ୍ଦ୍ରକୁ ଜବାବ ତଲବ

**ନୂଆଦିଲ୍ଲୀ,୨୦।୯**

**ସୁପ୍ରିମକୋର୍ଟ କଲେଜିୟମ ସୁପାରିସ ସତ୍ତ୍ୱେ ନିଯୁକ୍ତି ଦେଉନି କେନ୍ଦ୍ର**



ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ ଉପରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ ପାଇଁ ସମୟସୀମା ଧାର୍ଯ୍ୟ କରାଯାଉ ବୋଲି ଏକ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହାର ଶୁଣାଣି କରିବା ଅବସରରେ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଲେଜିୟମ ପୁନଃ ସୁପାରିସ୍ କରିଥିବା ବିଚାରପତିଙ୍କ ନାମକୁ କ'ଣ ପାଇଁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ମଞ୍ଜୁରୀ ଦେଇନାହାନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। କୋର୍ଟ ସ୍ପଷ୍ଟୀକରଣ ମାଗିବାର କାରଣ ହେଲା କଲେଜିୟମ ସର୍ଚ୍ଚ କମିଟି ନୁହନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏହାର ନିର୍ଦ୍ଦିଷ୍ଟ ଷ୍ଟାଟସ୍ ରହିଛି। ତେଣୁ ଯେଉଁ ବିଚାରପତିମାନଙ୍କ ନାମ ସୁପାରିସ ସତ୍ତ୍ୱେ ନିଯୁକ୍ତି ଦିଆଯାଇନାହିଁ, ତାହାର ଷ୍ଟାଟସ୍ ରିପୋର୍ଟ ଆମକୁ ଦିଅ ବୋଲି ସିଜେଆଇ ଚନ୍ଦ୍ରଚୂଡ଼ ଆଟର୍ନି ଜେନେରାଲଙ୍କୁ କହିଥିଲେ। ସୂଚନାଯୋଗ୍ୟ, ୭ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ଜୁଲାଇ ୧୧ରେ ସୁପାରିସ୍ କରିବା ସତ୍ତ୍ୱେ ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ସେମାନଙ୍କୁ ନିଯୁକ୍ତି ଦେଇନାହାନ୍ତି।

# ଆଜି ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ

**କଲମ୍ବୋ,୨୦।୯**



ରାନିଲ ବିକ୍ରମସିଂଘେ

୨୦୨୨ରେ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ଶନିବାର ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଗୋଟାବାୟା ରାଜପାକ୍ସେଙ୍କ ପଳାୟନ ପରେ ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେଙ୍କ ପାଇଁ ଏହି ନିର୍ବାଚନକୁ ଅଗ୍ନିପରୀକ୍ଷା ବୋଲି କୁହାଯାଉଛି। ମଇଦାନରେ ୩୮ ପ୍ରାର୍ଥୀ ଥିବାବେଳେ ୨୨ ନିୟୁତ ଭୋଟର ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି। ପୂର୍ବରୁ ୬ ଥର ପ୍ରଧାନମନ୍ତ୍ରୀ ହୋଇସାରିଥିବା ୭୫ ବର୍ଷୀୟ ବିକ୍ରମସିଂଘେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏହି ଦକ୍ଷିଣ ଏସୀୟ ଦ୍ୱୀପରାଷ୍ଟ୍ରରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ କ୍ରମଶଃ ଦୂର ହେବାରେ ଲାଗିଥିବାବେଳେ ଜିଡିପି ବଢ଼ିବାରେ ଲାଗିଛି। ତେଣୁ ଶ୍ରୀଲଙ୍କାବାସୀ ବିକ୍ରମସିଂଘେଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିପାରନ୍ତି ବୋଲି କୁହାଯାଉଛି। ଅନ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି, ଜନତା ବିମୁକ୍ତି ବିରାମୁନା ନେତା ଅନୁରା କୁମାରା ଦିଶାନାୟକେ(୫୫), ସମାଦି ଜନ ବଲୱେଗାୟାର ସାଜିଥ ପ୍ରେମଦାସା(୫୭) ଏବଂ ନମାଲ ରାଜପକ୍ସେ। ୩୮ ବର୍ଷୀୟ ନମାଲ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ସେଙ୍କ ବଡ଼ ପୁଅ। ଏସ୍‌ଏଲ୍‌ପିପିରୁ ଲଢୁଥିବା ନମାଲ ହେଉଛନ୍ତି ଚଳିତ ନିର୍ବାଚନରେ ସର୍ବକନିଷ୍ଠ ରାଷ୍ଟ୍ରପତି ପ୍ରାର୍ଥୀ।

# ନୂଆ ଚିହ୍ନ ପାଇଁ ସୁପ୍ରିମକୋର୍ଟ ଗଲେ ପାୱାର

**ନୂଆଦିଲ୍ଲୀ,୨୦।୯(ପି.ଟି.)**



ଶରଦ ପାୱାର

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ନୂଆ ଦଳୀୟ ଚିହ୍ନ ପାଇଁ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏନ୍‌ସିପିର ଉଭୟ ଗୋଷ୍ଠୀକୁ ନୂତନ ଚିହ୍ନ ଦିଆଯିବାକୁ ପାୱାରଙ୍କ ଗୋଷ୍ଠୀ ନିବେଦନ କରିଛି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ୨୫ ତାରିଖରେ ଆବେଦନର ଶୁଣାଣି କରିବ। ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପିଟିଶନ୍‌ର ତ୍ୱରିତ ଶୁଣାଣି ନିମନ୍ତେ ତାଲିକାଭୁକ୍ତ କରାଇବା ଲାଗି ପାୱାରଙ୍କ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି କୋର୍ଟଙ୍କୁ ନିବେଦନ କରିଥିଲେ।

# ହଜାରିବାଗ ସ୍କୁଲ୍ ପ୍ରିନ୍ସିପାଲଙ୍କ ନାଁରେ ସିବିଆଇ ଚାର୍ଜଶିଟ୍

**ନୂଆଦିଲ୍ଲୀ,୨୦।୯(ପି.ଟି.)**

**ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ମାମଲା**

ଏନ୍‌ଇଇଟି-ୟୁଜି ୨୦୨୪ ପ୍ରଶ୍ନପତ୍ର ଚୋରି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଝାଡ଼ଖଣ୍ଡର ହଜାରିବାଗସ୍ଥିତ ଓଏସିସ୍ ସ୍କୁଲ୍‌ର ପ୍ରିନ୍ସିପାଲ ଏବଂ ଭାଇସ୍ ପ୍ରିନ୍ସିପାଲଙ୍କ ନାଁରେ ଗୁରୁବାର ପାଟନାର ସ୍ୱତନ୍ତ୍ର ଅଦାଲତରେ ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଛି। ସିବିଆଇ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚାର୍ଜଶିଟ୍‌ରେ ପ୍ରିନ୍ସିପାଲ ଅହସନୁଲ ହକ୍, ଭାଇସ୍ ପ୍ରିନ୍ସିପାଲ ମହମ୍ମଦ ଇମତିୟାଜ ଆଲମ ଏବଂ ଅନ୍ୟ ୪ ଅଭିଯୁକ୍ତ ଅମନ କୁମାର ସିଂ, ବଳଦେବ କୁମାର, ସନ୍ନୀ କୁମାର ଏବଂ ସ୍ଥାନୀୟ ଖବରଦାତା ଜମାଲୁଦ୍ଦିନଙ୍କ ନାଁ ରହିଛି। ସେମାନଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଧମକ ଦେବା, ବିଶ୍ୱାସର ଉଲ୍ଲଂଘନ, ଠକେଇ, ଚୋରି, ପ୍ରମାଣ ଲୁଚାଇବା ଏବଂ ଅସାଧୁ ଉପାୟରେ ଚୋରି ସମ୍ପତ୍ତି ଗ୍ରହଣ କରିବା ଅଭିଯୋଗ ଲଗାଯାଇଛି। ଏହା ବ୍ୟତୀତ ହକ୍ ଏବଂ ଆଲମଙ୍କ ବିରୋଧରେ ସିବିଆଇ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରା ଲଗାଇଛି। ଚଳିତ ବର୍ଷ ଏନ୍‌ଇଇଟି ୟୁଜି ପରୀକ୍ଷା ପାଇଁ ହକ୍‌ଙ୍କୁ ହଜାରିବାଗର ସିଟି କୋଅର୍ଡିନେଟର ନିଯୁକ୍ତ କରାଯାଇଥିବାବେଳେ ଆଲମ୍ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ରହିଥିଲେ। ପ୍ରଶ୍ନପତ୍ର ଚୋରି ମାମଲାରେ ସିବିଆଇ ୪୮ ଜଣଙ୍କୁ ଗିରଫ କରିଥିଲା। ପ୍ରଶ୍ନପତ୍ର ଲିକ୍‌ରୁ ଉପକୃତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସିବିଆଇ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସବିଶେଷ ତାଲିକା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ନିକଟକୁ ପଠାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧ରେ ସିବିଆଇ ୧୩ ଜଣଙ୍କ ନାଁରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା।

# ସନ୍ଦୀପ୍‌ଙ୍କ ନାର୍କୋ ପରୀକ୍ଷା ପାଇଁ ଆବେଦନ

**କୋଲକାତା,୨୦।୯**



କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ନାର୍କୋ ଟେଷ୍ଟ କରାଯିବ। ଏଥିପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ସନ୍ଦୀପ୍‌ଙ୍କୁ ଏକ ସ୍ଥାନୀୟ ଅଦାଲତରେ ହାଜର କରାଇ ନାର୍କୋ ଟେଷ୍ଟ ନିମନ୍ତେ ଅନୁମତି ଲୋଡ଼ିଛି। ସନ୍ଦୀପ୍ ତଦନ୍ତ ବେଳେ ସହଯୋଗ କରୁ ନ ଥିବା ସିଲ୍‌ଦା କୋର୍ଟକୁ ସିବିଆଇ ଅବଗତ କରାଇଛି। ଏହା ପୂର୍ବରୁ ସନ୍ଦୀପ୍‌ଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯାଇସରିଛି। ନାର୍କୋ ଆନାଲିସିସ୍ ଟେଷ୍ଟ ବେଳେ ସୋଡିୟମ ପେଣ୍ଟୋଥାଲ ଇଞ୍ଜେକ୍ସନ ଦିଆଯିବା ପରେ ଅଭିଯୁକ୍ତ ବ୍ୟକ୍ତି କଳ୍ପନା ଶକ୍ତି ହରାଇଥାନ୍ତି। ଫଳରେ ସେ ସତ କହିଥାନ୍ତି ବୋଲି ମନେକରାଯାଏ। ତେବେ ପଲିଗ୍ରାଫ ଏବଂ ନାର୍କୋ ଟେଷ୍ଟରୁ ମିଳୁଥିବା ତଥ୍ୟକୁ ଅଦାଲତରେ ପ୍ରମାଣ ଭାବେ ଗ୍ରହଣ କରାଯାଇ ନ ଥାଏ। ଏହା ପୂର୍ବରୁ ଅଦାଲତ ସନ୍ଦୀପଙ୍କୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ହାଜତରେ ରଖିବା ପାଇଁ ସିବିଆଇକୁ ଅନୁମତି ଦେଇଥିଲେ।

# ଗଧ ମୃତ୍ୟୁରୁ ୬୫ ଜଣଙ୍କ ନାଁରେ ଏତଲା

**ବକ୍ସାର,୨୦।୯**



ବିହାରର ବକ୍ସାର ଜିଲାରେ ଏକ ଗଧର ମୃତ୍ୟୁକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ପୋଲିସ ୬୫ ଜଣ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଜିଲାର କେସାଥ ବ୍ଲକ୍ ଅଧୀନ ଏକ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗଧର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଏଥିପାଇଁ ବିଦ୍ୟୁତ୍ ବିଭାଗକୁ ଦାୟୀ କରି ସ୍ଥାନୀୟ ଗ୍ରୀଡ୍ ଷ୍ଟେଶନ ସମ୍ମୁଖରେ ଗଧ ମୃତ୍ୟୁର କ୍ଷତିପୂରଣ ଦାବି କରିଥିଲେ। ଏପରିକି ସେମାନେ ଗ୍ରୀଡ୍‌ର ପାୱାର ସୁଇଚ୍‌କୁ ବନ୍ଦ କରିଦେଇଥିଲେ। ବିଜୁଳି ବିନା ୩ ଘଣ୍ଟା ବିତିବା ପରେ ବରିଷ୍ଠ ଅଧିକାରୀମାନେ ସେଠାକୁ ଆସି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ଉପଭୋକ୍ତାମାନଙ୍କ ଅଭିଯୋଗକ୍ରମେ ୬୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହା ବାଦ୍ ବିଦ୍ୟୁତ ବିଭାଗର କେତେଜଣ କର୍ମଚାରୀଙ୍କ ନାଁରେ ମଧ୍ୟ ଏଫ୍‌ଆଇଆର୍ ହୋଇଥିବା ବକ୍ସାର ଏସ୍‌ପି ଶୁଭମ୍ ଆର୍ଯ୍ୟ ସୂଚନା ଦେଇଛନ୍ତି।


**Classified Everyday**
**0674-2580101, 2549949**



**REAL ESTATE**
**SALE**

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1394

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1393

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open health benefits SPA by expert therapist. Contact- 9938843929. D-76155

Newly open health benefits SPA special offer @ 799 Bapujinagar. 8018429809. D-76156

**LOST**

ମୁଁ ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, ପି- ଅକ୍ଷୟ କୁମାର ବଳ ଜଣାଉଅଛିକି ମୋର ଦଶମ, ଦ୍ୱାଦଶ ଏବଂ ବି.ଟେକ୍ (ଗ୍ରାଜୁଏସନ୍ ସି.ଭି. ରମଣ କଲେଜ ଅଫ୍ ଇଂଜିନିୟରିଙ୍ଗ୍‌ର ସମସ୍ତ ସାର୍ଟିଫିକେଟ୍ କେଉଁଠାରେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, କଣ୍ଟାପଡ଼ା ତହସିଲ, 7978635409. D-1398

I, Sri Rahul Pradhan, Son of Tankadhara Pradhan, age-24, Village- Sikaketa, P.S.- Daringbadi, Dist.- Kandhamal, Odisha declare by this affidavit No.-682, on dt. 17.08.2024. I missed my Board of Higher Secondary Education Certificate Sr No.-1601333966 and Mark Sheet, Migration Certificate, School Leaving Certificate, Conduct Certificate which could not be traced out after several efforts. D-1401

I, DRUPATI GANJU, W/o- Bandhanu Ganjhu, R/o- Village- Dhobatoli, Ghoghia, P.O.- Kenderkela, P.S.- Hatibari, Dist.- Sundargarh, Odisha. That I purchase a Policy from India Post vide number R-OR-EA-361298 of the um assured 30,000/- bearing a premium of Rs. 267/- per month payable up to February 2021, and I have applied to India Post for the settlement of my maturity claim and payment of money in respect of the said policy has been lost/ untraceable and it is not forthcoming and whereas I have not produced the said policy issued to DRUPATI GANJU by Indian Post. D-1404

**AFFIDAVIT**

I, Prasant Kumar Dash, S/o- Managobinda Dash, resident of At- Chunabhati Sainagar, P.O.- College Square, P.S.- Chauliaganj, Dist.- Cuttack, PIN-753003, Odisha declare by this affidavit No.-7244, Dtd.- 19.09.2024, that now onwards I shall be known as PRASANTA KUMAR DASH for all future purposes. D-1392

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Mr. Pradip Kumar Panda, S/o- Late Pravakar Panda, resident of Markona Bazar, Simulia, Balasore, PIN-756126, Odisha declare by this affidavit No.-2176, dtd. 17.09.2024, that now onwards I shall be known as PRADEEP KUMAR PANDA for all future purposes. D-1400

I, Sangita Patnaik, W/o- Janapriya Debata, resident of Plot No.-799/A, Kotitirtha Road, P.S.-Shree Lingaraj, BBSR-2, Dist.-Khordha, Odisha, declare by this affidavit sworn before the Executive Magistrate, BBSR, Vide C. F. No.-123, dt.19.09.2024, that now onwards, I shall be known as Sangita Patnaik for all future purposes. D-1403

I, Haraprasad Das, my daughter is Mehek Das, In my daughter's Birth Certificate my name is Hara Prasad Das whereas it should be Haraprasad Das. I did Magistrate affidavit No.- CF No.- 121/19.09.2024 for this change. D-1391

By virtue of an affidavit sworn before Notary Public, Dabugaon, I, Tilottama Bhatra, D/o- Padmani Bhatra & Rathiram Bhatra of Vill- Kamata, P.S.- Dabugaon do hereby declare that I have been using Tilottama Bhatra as my name in all purposes, not Tula Bhatra and my Date of Birth is 19.02.2002. D-1399

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚିରଞ୍ଜୀବ ମହାରଣା (ଟୁନା)**
ମାଧବଚୌଧୁରୀ ପାଟଣା, କଣ୍ଟିଲୋ
ନୀଳମାଧବ ପୀଠ
ଆବିର୍ଭାବ: ତା୧୭।୧୦।୧୯୭୭
ତିରୋଧାନ: ତା୧୧।୦୯।୨୦୨୪

ତୋର ସ୍ନେହବୋଳା ମିଠା କଥା ଓ ସମସ୍ତଙ୍କୁ ଭଲ ପାଇବା ଆମ ସହପାଠୀମାନଙ୍କ ନିକଟରେ ସ୍ମରଣୀୟ ହୋଇ ରହିବ। ତୋର ହସ ହସ ମୁହଁ ସର୍ବଦା ଆଖି ଆଗରେ ନାଚି ଉଠୁଛି। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ତୋର ନୀଳମାଧବ ବିଦ୍ୟାପୀଠ, କଣ୍ଟିଲୋ, ୧୯୯୩ ମାଟ୍ରିକ୍ ବ୍ୟାଚ୍ ସହପାଠୀମାନେ। ଧ-୧୪୦୨

**ତେତିଶିତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସୁଧାଂଶୁ ମୋହନ ରାଉତରାୟ**
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧

'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି 'ଫଗୁ ସକାଳ' ଘୋଷି ଜାଣ ବଞ୍ଚିଥିବ ଯଶରାଶି 'ତୁମ ପାଇଁ କବିତା' ର ଗାତି କେତେ ଫଗ ବୁଣିଯେ ଦେଇଛି ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।

ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-୭୫୮୭୭

# ଷ୍ଟକ୍ ମାର୍କେଟର ଐତିହାସିକ ରେକର୍ଡ

## ଶେଷ ଦିନରେ ୬ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

ମୁମ୍ବାଇ,୨୦।୯



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ମଧ୍ୟରେ ଭାରତୀୟ ଷ୍ଟକ ମାର୍କେଟ ଏକ ନୂଆ ମାଇଲଖୁଣ୍ଟ ସହ ଐତିହାସିକ ରେକର୍ଡ ସ୍ଥାପନ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାରର ଶେଷ ଦିନରେ ନିବେଶକ ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ଉଲ୍ଲେଖଯୋଗ୍ୟ, ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର କାରବାର ଶୁକ୍ରବାର ନୂଆ କୀର୍ତ୍ତିମାନ ହାସଲ କରିଛି। ଚଳିତ ସପ୍ତାହର ଶେଷ ଦିନରେ ୩୦ ଶେୟାର ବିଶିଷ୍ଟ ବିଏସଇ ସେନ୍ସେକ୍ସ ୧୩୬୦ ପଏଣ୍ଟର କାରବାର ସହିତ ୮୪, ୫୦୦ ଅଙ୍କରେ ରହିଥିଲାବେଳେ ଏନଏସଇ ନିଫ୍ଟି ୪୦୦ ପଏଣ୍ଟ ସହିତ ୨୫,୮୦୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଫଳରେ ଶୁକ୍ରବାର ଶେୟାର ବଜାରର ନିବେଶକ ୬ ଲକ୍ଷ କୋଟି ( ୬.୨୪ ଲକ୍ଷ କୋଟି) ରୁ ଅଧିକ ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଡ଼ିଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ପୁଞ୍ଜି ବଜାରର ମୂଲ୍ୟ ୪୬୫.୪୭ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ଶେଷ ଦିନର କାରାବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୬.୨୪ ଲକ୍ଷ କୋଟି ସହିତ ୪୭୧. ୭୧ ଲକ୍ଷ କୋଟିରେ ପହଞ୍ଚିଛି।

ଅପରପକ୍ଷରେ ଶୁକ୍ରବାର ପ୍ରାରମ୍ଭରୁ ଉଭୟ ବିଏସ୍ଇ ଏବଂ ଏନ୍ଏସ୍ଇର କାରବାର ସବୁଜ ରଙ୍ଗରୁ ଆରମ୍ଭହୋଇ ସେହି ସବୁଜ ରଙ୍ଗରେ ବନ୍ଦ ହୋଇଥିଲା। ଏପରିକି କାରବାର ପ୍ରାରମ୍ଭରେ ସେନ୍ସେକ୍ସ ପ୍ରାୟ ୧୫୧୦ ପଏଣ୍ଟ (୧୫୦୯.୬୬) ବା ୧.୮୧% ବୃଦ୍ଧି ଘଟି ୮୪,୬୯୪.୪୪ ଅଙ୍କରେ ପହଞ୍ଚି ଯାଇଥିଲାବେଳେ ନିଫ୍ଟର କାରବାର ୪୩୩.୪୫ ପଏଣ୍ଟ ବା ୧.୭୦% ବୃଦ୍ଧି ହୋଇ ୨୫, ୮୪୯.୨୫ ଅଙ୍କ ଛୁଇଁଥିଲା। ସେହିପରି ଚଳିତ ସପ୍ତାହର କାରବାର ଶେଷ ସୁଦ୍ଧା ନିଫ୍ଟି ମିଡ୍କାପ ୮୫୬. ୯୦ ପଏଣ୍ଟ ବୃଦ୍ଧି ଘଟି ୬୦,୨୦୮.୮୦ ଅଙ୍କରେ ଥିଲାବେଳେ ନିଫ୍ଟି ସ୍ମଲକ୍ୟାପ୍ ୬୭.୪୦ ପଏଣ୍ଟ ବଢ଼ି ୯୩୦୨.୭୫ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ବ୍ୟାଙ୍କ ୭୫୫.୬୦ ବୃଦ୍ଧି ପାଇ ୫୩,୭୯୩.୨୦ ଅଙ୍କରେ କାରବାର ବନ୍ଦ କରିଥିଲା।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୩୫୯ (୧୩୫୯.୫୧) ପଏଣ୍ଟ ବଢ଼ି ୮୪,୫୪୪ (୮୩,୫୪୪.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୭୫ (୩୭୫.୧୫) ପଏଣ୍ଟ ବୃଦ୍ଧି ଘଟି ୨୫,୭୯୧ (୨୫,୭୯୦.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ୟୁବିଆଇର ନୂତନ ଶାଖା ଉଦ୍ଘାଟିତ



ଭୁବନେଶ୍ୱର,୨୦।୯ (ଅଭୟ ଦାଶ)

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ନୂତନ ଶାଖା 'ନିଶ୍ଚିନ୍ତକୋଇଲ ଶାଖା' ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନଙ୍କ ସମେତ ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପକ୍ଷେତ୍ରୀୟ ମୁଖ୍ୟ ଦିଲୀପ କୁମାର, ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ନିଶ୍ଚିନ୍ତକୋଇଲି ଶାଖାର ଶାଖା ପ୍ରବନ୍ଧକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନ କହିଥିଲେ, ନିଶ୍ଚିନ୍ତକୋଇଲି ଶାଖା ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟାଙ୍କର ସମସ୍ତ ସୁବିଧା ସହି ଉତ୍ତମ ସେବା ଯୋଗାଇଦେବ। ଏପରିକି ଉକ୍ତ ଅଞ୍ଚଳର ଆର୍ଥିକ ବିକାଶରେ ମଧ୍ୟ ବ୍ୟାଙ୍କ ଆବଶ୍ୟକ ସହାୟକ ହେବ।

ଉଲ୍ଲେଖଯୋଗ୍ୟ, ୟୁବିଆଇର ଏହି ନୂତନ ଶାଖା ବ୍ୟାଙ୍କର କଟକ କ୍ଷେତ୍ର ଅଧୀନରେ ଆସୁଥିବା ନିଶ୍ଚିନ୍ତକୋଇଲିଠାରେ ଆରମ୍ଭ ହୋଇଛି। ଏପରିକି ୟୁବିଆଇ କଟକ କ୍ଷେତ୍ର ଅଧୀନରେ ଆସୁଥିବା ଏହା ୫୭ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଅକ୍ଟୋବର ୨୭ରେ 'ଲେକ୍ ସାଇଡ୍ ଗ୍ଲାମର'




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୦।୯: (ଅଭୟ ଦାଶ)

ସ୍ୱସ୍ତି ଗ୍ରୁପ୍ର ପ୍ରମୁଖ ହୋଟେଲ ସ୍ୱସ୍ତି ଚିଲିକା ରେସର୍ଟ ପକ୍ଷରୁ ଏକ ଦିନିକିଆ ଫ୍ୟାଶନ ଶୋ ୨୦୨୪ ଅକ୍ଟୋବର ୨୭ ରେ ଆୟୋଜନ କରାଯାଉଛି। ସ୍ୱସ୍ତି ଚିଲିକା ରେସର୍ଟ ଏବଂ ଇଭେଣ୍ଟ ଏଲିଗାନ୍ସର ମିଳିତ ଉଦ୍ୟମରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଫ୍ୟାଶନ ଶୋ 'ଲେକ୍ ସାଇଡ୍ ଗ୍ଲାମର-୨୦୨୪'ର ଆୟୋଜନ ହେଉଛି। ଏହି ଶୋ'ରେ ୪୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ କରାଯାଇଥିଲା। ଏହି ଅବସରରେ ସ୍ୱସ୍ତି ଗ୍ରୁପ୍ର ଭିପି ପ୍ରିୟନାଥ ବେହେରା, ଅଭିଷେକ ନାଥ, ପ୍ରମୋଦ ତିୱାରୀଙ୍କ ସମେତ ଇଭେଣ୍ଟ ଏଲିଗାନ୍ସର ପିଏଚ୍ ଅଭିଷେକ ଶାସ୍ତ୍ରୀ ଏବଂ ଅମିତ ସାୱନ୍ତ ପ୍ରମୁଖ ଯୋଗଦେଇ ଶୋ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ଏଲ୍ଡି ସହ ଆଇଆଇଟି ଭୁବନେଶ୍ୱରର ବୁଝାମଣା

ଭୁବନେଶ୍ୱର,୨୦।୯



ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ଏବଂ ଲେଟସ୍ ଡ୍ରାଇଭି(ଏଲ୍ଡି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ ପରିସୀମା ମଧ୍ୟରେ ଲେଟ୍ସ ଡ୍ରାଇଭି ଇ-ସ୍କୁଟର ସେବା ପ୍ରଦାନ କରିବା ସହ ପରିବେଶକୁ ପ୍ରଦୂଷଣମୁକ୍ତ ଏବଂ ନେଟ ଜିରୋ କ୍ୟାମ୍ପସ ଗଢ଼ିବାର ଭିତ୍ତିଭୂମିକୁ ଦୃଢ଼ୀଭୂତ କରିଛି। ଏ ନେଇ ଉଭୟ ସଂସ୍ଥା ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଉଭୟ ସଂସ୍ଥାର ବୁଝାମଣା ଅନୁଯାୟୀ ଲେଟସ୍ ଡ୍ରାଇଭି କ୍ୟାମ୍ପସ ପରିସରରେ ଏକ ନୂତନ ଷ୍ଟେଶନ ଉଦ୍ଘାଟନ କରିଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀ ୧୧ଟି ଷ୍ଟେଶନ ସହ ୬ଟି କଲେଜ ସହିତ ସହାନୁବନ୍ଧିତ କରିସାରିଛି। ସେହିପରି ଉଦ୍ଘାଟନୀ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶତରୂପା କର୍ମକାର, ଦି ଏନର୍ଜି କମ୍ପାନୀର ଫାଉଣ୍ଡର ପ୍ରଶାନ୍ତ ରାଠୀ ଏବଂ ଲେଟସ୍ ଡ୍ରାଇଭିର ଫାଉଣ୍ଡର ଅଙ୍କୁର ବି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଲେଟସ୍ ଡ୍ରାଇଭି ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ୪୦ଟି ଗାଡ଼ି ନିୟୋଜିତ କରିଛି। ଏପରିକି ଆଗକୁ ଆହୁରି ସେବା ପ୍ରଦାନ କରିବା ପାଇଁ କମ୍ପାନୀ ଚୁକ୍ତି କରିଛି।

## ଟିପିସିଓଡିଏଲ୍ ଏପିଏସ୍ସିର ଶୁଭାରମ୍ଭ

ଭୁବନେଶ୍ୱର,୨୦।୯

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଟକ ସହରାଞ୍ଚଳରେ ଏକ ୨୪ ଘଣ୍ଟିଆ ସ୍କାଡ଼ା ଏନାବଲ୍ଡ ସର୍କଲ ୟୁନିଟ୍ ପଏଣ୍ଟ ବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ଏପିଏସ୍ସି)ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟିପିସିଓଡିଏଲ୍ର ସିଇଓ ଅରଭିନ୍ଦ୍ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଟିପିସିଓଡିଏଲ୍ର ସିଇଓ ଅରଭିନ୍ଦ୍ ସିଂହ କହିଥିଲେ, ଆମେ ଏହି ସେଣ୍ଟରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ମାଇଲଖୁଣ୍ଟ ଆମ ସାଙ୍ଗଠନିକ ଲକ୍ଷ୍ୟ ଦିଗରେ ଏକ ସର୍ବୋଚ୍ଚ ମାନର ପରିଚାଳନାଗତ ଉତ୍କର୍ଷ, ନିରାପତ୍ତା ଏବଂ ବିଶ୍ୱସନୀୟତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସହ ଗ୍ରାହକମାନଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଣ ସୁନିଶ୍ଚିତ କରିବ।

## ଯୋଗାଣ ଶୃଙ୍ଖଳାରେ କାର୍ଯ୍ୟଦକ୍ଷତାକୁ ବହୁଗୁଣିତ କରିବ



ନୂଆଦିଲ୍ଲୀ,୨୦।୯

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ କୋଇଲା ପରିବହନକୁ ସୁଗମ କରିବା ଲାଗି ଭାରତ ସରକାର ସର୍ଡେଗା-ଭାଲୁମୁଣ୍ଡା ରେଳ ଲାଇନ ସଂଯୋଗୀକରଣ ପ୍ରକଳ୍ପକୁ ଅନୁମୋଦନ ଦେବା ସହ କାର୍ଯ୍ୟକାରୀ ମଧ୍ୟ କରାଇଛନ୍ତି। ଏପରିକି ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଦ୍ୱାରା ଏହି ପ୍ରକଳ୍ପକୁ ନିକଟରେ ଅନୁମୋଦନ ଦିଆଯାଇଛି। ଫଳରେ ବେଦାନ୍ତର ଜାମକାନି ଓ ଘୋଗରପାଲୀ କ୍ୟାପ୍ଟିଭ ଖଣିରୁ ୧୦୦% ରେଳଭିତ୍ତିକ କୋଇଲା ଛାଡ଼ିବା ସହ ସଡ଼କ ପରିବହନ ପରିବର୍ତ୍ତେ ଏହି ପ୍ରକଳ୍ପ ଅଙ୍ଗାରକାମ୍ଳ ପଦଚିହ୍ନ ଓ କୋଇଲା ଲଜିଷ୍ଟିକ୍ସ ବ୍ୟୟକୁ ହ୍ରାସ କରିବ। ୩୭କି.ମି. ବିଶିଷ୍ଟ ରେଳଲାଇନ ବେଦାନ୍ତ କୋଇଲା ଖଣିରୁ କୋଇଲା ପରିବହନକୁ ଶୃଙ୍ଖଳିତ କରିବା ସହିତ ଦ୍ରୁତ ଲୋଡିଂ ସିଷ୍ଟମ ମାଧ୍ୟମରେ କ୍ରମାଗତ କୋଇଲା ଗୁଣ ଓ ଲଜିଷ୍ଟିକ୍ସକୁ ନିଶ୍ଚିତ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ (ଡ୍ରାଇଭିଂ) ପାଇଁ ଆମେ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ, ଯାହା ଆମର ଯୋଗାଣ ଶୃଙ୍ଖଳା କାର୍ଯ୍ୟଦକ୍ଷତାକୁ ବହୁଗୁଣିତ କରିବ। ଏପରିକି ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ ପ୍ରତି ଆମର ପ୍ରୟାସରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିବ।

## ପିଏନ୍ବି ପକ୍ଷରୁ ପିଏମ୍ ଇ-ବିଶ୍ୱକର୍ମା ପ୍ରୋଗ୍ରାମ




ଭୁବନେଶ୍ୱର,୨୦।୯

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍ବି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ବା ପିଏମ୍ ଇ-ବିଶ୍ୱକର୍ମା ଯୋଜନା' ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍ବି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ କ୍ରେଡିଟ୍ ଆଉଟ୍ରିଚ୍ ପ୍ରୋଗ୍ରାମ ଶୁକ୍ରବାର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ପିଏନ୍ବିର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ୨୧ ଜଣ ପିଏମ୍ ଇ-ବିଶ୍ୱକର୍ମା ଯୋଜନା ହିତାଧିକାରୀଙ୍କୁ ଋଣ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଗ୍ରାହକମାନଙ୍କୁ ସମ୍ବୋଧନକରି ଡ. ମହାନ୍ତି ପିଏମ୍ ଇ-ବିଶ୍ୱକର୍ମା ଯୋଜନାର ବୈଶିଷ୍ଟ୍ୟ ଓ ସୁବିଧା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ମଞ୍ଜୁରୀ ଋଣ ରାଶିକୁ ଠିକ୍ ଉପାୟରେ ବିନିଯୋଗ କରି ବ୍ୟବସାୟରେ ଅଭିବୃଦ୍ଧି ଆଣିବାକୁ ସେ ପରାମର୍ଶ ଦେଇଥିଲେ।

ସେହିପରି ପିଏମ୍ ବିଶ୍ୱକର୍ମା ଯୋଜନାକୁ ଅନ୍ଲାଇନ ମୋଡ୍ରେ ମଞ୍ଜୁର ଏବଂ ବିତରଣ ପାଇଁ ଏକ ପଦକ୍ଷେପ ନିଆଯାଇଛି, ଯାହାକୁ ଇ-ବିଶ୍ୱକର୍ମା ବୋଲି କୁହାଯାଉଛି। ଉଭୟ ଅନ୍ଲାଇନ ଓ ଅଫ୍ଲାଇନ ମାଧ୍ୟମରେ ମନୋନୀତ ହିତାଧିକାରୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପ୍ରଦାନ (ଟ୍ରାନ୍ସଫର) କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ପିଏନ୍ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର, ଉପ ଆଞ୍ଚଳିକ ପ୍ରବନ୍ଧକ କେ.ବି. ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବୈଦେଶିକ ମୁଦ୍ରାଭଣ୍ଡାର ୨୨୩ ମିଲିୟନ ଡଲାର ବୃଦ୍ଧି

ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)

ଗୋଲ୍ଡ ରିଜର୍ଭ ମୂଲ୍ୟରେ ବୃଦ୍ଧି ହେତୁ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ପୁଣି ଥରେ ଏକ ନୂତନ ଐତିହାସିକ ସ୍ତରରେ ପହଞ୍ଚିଛି। ଏହି ତଥ୍ୟ ପ୍ରକାଶକରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) କହିଛି, ଚଳିତବର୍ଷ ସେପ୍ଟେମ୍ବର ୧୩ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୨୨୩ ମିଲିୟନ ଡଲାର ବୃଦ୍ଧି ପାଇ ୬୮୯.୪୮ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଗତ ସପ୍ତାହରେ ୬୮୯.୨୩ ବିଲିୟନ ଡଲାର ଥିଲା। ବ୍ୟାଙ୍କିଙ୍ଗ୍ ସେକ୍ଟର ନିୟାମକ ଆର୍ବିଆଇ ୨୦ ସେପ୍ଟେମ୍ବରରେ ବୈଦେଶିକ ମୁଦ୍ରା ସଂରକ୍ଷଣର ତଥ୍ୟ ପ୍ରକାଶକରି ଏହି ସୂଚନା ଦେଇଛି। ତେବେ ବିଦେଶୀ ମୁଦ୍ରା ସମ୍ପତ୍ତି ୫୧୫ ମିଲିୟନ ଡଲାରରୁ ହ୍ରାସ ପାଇ ୬୦୩.୬୨ ବିଲିୟନ ଡଲାରରେ ପହଞ୍ଚିଛି। ଆର୍ବିଆଇର ସୁନା ଭଣ୍ଡାରରେ ଏକ ବଡ଼ ଧରଣର ଅଗ୍ରଗତି ଦେଖିବାକୁ ମିଳିଛି । ଏହା ୮୯୯ ମିଲିୟନ ଡଲାରକୁ ବୃଦ୍ଧିକରି ୬୨.୮୮ ବିଲିୟନ ଡଲାରରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ଏସ୍ଡିଆର୍ ୫୩ ମିଲିୟନ ଡଲାରରୁ ୧୮.୪୧ ବିଲିୟନ ଡଲାରକୁ ହ୍ରାସ ପାଇଛି।

ଅନ୍ୟପଟେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରେ ଜମା ହୋଇଥିବା ସଂରକ୍ଷଣ ୧୦୮ ନିୟୁତ ଡଲାରରୁ ୪.୫୨ ବିଲିୟନ ଡଲାରରେ ପହଞ୍ଚିଛି। ମୁଦ୍ରାବଜାରରେ ଟଙ୍କା ୧୩ ପଇସା ବୃଦ୍ଧି ପାଇ ଏକ ଡଲାର ତୁଳନାରେ ୮୩.୫୬ ଟଙ୍କା ସ୍ତରରେ ବନ୍ଦ ହୋଇଯାଇଥିଲା ଯାହା ଗତ ଅଧିବେଶନରେ ୮୩.୬୯ ଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟର ଦୁର୍ବଳତାକୁ ରୋକିବା ପାଇଁ ଆର୍ବିଆଇ ହସ୍ତକ୍ଷେପ କରିଛି ବୋଲି ଅନୁମାନ କରାଯାଉଛି। ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍ପିଆଇ) ସେପ୍ଟେମ୍ବରରେ ଘରୋଇ ଇକ୍ୱିଟି ବଜାରରେ ୩୩,୩୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି, ଯାହା ଚଳିତବର୍ଷ ମାର୍ଚ୍ଚରେ ୩୫,୧୦୦ କୋଟି ଟଙ୍କା ବିନିଯୋଗ ପରେ ଦ୍ୱିତୀୟ ସର୍ବାଧିକ। ସେପ୍ଟେମ୍ବର ୨୦ ଶୁକ୍ରବାରର ବାଣିଜ୍ୟ ଅଧିବେଶନରେ ଭାରତୀୟ ଷ୍ଟକ୍ ମାର୍କେଟ ସର୍ବକାଳୀନ ଉଚ୍ଚରେ ବନ୍ଦ ହୋଇଯାଇଛି ଏବଂ ଏହି କାରଣରୁ ବୈଦେଶିକ ମୁଦ୍ରା ସଂରକ୍ଷଣ ସର୍ବକାଳୀନ ସ୍ତରରେ ପହଞ୍ଚିଛି। ୨୦୨୪ରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ୬୬ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ଘଟିଛି।

## ୱଣ୍ଡର୍ଲାକୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବେ ସରକାର

### ୱଣ୍ଡର୍ଲା ପାର୍କ ଉଦ୍ଘାଟିତ

ଭୁବନେଶ୍ୱର,୨୦।୯ (ଅଭୟ ଦାଶ)




ଭାରତର ସର୍ବବୃହତ୍ ଆମ୍ୟୁଜମେଣ୍ଟ ପାର୍କ ଚେନ୍ ତଥା ୱଣ୍ଡର୍ଲା ହଲିଡେଜ୍ସ ଲିମିଟେଡ୍ର ପ୍ରମୁଖ ଶାଖା ପାର୍କ 'ୱଣ୍ଡର୍ଲା' ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମର୍ଥ ବର୍ମା, ଡାଇରେକ୍ଟର ଟୁରିଜମ୍ଙ୍କ ସମେତ ୱଣ୍ଡର୍ଲା ହଲିଡେଜ୍ସ ଲିମିଟେଡ୍ର ଏମ୍ଡି ଅରୁନ୍ କେ ଚିଟ୍ଟିଲାପିଲେ, ପ୍ରେସିଡେଣ୍ଟ ଶିବଦାସ ଏମ୍, ସିଓଓ ଧୀରେନ ଚୌଧାରୀ ଏବଂ ପାର୍କ ହେଡ୍ ଭୁବନେଶ୍ୱର କଳ୍ପତରୁ ନାୟକ ଓ କାର୍ଯ୍ୟନିର୍ବାହୀଗଣ ଯୋଗଦେଇଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ରାଜ୍ୟର ପ୍ରଥମ ଓ ସର୍ବବୃହତ୍ ଆମ୍ୟୁଜ୍ମେଣ୍ଟ ପାର୍କ ୱଣ୍ଡର୍ଲାକୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ପାର୍କ ଯୁବବର୍ଗଙ୍କ ମନକୁ ପ୍ରେରଣା ଦେବା ସହ ରାଜ୍ୟର ମନୋରଞ୍ଜନ କ୍ଷେତ୍ରରେ ବୃଦ୍ଧି ଘଟାଇବ ଏବଂ ପର୍ଯ୍ୟଟନ ଅଭିବୃଦ୍ଧିରେ ଅବଦାନ ରଖିବ। ବିଶ୍ୱ ଶ୍ରେଣୀର ରାଇଡ୍ ଏବଂ ସର୍ବୋଚ୍ଚ ନିରାପତ୍ତା ମାନକ ଅନୁପାଳନ ସହ ୱଣ୍ଡର୍ଲା ପରିବାର ଓ ପରିଦର୍ଶକଙ୍କ ପାଇଁ ଏକ ଅନନ୍ୟ ଅନୁଭୂତି ଯୋଗାଇଦେଉଛି। ସେହିଭଳି ଅରୁଣ କେ ଚିଟ୍ଟିଲାପିଲେ କହିଥିଲେ, ଆମେ ଓଡ଼ିଶା ସରକାରଙ୍କ ସମର୍ଥନରେ ସମଗ୍ର ଭାରତରେ ଆମର ଉପସ୍ଥିତି ସମ୍ପ୍ରସାରିତ କରୁଥିବାବେଳେ ୱଣ୍ଡର୍ଲା ଭୁବନେଶ୍ୱରର ଭବ୍ୟ ଉଦ୍ଘାଟନ ଆମ ପାଇଁ ଏକ ଗୌରବର ମୁହୂର୍ତ୍ତ ହୋଇଛି। ସେମାନଙ୍କର ଉତ୍ସାହ ଏବଂ ସହଯୋଗିତା ଏହି ପ୍ରକଳ୍ପକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ଏବଂ ରାଜ୍ୟରେ ପର୍ଯ୍ୟଟନ ଓ ଆମୋଦ ପ୍ରମୋଦକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ଦୂରଦୃଷ୍ଟିକୁ ନେଇ ଆମେ କୃତଜ୍ଞ ମନେକରୁଛୁ।

## ଚଳିତ ବର୍ଷ ଅକ୍ଟୋବର ୨ ରୁ ମଜୁରି ବୃଦ୍ଧି

### ଉପକୃତ ହେବେ ସୂତା କଟାଳି ଏବଂ ବୁଣାକାର

ଭୁବନେଶ୍ୱର,୨୦।୯



ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ଅଧ୍ୟକ୍ଷ ମନୋଜ କୁମାର ଚଳିତ ବର୍ଷ ଅକ୍ଟୋବର ୨ ରୁ ମଜୁରି ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏପରିକି ସୂତା କଟାଳିଙ୍କ ମଜୁରି ୨୫% ଏବଂ ବୁଣାକାରଙ୍କ ମଜୁରି ୭% ବୃଦ୍ଧି କରାଯାଇଥିଲାବେଳେ ଏହି ବର୍ଦ୍ଧିତ ମଜୁରି ୨୦୨୪ ଅକ୍ଟୋବର ୨ରୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଏବଂ ମୋଦି ସରକାର ୩.୦ର ୧୦୦ଦିନ ପୂରଣ ଅବସରରେ ପୂଜ୍ୟ ବାପୁଙ୍କ ଜନ୍ମସ୍ଥଳୀ ପୋରବନ୍ଦରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେଭିଆଇସି ଅଧ୍ୟକ୍ଷ ଏଭଳି ଘୋଷଣା କରିବା ସହ ବହୁ ଲକ୍ଷ ଖଦି କାରିଗର ଉପକୃତ ହେବେ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍ଇଜିପି) ଅନ୍ତର୍ଗତ ୩୯୧୧ ହିତାଧିକାରୀଙ୍କ ଆକାଉଣ୍ଟରେ ୧୦୧ କୋଟି ଟଙ୍କା ଜମା କରାଯାଇଥିଲାବେଳେ ଭିଡିଓ କନ୍ଫରେନ୍ସରେ ୧୧୦୦ ନୂତନ ପିଏମ୍ଇଜିପି ୟୁନିଟ୍ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଆସମାବତୀ ନଦୀକୂଳରେ ସ୍ଥାପିତ ୨୬ ଫୁଟ ଲମ୍ବ ଏବଂ ୧୩ଫୁଟ ଚଉଡ଼ା ଷ୍ଟେନ୍ଲେସ୍ ଷ୍ଟିଲ୍ ସ୍ମାରକ ଚରଖା ମଧ୍ୟ ଅନାବରଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମନୋଜ କହିଥିଲେ, ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨ୟ ଥର ପାଇଁ ସୂତା କଟାଳି ଏବଂ ବୁଣାକାରଙ୍କ ମଜୁରି ବୃଦ୍ଧି କରାଯାଇଛି। ୨୦୨୪ ଅକ୍ଟୋବର ୨ରୁ ସୂତା କଟାଳିଙ୍କୁ ଗୁଣ୍ଡି ପିଛା ୧୦ଟଙ୍କା ମଜୁରି ପରିବର୍ତ୍ତେ ୧୨.୫୦ଟଙ୍କା ମଜୁରି ମିଳିବ। ଏହା ପୂର୍ବରୁ ୨୦୨୩ ଏପ୍ରିଲ ୧ରେ ଏହାକୁ ୭.୫୦ ଟଙ୍କାରୁ ୧୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଖଦି କ୍ରାନ୍ତି ଦ୍ୱାରା ସୂତା କଟାଳି ଏବଂ ବୁଣାକାରମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିଛି।

ଗତ ଆର୍ଥିକ ବର୍ଷରେ ଖଦିର କାରବାର ୧.୫୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହି କାର୍ଯ୍ୟକ୍ରମରେ ଗୁଜରାଟର କେଭିଆଇସି ରାଜ୍ୟ କାର୍ଯ୍ୟାଳୟ ସହ ଜଡ଼ିତ ଖଦି ଅନୁଷ୍ଠାନର ପ୍ରତିନିଧି, ଖଦି ଶ୍ରମିକ, କାରିଗର ଏବଂ କେଭିଆଇସିର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଥାକଟ

ଗଳ୍ପ

ଘନଶ୍ୟାମ ପଲେଇ



କଲିଂ ବେଲ୍ ବାଜିଉଠିଲା। ନିଶିକାନ୍ତ ବାବୁ ଚା’ ପିଉଥିଲେ। ଅଧାପିଆ କପ୍‌ଟା ଟେବୁଲ ଉପରେ ଥୋଇ ଉଠିପଡ଼ିଲେ। କବାଟ ଖୋଲି ଦେଖନ୍ତି ତ ଗାଁରୁ ଆସିଛି ସମ୍ବାରୁ। ଡାକିଲେ ଭିତରକୁ। ପ୍ଲାଷ୍ଟିକ୍ ଚେୟାର ଖଣ୍ଡିକ ଠେଲି ଦେଲେ ତା’ଆଡ଼କୁ। କହିଲେ- ବସ। ପଚାରିଲେ- ଗାଁରେ ସବୁ ଭଲ ତ? ସମ୍ବାରୁ ଏଣ୍ଟୁଅ ଭଳି ମୁଣ୍ଡ ଟୁଙ୍ଗାରି କହିଲା ହଁ।

ସମ୍ବାରୁ କହିବାକୁ ଗଲେ ନିଶିକାନ୍ତ ବାବୁଙ୍କର କେହି ନୁହନ୍ତି। ହେଲେ ସମ୍ବାରୁ ନିଜର, ଅତି ନିଜର। ନିଶିକାନ୍ତ ବାବୁ ହେତୁ ପାଇଲା ଦିନୁ ଜାଣନ୍ତି, ତାଙ୍କ ବାପା ଜେଜେ ଅମଳରେ ସମ୍ବାରୁର ବାପା ତାଙ୍କ ଘରେ ବାରମାସିଆ ମୂଲିଆ ଥିଲା। ସେ ତା’ ବାପାଙ୍କ ସହିତ ଆସୁଥିଲା ଛୋଟବେଳୁ। ବାପାଟା କାମ କରୁଥିଲାବେଳେ ତାକୁ ସାହାଯ୍ୟ କରିବାକୁ ଯାଇ କେତେବେଳେ ଇଟା ଖଣ୍ଡେ ବୋହି ଦେଉଥିଲା ତ କେତେବେଳେ ବାପ ହଳ କଲାବେଳେ ଇଏ ଘୂରି ବୁଲୁଥିଲା ବିଲହୁଡ଼ାରେ। ସମ୍ବାରୁ ଛୋଟବେଳୁ ହିଁ ଭାରି ପରିଶ୍ରମୀ।

ପନ୍ଦର କୋଡ଼ିଏ ବର୍ଷ ହେବ ବାପ ଆରପୁରକୁ ଚାଲିଗଲା ପରେ ଗାଁ ଘରଦ୍ୱାର ବିକି ନିଜ ଚାକିରି ସ୍ଥାନ ଅର୍ଥାତ୍ ପାଖ ସହରକୁ ଚାଲି ଆସିଲେ ନିଶିକାନ୍ତ। ଏଇଠି ରହିଗଲେ ଘରଦ୍ୱାର କରି। ସମ୍ବାରୁ କି ତା’ ପରିବାର କିନ୍ତୁ ତା’ ପୁରୁଣା ମାଲିକଙ୍କୁ ଛାଡ଼ି ପାରିଲେନି। ଗାଁରେ ଭଲ ମନ୍ଦ ଯାହା ହେଲେ ଆଗ ଭୋଗ ପହଞ୍ଚୁଥିଲା ନିଶିକାନ୍ତ ବାବୁଙ୍କ ଘରେ। ଏଇ ଯେମିତି ଆଜି କଦଳୀ କାନ୍ଦିଟେ ଆଣି ଥୋଇ ଦେଇଚି ଦାଣ୍ଡଦୁଆରେ।

ନିଶିକାନ୍ତ ଟିକିଏ ରହି ପୁଣି ପଚାରିଲେ- ତୋ ପୁଅର ଏଥର ଦ୍ୱିତୀୟ ଶ୍ରେଣୀ ହେଲା ନା? ଭଲ ପଢୁଛି ଶୁଣିଥିଲି। ଭଲ... ଭଲ..! ଭଲ ପଢ଼ାପଢ଼ି କରୁ। ଯେତେ ପଢ଼ିବ କହୁଛି ପଢୁ। ସୁବିଧା ଅସୁବିଧାକୁ ମୁଁ ଅଛି।

ଖୁସି ହୋଇଗଲା ସମ୍ବାରୁ ତା’ର ଗୋଟିଏ ବୋଲି ପିଲାର ପ୍ରଶଂସା ଶୁଣି। ତା’ ପଛରେ ମାଲିକ ଅଛନ୍ତି ଜାଣି।

ହଁ ବାବୁ! ଦୁଇ କ୍ଲାସକୁ ଗଲା। ଟିକିଏ ଚଗଲାଟା। ଦେଖିବା ତା’ ଭାଗ୍ୟ କେଉଁ ଆଡ଼କୁ କଢ଼ାଉଚି। ତମ ଭଳି ବାବୁ ହେବ କି ମୋ’ ଭଳି ସମ୍ବାରୁ ମୂଲିଆଟେ ହେବ, ଦେଖିବା ଆଗକୁ।

ଟିକିଏ ହସି ନିଶିକାନ୍ତ କହିଲେ- ହଉ... ହଉ...! ଆଚ୍ଛା ସମ୍ବାରୁ। ଖରାଦିନ ତ ଅଧାଅଧି ଗଲାଣି। କାଇଁ ଜଙ୍ଗଲ ମାଉଁସ ତ ଟିକିଏ ପାଟିରେ ବାଜିଲା ନାଇଁ। ଜଙ୍ଗଲରେ ଆଉ ନିଆଁ ଲାଗୁନି କିରେ?

ବାବୁ! କି କହିବି। କଡ଼ାକଡ଼ି ହେଲାଣି ସରକାର। ଫରେଷ୍ଟବାଲାଏ ପଇଁତରା ମାରୁଛନ୍ତି। କହିଛନ୍ତି ଜଙ୍ଗଲରେ ନିଆଁ ଲଗେଇଲା ବେଳେ ଧରାପଡ଼ିଲେ ସିଧା ଜେଲ। ଲାଗିବାକୁ ଦେବେନି ନିଆଁ ଗାଁ ଜଙ୍ଗଲରେ। ନିଆଁ ନ ଲାଗିଲେ ଏଡ଼େ ବଡ଼ ଜଙ୍ଗଲରେ ପଶି ହେବନି କି କରି ହେବନି ଶିକାର।

ହେସ୍... ବେକାର କଥା। ସରକାର ନା ଫରେଷ୍ଟବାଲା, କ’ଣ ଚବିଶ ଘଣ୍ଟା ଜଗି ପାରିବେ ଏଡ଼େ ବଡ଼ ଜଙ୍ଗଲକୁ, ନା ତମମାନଙ୍କୁ। ଚୁପ୍‌କିନା ସଞ୍ଜ ସଞ୍ଜ ଦେଖି ମାରିଦେବୁ ମାଚିସ୍‌ଟା। ଜଳୁଥିବ ଗୋଟା ରାତି। ସକାଳକୁ ସବୁ ଫରଚା। ତା’ ପରେ ଗାଁ ଲୋକେ ମିଶି କରିବ ଆରାମରେ ପାରିଧି।

ମନେମନେ ବିରକ୍ତ ହେଲା ସମ୍ବାରୁ- ତମ ଭଳି ସହରୀବାବୁଙ୍କ ଲାଳସାରେ ତ ବେଶୀ ହେଉଛି ଜଙ୍ଗଲ ନଷ୍ଟ। ମନକଥାକୁ ମନରେ ଚାପି କହିଲା- ହଉ ବାବୁ!

ଉଠିପଡ଼ିଲା ଘରକୁ ଯିବାକୁ। ନିଶିକାନ୍ତ ବାବୁ ଟଙ୍କା ପଚାଶଟା ବଢ଼େଇ ଦେଇ କହିଲେ- ଖରା ବେଶୀ ହେଲାଣି ସାଇକେଲ ଦେଖିକି ଚଲେଇବୁ। ଆଉ ହଁ... ବାଟରେ କ’ଣ ଟିକିଏ ଖାଇନେବୁ।

ଏଇଟା କେତେ ବାଟ ବାବୁ! ମାତ୍ର ଛଅ କିଲୋମିଟର ତ। ଦେଖୁ ଦେଖୁ ପହଞ୍ଚି ଯିବି।

ଦିନେ ଦ୍ୱିପ୍ରହର ବେଳା, ବାପପୁଅ ଚାଲିଲେ ଜଙ୍ଗଲ। ଜଙ୍ଗଲ ମଝାମଝି ହେଲେଣି। ସମ୍ବାରୁ ଦେଖିଲା କାମ ଦେଇଛି। ସବୁ ଶୁଖିଲା ତାଳପତ୍ର ଯାଇଛି ଜଳି। ଦିଶୁଛି ଫର୍ଚ୍ଚା। କାଁ ଭାଁ ଟିକିଏ ଟିକିଏ ବାହାରୁଛି ସଜ ସଜ ଲିଭିଥିବା ନିଆଁରୁ ଧୂଆଁ। ଭାବିଲା କାଲି ଗାଁବାଲାଙ୍କୁ କହିବ। ମିଶି କି କରିବେ ପାରିଧି। ଯାହା ମିଳିବ ଶିକାରରୁ ସହର ଯାଇ ବାବୁଙ୍କୁ ଦେଇ ଆସିବ ପୁଳେ।

ସମ୍ବାରୁର ପୁଅ ଡାକଛାଡ଼ିଲା- ଦେଖ ତ ବାପା! ଏଇଟା କି’ଟା? କୁକୁରାଟା ଭଳି ଦୁଉଚି।

ଜୀବଟା ଫସିଯାଇଥିଲା ନିଆଁ ମଝିରେ। ଯାଇଛି ପୋଡ଼ି। ଭଲ କି ଦେଖିଲେ ବାପ ପୁଅ। ମୁଣ୍ଡ ଯାଇଛି ପୂରାପୂରି ପୋଡ଼ି। ଜଣାପଡୁନି କ’ଣ! ବାର୍‌ହା ନା କୁକୁରା।

ବିନା ପରିଶ୍ରମରେ ଶିକାର ଦେଖି ଖୁସି ହୋଇଗଲେ ବାପ ପୁଅ। ଟେକି ଆଣିଲେ ଗୋଟାପଣେ। ସଫାସଫି କରି କାଟିଲାରୁ ଦଶ ବାର କିଲୋ ହେଲା ଗୋଡ଼, ମୁଣ୍ଡ ପୋଟୁନି ଛାଡ଼ି।

ଗାମୁଛାରେ ବାନ୍ଧିଲା ପାଞ୍ଚ ଛଅ କିଲୋ ଆଗ। ଆଉ ଚାଲିଲା ସହରମୁହାଁ, ଆଗ ବାବୁଙ୍କୁ ଦେବ। ତା’ ପରେ ଯାଇ ଗାଁର ସାଇ ଭାଇ କଥା।

ରାତିକୁ ସହରରୁ ଫେରି ବାକିତକ ବାଣ୍ଟିକୁଣ୍ଟି ଦେଲା ଗାଁ ଲୋକଙ୍କୁ। ଶେଷକୁ ତା’ ଭାଗକୁ ବଳିଲା ନାଇଁ ବେଶୀ। କୁନି ପୁଅଟା ବିଦ୍ରୋହ କରି ଉଠିଲା- ବାପା! ଆମର କାଇଁ? ସବୁ ତ ବାଣ୍ଟିଦେଲ। ଆମ ଭାଗକୁ ଏତିକି ଟିକିଏ!

ସମ୍ବାରୁ ଆଶ୍ୱାସନା ଦେଇ କହିଲା- ଆଜି ରାତିକ ଏତିକି ଚଳେଇନେବା। କାଲି ପାଇଁ ଅଛି ଅବକାରୀ। ମାନେ ମୁଣ୍ଡ, ପୋଟୁନି।

ସକାଳୁ ଉଠୁଉଠୁ ଲାଗିପଡ଼ିଥିଲା ସମ୍ବାରୁ ମୁଣ୍ଡ ଗୋଡ଼ ଆଉ ପୁଟା ସଫା କରିବାରେ। ସମ୍ବାରୁର ପୁଅ ପଛ ଆଡ଼ିକି କେତେବେଳୁ ଛିଡ଼ା ହେଲାଣି ଜଣାନାଇଁ। ପୁଟା ସଫା କଲାବେଳେ ବାହାରିଲା ଭାତ। ଦେଖିଦେଇ ପାଟି କରି ଉଠିଲା ପିଲାଟି- ବାପା ଭାତ!

ମୁଣ୍ଡ କାମ କଲାନି ସମ୍ବାରୁର। ଆଶ୍ଚର୍ଯ୍ୟ ଆଉ ଭୟମିଶା ସ୍ୱରରେ କହିଲା- ବାବୁରେ! କାହାକୁ କହିବୁ ନାଇଁ ଏ କଥା। ତୋତେ ଗୋଟେ ନୂଆ ଗାମୁଛା କିଣିଦେବି।

ପିଲାଟି କହିଲା- ଆଜି ବସିବ ଗାଁ ହାଟ, କିଣି ଦେବୁ।

ଛୋଟ ପିଲାଟି ନୂଆ ଗାମୁଛାଟେ କାନ୍ଧରେ ପକାଇ ଗାଁସାରା ବୁଲିଲା ଘିରିଘିରି। ସମସ୍ତେ ପଚାରିଲେ- ନୂଆ ଗାମୁଛା କିରେ। କେବେ ଆଣିଲୁ? କିଏ ଦେଲା?

ପିଲାଟି ବାଟୁଳି ନ ବାଜିଲା ପରି କହୁଥାଏ- କାହାକୁ କିଛି କହିବୁନି କହି ଖୁସିରେ କିଣି ଦେଇଛି ମୋ’ ବାପା।

ଧୀରେ ଧୀରେ କଥାଟା ଗାଁସାରା ପ୍ରଘଟ ହେଲା। ଧୀରେ ଧୀରେ ରହସ୍ୟମୟ ହେଇଉଠିଲା ଛୋଟିଆ କଥାଟି। ସମ୍ବାରୁ କିଛି ଲୁଚାଉଛି। ତା’ ପୁଅକୁ କିଛି ନ କହିବାକୁ କରିଛି ଆକଟ। କିଏ କିଏ ତ କହୁଥାନ୍ତି- ସିଏ ପକା ଚୋରି କରିଛି କେଉଁଠୁ। ସେ କଥା ଲୁଚାଉଛି।

କିଏ ତ ପୁଣି କହିଉଠିଲା- କାଲି ସନ୍ଧ୍ୟାରେ ପରା ମୁଁ ସହରରୁ ଫେରୁଥିବାର ନିଜ ଆଖିରେ ଦେଖିଚି। ପକା ତା’ ମାଲିକ ଘରୁ କିଛି ତ କରିଛି ଚୋରି।

ବିଭିନ୍ନ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଗାଁ ବରଗଛ ମୂଳେ ଅପରାହ୍ଣକୁ ବସିଲା ମିଟିଂ। ନିଶିକାନ୍ତ ବାବୁଙ୍କୁ ବି ଡକାହେଲା।

ସଭାପତି ସିଧାସିଧା ପ୍ରଶ୍ନ ରଖିଲେ ସମ୍ବାରୁକୁ- କହ କ’ଣ ଲୁଚାଉଛୁ ଗାଁବାଲାଙ୍କୁ? କାହିଁକି ତୋ’ ପୁଅକୁ ନାଲି ଗାମୁଛା କିଣିଦେଲୁ କହ? କାହାରିକି କିଛି ନ କହିବାକୁ କାହିଁକି କହିଲୁ? ସଫା ସଫା କହ, ନହେଲେ ପୋଲିସଯାଏଁ କଥା ଯିବ।

ପୋଲିସ ନାଁ ଶୁଣି ବିଚରା କାନମୁଣ୍ଡା ଭାଁ ଭାଁ ହୋଇଗଲା। ସବୁ କଥା ଦେଲା କହି। କହିଲା- ସଫାକଲା ବେଳେ ଭାତ ବାହାରିଲାରୁ ଜାଣିଗଲି, ଏଇଟା କୁକୁରା ନୁହେଁ। ଖାଇ ତ ସାରିଲେଣି ସବୁ। ଆଉ କଥା ନ ବଢ଼େଇବାକୁ, କାହାରିକୁ ନ କହିବାକୁ କହିଥିଲି ପୁଅକୁ।

ଜଣେ କିଏ ପାଟି କରି କହିଲା- ଆମ ଗାଁର ଲୋମ ନ ଥିବା ସେ ପାଗଳା କୁକୁରଟା କାଇଁ ଦି’ ଦିନ ହେଲା ଆଉ ଦେଖାଯାଉନି ତ?

କଥାଟା ଆଉ ରହିଲାନି ଅବୁଝା। ଗାଁସାରା ହେଉଥିଲେ ଥୁ ଥୁ। ନିଶିକାନ୍ତ ବାବୁ ବି ପାଟିରେ ଆଙ୍ଗୁଠି ପୂରେଇ କୁକୁର ମାଂସ ସବୁକୁ ବାନ୍ତି କରିବାକୁ ଚେଷ୍ଟା କରୁଥିଲେ। ଭାବୁଥିଲେ ଆଉ ଜୀବନରେ କେବେ ଜଙ୍ଗଲରେ ନିଆଁ ଲଗାଇବାକୁ କହିବେନି କି ଶିକାର କରିବାକୁ ଉସୁକେଇବେନି ନିରୀହ ସମ୍ବାରୁମାନଙ୍କୁ।

ମୋ: ୯୪୩୭୭୧୮୫୦୦

## ବର୍ଷା ବିଘାତ

ମିନିଗଳ୍ପ

ସୁଦର୍ଶନ ମହାପାତ୍ର

ସେତେବେଳକୁ ପ୍ରାୟ ରାତି ଦଶଟା। ବର୍ଷାର ତାଣ୍ଡବ ଏଇମାତ୍ର ବନ୍ଦ ହୋଇଛି। ବସ୍‌ଷ୍ଟାଣ୍ଡ ଯାତ୍ରୀ ପ୍ରତୀକ୍ଷାଳୟର ଗୋଟିଏ କୋଣରୁ ପାଟିଗୋଳ ଶୁଭିଲା। ସମସ୍ତଙ୍କର ନଜର ସ୍ୱାଭାବିକ ଭାବେ ସେଇଆଡ଼କୁ ହିଁ ଗଲା। ପ୍ରତୀକ୍ଷାଳୟ ଚଟାଣ ଉପରେ ଶୋଇବାକୁ ଦରକାର ହେଉଥିବା କାଗଜପଟିକୁ ନେଇ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିଲା। ସେଦିନ ବର୍ଷା ହେଉଥିବାରୁ ବିକ୍ରେତା ଜଣକ ପଟିର ଦାମ୍ ଦଶ ଟଙ୍କାରୁ ପନ୍ଦର ଟଙ୍କା ବଢ଼େଇ ଦେଇଥିଲା। ଆଉ କ୍ରେତା ଜଣକ ନାରାଜ। ସେଥିପାଇଁ ଏ ବାକ୍‌ଯୁଦ୍ଧ କିଛି ସମୟ ଧରି ଚାଲିଲା। ଶେଷକୁ ବିକ୍ରେତାଙ୍କର ଜିତାପଟ ହେଲା, ଆଉ ଟଙ୍କା ଆଦାୟ କରି ଚାଲିଗଲା। ତା’ ପଛରେ ଅଶ୍ରାବ୍ୟ ଭାଷାରେ ଚିତ୍କାର କରିକରି ଥମିଗଲା କ୍ରେତା ଜଣକ ଆଉ ଶେଷକୁ କ’ଣ ସବୁ ଗୁଣୁଗୁଣୁ ହୋଇ କହୁଥିଲା। ତା’ର ହାରିଯିବାର ଘଟଣାକୁ ନିଜ ସହ ବାଣ୍ଟି ଦୁଃଖଭାର ଲାଘବ କରୁଥିଲା ବୋଧହୁଏ।

ସେତିକିବେଳେକୁ ଆଉଥରେ ବର୍ଷା ଆରମ୍ଭ ହୋଇଗଲା। ଯାତ୍ରୀ ପ୍ରତୀକ୍ଷାଳୟର ଚଟାଣ ବର୍ଷା ପାଣିରେ ଲହଡ଼ି ଖେଳିଲା। ପ୍ରାୟ ଦଶ ପନ୍ଦର ମିନିଟ ପରେ ପୁଣି ଥରେ ପାଟି ଶୁଭିଲା ମୋତେ। ସେଇ ଲୋକଟି କିଛି ସମୟ ପୂର୍ବରୁ କିଣିଥିବା ଭିଜାପଟି ଖଣ୍ଡକୁ ହାତରେ ଧରି ଆକାଶ ଆଡ଼େ କଣେଇ ଚାହିଁଥିଲା ଆଉ ତା’ ମୁହଁରୁ ଉଦ୍‌ଗିରଣ ହେଉଥିଲା ନିଚ୍ଛକ ଅଭାଷା। ଏଥର କାହା ଉପରେ ସେ ଘନଘନ ବର୍ଷୁଥିଲା ବେଶ ବୁଝିହେଉଥିଲା।

ମୋ: ୯୪୩୮୧୭୫୫୪୨



## କାଳକାଳକୁ



“ଦିନ ଶେଷରେ କେତେ ଅମଳ କଲ ନୁହେଁ, କେତେ ମଞ୍ଜି ବୁଣିଲ ଗଣତି କର।”

– ରବର୍ଟ ଲୁଇସ୍ ଷ୍ଟିଭେନ୍‌ସନ୍

ରବର୍ଟ ଲୁଇସ୍ ଷ୍ଟିଭେନ୍‌ସନ୍‌ଙ୍କ ଜନ୍ମ ୧୩ ନଭେମ୍ବର ୧୮୫୦ରେ ଓ ପରଲୋକ ୩ ଡିସେମ୍ବର ୧୮୯୪ରେ। ସ୍କଟିଶ୍ ଭାଷାର ଏହି ଖ୍ୟାତନାମା ଲେଖକ ଏକାଧାରରେ କବି, ଔପନ୍ୟାସିକ, ପ୍ରାବନ୍ଧିକ ଓ ଭ୍ରମଣବୃତ୍ତାନ୍ତ ଲେଖକ। ‘ଟ୍ରେଜର୍ ଆଇଲ୍ୟାଣ୍ଡ୍’, ‘ଷ୍ଟ୍ରେଞ୍ଜ୍ କେଶ୍ ଅଫ୍ ଡ. ଜେକିଲ ଆଣ୍ଡ୍ ମି. ହାଇଡ୍’, ‘କିଡ୍‌ନାପ୍‌ଡ’ ଓ ‘ଏ ଚାଇଲ୍‌ଡସ୍ ଗାର୍ଡେନ୍ ଅଫ୍ ଭର୍ସେସ୍’ ହେଉଛି ତାଙ୍କର ପ୍ରସିଦ୍ଧ ପୁସ୍ତକ ମଧ୍ୟରୁ କେଇଟି। ରୋମାଣ୍ଟିସିଜମ୍‌ରୁ ଆରମ୍ଭ ତାଙ୍କ ସୃଜନଯାତ୍ରା ପରିଣତି ଲଭେ ‘ତମସ-ବାସ୍ତବତା’ (Darker Realism)ରେ। ଷ୍ଟିଭେନ୍‌ସ ହେଉଛନ୍ତି ଚାର୍ଲସ୍ ଡିକେନ୍‌ସଙ୍କ ପଛକୁ ପୃଥିବୀର ସବୁଠୁଁ ଅଧିକ ଅନୂଦିତ ଲେଖକ। ସେ କହନ୍ତି: “ମୁଁ ମୋ’ ପକେଟ୍‌ରେ ସବୁବେଳେ ଦୁଇଟି ବହି ରଖିଥାଏ, ଗୋଟିଏ ପଢ଼ିବା ପାଇଁ ଓ ଅନ୍ୟଟି ଲେଖିବା ପାଇଁ।” ଆଉ କହନ୍ତି ବି: “ତମେ ତମ ଡରକୁ ତମ ପାଖରେ ରଖ, ତମ ସାହସରେ ଅନ୍ୟମାନଙ୍କୁ ଭାଗୀଦାରି କରାଅ।”

## ପୁସ୍ତକ ପରିଚୟ

### ଜୀବନ ନଈର କୂଳେ




**କବି:** ରବି ନାରାୟଣ ସେନାପତି
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୪୦/-

ମୋଟ ୮୦ଟି ଗୀତି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ। ଏହା ହେଉଛି କବିଙ୍କର ତୃତୀୟ ଗୀତି କବିତା ସଂକଳନ। ଜୀବନ ହେଉଛି ସଙ୍ଗୀତମୟ। ଏହି ସଙ୍ଗୀତର ମୂର୍ଚ୍ଛନାକୁ କାନଡେରି ଶୁଣିବା ପାଇଁ ଆମ ପାଖରେ ସମୟ ଥାଉ ବା ନ ଥାଉ। ସଂକଳନରେ ସ୍ଥାନିତ ଗୀତି କବିତାଗୁଡ଼ିକ ଜୀବନଧର୍ମୀ ଓ ଏଥିରେ ଆଧାତ୍ମିକ ଚେତନା ପ୍ରତିଫଳିତ ହୋଇଥିବା ‘ଆଦ୍ୟକଥନ’ରେ କବି ସୂଚନା ଦେଇଛନ୍ତି। ସଂକଳନର କବିତାଗୁଡ଼ିକ ମଧ୍ୟରୁ କେଇଟିର ଦୃଷ୍ଟାନ୍ତ ନେଇ ଆମେ କବିଙ୍କ ମତକୁ ପରଖିପାରିବା। ଯଥା: ୧. “ଇଚ୍ଛାଶୂନ୍ୟ ମୋତେ/ କରିଦିଅ ଯଦି/ ତୁମକୁ କେମିତି ପାଇବି/ x x ଆକାଶରେ ଯେବେ ଜହ୍ନ ଉଇଁ ଆସେ/ ଶୁଭ୍ର ଜୋଛନାରେ ପୃଥିବୀଟା ହସେ/ ଜୋଛନା ପାଗଳ/ ନିଶିଥେ ତୁମକୁ/ ଅଧୀରେ କୋଳାଇ ଧରିବି।” (ଇଚ୍ଛାଶୂନ୍ୟ ମୋତେ-ପୃ:୨୦), ୨. “ବେଳ ବୁଡ଼ିଲାଣି/ ସଞ୍ଜ ହେଲାଣି/ ଅନ୍ଧାର ଆସେ ଘେରି/ ଯିବାକୁ ତ ହେବ ନଈ ଆରପାରି/ ନାଉରିଆ କର ପାରି।” (ବେଳ ବୁଡ଼ିଲାଣି-ପୃ:୫୭)। ଏହିପରି ଅଶୀଟିଯାକ ଗୀତି କବିତାରେ କବି ସେନାପତି ଜୀବନ ଓ ଜୀବନୋତ୍ତର ଅଭୀପ୍‌ସାକୁ ନନ୍ଦନଧର୍ମୀ ଶବ୍ଦାବଳୀରେ ଅତି ଯତ୍ନ କରି ତୋଳିଛନ୍ତି। ପ୍ରାୟ କବିତା ଘୋଷାପଦକୁ ଛାଡ଼ି ଦ୍ୱିପଦୀ, ଅଥଚ ଏହାର ଆବେଦନ ପାଠକଙ୍କୁ ଭକ୍ତି ଭାବନାରେ ଅଧୀର କରି ତୋଳେ। ଜୀବନ ନଈର କୂଳେ କୂଳେ କବି କଣ୍ଠରୁ ନିଃସୃତ ଏହି ଭାବାବେଗପୂର୍ଣ୍ଣ ଗୀତିକାଗୁଡ଼ିକ ଓଡ଼ିଆ ଗୀତି କବିତା ଧାରାରେ ପ୍ରତ୍ୟାଶିତ ସଂଯୋଗ ହେବ ବୋଲି ଆଶା।

### ନରେନ୍ଦ୍ର ନାଗଦେବଙ୍କ ନିର୍ବାଚିତ କାହାଣୀ




**ଅନୁବାଦିକା:** ଡ. କନକ ମଞ୍ଜରୀ ପଟ୍ଟନାୟକ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୮୦/-

ମୋଟ ୧୦ଟି ଅନୂଦିତ କାହାଣୀ। ମୂଳ ହିନ୍ଦୀ ଲେଖକ ନରେନ୍ଦ୍ର ନାଗଦେବ ଓ ଓଡ଼ିଆ ରୂପାନ୍ତର କରିଛନ୍ତି କନକ ମଞ୍ଜରୀ ପଟ୍ଟନାୟକ। ପ୍ରଚ୍ଛଦଲେଖରେ ନାଗଦେବଙ୍କ ଗଳ୍ପକାରିତା ସମ୍ପର୍କରେ କୁହାଯାଇଛି: “କଥାକାରଙ୍କ କାହାଣୀରେ ଅନ୍ତର୍ମନର ଦ୍ୱନ୍ଦ୍ୱ, ବାହ୍ୟଜଗତର ଘଟଣାବଳୀ ତଥା ବିଡ଼ମ୍ବନାର ରୂପ ଦେଖିବାକୁ ମିଳେ। x x ମନର ଅନ୍ଧକାର ଓ ଆଲୋକ ମଧ୍ୟରେ ତାଙ୍କ କାହାଣୀ ଦୋଳାୟମାନ। x x ରଚନାଗୁଡ଼ିକର ଭାଷା ମୋହକ ଓ ଶୈଳ୍ପିକ ସୂକ୍ଷ୍ମତା ତଥା ପ୍ରସ୍ତୁତିରେ ଆତ୍ମୀୟତାର ସ୍ପର୍ଶ ବିଦ୍ୟମାନ।” ଦଶଟି ଗଳ୍ପର ଅନୂଦିତ ଶୀର୍ଷକ: ହାଉସ ଅଫ୍ ଲଷ୍ଟ୍, ତମାଖୁ ଟିକେ ଆଣ, ମୁଁ ମେଧା ପାଟକରଙ୍କୁ ଭେଟିବି, ଲଞ୍ଚ, ପାହାଚ ମଧ୍ୟ ଓହ୍ଲାଏ, ସମାପନ, ସାଦାସିଧା ଶାନ୍ତି, ଆଗାମୀ ଅମାବାସ୍ୟା, ଲିଷ୍ଟ ଓ ବିସ୍ମୃତ। ମୂଳ ଭାଷାରେ ଶୀର୍ଷକଗୁଡ଼ିକ କ’ଣ ଥିଲା, ତାହା ଅନୁବାଦିକା ଉଲ୍ଲେଖ କରିନାହାନ୍ତି। ତେବେ ଗଳ୍ପଗୁଡ଼ିକ ଯେ ଯାପିତ ମାନବ ଜୀବନ ସହ ଓତପ୍ରୋତ ସାମୀପ୍ୟ ରକ୍ଷା କରନ୍ତି ଓ ଅବତାରଣାରେ ଭାଷିକ ସଜୀବତା ପ୍ରକଟି ଉଠେ, ଏକଥା ପାଠକ ମାତ୍ରେ ଅନୁଭବ କରିବେ। ଅଧିକାଂଶ ଗଳ୍ପର ଆରମ୍ଭରେ ରହିଛି ଆକସ୍ମିକତା ଓ ଶେଷରେ ସବୁ ଭଲ ଗପ ପରି ‘ଅତୃପ୍ତି’। ଭାଷା କୋମଳ, ଅନ୍ତରକୁ ଛୁଇଁଦେବା ଭଳି। ଯଥା: “ନଦୀ ଆର ପାରି, ଦୂର ଦିଗ୍‌ବଳୟଯାଏ ପ୍ରସାରିତ ପଡ଼ିଆମାନଙ୍କ ବିସ୍ତାରିତ ରୂପ ଉପରେ ମଖମଲି ଅନ୍ଧାର ପ୍ରସରି ଚାଲିଥିଲା” ଓ “ଦୀପାଳିର ମା’ ସହ ସ୍ୱୟଂ ମୁଁ ସେଠାରୁ ଚାଲିଯିବାକୁ ଖୁଜୁମୁଜୁ ହେଲି।”(ଲଞ୍ଚ)। ଆଶା, ବହିଟି ନାଗଦେବଙ୍କର ଏକ ଛାପ ଓଡ଼ିଆ ପାଠକଙ୍କ ମଧ୍ୟରେ ଛାଡ଼ିଯିବ।

## କବିତା

### ନଈ କଥା

କିଶୋର ପାଣିଗ୍ରାହୀ

ଶୋଷବିକଳ ନଈକୂଳ
ମୁନ୍ଦେକୁ ବୁନ୍ଦେକୁ ହଣହଣ।
ଏଣେ ଦେଖ ତ କେମିତି
ତାଉରେ ଉତୁରୁଚି ରତୁହୀନା ନଈଛାତି
ଛାତି? ନା ଖଇ ହାଣ୍ଡି ବାଲି ତାତି!

ଛାତିଚରା ଗୋଛାଚେର
କଳାଟାଟୁ, କଳାଶିର
ତାତିବାଲି ଛାତି ଫୁଲି ଓଃ, କି ଡହକ!
ଧର୍ମଛଡ଼ା ନଈ ଫୁଟାଣି ତ ଦେଖ!

ଏ କ’ଣ ବାଲି
ନା ଥାକଥାକ ପଞ୍ଜରା-ପଟାଳି!
ଡେଇଁଡେଇଁ ଫଳି ପରେ ଫଳି
ରତୁଟିଏ ପଛଆଡୁ
ଗୋଡ଼ରେ ଦେଲା କି ଆଡ଼େଇ
ଚିତ୍‌ପଟାଙ୍ଗ୍ ଖରାର ଏ ଶିଢ଼ି!

ଏ କ’ଣ ବାଲିର ସିଆର
ନା କୁଞ୍ଚରେଖା!
ଆରମ୍ଭ କି ଶେଷହୀନ
ବୟସର ଛକିଶୂନ ପରା
ଅସୁରୁଣୀ ବୁଢ଼ୀ ମୁହଁସାରା।
କାତି ଛାଡ଼ିବାକୁ ପଡ଼ି ରହିଥିବା
ନାଗୁଣୀର ପିଠି ପରି
ବେଳେବେଳେ ଲାଗେ
ଏଇ ବାଲିର ପଟାଳି।

ଅଧା ମୁହଁପୋଡ଼ା ମାରା ଆଟିକା,
ଖପୁରି, ଖପରା, ଛିଣ୍ଡା ଛାଞ୍ଚୁଣି,
ଭଙ୍ଗା ଠେକି, ଠିପି,
ଗେଣ୍ଡା, ଶାମୁକା ଖୋଳପା,
ଛିଡ଼ା ସାଇଆ ସୁତୁଲି କାଞ୍ଚୁଲି, କର୍ଚୁଲି
ଟିପା ବୋତାମ, ଘଷରା ଚପଲ
ଠାଆକୁଠାଆ ଖଣ୍ଡେ ଦୂରୁ ଦିଶେ
କଳା କଳା ଦାଗ ପରି
ବିଗତ ବୟସ ବ୍ରଣ
କି ରାମ୍ପୁଡ଼ା ଚିହ୍ନ ଚିହ୍ନିବା ମୁସ୍କିଲ୍।

ଏ ଦେହ, ଏ ମୁହଁ କାହାର?
ରତୁହୀନା ନଈ, କାତିଛଡ଼ା ନାଗୁଣୀ,
ନା ଚନ୍ଦ୍ରା ବେହେରାଣୀ? କୁହ, କୁହ
କାହାର ଏ ମୁହଁ; କାହାର ଏ ଦେହ!

ମୋ: ୭୦୦୮୧୧୭୯୭୪

### ଏକାନ୍ତ ସେ

ତେଜସ୍ୱିନୀ ପଣ୍ଡା

ଆଜି ବି ଏକାନ୍ତ ସେ
ଆସିଯାଏ ମୌସୁମୀ ନ ଆସୁଣୁ,
ଲିପିଦିଏ ଭଙ୍ଗା କାନ୍ଥରେ
ବିରହର ଇନ୍ଦ୍ରଧନୁ।

ଆଜି ବି ଏକାନ୍ତ ସେ
ବୁଝେ ନାହିଁ ବୟସର ଅନୁପାତ,
ଆଙ୍କିଦିଏ ଉଜୁଡ଼ା ସପନେ
ଆଦିମ ପ୍ରଣୟର ସୂର୍ଯ୍ୟାସ୍ତ।

ଆଜି ବି ଏକାନ୍ତ ସେ
ଭୋଗିଚାଲେ ବାକି ଆୟୁଷର ଅନ୍ଧକାର,
କହିଦିଏ ମୋ ହୃଦୟେ
କ’ଣ ବା ପରିଚୟ ତୁମର?

ଆଜି ବି ଏକାନ୍ତ ସେ
ଉପଭୋଗ କରେ ଆଞ୍ଜୁଳାଏ କୋହ,
ଲେଖିଦିଏ କେତେ ଶତାବ୍ଦୀର
ଏହା ଥିଲା ଅନାସକ୍ତ ମୋହ।

ଆଜି ବି ଏକାନ୍ତ ସେ
ଗଣୁଥାଏ ଜୀବନର ଅଭିଯୋଗ,
ବୁଝିଯାଏ ମୂଲ୍ୟହୀନ ସମ୍ପର୍କେ
କାହିଁକି ଏତେ ସଂକ୍ଷିପ୍ତ ଅବସୋସ!

ଆଜି ବି ଏକାନ୍ତ ସେ
ପାନ୍ଥଶାଳା ଆଶ୍ରୟ ତାହାର
ପୋଛିଦିଏ ସ୍ଥାଣୁ ନୟନରୁ
ପୂର୍ବ ଆବେଗର ଅଶ୍ରୁଝର।

ମୋ: ୯୭୯୨୩୭୧୪୦୪

### ଦୁଇଟି କବିତା

ଶିବ ମିଶ୍ର

**॥ ଅମୃତ ପରଶ॥**

ଚାଲିବାକୁ କହିଛ ତମେ
ଚାଲୁଛି ମୁଁ ତୁମରି ପାଇଁ,
ବାଟସାରା ବିଛାଇ ଦେଉଛ ତମେ
ମୁଠାଏ ଆଲୁଅ କେବେ,
କେବେ ପୁଣି ମୁଠାଏ ଛାଇ।

ଦେଖା ଦେଉନ କି କଥା ବି କହୁନ,
ତଥାପି ଅତୁଟ ଅଛି ମୋ ବିଶ୍ୱାସ,
ବାଟ ତ ସରିବନି,
ଯୋଉ ଦିନ ସରିଯିବ ପାଦ ମୋର,
ସେହିଦିନ ତମେ ଆସି
ଆଉଁଶି ଦେବ ମୋତେ
ମିଳିଯିବ ତୁମ ଅମୃତ ପରଶ।

**॥ ମନେରଖିଥିବ॥**

ଏବେ ତ ପୁରୁଣା ହେଲାଣି
ଚିତ୍ରର ରଙ୍ଗ ଉଡ଼ିଲାଣି,
ପୁଣି ଥରେ ଯେବେ ତୁମେ
ଆଙ୍କି ବସିବ ନୂଆ ଚିତ୍ର,
ମୋ’ ରୂପ ଭୁଲିଯାଇଥିଲେ ବି,
ବେରଙ୍ଗରେ ହେଉ ପଛେ,
ମୋର ଛାଇଟିଏ ଆଙ୍କିଦେବ।

ଛାଇର ଆଖିରେ ମୁଁ ଦେଖୁଥିବି
ତମ ରୂପ ସୁଷମା ବିଭବ।
ଆଶା କରୁଛି ଏଇ ଛୋଟିଆ
କଥାଟି ମୋର ମନେରଖିଥିବ।

ମୋ: ୯୮୫୩୦୭୦୦୧୮

ଗୀତି-କବିତା

### ଅଚାନକ ଯଦି...

ନିରଞ୍ଜନ ସାହୁ

ଅଚାନକ ଯଦି ପ୍ରିୟା ଦେଖାହୁଏ
ମନଟା ଏପରି ନାଚେ
ସତେ କି ଯେପରି ଶ୍ରାବଣ ବରଷା
ଅଦିନରେ ଆସି କାଚେ।

ହଜିଲା ଦିନର କଥା ମନେପଡ଼େ
ଆଖିରେ ଭରଇ ଲୁହ
କିଏ ସେ କାହାକୁ ଆଗ ପଚାରିବ
କେମିତି ବଞ୍ଚିଛ କୁହ
ମନର ଭାବକୁ ଗୋପନ ରଖିକି
ଆତିଥ୍ୟ ଟିକିଏ ଯାଚେ।

ଏବେ ବି ଅବୁଝା ମନଟା ତାହାକୁ
ଭାରି ଆପଣାର କରେ
ନିଜଠାରୁ ବଳି ନିଜର ଲାଗେ ସେ
ଏତେ ଦିନ ଗତ ପରେ
ଲାଗଇ ଯେମିତି ସତେକି ଏମିତି
ପ୍ରତୀକ୍ଷାର ଫଳ ପାଚେ।

ମୋ: ୯୯୩୮୭୪୧୫୮୩

## ପ୍ରେମିକ

ଲଘୁଗଳ୍ପ

ଦୀପ୍ତି ମିଶ୍ର

ପ୍ରେମ, ପ୍ରତାରଣା ଓ ପ୍ରବଞ୍ଚନାର କପଟ ଜାଲରେ ପଡ଼ି ଛଟପଟ ହେଉଥିଲା ରୂପା। ଅତୀତର ସ୍ମୃତି ତାକୁ କିଲିବିଲି କରି ଖାଇ ଯାଉଥିଲେ।

ଦିନେ ସେ ଜଣେ ବିକୃତମନା ପ୍ରେମିକର ମିଛ ପ୍ରେମରେ ଫସିଯାଇ ବାଟବଣା ହୋଇ ଯାଇଥିଲା। ସେ ପ୍ରେମିକ ତାକୁ କହୁଥିଲା- “ରୂପା! ତୁମେ ସତରେ ମୋର ରୁପା ଜହ୍ନ, ସଞ୍ଜୁଆ ତାରା... ହଜିଲା ପ୍ରେମ, ପ୍ରୀତି ପସରା... ଆହୁରି କେତେ କ’ଣ ମତୁଆଲା କରିବାର ଶବ୍ଦ ଶତକ।” ରୂପା ତା’ କଥାରେ ପଡ଼ି ନିଜକୁ ଭୁଲି ଯାଇଥିଲା। ତା’ ପ୍ରେମରେ ପାଗଳ ହୋଇ ନିଜକୁ ସମ୍ପୂର୍ଣ୍ଣ ଦେଇ ଦେଇଥିଲା। ରୂପା ତାକୁ କହିଲା- “ତୁମେ ଆଉ କାହାକୁ ପ୍ରେମ କରିନ ତ?” ସେ କହିଲା- “ମୁଁ ପୂରା ଅକ୍ଷତ। ତୁମେ ମୋର ପ୍ରଥମ ପ୍ରେମ। ମୋ’ ଜୀବନରେ ଆଉ କେହି ଆସିନାହାନ୍ତି କିମ୍ବା ଆଗକୁ କେହି ଆସିବେ ନାହିଁ।”

ଏମିତି ଗୋଟେ ମିଛ ପ୍ରେମିକର ସମ୍ମୋହନ ଜାଲରେ ପଡ଼ି ତା’ରି କଥା ଅନୁସାରେ ଉଠ୍‌ବସ ହେଉଥିବା... ନିଜର ସବୁ କିଛି ଦେଇ ସାରି ତା’ର ପ୍ରେମିକା ଭାବରେ ଖୁବ୍ ଗର୍ବ ଅନୁଭବ କରୁଥିବା... ରୂପା ହଠାତ୍ ଅନୁଭବ କଲା ସେ ପ୍ରେମିକ ରୂପାକୁ ବ୍ୟଙ୍ଗୋକ୍ତି କରିବା ଆରମ୍ଭ କରିଛି। ରୂପା ପ୍ରତି ତା’ର ଆଉ ଆଗ ଭଳି ଆସକ୍ତି ନାହିଁ। ପ୍ରତି କଥାରେ ଥଟ୍ଟା, ପରିହାସ, ଉପହାସ କରିଚାଲିଛି।

ସେ ପ୍ରେମିକ ଦିନେ ରୂପାକୁ କହିଲା- ତୁମେ ମୋତେ ଏତେ ଭଲପାଉଛ... ତୁମେ ରସବତୀ ନା ହୃଦୟବତୀ? ଆଶ୍ଚର୍ଯ୍ୟ ହୋଇଗଲା ରୂପା। କହିଲା- “ଏମିତି କ’ଣ କହୁଛ? ତୁମେ କ’ଣ ସତରେ ମୋତେ ଭଲପାଅନି? ତୁମ ପ୍ରେମ କ’ଣ ମିଛ? ଏମିତି ଥଟ୍ଟା କରିବାର ମାନେ କ’ଣ?”

ରୂପା ତା’ ନିଜ ମନର ଦୁଃଖକୁ ସହି ନ ପାରି ତା’ର ଜଣେ ଘନିଷ୍ଠ ସାଙ୍ଗ ସିପ୍ରା ଆଗରେ ପ୍ରକାଶ କଲା। ସିପ୍ରା କହିଲା “ଆରେ ମୋ’ ସହିତ ବି ସେଇ ପ୍ରେମିକ ମିଛ ପ୍ରେମର ଫନ୍ଦା ପକାଇଥିଲା ଆଉ ତୋ’ ପ୍ରତି ଯାହା ହୋଇଛି, ମୋ’ ପ୍ରତି ବି ସେଇଆ ହୋଇଛି।”



“ଏମିତି ଅନେକ ପ୍ରବଞ୍ଚକ ଅଛନ୍ତି... ପ୍ରେମ ନାଁରେ କଳଙ୍କ ସୃଷ୍ଟି କରୁଛନ୍ତି। ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣାର ଜାଲରେ ବାନ୍ଧି ଛଟପଟ କରି ମାରୁଛନ୍ତି। ଜଣକୁ ମାରି ସାରିବା ପରେ ଆଉ ଜଣକୁ ପଓା ଲଗାଉଛନ୍ତି। ଏଇଟା ସେମାନଙ୍କର ଗୋଟେ ହବି।”

“ସେମାନେ ଗଣତାନ୍ତ୍ରିକ ଆଭିମୁଖ୍ୟ ନେଇ ବଞ୍ଚିବାର ବାହାନା କରନ୍ତି, କିନ୍ତୁ ମିଛ ପ୍ରେମ କରିବାର ବିକୃତ ମାନସିକତାରୁ ବାହାରି ପାରନ୍ତି ନାହିଁ। ଏଇଟା ସେମାନଙ୍କର ଟାଇମ୍ ପାସ୍। ବାହାରେ ନିଜକୁ ଖୁବ୍ ଗୋଟେ ଜ୍ଞାନୀ ରୂପେ ଦେଖେଇ ହୁଅନ୍ତି, ସାମାଜିକ କର୍ମୀ ଭାବରେ ମହତ୍ କାର୍ଯ୍ୟ କରୁଥିବା ଦେଖେଇ ହୁଅନ୍ତି। କିନ୍ତୁ ଭିତରଟା ନିମ୍ନ ଚେତନାରେ ଏତେ ବୁଡ଼ି ରହିଥାଏ ଯେ ସେଥିରୁ ସେମାନେ ଜମା ମୁକୁଳି ପାରନ୍ତି ନାହିଁ। ଏଇମାନେ ହେଉଛନ୍ତି ସମାଜରେ ମୁଖାପିନ୍ଧା ଭଦ୍ରଲୋକ।”

“ବରଂ ଜୀବନରେ ନିଃସଙ୍ଗତାକୁ ସାଥି କରି ବଞ୍ଚିଯିବା ଭଲ... କିନ୍ତୁ ଏ ପ୍ରକାର ପ୍ରବଞ୍ଚନାରୁ ଦୂରରେ ରହିଲେ ହିଁ ଶାନ୍ତି।”

ସିପ୍ରା ବୁଝେଇ ଦେଲା ରୂପାକୁ।

ମୋ: ୯୪୩୮୪୦୪୩୦୮

# ପଦାର୍ପଣରେ ତେଜ ଦେଖାଇଲା କୋଣାର୍କ ସୂର୍ଯ୍ୟସ

## ଉଦ୍‌ଘାଟନୀ ମ୍ୟାଚରେ ମଣିପାଲ ଟାଇଗର୍ସଙ୍କୁ ୨ ରନରେ ହରାଇଲା

### ଲିଜେଣ୍ଡ୍‌ସ ଲିଗ୍

ଯୋଧପୁର, ୨୦।୯ (ତପନ ସ୍ୱାଇଁ)

ଲିଜେଣ୍ଡ୍‌ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ନିଜର ପ୍ରଥମ ପଦାର୍ପଣରେ ତେଜ ଦେଖାଇଛି ସନ୍‌ପ୍ରିୟା ଗ୍ରୁପ୍ ମାଲିକାନାରେ ଥିବା କୋଣାର୍କ ସୂର୍ଯ୍ୟସ ଓଡ଼ିଶା। ଯୋଧପୁରର ବର୍କତୁଲା ଖାଁ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ଦଳ ୨ ରନରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ଲୋ ସ୍କୋରିଂ ବିଶିଷ୍ଟ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିଲା। ମାତ୍ର ଚମତ୍କାର ବୋଲିଂ ଓ ଫିଲ୍ଡିଂ କରି ଇରଫାନ ପଠାନଙ୍କ ଦଳ ମଣିପାଲ ଟାଇଗର୍ସ ସ୍କୋରକୁ ୨୦ ଓଭରରେ ୧୦୨/୮ରେ ସୀମିତ ରଖିଥିଲା। ଶେଷ ଓଭରରୁ ବିଜୟ ପାଇଁ ୧୩ ରନ ଆବଶ୍ୟକ ହେଉଥିବାବେଳେ ଇରଫାନ ୧୦ ରନଦେଇ ଗୋଟିଏ ଉଇକେଟ ନେଇଥିଲେ। ଶେଷ ଓଭରର ପ୍ରଥମ ବଲ୍ ୱାଇଡ୍ ଓ ପରବର୍ତ୍ତୀ ବଲ୍ ଛକା ହେବାରୁ ଚାପକୁ ଆସି ଯାଇଥିଲେ ଇରଫାନ। ମାତ୍ର ଧୈର୍ଯ୍ୟ ରଖି ସେ ପରବର୍ତ୍ତୀ ୫ଟି ବଲ୍ ଚମତ୍କାର ବୋଲିଂ କରି ମ୍ୟାଚ ଜିତାଇଥିଲେ। ଶେଷ ବଲ୍‌ରୁ ୩ ରନ ଆବଶ୍ୟକ ହେଉଥିବାବେଳେ ଓବୁସ ପିନାରଙ୍କବଡ ଶଟ୍‌କୁ ଅମ୍ବାତି ରାୟୁଡୁଙ୍କୁ କ୍ୟାଚ କରିବା ସହ ଓଡ଼ିଶା ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

ଲୋ ସ୍କୋରିଂ ମ୍ୟାଚ ହୋଇଥିବାରୁ କୋଣାର୍କ ସୂର୍ଯ୍ୟସ ଦଳକୁ ଭଲ ଆରମ୍ଭ କରିବା ଆବଶ୍ୟକ ହେଉଥିଲା। ଚମତ୍କାର ଆରମ୍ଭ କରିଥିଲେ ଦଳର ତାରକା ବାମହାତୀ ସ୍ପିନର ଶାହାବାଜ ନଦୀମ। ସେ ଇନିଂସର ଦ୍ୱିତୀୟ ବଲ୍‌ରେ ରବିନ ଉଥପ୍ପାଙ୍କୁ ଆଉଟ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। କେବଳ ସେତିକି ନୁହେଁ ଦ୍ୱିତୀୟ ଓଭରର ୩ୟ ବଲ୍‌ରେ ସୋଲୋମନ ମିର୍‌ଙ୍କୁ ବିନୟ କୁମାର ଏବଂ ତୃତୀୟ ଓଭରର ୫ମ ବଲ୍‌ରେ ମନୋଜ ତିୱାରୀଙ୍କୁ ଏଲବିଡବ୍ଲ୍ୟୁ କରି ବେନ୍ ଲାଫଲିନ୍ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସୌରଭ ତିୱାରୀ କ୍ରିଜରେ କିଛି ସମୟ ରହିଥିଲେ ହେଁ ୧୭ ବଲ୍‌ରୁ ୫ ରନ କରିଥିବାବେଳେ ଦିଲସାନ ମୁନାୱିରାଙ୍କ ବଲ୍‌ରେ ଇରଫାନ ପଠାନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୭ ଓଭର ଶେଷ ବେଳକୁ ଦଳର ସ୍କୋର ୧୪/୪ ହୋଇ ଯାଇଥିଲା। ଆଞ୍ଜେଲୋ ପେରେରା ମଧ୍ୟ ସିଙ୍ଗଲ ଡିଜିଟରେ ଆଉଟ ହୋଇଥିଲେ। ସେ ୫ ରନକରି ନିଜ ଦେଶର ମୁନାୱିରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୧୩ଶ ଓଭରରେ ଅସେଲା ଗୁଣରତ୍ନେଙ୍କ ଆଉଟ ସହ ମଣିପାଲ ଟାଇଗର୍ସର ବିଜୟ ସମ୍ଭାବନା ମଉଳି ଯାଇଥିଲା। ଗୁଣରତ୍ନେ ୧୫ ରନକରି ନଦୀମଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମାତ୍ର ଶେଷ ଭାଗରେ ଡାନିଏଲ ଖ୍ରିଷ୍ଟିଆନ ୩୦ ଓ ଓବୁସ ପିନାର ୨୪ ବଲ୍‌ରୁ ୩୪ ରନକରି ମ୍ୟାଚ ଛଡ଼ାଇନେବା ପରିସ୍ଥିତି ସୃଷ୍ଟି କରିଥିଲେ। ମାତ୍ର ଚାପ ସ୍ଥିତିରେ ଇରଫାନଙ୍କ ଅଭିଜ୍ଞତା କାମ ଦେଇଥିଲା ଏବଂ ବିଜୟୀ ହୋଇଥିଲା କୋଣାର୍କ ସୂର୍ଯ୍ୟସ ଓଡ଼ିଶା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମଣିପାଲ ଟାଇଗର୍ସ ଅଧିନାୟକ ହରଭଜନ ସିଂ। ଶେଲଡନ କଟ୍ରେଲଙ୍କ ପ୍ରଥମ ଓଭରରେ ୯ ରନ ନେଇ ଭଲ ଆରମ୍ଭ କରିଥିଲା କୋଣାର୍କ ସୂର୍ଯ୍ୟସ। ମାତ୍ର ପରବର୍ତ୍ତୀ ୩ ଓଭରରେ ୩ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଏହି ଦଳ। ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ହରଭଜନଙ୍କ ହାତରେ କରାଇ ମଣିପାଲ ଟାଇଗର୍ସଙ୍କୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ଦ୍ରୁତ ବୋଲରୀ ଅନୁରୀତ ସିଂ। ରାୟୁଡୁ ୭ ବଲ୍‌ରୁ ୮ ରନ କରିଥିଲେ। ମ୍ପାଚର ତୃତୀୟ ଏବଂ ନିଜର ତୃତୀୟ ଓଭରର ୩ୟ ବଲ୍‌ରେ ରିଚାର୍ଡ ଲେଭିଙ୍କୁ ସେହି ହରଭଜନଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ପଠାଇଥିଲେ କର୍ଟେଲ। କେବଳ ସେତିକି ନୁହେଁ ୪ର୍ଥ ଓଭରରେ ବୋଲିଂ ଭାର ପାଇଥିବା ରାହୁଲ ଶୁକ୍ଲା ୩ୟ ଓଭରରେ କେଭିନ ଓ'ବ୍ରାଏନଙ୍କୁ ଆଉଟ କରିଥିବାବେଳେ ୭ମ ଓଭରର ୪ର୍ଥ ବଲ୍‌ରେ ଦିଲସାନ ମୁନାବୀରାଙ୍କୁ ଆଉଟ କରି କୋଣାର୍କ ସୂର୍ଯ୍ୟସର ଟପ୍ ଅର୍ଡର ବ୍ଯାଟିଂ ବିପର୍ଯ୍ୟୟ ଘଟାଇଥିଲେ ଓବୁସ ପିନାର। ଲେଭି ଓ ଓ'ବ୍ରାଏନ ୬ ରନ ଲେଖାଏ ଏବଂ ମୁନାୱିରା ୧୧ ରନ କରିଥିଲେ।

ଓଡ଼ିଶା ଦଳସହ ଇରଫାନ ପଠାନଙ୍କ ଆରମ୍ଭ ଭଲ ହୋଇଥିଲେ ମଧ୍ୟ ସେ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଚତୁର୍ଥ ଉଇକେଟ ପତନ ପରେ ଇରଫାନ କ୍ରିଜକୁ ଆସିଥିରୁ ସେ ଦଳକୁ ସେ ଦଳକୁ ସଙ୍କଟରୁ ଉଦ୍ଧାର କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ସେ ୨୩ ବଲ୍‌ରୁ ୨ ଚୌକା ସହାୟତାରେ ୧୮ ରନ କରିଥିବାବେଳେ ହରଭଜନଙ୍କୁ ଖେଳିବାରେ ତ୍ରୁଟି କରି କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଫଳରେ କୋଣାର୍କ ସୂର୍ଯ୍ୟସ ସ୍କୋର ୫୪/୫ ହୋଇ ଯାଇଥିଲା। ଏତିକିରେ ଦଳ ଉପରୁ ବିପଦ ଟଳି ନ ଥିଲା। ଦଳର ସବୁଠାରୁ ବିସ୍ଫୋରକ ବ୍ୟାଟର ୟୁସୁଫ ପଠାନ ମାତ୍ର ୩ ରନକରି ଆଉଟ ହେବାରୁ ସୂର୍ଯ୍ୟସର ବଡ଼ ସ୍କୋର ଆଶା ଶେଷ ହୋଇ ଯାଇଥିଲା। ତେବେ ଶେଷ ଭାଗରେ ନଭିନ ଷ୍ଟିୱାର୍ଟଙ୍କ ୧୨ ବଲ୍‌ରୁ ୧୭ (୧ ଚୌକା, ୧ ଛକା) ଓ ବିନୟ କୁମାରଙ୍କ ୫ ବଲ୍‌ରୁ ଅପରାଜିତ ୧୧ (୧ ଚୌକା, ୧ ଛକା) ରନ ଯୋଗୁ ଓଡ଼ିଶା ଦଳ ରନ ସଂଖ୍ୟା ୧୦୦ ଅତିକ୍ରମ କରିଥିଲା। ରସ୍ ଟେଲର ଧିମା ବ୍ୟାଟିଂକରି ୨୮ ବଲ୍‌ରୁ ଯଦିଓ ମାତ୍ର ୧୪ ରନ କରିଥିଲେ ତେବେ ତାଙ୍କ ଉପସ୍ଥିତି ଯୋଗୁ ଦଳ ପୂରା ୨୦ ଓଭର ଖେଳିବାକୁ ସକ୍ଷମ ହୋଇଥିଲା। ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିଲା କୋଣାର୍କ ସୂର୍ଯ୍ୟସ। ମଣିପାଲ ଟାଇଗର୍ସ ପକ୍ଷରୁ ଅନୁରୀତ ସିଂ ଓ ଓବୁସ ପିନାର ୨ଟି ଲେଖାଏ ଏବଂ ଶେଲଡନ କଟ୍ରେଲ, ରାହୁଲ ଶୁକ୍ଲା ଓ ହରଭଜନ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆର୍. ବିନୟ କୁମାରଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୧୦୪/୯ (ଇରଫାନ ପଠାନ-୧୮, ନଭିନ ଷ୍ଟିୱାର୍ଟ-୧୭, ରସ୍ ଟେଲର-୧୪, ଅନୁରୀତ ସିଂ-୨/୨୬, ଓବୁସ ପିନାର-୨/୧୦, ଶେଲଡନ କଟ୍ରେଲ-୧/୨୬, ରାହୁଲ ଶୁକ୍ଲା-୧/୨୩, ହରଭଜନ ସିଂ-୧/୧୧)। ମଣିପାଲ ଟାଇଗର୍ସ ୨୦ ଓଭରରେ ୧୦୨/୮ (ଓବୁସ ପିନାର-୩୪, ଡାନିଏଲ ଖ୍ରିଷ୍ଟିଆନ-୩୦, ଅସେଲା ଗୁଣରତ୍ନେ-୧୫, ଶାହାବାଜ ନଦୀମ-୨/୨୫, ଦିଲସାନ ମୁନାୱିରା-୨/୧୧, ବିନୟକୁମାର-୨/୨୧, ବେନ୍‌ଲାଫଲିନ୍-୧/୧୭, ଇରଫାନ ପଠାନ-୧/୧୦)।


ଇରଫାନ୍ ପଠାନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।





ଯୋଧପୁରର ବର୍କତୁଲା ଖାଁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।

## ଯୋଧପୁର କ୍ରିକେଟ କ୍ରେଜ୍

## ଉତ୍ସାହ ଭରିଲେ ଦର୍ଶକ

ଯୋଧପୁରର ବର୍କତୁଲା ଖାଁ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଲିଜେଣ୍ଡ୍‌ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଷ୍ଟାଡିୟମର ଅର୍ଦ୍ଧାଧିକ ଦର୍ଶକରେ ଭରି ଯାଇଥିଲା। ଏହା ଉଭୟ ଖେଳାଳି ଓ ଆୟୋଜକଙ୍କୁ ବେଶ୍ ଉତ୍ସାହିତ କରିଥିଲା। ୱେଷ୍ଟ ଷ୍ଟାଣ୍ଡ ପରିପୂର୍ଣ୍ଣ ହୋଇ ଯାଇଥିବାବେଳେ ଅନ୍ୟ ୩ ଷ୍ଟାଣ୍ଡ ଅଧା ଦର୍ଶକରେ ଭରି ରହିଥିଲା। ପ୍ରତିଟି ଛକା, ଚୌକା, ଉଇକେଟ ପତନ ଏବଂ ଚମତ୍କାର ଫିଲ୍ଡିଂ ସମୟରେ ଦର୍ଶକମାନେ କୋଳାହଳ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୋଧପୁରର ଉଷ୍ମ ଏବଂ ଗୁଳୁଗୁଳି ପରିବେଶର ପ୍ରଭାବ ପଡ଼ିଆରେ ଦେଖିବାକୁ ମିଳିଥିଲା। ମାତ୍ର ଏହା ସତ୍ତ୍ୱେ ଦର୍ଶକମାନେ ମ୍ୟାଚ ଶେଷ ପର୍ଯ୍ୟନ୍ତ ଷ୍ଟାଡିୟମରେ ଉପସ୍ଥିତ ରହି ସେମାନଙ୍କ ପ୍ରିୟ କିମ୍ବଦନ୍ତୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ନଟରାଜ ଇମ୍ପାକ୍ଟ ପ୍ଲେୟର

କୋଣାର୍କ ସୂର୍ଯ୍ୟସ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ନଟରାଜ ବେହେରା ସାମିଲ ଅଛନ୍ତି। ଟିମ୍ କମ୍ବିନେଶକୁ ଦେଖି ତାଙ୍କର ମଧ୍ୟ ଖେଳିବା ସମ୍ଭାବନା ରହିବ ବୋଲି ପୂର୍ବତନ ସାକ୍ଷାତକାର ଅବସରରେ ପ୍ରକାଶ କରିଥିଲେ ଦଳର ଅଧିନାୟକ ଇରଫାନ ପଠାନ। ମାତ୍ର ପ୍ରଥମ ମ୍ୟାଚର ଗୁରୁତ୍ୱ ଏବଂ ଦଳରେ ବହୁ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଥିବାରୁ ନଟରାଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳି ନ ଥିଲା। ମାତ୍ର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ପକ୍ଷରୁ ପ୍ରକାଶିତ ଇମ୍ପାକ୍ଟ ଖେଳାଳି ତାଲିକାରେ ନଟରାଜଙ୍କ ନାଁ ସାମିଲ ଥିଲା। ଫଳରେ ଆବଶ୍ୟକ ହେଲେ ନଟରାଜ ଖେଳିବା ସମ୍ଭାବନା ବଢ଼ିଥିଲା।

# ଭାରତ ୩୦୮ ରନ୍‌ରେ ଆଗୁଆ

### ପ୍ରଥମ ଟେଷ୍ଟ

ଚେନ୍ନାଇ,୨୦।୯(ପି.ଟି.)

ଚେନ୍ନାଇରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ପେସ୍ ବୋଲର ଚମତ୍କାର ବୋଲିଂ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୩୦୮ ରନ୍‌ରେ ଆଗୁଆ ରହିଛି। ରବିଚନ୍ଦ୍ରନ ଅଶ୍ୱିନଙ୍କ ଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ୮୬ ରନ୍ ବଳରେ ଭାରତ ପ୍ରଥମ ଇନିଂସରେ ୩୭୬ ରନ୍ କରିଥିଲା। ଜବାବରେ ଭାରତୀୟ ପେସରଙ୍କ ଘାତକ ବୋଲିଂ ବଳରେ ବାଂଲାଦେଶ ମାତ୍ର ୧୪୯ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ୩ ଉଇକେଟ ହରାଇ ୮୧ ରନ୍ କରିଛି। ଭାରତ ହାତରେ ୭ ଉଇକେଟ ରହିଥିବା ବେଳେ ଏହା ୩୦୮ ରନ୍‌ରେ ଆଗୁଆ ରହିଛି।

### ଜାଡେଜା-ଅଶ୍ୱିନଙ୍କ ୧୯୯

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୩୯/୬ରୁ ଖେଳ ଆରମ୍ଭ କରି ଭାରତ ଆଉ ୩୭ ରନ୍ ଯୋଡିଥିଲା। ରବୀନ୍ଦ୍ର ଜାଡେଜା ପୂର୍ବ ଦିନର ସ୍କୋରରେ କୌଣସି ରନ୍ ଯୋଡିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନ ୧୧୩ ଓ ଆକାଶ ଦୀପ୍ ୧୭ ରନ୍ ସ୍କୋର କରିଥିଲେ। ଲୋକାଲ ବୟ ଅଶ୍ୱିନ ୧୩୩ ବଲ୍ ଖେଳି ୧୧ ଚୌକା ଓ ୨ ଛକା ସହ ୧୧୩ ରନ କରିଥିଲେ। ଅନ୍ୟପକ୍ଷରେ ଜାଡେଜା ୧୨୪ ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୮୬ ରନରେ ଆଉଟ ହୋଇଥିଲେ। ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟମ ଉଇକେଟରେ ୧୯୯ ରନ୍ ଯୋଡିଥିଲେ। ବାଂଲାଦେଶ ପକ୍ଷରୁ ହସନ୍ ମେହମୁଦ୍ ୫ ଉଇକେଟ ନେଇଥିବା ବେଳେ ଟାସ୍କିନ୍ ଅହମଦ୍ ୩, ମେହିଦୀ ହସନ ମିରାଜ ଓ ନାହିଦ ରାଣା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। କ୍ୟାରିୟରର ଚତୁର୍ଥ ଟେଷ୍ଟ ଖେଳୁଥିବା ହସନ୍ ଦ୍ୱିତୀୟ ଥର ପାଇଁ ୫ ଉଇକେଟ ନେଇଛନ୍ତି।

### ବୁମ୍‌ରାଙ୍କ ଘାତକ ବୋଲିଂ

ବାଂଲାଦେଶ ଇନିଂସ ଆରମ୍ଭରୁ ପ୍ରଥମ ଓଭରରେ ଶଦମାନ ଇସଲାମଙ୍କୁ ଆଉଟ କରିଥିଲେ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଆକାଶ ଦୀପ୍ ଅଷ୍ଟମ ଓଭରର ଲଗାତର ବଲ୍‌ରେ ଦୁଇଟି ଉଇକେଟ ନେଇ ବାଂଲାଦେଶକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲେ। ବାଂଲାଦେଶ ପକ୍ଷରୁ ଶାକିବ୍ ଅଲ ହସନ ସର୍ବାଧିକ ୩୨ ରନ୍ କରିଥିବା ବେଳେ ମେହିଦୀ ହସନ ମିରାଜ ୨୭, ଲିଟନ୍ ଦାସ ୨୨ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଆକାଶ ଦୀପ୍, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ବାଂଲାଦେଶକୁ ଫଲୋଅନ ଡାକରା ନ ଦେଇ ଭାରତ ବ୍ୟାଟିଂ କରିଥିବା ବେଳେ ଷ୍ଟମ୍ପସ ବେଳକୁ ୩ ଉଇକେଟରେ ୮୧ ରନ୍ କରିଛି। ଶୁବମାନ ଗିଲ୍ ୩୩ ଓ ରିଷଭ ପନ୍ତ ୧୨ ରନ୍‌ରେ ବ୍ୟାଟିଂ କରୁଛନ୍ତି। ବାଂଲାଦେଶ ପକ୍ଷରୁ ଟାସ୍କିନ୍ ଅହମଦ୍, ନାହିଦ ରାଣା ଓ ମେହିଦୀ ହସନ ମିରାଜ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୯୧.୨ ଓଭରରେ ୩୭୬/୧୦(ରବିଚନ୍ଦ୍ରନ ଅଶ୍ୱିନ-୧୧୩, ରବୀନ୍ଦ୍ର ଜାଡେଜା-୮୬, ଯଶସ୍ୱୀ ଜୟସ୍ୱାଲ-୫୬, ହସନ ମେହମୁଦ-୫/୮୩, ଟାସ୍କିନ ଅହମଦ-୩/୫୫, ମେହିଦୀ ହସନ ମିରାଜ-୧/୭୭, ନାହିଦ୍ ରାଣା-୧/୮୨)। ବାଂଲାଦେଶ ପ୍ରଥମ ଇନିଂସ ୪୭.୧ ଓଭରରେ ୧୪୯/୧୦(ଶାକିବ୍ ଅଲ ହସନ-୩୨, ମେହିଦୀ ହସନ ମିରାଜ-୨୭, ଲିଟନ୍ ଦାସ-୨୨, ଯଶପ୍ରୀତ୍ ବୁମ୍ରା-୪/୫୦, ଆକାଶ ଦୀପ୍-୨/୧୯, ରବୀନ୍ଦ୍ର ଜାଡେଜା-୨/୧୯)।


ଉଇକେଟ ନେବା ପରେ ଉଲ୍ଲସିତ ଆକାଶ ଦୀପ।

# ଚେସ୍ ଅଲିମ୍ପିଆଡ୍ ଟ୍ରଫିର ପତ୍ତା ମିଳୁନି

ଚେନ୍ନାଇ, ୨୦।୯ (ପି.ଟି.)

ଲଜ୍ଜାଜନକ ବିଷୟ। ଭାରତ ୨୦୨୨ରେ ଜିତିଥିବା ଚେସ୍ ଅଲମ୍ପିଆଡ ଟ୍ରଫିର ପତ୍ତା ମିଳୁନାହିଁ। ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ତରଫରୁ ପୋଲିସ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି। ଟ୍ରଫିଟି ମହାସଂଘ କାର୍ଯ୍ୟାଳୟରୁ ନିଖୋଜ ହୋଇଯାଇଛି। ଏଆଇସିଏଫ୍ ଏଥିପାଇଁ କ୍ଷମାପ୍ରାର୍ଥନା କରିଥିବା ବେଳେ ପୁରସ୍କାରର ଏକ ପ୍ରତିକୃତି ଯୋଗାଡ଼ କରୁଛି। ଏହା ଏକ ରୋଲିଂ ଟ୍ରଫି ବୁଦାପେଷ୍ଟରେ ଚାଲିଥିବା ଅଲିମ୍ପିଆଡର ୪୫ତମ ସଂସ୍କରଣରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ନିକଟର ହୋଇଥିବା ବେଳେ ଏହି ଘଟଣା ନଜରକୁ ଆସିଛି। ଖବର ଅନୁସାରେ ଓପନ ଏବଂ ମହିଳା ବିଭାଗରେ ଓଭରଅଲ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହି ଗାପ୍ରିଣ୍ଡାଶଭିଲି ଟ୍ରଫି ପ୍ରଦାନ କରାଯାଇଥାଏ, ଯାହାର କି ଏବେ କୌଣସି ଖୋଜଖବର ମିଳୁନାହିଁ। ଭାରତ ଶେଷ ଥର ପାଇଁ ଏହି ଟ୍ରଫି ୨୦୨୨ରେ ଜିତିଥିଲା। ଏଆଇସିଏଫ୍ ଉପସଭାପତି ଅନୀଲ କୁମାର ରାଇଜାଦା କହିଛନ୍ତି, ଟ୍ରଫିଟି ଏକମାସରୁ ଉର୍ଦ୍ଧ୍ୱ ସମୟ ହେଲା ନିଖୋଜ ହୋଇଯାଇଛି। ଏହା ଏକ ରନିଂ ଟ୍ରଫି ହୋଇଥିବାରୁ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ଟ୍ରଫିଟିକୁ ବୁଦାପେଷ୍ଟ ଆଣିବା ଲାଗି କହିବା ପରେ ଏହା ଜଣାପଡ଼ିଥିଲା।

## ଓଏଫ୍‌ସିର କ୍ରମାଗତ ପରାଜୟ

ଭୁବନେଶ୍ୱର, ୨୦।୯ (ସରୋଜ ଜେନା)

ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍) ମ୍ୟାଚ୍‌ରେ ପଞ୍ଜାବ ଏଫ୍‌ସିନିକଟରୁ ୨-୧ରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଚଳିତ ସିଜନରେ ଓଏଫ୍‌ସି କ୍ରମାଗତ ଦ୍ୱିତୀୟ ମ୍ୟାଚରେ ପରାଜିତ ହୋଇଛି। ଗତ ସିଜନର ସେମିଫାଇନାଲିଷ୍ଟ ଓଏଫ୍‌ସି ବଲ୍ ନିୟନ୍ତ୍ରଣରେ ଆଗୁଆ ରହିଥିଲେ ମଧ୍ୟ ସ୍କୋର କରି ପାରି ନ ଥିଲା। ପଞ୍ଜାବ ଏଫ୍‌ସି ପକ୍ଷରୁ ନିହାଲ ସୁଦୀଶ(୨୮) ଓ ଲିଓନ୍ ଅଗଷ୍ଟିନ(୮୯) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୯୦+୬ ମିନିଟରେ ରବି କୁମାର ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ପଞ୍ଜାବ କ୍ରମାଗତ ବିଜୟ ସହ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

# ଅଂଶିକା, ଦୀପ୍ତିରାଣୀଙ୍କୁ ଡବଲ୍ ଗୋଲ୍ଡ

### ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୯ (ସରୋଜ ଜେନା)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୭୦ତମ ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିନରେ ଅଂଶିକା ରାଉତରାୟ ଓ ଦୀପ୍ତିରାଣୀ ସାହୁ ଡବଲ୍ ଗୋଲ୍ଡ ଜିତିଛନ୍ତି। ରାଜ୍ୟର ୩୦ ଜିଲାରୁ ୯୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୬୮ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ। ଡିସକସ୍ ଥ୍ରୋୟର ଅଂଶିକା ରାଉତରାୟ ୨୩ ବର୍ଷରୁ କମ୍ ଡିସକସ୍ ଇଭେଣ୍ଟରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ୨୩ ବର୍ଷରୁ କମ୍ ୫୦୦୦ ମିଟର ଦୌଡ ଓ ୧୫୦୦ ମିଟର ଦୌଡରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି କେନ୍ଦ୍ରାପଡାର ଦୀପ୍ତିରାଣୀ। ୫ହଜାର ମିଟର ଦୌଡରେ ଦୀପ୍ତିରାଣୀ ୧୯:୫୩:୪୧ ସେକେଣ୍ଡର ସମୟ ନେଇଥିଲେ। ଅନ୍ୟ ପକ୍ଷରେ ୧୫୦୦ ମିଟର ଦୌଡରେ ଦୀପ୍ତି ୫.୦୧.୭୮ ସେକେଣ୍ଡର ସମୟ ନେଇଥିଲେ।


ଅଂଶିକା ରାଉତରାୟ ଓ ଦୀପ୍ତିରାଣୀ ସାହୁ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




Cheil 22495/23